# ଧରିତ୍ରୀ DHARITRI


ଧରିତ୍ରୀ 51 Years

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୩/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, September 3/2025 | Page 14 | ₹ 7.00 | RAYAGADA

୫୧ଶ ଭାଗ ୨୭୯ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 279 | ମୂଲ୍ୟ ₹୭/-


# ସ୍ୱଳ୍ପବୟସ୍କଙ୍କ ଆତ୍ମହତ୍ୟା ପ୍ରବଣତା ବଢ଼ୁଛି

**ମାନସିକ ଚାପ ଓ ଅବସାଦ ବୃଦ୍ଧି ଯୋଗୁ ଲୋକଙ୍କଠାରେ ଆତ୍ମହତ୍ୟା ପ୍ରବଣତା ଉଦ୍‌ବେଗଜନକ ଭାବେ ବଢ଼ିଚାଲିଛି। ବିଶ୍ୱରେ ଘଟୁଥିବା ପ୍ରତି ୧୦୦ ମୃତ୍ୟୁ ମଧ୍ୟରୁ ଏକାଧିକ ଆତ୍ମହତ୍ୟାଜନିତ। ବିଶେଷକରି ସ୍ୱଳ୍ପବୟସ୍କଙ୍କ ମାନସିକ ସ୍ୱାସ୍ଥ୍ୟ ସଙ୍କଟ ଏଥିପାଇଁ ଦାୟୀ ବୋଲି ମଙ୍ଗଳବାର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। ତେବେ ଜନସଚେତନତା ସୃଷ୍ଟି ସହ ଉପଯୁକ୍ତ କାଉନ୍‌ସେଲିଂ ଦ୍ୱାରା ଏହାର ନିରାକରଣ ସମ୍ଭବ ବୋଲି ବିଶେଷଜ୍ଞ ତଥା ମନସ୍ତତ୍ତ୍ୱବିତ୍‌ମାନେ ମତ ଦେଇଛନ୍ତି।**




## ସଚେତନତା, କାଉନ୍‌ସେଲିଂ ଜରୁରୀ: ବିଶେଷଜ୍ଞ

ଜେନେଭା/ଭୁବନେଶ୍ୱର/କଟକ/ବ୍ରହ୍ମପୁର,୨।୯ (ବନ୍ଦନା ସେଠୀ/ ଶିଳ୍ପା ପ୍ରିୟଦର୍ଶିନୀ/ ଅଶୋକ ସାହୁ)

ଜାତିସଂଘର ସ୍ୱାସ୍ଥ୍ୟ ସଂସ୍ଥା ଡବ୍ଲ୍ୟୁଏଚ୍‌ଓ ୨୦୨୧ରେ ପ୍ରକାଶିତ ଏକ ରିପୋର୍ଟ ଆଧାରରେ ଏହାର ମାନସିକ ସ୍ୱାସ୍ଥ୍ୟ ବିଭାଗ ଅନ୍ତରୀଣ ମୁଖ୍ୟ ଦେଭୋରା କେଷ୍ଟେଲ କହିଛନ୍ତି, ବିଶ୍ୱରେ ବର୍ଷକୁ ୭.୨୭ ଲକ୍ଷ ଲୋକ ଆତ୍ମହତ୍ୟା କରୁଛନ୍ତି। ପ୍ରତି ୧୦୦ ଜଣରେ ଜଣେରୁ ଊର୍ଦ୍ଧ୍ୱ (୧.୧%) ବ୍ୟକ୍ତି ଜୀବନ ହାରୁଛନ୍ତି। ପ୍ରତି ୨୦ଜଣଙ୍କ ଆତ୍ମହତ୍ୟା ଉଦ୍ୟମରେ ଜଣେ ବ୍ୟକ୍ତିଙ୍କ ପ୍ରାଣହାନି ଘଟୁଛି। ଜୀବନ ହାରିବା ଭଳି ଚରମ ନିଷ୍ପତ୍ତି ନେଉଥିବା ଲୋକଙ୍କ ମଧ୍ୟରୁ ୫୩% ହେଉଛନ୍ତି ମହିଳା। ଆତ୍ମହତ୍ୟା ଅଗଣିତ ଜୀବନ ଓ ଜୀବିକାକୁ ଉଜାଡ଼ି ଦେଉଛି। ଆତ୍ମହତ୍ୟାକାରୀଙ୍କ ବନ୍ଧୁ, ସମ୍ପର୍କୀୟମାନେ ଅକଳ୍ପନୀୟ ଅସୁବିଧା ଦେଇ ଗତି କରୁଛନ୍ତି। ବିଶ୍ୱରେ ଭୌଗୋଳିକ ଓ ସାମାଜିକ-ଅର୍ଥନୈତିକ ସ୍ଥିତି ନିର୍ବିଶେଷରେ ସ୍ୱଳ୍ପ ବୟସ୍କମାନଙ୍କ କ୍ଷେତ୍ରରେ ଆତ୍ମହତ୍ୟା ମୃତ୍ୟୁର ଏକ ପ୍ରମୁଖ କାରଣ ହୋଇ ରହିଆସିଛି। ୨୦୨୧ରେ ୧୫ରୁ ୨୯ ବର୍ଷୀୟା ଝିଅ ଓ ମହିଳାଙ୍କ କ୍ଷେତ୍ରରେ ମୃତ୍ୟୁର ଦ୍ୱିତୀୟ ବଡ଼ କାରଣ ଆତ୍ମହତ୍ୟା ହୋଇଥିବାବେଳେ ସମାନ ବୟସ୍କ ପୁରୁଷଙ୍କ ପାଇଁ ଏହା ତୃତୀୟ ବୃହତ୍ କାରଣ ହୋଇଥିବା ବିଶ୍ଳେଷଣରୁ ଜଣାପଡ଼ିଛି। ୨୦୦୦ରୁ ୨୦୨୧ ମଧ୍ୟରେ ଏହି ବୟସ ବର୍ଗର ଲୋକଙ୍କଠାରେ ବିଶ୍ୱବ୍ୟାପୀ ୩୫% ଆତ୍ମହତ୍ୟା ହାର ହ୍ରାସ ପାଇଥିଲେ ମଧ୍ୟ ଏହାକୁ ରୋକିବା ନେଇ ଲକ୍ଷ୍ୟ ପୂରଣ ହୋଇପାରି ନାହିଁ। ୨୦୧୫ରୁ ୨୦୩୦ ମଧ୍ୟରେ ଆତ୍ମହତ୍ୟା ହାର ଏକତୃତୀୟାଂଶ ହ୍ରାସ ପାଇଁ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ବର୍ତ୍ତମାନର ଅଗ୍ରଗତିକୁ ଦେଖିଲେ ୨୦୩୦ ବେଳକୁ ଏଥିରେ ମାତ୍ର ୧୨% ସଫଳତା ମିଳିପାରେ ବୋଲି ଡବ୍ଲ୍ୟୁଏଚ୍‌ଓ ଉକ୍ତ ରିପୋର୍ଟରେ ଦର୍ଶାଇଛି। ୱାର୍ଲ୍ଡ ମେଣ୍ଟାଲ ହେଲ୍‌ଥ ଟୁଡେ ଏବଂ ମେଣ୍ଟାଲ ହେଲ୍‌ଥ ଆଟ୍‌ଲାସ୍ ୨୦୨୪ ଶୀର୍ଷକ ଦୁଇଟି ରିପୋର୍ଟକୁ ☞ପୃଷ୍ଠା-୪


# ଅଭିବୃଦ୍ଧି ପାଇଁ ମାଇଲଖୁଣ୍ଟ ହେବ ସେମିକଣ୍ଡକ୍ଟର: ମୁଖ୍ୟମନ୍ତ୍ରୀ

## ସେମିକନ୍ ଇଣ୍ଡିଆ-୨୦୨୫

ଭୁବନେଶ୍ୱର,୨।୯ (ରବିନାରାୟଣ ଜେନା)

ନୂଆଦିଲ୍ଲୀର ଯଶୋଭୂମିଠାରେ ସେମିକନ୍ ଇଣ୍ଡିଆ-୨୦୨୫ କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଉଦ୍‌ଘାଟନ କରିଛନ୍ତି। ଭାରତର ସେମିକଣ୍ଡକ୍ଟର ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି, ଏହି ସେମିକଣ୍ଡକ୍ଟର ସମ୍ମିଳନୀ ଏକ ଐତିହାସିକ ମଞ୍ଚ, ଯେଉଁଥିରେ ବିଶ୍ୱନେତା, ନୀତି ନିର୍ଦ୍ଦେଶକ, ଗବେଷକ, ଷ୍ଟାର୍ଟଅପ୍ ଏବଂ ଶିଳ୍ପ ପ୍ରବର୍ତ୍ତକମାନେ ଭାରତର ସେମିକଣ୍ଡକ୍ଟର ଭବିଷ୍ୟତକୁ ଗଢ଼ିବା ପାଇଁ ଏକତ୍ରିତ ହୋଇଛନ୍ତି। ଭାରତରେ ପ୍ରଥମ 'ମେଡ୍ ଇନ୍ ଇଣ୍ଡିଆ' ଚିପ୍‌ର ଲୋକାର୍ପଣ ସତରେ ପ୍ରେରଣାଦାୟକ, ଯାହା ଆମର ରାଷ୍ଟ୍ରର ପ୍ରଯୁକ୍ତିଗତ ନେତୃତ୍ୱ ଯାତ୍ରାରେ ଏକ ଐତିହାସିକ ମାଇଲଖୁଣ୍ଟ ସୃଷ୍ଟି କରିଛି।

ଏହି ଅବସରରେ ଓଡ଼ିଶା ପକ୍ଷରୁ ତିନୋଟି ଚିପ୍ ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ସେଥିମଧ୍ୟରେ ପିଏମ୍‌ଇସି ବ୍ରହ୍ମପୁର ☞ପୃଷ୍ଠା-୪



ସେମିକନ୍ ଇଣ୍ଡିଆ-୨୦୨୫ରେ କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନିକଟରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ମୁକେଶ ମହାଲିଙ୍ଗ।

# ସୁଦାନ ଭୂସ୍ଖଳନରେ ୧୦୦୦ ମୃତ

## ସମ୍ପୂର୍ଣ୍ଣ ଗାଁ ନିଶ୍ଚିହ୍ନ

କାଏରୋ,୨।୯

ସୁଦାନର ଡାର୍‌ଫୁର ପଶ୍ଚିମାଞ୍ଚଳରେ ଭୂସ୍ଖଳନ ଘଟି ଗୋଟିଏ ଗାଁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହେବା ସହ ୧,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ଅଗଷ୍ଟ ଶେଷ ଭାଗରେ ପ୍ରବଳ ବର୍ଷା ଲାଗିରହିବା ଫଳରେ କେନ୍ଦ୍ରୀୟ ଡାର୍‌ଫୁରର ମରାହ ପର୍ବତମାଳାର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଶିକ୍ଷକଙ୍କ ପାଇଁ ପରୀକ୍ଷା


ଓଡ଼ିଶା ସରକାର

## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

No. T-73: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା **ତା୦୮।୦୯।୨୦୨୫ରିଖ ସୋମବାର ଦିନ ସକାଳ ୧୦.୦୦ ଘଟିକାରୁ ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ)ଠାରେ** ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ।

ଏହି ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ **ତା୦୩।୦୯।୨୦୨୫ରିଖ ଦିବା ୧୧ଘଟିକାରୁ** ଆରମ୍ଭ ହୋଇ **ସର୍ବାଧିକ ୧୦୦୦ ଜଣ** ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ଖୋଲା ରହିବ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/)** ଅଥବା **ଜନଶୁଣାଣି ମୋବାଇଲ ଆପ୍ଲିକେଶନ** ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଉପରୋକ୍ତ ସ୍ଥାନକୁ ଆସିବା ପାଇଁ ନିମ୍ନ ପ୍ରଦର୍ଶିତ QR କୋଡ୍‌କୁ ମୋବାଇଲ ଫୋନ ଦ୍ୱାରା ସ୍କାନ କରି ଗୁଗଲ୍ ମ୍ୟାପ୍ ସାହାଯ୍ୟରେ ଜନଶୁଣାଣି ସ୍ଥଳରେ ପହଞ୍ଚିପାରିବେ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR-09001/11/0014/2526



DSPL - 246

ଓମ୍‌ଫେଡ୍ କ୍ଷୀର ଓଡ଼ିଶାର | ଓଡ଼ିଶା ଶାସନ | KORAPUT COFFEE TRIBAL COFFEE HOUSE



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଶୁଭ ଉଦ୍‌ଘାଟନ

## ଓମ୍‌ଫେଡ୍ କାଫେ ଓ କୋରାପୁଟ କଫି କାଫେ

ମୁଖ୍ୟ ଅତିଥି

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସମ୍ମାନିତ ଅତିଥି

**ଶ୍ରୀ ନିତ୍ୟାନନ୍ଦ ଗଣ୍ଡ**
ମନ୍ତ୍ରୀ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ

**ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ**
ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ

ଓଡ଼ିଶା ନିବାସ, ନୂଆଦିଲ୍ଲୀ | ୩ ସେପ୍ଟେମ୍ବର ୨୦୨୫, ସନ୍ଧ୍ୟା ୭:୩୦

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ || ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ || ଓମ୍‌ଫେଡ୍ || ଟିଡ଼ିକଲ୍
ଓଡ଼ିଶା ସରକାର

OIPR-06014/13/0053/2526

## ସଂକ୍ଷେପରେ

### ଆଫଗାନିସ୍ତାନ ଭୂକମ୍ପ ମୃତ୍ୟୁସଂଖ୍ୟା ୧,୪୧୧

କାବୁଲ,୨।୯

ଆଫଗାନିସ୍ତାନର କୁନାର ପ୍ରଦେଶରେ ସଂଘଟିତ ଭୟାବହ ଭୂସ୍ଖଳନଜନିତ ମୃତ୍ୟୁସଂଖ୍ୟା ମଙ୍ଗଳବାର ୧,୪୧୧ରେ ପହଞ୍ଚିଥିବାବେଳେ ୩,୧୨୪ ଜଣ ଆହତ ହୋଇଛନ୍ତି। ତାଲିବାନ ସରକାରଙ୍କ ମୁଖପାତ୍ର ଜବିହୁଲ୍ଲା ମୁଜାହିଦଙ୍କ ସୂଚନା ଅନୁଯାୟୀ, ଭୂକମ୍ପରେ ୫,୦୦୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଛି। ରବିବାର ବିଳମ୍ବିତ ରାତିରେ ଲୋକେ ଶୋଇଥିବାବେଳେ ଭୂକମ୍ପ ଅନୁଭୂତ ହୋଇଥିଲା। ଫଳରେ ବହୁ ଘର ଭୁଶୁଡ଼ିବା ସହ ଏହାତଳେ ରହିଯାଇ ୧,୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଲା। ଏବେ ବି କେତେଜଣ ଭଗ୍ନାବଶେଷ ତଳେ ରହିଯାଇଥିବା ଆଶଙ୍କା କରାଯାଉଛି। ତେବେ ଖରାପ ପାଗ ଯୋଗୁ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ବିଳମ୍ବିତ ହୋଇଥିବାବେଳେ ଉଦ୍ଧାରକାରୀ ଟିମ୍ ଭଗ୍ନାବଶେଷ ତଳୁ ଲୋକଙ୍କୁ ଖୋଜୁଛି। ୨୦୨୧ରେ ତାଲିବାନ୍ ଆଫଗାନିସ୍ତାନରେ କ୍ଷମତାକୁ ଆସିବା ପରେ ଏହା ତୃତୀୟ ବଡ଼ ଭୂକମ୍ପ।

### ଗୁଳି ଫୁଟାଇ ପୋଲିସ ହାଜତରୁ ଆପ୍ ବିଧାୟକ ଚମ୍ପଟ

ଚଣ୍ଡିଗଡ଼,୨।୯

ଏକ ବଳାତ୍କାର ମାମଲାରେ ଗିରଫ ହୋଇଥିବା ପଞ୍ଜାବର ଆମ୍ ଆଦ୍‌ମୀ ପାର୍ଟି (ଆପ୍) ବିଧାୟକ ପୋଲିସ ଉପରକୁ ଗୁଳି ଫୁଟାଇ ହାଜତରୁ ଖସି ପଳାଇଛନ୍ତି। ବିଧାୟକ ଓ ତାଙ୍କ ସହଯୋଗୀମାନେ ୨ଟି ଗାଡ଼ିରେ ଫେରାର ହୋଇଯାଇଥିବାବେଳେ ପୋଲିସ ସେମାନଙ୍କୁ ଧରିବା ପାଇଁ ତନାଘନା ଚଳାଇଛି। ସନୌର ଆସନର ଆପ୍ ବିଧାୟକ ହରମିତ୍ ପଠାନମାଜରା ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେଇଥିବାର ମିଛ କହି ଜଣେ ମହିଳାଙ୍କ ସହ ସମ୍ପର୍କରେ ରହିବା ସହ ତାଙ୍କୁ ଯୌନ ଶୋଷଣ କରିବା, ଧମକ ଦେବା ଆଦି ଅଭିଯୋଗ ହୋଇଥିଲା। ତାଙ୍କ ବିରୋଧରେ ବଳାତ୍କାର, ଠକେଇ ଓ ଧମକ ଦେବା ଅଭିଯୋଗରେ ମାମଲା ରୁଜୁ ହେବା ସହ ମଙ୍ଗଳବାର ସକାଳେ କର୍ନାଲରୁ ଗିରଫ କରାଯାଇଥିଲା। ସ୍ଥାନୀୟ ଥାନାରେ ହରମିତ୍ ଓ ତାଙ୍କ ସହଯୋଗୀମାନେ ପୋଲିସ ଟିମ୍ ଉପରକୁ ଗୁଳିମାଡ଼ କରି ୨ଟି ଗାଡ଼ିରେ ଖସିପଳାଇଥିଲେ। ପୋଲିସ ପିଛାକରି ଗୋଟିଏ ଗାଡ଼ିକୁ କାବୁ କରିଥିବାବେଳେ ବିଧାୟକ ଥିବା ଗାଡ଼ିକୁ ଧରିପାରି ନ ଥିଲା।

### ଦିଲ୍ଲୀ ଦଙ୍ଗା ମାମଲା: ଶର୍ଜିଲ, ଉମର ଖାଲିଦଙ୍କୁ ଜାମିନ ମିଳିଲାନି

ନୂଆଦିଲ୍ଲୀ,୨।୯(ପି.ଟି.)

୨୦୨୦ ଫେବୃଆରୀ ଦିଲ୍ଲୀ ଦଙ୍ଗା ମାମଲାର ଅଭିଯୁକ୍ତ ଉମର ଖାଲିଦ, ଶର୍ଜିଲ ଇମାମ ଓ ଅନ୍ୟ ୭ ଜଣଙ୍କ ଜାମିନ ଆବେଦନକୁ ଦିଲ୍ଲୀ ହାଇକୋର୍ଟ ମଙ୍ଗଳବାର ଖାରଜ କରିଦେଇଛନ୍ତି। ଅଭିଯୁକ୍ତମାନେ ୨୦୨୦ରୁ ଜେଲରେ ରହିଛନ୍ତି। ସେମାନଙ୍କ ଜାମିନ ଆବେଦନକୁ ତଳକୋର୍ଟ ଖାରଜ କରିଦେବା ପରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଭାରତକୁ ବିଶ୍ୱରେ ବଦନାମ କରିବା ପାଇଁ ଦଙ୍ଗା ପଛରେ ସୁଚିନ୍ତିତ ଷଡ଼ଯନ୍ତ୍ର ସହ ଆଗୁଆ ଯୋଜନା ହୋଇଥିଲା ବୋଲି ସରକାରୀ ଓକିଲ କହିବା ସହ ଜାମିନ ଆବେଦନକୁ ବିରୋଧ କରିଥିଲେ।

ଦିଲ୍ଲୀରେ ଆଜି



ଦିଲ୍ଲୀର ଯଶୋଭୂମି କନ୍‌ଭେନଶନ ସେଣ୍ଟରଠାରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେମିକନ୍ ଇଣ୍ଡିଆ ୨୦୨୫ର ଉଦ୍‌ଘାଟନ କରିଛନ୍ତି। ପାଖରେ ଉପସ୍ଥିତ ଅଛନ୍ତି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା । (ଫଟୋ-ଚମନ ଗୌତମ)

## କେ. କବିତା ବିଆର୍‌ଏସ୍‌ରୁ ନିଲମ୍ବିତ

ନୂଆଦିଲ୍ଲୀ,୨।୯

ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ମଙ୍ଗଳବାର ଦଳ ଅଧ୍ୟକ୍ଷ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ଝିଅ ତଥା ବିଧାନ ପରିଷଦ ସଦସ୍ୟ କେ. କବିତାଙ୍କୁ ଦଳରୁ ନିଲମ୍ବନ କରିଛି। ବିଆର୍‌ଏସ୍‌ର କେତେଜଣ ବରିଷ୍ଠ ନେତାଙ୍କୁ ସର୍ବସାଧାରଣରେ ସମାଲୋଚନା କରିଥିବାରୁ କବିତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଆର୍‌ଏସ୍ ପକ୍ଷରୁ କୁହାଯାଇଛି, କବିତାଙ୍କ ଦଳବିରୋଧୀ କାର୍ଯ୍ୟ ଓ ମନ୍ତବ୍ୟକୁ ଗମ୍ଭୀରତାର ସହ ନିଆଯାଇଛି। ତାଙ୍କର ଏଭଳି ବ୍ୟବହାର ଦଳକୁ କ୍ଷତି ପହଞ୍ଚାଉଥିବାରୁ ତୁରନ୍ତ ଦଳରୁ



ନିଲମ୍ବନ କରିବାକୁ ଅଧ୍ୟକ୍ଷ କେସିଆର୍ ନିଷ୍ପତ୍ତି ନେଇଥିଲେ। ସମ୍ପର୍କୀୟ ଭାଇ ତଥା ବିଆର୍‌ଏସ୍‌ର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଟି. ହରିଶ ରାଓ ଏବଂ ପୂର୍ବତନ ରାଜ୍ୟ ସଭା ସଦସ୍ୟ ଜେ. ସନ୍ତୋଷ କୁମାର ବିପୁଳ ସମ୍ପତ୍ତି ଠୁଳ କରିବା ସହ କଂଗ୍ରେସ ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀଙ୍କ ସହ ସେମାନଙ୍କର କୌଶଳଗତ ବୁଝାମଣା ଥିବା କବିତା କିଛିଦିନ ପୂର୍ବରୁ ଅଭିଯୋଗ କରିଥିଲେ।

# ଦିଲ୍ଲୀରେ ଲୋକଙ୍କ ଘରେ ପଶିଲା ପାଣି

### ଉତ୍ତର ଭାରତରେ ବର୍ଷା ବିପ୍ଳାତ
### ଯମୁନା ବିପଦ ସଙ୍କେତ ଉପରେ ପ୍ରବାହିତ

ନୂଆଦିଲ୍ଲୀ,୨।୯

ସମଗ୍ର ଉତ୍ତର ଭାରତରେ ବର୍ଷା ବିପ୍ଳାତ ଲାଗିରହିଥିବାବେଳେ ଜମ୍ମୁ-କଶ୍ମୀର, ପଞ୍ଜାବ, ଉତ୍ତରାଖଣ୍ଡ, ହିମାଚଳପ୍ରଦେଶ ସମେତ ବିଭିନ୍ନ ରାଜ୍ୟରେ ବନ୍ୟା ଆସି ବ୍ୟାପକ ଧନଜୀବନ କ୍ଷତି ହୋଇଛି। ବହୁ ରାସ୍ତା ପାଣିରେ ବୁଡ଼ିରହିବା ସହ ଅନେକ ଘର ଭାସିଯାଇଛି। ବାଦଲଫଟା ବର୍ଷା ଯୋଗୁ ଗତ କିଛିଦିନ ମଧ୍ୟରେ ହିମାଚଳପ୍ରଦେଶ ଓ ଉତ୍ତରାଖଣ୍ଡରେ ହଠାତ୍ ବନ୍ୟା ଆସି ଅନେକ ଶହ ଲୋକଙ୍କ ଜୀବନ ଯାଇଛି। ଜମ୍ମୁ-କଶ୍ମୀରରେ ୧୨୨ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ପଞ୍ଜାବ ବନ୍ୟାରେ



ଦିଲ୍ଲୀରେ ଯମୁନା ନଦୀ ବିପଦ ସଙ୍କେତ ଅତିକ୍ରମ କରିଛି। (ଫଟୋ-ଚମନ ଗୌତମ)

୨୯ ଜଣଙ୍କ ଜୀବନ ଯାଇଛି। ଅନେକ ହଜାରଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ହିମାଚଳପ୍ରଦେଶରେ ହଠାତ୍ ବନ୍ୟା ଓ ଭୂସ୍ଖଳନରେ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଲାଣି। ଦିଲ୍ଲୀ ଏବଂ ଜାତୀୟ ରାଜଧାନୀ ଅଞ୍ଚଳରେ ପ୍ରବଳ ବର୍ଷା ଲାଗିରହିଥିବାରୁ ସେଠାରେ ମଧ୍ୟ ବନ୍ୟା ଆଶଙ୍କା ଦେଖାଦେଇଛି। ମଙ୍ଗଳବାର ଯମୁନା ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବାବେଳେ ଟ୍ରାନ୍ସ-ଯମୁନା ବେଲ୍ଟର ଖାଲୁଆ ଅଞ୍ଚଳରେ ଲୋକଙ୍କ ଘରେ ପାଣି ପଶିଛି। ବ୍ୟାରେଜ୍‌ଗୁଡ଼ିକ କ୍ରମାଗତ ପାଣି ଛାଡୁଥିବାରୁ ଜଳପତ୍ତନ ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ପୁରୁଣା ଯମୁନା ବ୍ରିଜ୍ ନିକଟରେ ବିପଦ ସଙ୍କେତ ୨୦୫.୩୩ ମିଟର ହୋଇଥିବାବେଳେ ସେଠାରେ ୨୦୫.୮୧ ମିଟର ଉଚ୍ଚରେ ଜଳ ପ୍ରବାହିତ ହେଉଛି ଓ ଏହା ଆହୁରି ବଢ଼ିବା ସମ୍ଭାବନା ରହିଛି।

ପ୍ରବଳ ବର୍ଷା ଲାଗିରହିଥିବାରୁ ମଙ୍ଗଳବାର ଜମ୍ମୁ-କଶ୍ମୀର, ଗୁରୁଗ୍ରାମ, ଉତ୍ତରପ୍ରଦେଶ ଓ ଚଣ୍ଡିଗଡ଼ରେ ସ୍କୁଲ୍‌ଗୁଡ଼ିକ ବନ୍ଦ ରହିଛି। ସୋମବାର ଜାତୀୟ ରାଜଧାନୀ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁ ୨୦ କିଲୋମିଟର ବ୍ୟାପୀ ଟ୍ରାଫିକ୍ ଜାମ୍ ହୋଇଥିଲା। ଫଳରେ ଗୁରୁଗ୍ରାମର ଘରୋଇ ଓ କର୍ପୋରେଟ୍ ଅଫିସ୍‌ଗୁଡ଼ିକ ସେମାନଙ୍କ କର୍ମଚାରୀଙ୍କୁ ଘରୁ କାମ କରିବାକୁ କହିଥିଲେ। ବନ୍ୟା ଯୋଗୁ ଦିଲ୍ଲୀ-ଏନ୍‌ସିଆର୍‌ର ବିଭିନ୍ନ ରାସ୍ତା ସମେତ ଜମ୍ମୁ-କଶ୍ମୀର ଓ ଉତ୍ତରାଖଣ୍ଡର ବହୁ ରାସ୍ତା ଅବରୋଧ ହୋଇଛି। ପଞ୍ଜାବରେ ଅଗଷ୍ଟରେ ୨୫୩.୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି, ଯାହା ସ୍ୱାଭାବିକଠାରୁ ୭୪ ପ୍ରତିଶତ ଅଧିକ ଏବଂ ୨୫ ବର୍ଷ ମଧ୍ୟରେ ସର୍ବାଧିକ। ସେଠାର ୧୦ ଜିଲାରେ ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି ହୋଇଛି। ୭ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀ, ଉତ୍ତରପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ, ଜମ୍ମୁ-କଶ୍ମୀର, ରାଜସ୍ଥାନ ଓ ହରିୟାଣାରେ ପ୍ରବଳ ବର୍ଷା ଲାଗି ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ସତର୍କ କରାଇଛି।

## ମା'ଙ୍କ ଅପମାନ ସହିବନି ଦେଶ

ନୂଆଦିଲ୍ଲୀ, ୨।୯ (ପି.ଟି.)

**କଂଗ୍ରେସ, ଆର୍‌ଜେଡିକୁ ପ୍ରଧାନମନ୍ତ୍ରୀଙ୍କ ସମାଲୋଚନା**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ବିହାରର ଗ୍ରାମୀଣ ମହିଳାଙ୍କ ପାଇଁ 'ବିହାର ଷ୍ଟେଟ୍ ଜୀବିକା ନିଧି କ୍ରେଡିଟ୍ କୋ-ଅପରେଟିଭ୍ ଫେଡେରେଶନ ଲିମିଟେଡ୍'ର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ କଂଗ୍ରେସର ଭୋଟର ଅଧିକାର ଯାତ୍ରାର ଏକ ସଭାରେ ନିଜ ମା'ଙ୍କୁ ନେଇ ଦିଆଯାଇଥିବା ଅଶାଳୀନ ମନ୍ତବ୍ୟକୁ ପ୍ରସଙ୍ଗକରି ପ୍ରଧାନମନ୍ତ୍ରୀ ମୋଦି କଂଗ୍ରେସ ଓ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, କଂଗ୍ରେସ ଏବଂ ଆର୍‌ଜେଡିର ମଞ୍ଚ ଉପରୁ ତାଙ୍କ ମା'ଙ୍କ ନାଁ ନେଇ ଗାଳିଗୁଲଜ କରାଯାଇଛି। ଏହା କେବଳ ତାଙ୍କ ମା'ଙ୍କ ଅପମାନ ନୁହେଁ ବରଂ ଏହା ଦେଶର ପ୍ରତି ମା'ଙ୍କର ଅପମାନ। ମା'ଙ୍କ ପ୍ରତି ଅପମାନକୁ ଦେଶ ସହିବ ନାହିଁ ଏବଂ



ନରେନ୍ଦ୍ର ମୋଦି

ଏହାକୁ ନେଇ ଦେଶବାସୀ ବିରୋଧୀ ଦଳଗୁଡ଼ିକୁ ଉଚିତ ଜବାବ ଦେବେ ବୋଲି ମୋଦି କହିଛନ୍ତି। ତାଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ମା'ମାନଙ୍କ ମର୍ଯ୍ୟାଦା ଓ ଆତ୍ମସମ୍ମାନକୁ ସର୍ବଦା ପ୍ରାଥମିକତା ଦେଇ ଆସୁଛନ୍ତି ବୋଲି ସେ କହିଛନ୍ତି।

## ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀରୁ ଟିକସ କମିପାରେ

ନୂଆଦିଲ୍ଲୀ,୨।୯(ପି.ଟି.)

**ଆଜିଠୁ ଜିଏସ୍‌ଟି କାଉନ୍‌ସିଲ୍ ବୈଠକ**

କେନ୍ଦ୍ର ସରକାର ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି)ରେ ବଡ଼ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି। ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀ ସମେତ ବିଦ୍ୟୁତ୍‌ଚାଳିତ ଯାନରେ ଟିକସ ହ୍ରାସ ପ୍ରସ୍ତାବ ଉପରେ ବିଚାର ପାଇଁ ବୁଧବାରଠାରୁ ୨ ଦିନିଆ ଜିଏସ୍‌ଟି କାଉନ୍‌ସିଲ୍ ବୈଠକ ବସୁଛି। ବର୍ତ୍ତମାନ ଜିଏସ୍‌ଟିରେ ୪ଟି ସ୍ଲାବ୍ ରହିଥିବାବେଳେ ୧୨ ଏବଂ ୨୮% ସ୍ଲାବ୍‌କୁ ହଟାଇ କେବଳ ୫ ଏବଂ ୧୮% ସ୍ଲାବ୍ ରଖିବାକୁ ପ୍ରସ୍ତାବ ରହିଛି। ତମାଖୁ ଆଦି କେତେକ ସାମଗ୍ରୀ ଉପରେ ୪୦% ଜିଏସ୍‌ଟି ଲଗାଇବା ପ୍ରସ୍ତାବ ଉପରେ ବିଚାର କରାଯିବ। ୧୨ ଏବଂ ୨୮% ସ୍ଲାବ୍‌ରେ ଥିବା ସାମଗ୍ରୀଗୁଡ଼ିକ ୫ ଏବଂ ୧୮% ସ୍ଲାବ୍ ମଧ୍ୟକୁ ଆସିଲେ ବିଭିନ୍ନ ସାମଗ୍ରୀ ଶସ୍ତା ହେବ ବୋଲି ଆଶା କରାଯାଉଛି। ତେବେ ଏହାଦ୍ୱାରା ରାଜ୍ୟଗୁଡ଼ିକ ସହିବାକୁ ଥିବା ରାଜସ୍ୱ କ୍ଷତି ଭରଣା ପାଇଁ ବିରୋଧୀଶାସିତ ରାଜ୍ୟଗୁଡ଼ିକ କ୍ଷତିପୂରଣ ଦାବି କରିଛନ୍ତି।

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଜିଏସ୍‌ଟି କାଉନ୍‌ସିଲ୍‌ରେ ସମସ୍ତ ରାଜ୍ୟର ମନ୍ତ୍ରୀ ସଦସ୍ୟ ରହିଛନ୍ତି। ଜିଏସ୍‌ଟିରେ ସଂସ୍କାର ଯୋଜନା ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଧୀନତା ଦିବସ ଭାଷଣରେ ସୂଚନା ଦେଇଥିଲେ।

## ଅନଶନ ଭାଙ୍ଗିଲେ ଜରାଙ୍ଗେ

ମୁମ୍ବାଇ, ୨।୯

ମରାଠା ଆନ୍ଦୋଳନର ନେତୃତ୍ୱ ନେଉଥିବା ମନୋଜ ଜରାଙ୍ଗେ ପାଟିଲ ମଙ୍ଗଳବାର ଆଜାଦ ମଇଦାନରେ ଅନଶନ ଭାଙ୍ଗିଛନ୍ତି। ମନ୍ତ୍ରୀ ରାଧାକୃଷ୍ଣ ବିଖେ ପାଟିଲଙ୍କ ସହ ଆଲୋଚନା ପରେ ସେ ଅନଶନରୁ ଓହରିଥିଲେ। ଜରାଙ୍ଗେ ୮ ଦାବ ନେଇ ଗତ ୨୯ରୁ ଅନଶନରେ ବସିଥିଲେ। ସେଥିମଧ୍ୟରୁ ମହାରାଷ୍ଟ୍ର ସରକାର ୬ଟି ଦାବି ଗ୍ରହଣ କରିଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି।

## ମଣିପୁର ଯିବେ ପ୍ରଧାନମନ୍ତ୍ରୀ

ଗୁଆହାଟୀ,୨।୯

ଜାତିଆଣ ହିଂସା ପ୍ରଭାବିତ ମଣିପୁରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚଳିତ ମାସ ୧୩ ଓ ୧୪ରେ ଗସ୍ତ କରିପାରନ୍ତି। ମୋଦିଙ୍କ ଗସ୍ତ ନେଇ କିଛିଦିନ ହେଲା କଳ୍ପନାଜଳ୍ପନା ଲାଗିରହିଥିବାବେଳେ ମଣିପୁର ସାଧାରଣ ପ୍ରଶାସନ ବିଭାଗ ସରକାରୀ ନୋଟ୍‌ରୁ ଏହା ଅଧିକ ପୁଷ୍ଟ ହୋଇଛି। ଭିଭିଆଇପିଙ୍କ ପ୍ରସ୍ତାବିତ ଗସ୍ତ ପାଇଁ ପ୍ରସ୍ତୁତି ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟ ଓ ଅଧିକାରୀଙ୍କୁ ମଣିପୁର ମୁଖ୍ୟ ସଚିବ ସ୍ୱାଗତ କରିଥିଲେ। ଭିଭିଆଇପିଙ୍କ ନାଁ ଉଲ୍ଲେଖ ନ ଥିବାବେଳେ ସେ ଇମ୍ଫାଲର କାଙ୍ଗଲା ଏବଂ ଚୁରାଚାନ୍ଦପୁରର ପିସ୍ ଗ୍ରାଉଣ୍ଡକୁ ଯିବା କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସରକାରୀ ଅଧିକାରୀମାନେ ଏନେଇ କୌଣସି ସୂଚନା ଦେଉ ନ ଥିବାବେଳେ ପ୍ରଧାନମନ୍ତ୍ରୀ ଆସିବା ନିଶ୍ଚିତ ବୋଲି ଭାଜପାର ଜଣେ ବିଧାୟକ ସ୍ପଷ୍ଟ କରିଛନ୍ତି। ୨୦୨୩ ମେ'ରୁ ମଣିପୁରର ମେଇତି ଏବଂ କୁକି-ଜୋ ସମ୍ପ୍ରଦାୟ ମଧ୍ୟରେ ଜାତିଆଣ ହିଂସା ଲାଗିରହିଥିବାବେଳେ ଏଥିରେ ୨୬୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ୬୦ ହଜାରରୁ ଅଧିକ ଲୋକ ଘରଦ୍ୱାର ଛାଡ଼ି ଅନ୍ୟତ୍ର ରହୁଛନ୍ତି। ଦୀର୍ଘଦିନ ପରେ ପ୍ରଧାନମନ୍ତ୍ରୀ ପ୍ରଥମ ଥର ପାଇଁ ଉକ୍ତ ରାଜ୍ୟକୁ ଗସ୍ତ କରିବାକୁ ଯାଉଛନ୍ତି। ଏତେଦିନେ ପ୍ରଧାନମନ୍ତ୍ରୀ ମଣିପୁର ଯିବାକୁ ସାହସ ଓ ସହାନୁଭୂତି ଜୁଟାଇଥିବା କଂଗ୍ରେସ କଟାକ୍ଷ କରିବା ସହ ବହୁତ ବିଳମ୍ବ ହୋଇଗଲା ବୋଲି କହିଛି।

## ତରଳୁଛି ହିମହ୍ରଦ, ନିରୀକ୍ଷଣ ଜରୁରୀ

**ଚିନ୍ତାବ୍ୟକ୍ତ କଲା ସିଡବ୍ଲ୍ୟୁସି**

ନୂଆଦିଲ୍ଲୀ, ୨।୯ (ପି.ଟି.)

ଭାରତରେ ୪୦୦ରୁ ଅଧିକ ହିମ ହ୍ରଦ ଚିନ୍ତାଜନକ ଭାବେ ତରଳି ବିସ୍ତାରିତ ହେବାରେ ଲାଗିଛି। ଉତ୍ତର ଭାରତରେ ବନ୍ୟା, ଭୂସ୍ଖଳନ, ବାଦଲଫଟା ବର୍ଷା ପରି ପ୍ରାକୃତିକ ବିପର୍ଯ୍ୟୟ ବଢ଼ି ଚାଲିଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ହିମ ହ୍ରଦ ବିସ୍ତାରିତ ହେବାର ଧାରା ଚିନ୍ତାଜନକ ହୋଇଥିବା ବେଳେ ଏହାକୁ ନେଇ ତୀବ୍ର ନିରୀକ୍ଷଣ କରାଯିବାର ଆବଶ୍ୟକତା ରହିଛି ବୋଲି କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି) ନିଜର ସଦ୍ୟତମ ରିପୋର୍ଟରେ ପ୍ରକାଶ କରିଛି।

ଗତ ଜୁନ୍ ପାଇଁ ଭାରତରେ ଥିବା ହିମ ହ୍ରଦ ଏବଂ ଜଳାଶୟଗୁଡ଼ିକର ମାସିକ ମନିଟରିଂ ରିପୋର୍ଟରେ ସିଡବ୍ଲ୍ୟୁସି କହିଛି, ଲଦାଖ, ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ସିକିମ ଏବଂ ଅରୁଣାଚଳ




ପ୍ରଦେଶରେ ଥିବା ୪୩୨ଟି ହିମ ହ୍ରଦ ବିସ୍ତାରିତ ହେବାରେ ଲାଗିଛି। ଏହାର ପ୍ରଭାବରେ ବିନାଶକାରୀ ବନ୍ୟା ଏବଂ ଭୂସ୍ଖଳନର ସମ୍ଭାବନା ଥିବାରୁ ବିସ୍ତାରିତ ହେଉଥିବା ହିମ ହ୍ରଦଗୁଡ଼ିକ ଉପରେ କଡ଼ା ନଜର ରଖାଯିବାର ଆବଶ୍ୟକତା ରହିଛି। ଗତ ଜୁନ୍‌ରେ ଭାରତରେ ମୋଟ ୬୮୧ଟି ହିମ ହ୍ରଦ ମଧ୍ୟରୁ ୪୩୨ଟିର ଜଳ ବିସ୍ତାରିତ କ୍ଷେତ୍ରରେ ବୃଦ୍ଧି ଘଟିଛି। ରିପୋର୍ଟ ଅନୁଯାୟୀ, ୨୦୧୧ ପରଠାରୁ ଭାରତରେ ଥିବା ହିମହ୍ରଦଗୁଡ଼ିକର ସମୁଦାୟ କ୍ଷେତ୍ରଫଳରେ ୩୦%ରୁ ଅଧିକ ବୃଦ୍ଧି ଘଟିଛି। ୨୦୧୧ରେ ଏହି ସଂଖ୍ୟା ୧,୯୧୭ ହେକ୍ଟର ଥିବାବେଳେ ୨୦୨୫ରେ ଏହା ୨,୫୦୮ ହେକ୍ଟରରେ ପହଞ୍ଚିଛି। ଅରୁଣାଚଳ ପ୍ରଦେଶରେ ଥିବା ସର୍ବାଧିକ ୧୯୭ ହିମ ହ୍ରଦ ବିସ୍ତାରିତ ହୋଇଛି। ଏହା ପଛକୁ ଲଦାଖର ୧୨୦, ଜମ୍ମୁ-କଶ୍ମୀରର ୫୭, ସିକିମର ୪୭, ହିମାଚଳ ପ୍ରଦେଶର ୬ ଏବଂ ଉତ୍ତରାଖଣ୍ଡରେ ଥିବା ୫ ହିମ ହ୍ରଦର ଜଳ ବିସ୍ତାରିତ କ୍ଷେତ୍ରରେ ବୃଦ୍ଧି ଘଟିଥିବା ଏହି ରିପୋର୍ଟ କହିଛି। ଗତ ଜୁନ୍‌ରେ ସାମଗ୍ରିକ ଭାବେ ହିମାଳୟ ଅଞ୍ଚଳରେ ଥିବା ୧,୪୩୫ଟି ହିମ ହ୍ରଦ ତରଳି ବିସ୍ତାରିତ ହୋଇଛି। ବାଦଲଫଟା ବର୍ଷା, ବନ୍ୟା, ଭୂସ୍ଖଳନ ଆଦି ପ୍ରାକୃତିକ ବିପର୍ଯ୍ୟୟ ଉତ୍ତର ଭାରତୀୟ ରାଜ୍ୟଗୁଡ଼ିକରେ ସମ୍ପ୍ରତି ତାଣ୍ଡବ ରଚିଥିବା ବେଳେ ସିଡବ୍ଲ୍ୟୁସିର ଉକ୍ତ ରିପୋର୍ଟ ସାମ୍ନାକୁ ଆସିଛି।

## 'ଅଭିନେତ୍ରୀଙ୍କ ସହ ଭେଦଭାବ ହୁଏ'

**ମୁମ୍ବାଇ:** ସମ୍ପ୍ରତି ବଲିଉଡ୍‌ର ଆଗଧାଡ଼ିର ଅଭିନେତ୍ରୀମାନଙ୍କ ମଧ୍ୟରେ ଅଭିନେତ୍ରୀ କ୍ରୀତି ସାନନ୍ ରହିଛନ୍ତି। ସେ ଅନେକ ବଲିଉଡ୍ ଚଳଚ୍ଚିତ୍ରରେ କାର୍ଯ୍ୟକରି ନିଜ ନିଖୁଣ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ଢେର୍ ପ୍ରଶଂସା ସାଉଣ୍ଟିଛନ୍ତି। ସୋମବାର ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ କ୍ରୀତି କହିଛନ୍ତି, ବଲିଉଡ୍ ତଥା ଅନ୍ୟାନ୍ୟ ଫିଲ୍ମ ଇଣ୍ଡଷ୍ଟ୍ରିରେ ଅଭିନେତାଙ୍କ ତୁଳନାରେ ଅଭିନେତ୍ରୀମାନଙ୍କୁ ଭେଦଭାବର ସାମ୍ନା କରିବାକୁ ପଡ଼ିଥାଏ। ତାଙ୍କ ସହ ଏପରି ବ୍ୟବହାର ଅନେକଥର ହୋଇଛି, ଯାହା ତାଙ୍କୁ ହୀନ ମନେ କରାଇଥାଏ। କ୍ରୀତି କହିଛନ୍ତି, ଯଦିଓ ବଲିଉଡ୍‌ରେ ଏପରି ଅଧିକଥର ହୁଏନାହିଁ, ତେବେ ମଧ୍ୟ ଏଠାରେ ଅଭିନେତାମାନଙ୍କୁ ଅଭିନେତ୍ରୀଙ୍କଠାରୁ ଅତିରିକ୍ତ ସୁବିଧା ମିଳିଥାଏ। ସେମାନଙ୍କୁ ଭଲ କାର୍‌ରେ ଯିବାଆସିବା କରିବା ଏବଂ ହୋଟେଲ ରହିବା ପାଇଁ ଭଲ ରୁମ୍ ମିଳିଥାଏ। ଫିଲ୍ମ ଇଣ୍ଡଷ୍ଟ୍ରିରେ ଅଭିନେତ୍ରୀମାନଙ୍କୁ ଅଭିନେତାଙ୍କ ପରି ସମାନ ଗୁରୁତ୍ୱ ଏବଂ ସୁବିଧା ମିଳି ନ ଥାଏ। ଏହା ପରୋକ୍ଷରେ ଅଭିନେତ୍ରୀମାନଙ୍କୁ ନିଜକୁ ନେଇ ହୀନ ଅନୁଭବ କରିବାକୁ ବାଧ୍ୟ କରିଥାଏ ବୋଲି କ୍ରୀତି କହିଛନ୍ତି। ଫିଲ୍ମ ଇଣ୍ଡଷ୍ଟ୍ରିରେ ଏପରି ଅନେକ ସହକାରୀ ନିର୍ଦ୍ଦେଶକ ରହିଛନ୍ତି, ଯେଉଁମାନେ ଶୁଟିଂ ଲାଗି ଅଭିନେତ୍ରୀମାନଙ୍କୁ ଆଗୁଆ ଡକାଇ ଦିଅନ୍ତି। ଯାହାଫଳରେ ସେମାନଙ୍କୁ ଅଭିନେତାଙ୍କ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥାଏ। ଏପରି ମାନସିକତାରେ ପରିବର୍ତ୍ତନ ଅଣାଯିବାର ଆବଶ୍ୟକତା ରହିଛି ବୋଲି ସାନନ୍ କହିଛନ୍ତି।



କ୍ରୀତି ସାନନ୍




# ପୂର୍ବ ରାତି ୨ଟାରେ ଫିଟିବ ଶ୍ରୀମନ୍ଦିର ଦ୍ୱାର

## ଛତିଶା ନିଯୋଗ ବୈଠକରେ ଚନ୍ଦ୍ରଗ୍ରହଣ ନୀତି ନିର୍ଘଣ୍ଟକୁ ଅନୁମୋଦନ

**ପୁରୀ,୨।୯ (ଅଜିତ କୁମାର ମହାନ୍ତି)**

ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକ ମଙ୍ଗଳବାର ନୀଳାଦ୍ରି ଭକ୍ତନିବାସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଅଧ୍ୟକ୍ଷତା କରିଥିବାବେଳେ ଛତିଶା ନିଯୋଗର ସଦସ୍ୟ ତଥା ସେବାୟତମାନେ ଉପସ୍ଥିତ ଥିଲେ। ଆଗାମୀ ୭ତାରିଖରେ ଚନ୍ଦ୍ରଗ୍ରହଣ ହେବାକୁ ଥିବାରୁ ବୈଠକରେ ଏ ନେଇ ନୀତି ନିର୍ଘଣ୍ଟ ସ୍ଥିର ହେବା ସହ ଅନୁମୋଦନ କରାଯାଇଛି। ଚନ୍ଦ୍ରଗ୍ରହଣ ଦିବସର ପୂର୍ବରାତ୍ର ୨ଟାରୁ ଶ୍ରୀମନ୍ଦିର ଦ୍ୱାର ଫିଟାଯିବା ସହ ୨ଟା ୪୦ ସୁଦ୍ଧା ମଙ୍ଗଳ ଆଳତି ନୀତି ସରି ଅନ୍ୟାନ୍ୟ ନୀତିକାନ୍ତି କରାଯିବାକୁ ନିଷ୍ପତ୍ତି ହୋଇଛି। ତେବେ ଶ୍ରୀମନ୍ଦିରରେ ସେହିଦିନ ଇନ୍ଦ୍ର ଗୋବିନ୍ଦ ବନ୍ଦାପନା ଓ ଇନ୍ଦ୍ର ହାତୀ ପ୍ରସ୍ତାବ ନୀତି ରହିଥିବାରୁ ନୀତିକୁ ତ୍ୱରାନ୍ୱିତ କରାଯିବ ବୋଲି ସେବାୟତମାନେ ମତ



ରଖିଥିଲେ। ମଧ୍ୟାହ୍ନ ୧୨ଟା ୩୦ ସୁଦ୍ଧା ଶ୍ରୀମନ୍ଦିରରେ ଇନ୍ଦ୍ର ଗୋବିନ୍ଦ ବନ୍ଦାପନା ନୀତି ଶେଷ କରି ମହାପ୍ରଭୁ ବାହୁଡ଼ା . ବିଜେ କରିବା ନେଇ ସ୍ଥିର କରାଯାଇଛି। ରାତ୍ର ୯ଟା ୫୭ ମିନିଟ ୨୨ ସେକେଣ୍ଡରେ ଗ୍ରହଣ ସ୍ପର୍ଶ କରିବା ମାତ୍ରେ ଶ୍ରୀମନ୍ଦିରରେ ଗ୍ରହଣ ମହାସ୍ନାନ କରାଯାଇ ଅନ୍ୟାନ୍ୟ ଦୈନିକ ନୀତି ଅନୁଷ୍ଠିତ ହେବ। ସେହିପରି ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ପାଇଁ ପ୍ରସ୍ତୁତି ନେଇ ଆଲୋଚନା ହୋଇଛି। ପରୀକ୍ଷାମୂଳକ ଭାବେ ଧାଡ଼ି ଦର୍ଶନ ବ୍ୟବସ୍ଥା କିପରି ହେବ ସେ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ଅନ୍ୟପକ୍ଷରେ ଯାତ୍ରୀଦର୍ଶନ ନେଇ ସୁବ୍ୟବସ୍ଥା ସମ୍ପର୍କରେ ସମସ୍ତ ନିଯୋଗ ସହିତ ବୈଠକରେ ଆଲୋଚନା କରାଯାଇଥିଲା। ତେବେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ପରିଡ଼ା ମତ ରଖିଥିଲେ। ମହାପ୍ରଭୁଙ୍କ ପୂଜା ଓ ଦର୍ଶନ ନାମରେ ଅନ୍‌ଲାଇନରେ ଫେକ୍ ୱେବ୍‌ସାଇଟ୍ ଖୋଲିଥିବା ସଂସ୍ଥାଗୁଡ଼ିକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପୋଲିସ ସହ ଆଲୋଚନା କରାଯାଇଥିବା ପରିଡ଼ା ବୈଠକରେ ସୂଚନା ଦେଇଥିଲେ।

# ପଞ୍ଚମ ବୃତ୍ତି ପରୀକ୍ଷା ୨୨ରେ

**କଟକ,୨।୯(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ନିମନ୍ତେ କାର୍ଯ୍ୟସୂଚୀ ସ୍ଥିରୀକୃତ ହୋଇଛି। ବୋର୍ଡ ପକ୍ଷରୁ ମଙ୍ଗଳବାର ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଏହି ପରୀକ୍ଷା ସେପ୍ଟେମ୍ବର ୨୨ (ସୋମବାର) ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ/ପ୍ରଧାନଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକ, ମଣ୍ଡଳ ଶିକ୍ଷାଧିକାରୀ ଓ ଜିଲା ଶିକ୍ଷାଧିକାରୀମାନଙ୍କୁ ବୋର୍ଡ ପକ୍ଷରୁ ଅବଗତ କରାଯାଇଛି। ସେହିପରି ମଣ୍ଡଳ ଶିକ୍ଷାଧିକାରୀମାନେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ସେପ୍ଟେମ୍ବର ୧୯ଠାରୁ ପ୍ରଶ୍ନପତ୍ର ସଂଗ୍ରହ କରି ସମ୍ପୃକ୍ତ ପରୀକ୍ଷା ପରିଚାଳକଙ୍କୁ ହସ୍ତାନ୍ତର କରିବେ। ପ୍ରଶ୍ନପତ୍ର କଡ଼ା ସୁରକ୍ଷା ମଧ୍ୟରେ ରଖିବା ପାଇଁ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା କରାଯିବ ବୋଲି ବୋର୍ଡ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# ଶିକ୍ଷକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଷ୍ପତ୍ତି: ମନ୍ତ୍ରୀ

## ଓଡ଼ିଶାରେ ଟିଇଟି ବାଧ୍ୟତାମୂଳକ ଲାଗୁ ପ୍ରସଙ୍ଗ

**ଭୁବନେଶ୍ୱର,୨।୯ (ସୁଚିସ୍ମିତା ସାହୁ)**

ଶିକ୍ଷକ ଭାବେ ନିଯୁକ୍ତି ପାଇବାକୁ ଚାହୁଁଥିବା ଏବଂ ଚାକିରିରେ ଥିବା ଶିକ୍ଷକଙ୍କ ପଦୋନ୍ନତି ପାଇଁ ଟିଚର ଏଲିଜିବିଲିଟି ଟେଷ୍ଟ(ଟିଇଟି) ପାସ୍‌କୁ ସୁପ୍ରିମକୋର୍ଟ ବାଧ୍ୟତାମୂଳକ କରିଛନ୍ତି। ଏହାକୁ ନେଇ ରାଜ୍ୟର ଶିକ୍ଷକଙ୍କ ମଧ୍ୟରେ ଏକପ୍ରକାର ଭାଳେଣି ପଡିଛି। ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ଓଡ଼ିଶାରେ କେଉଁଭଳି ଭାବେ ପାଳନ ହେଉଚି ତାହାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଜୋର୍ ଧରିଥିବାବେଳେ ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହ ନେଇଛନ୍ତି। ରାଜ୍ୟର ଶିକ୍ଷକଙ୍କ ସ୍ୱାର୍ଥକୁ ଦୃଷ୍ଟି ରଖି ନିଷ୍ପତ୍ତି ନିଆଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଙ୍ଗଳବାର ସୂଚନା ଦେଇଛନ୍ତି। ମନ୍ତ୍ରୀ ଗଣ୍ଡ କହିଛନ୍ତି, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ବିଭାଗ ପକ୍ଷରୁ ସ୍ୱାଗତ କରାଯାଉଛି। ଟିଇଟି ପରୀକ୍ଷା ଉପରେ ଅନ୍ୟ ରାଜ୍ୟଗୁଡିକ କ'ଣ ପଦକ୍ଷେପ ନେବେ ତା' ଉପରେ ନଜର ରଖାଯିବ। ଆଗରୁ ଓଟିଇଟି ଭଳି ପରୀକ୍ଷା ନ ଥିବାରୁ ଶିକ୍ଷକମାନେ ବିନା ଓଟିଇଟିରେ ଶିକ୍ଷକତା କରୁଛନ୍ତି। ଯେଉଁମାନଙ୍କର ୫ ବର୍ଷରୁ କମ୍ ଚାକିରୀ ସମୟ ରହିଛି, ସେମାନଙ୍କୁ ଏହି ପରୀକ୍ଷାରୁ ବାଦ ଦିଆଯାଇଛି। ଜାତୀୟ ଶିକ୍ଷା ନୀତି ଏବଂ ସୁପ୍ରିମକୋର୍ଟଙ୍କ ରାୟ ଥିବାରୁ ବାଧ୍ୟହୋଇ ଏଭଳି ନିଷ୍ପତ୍ତି ନେବାକୁ ପଡୁଛି। ୨୦୧୧ ମସିହା ପୂର୍ବରୁ ଶିକ୍ଷକମାନଙ୍କୁ ଓଟିଇଟି କିମ୍ବା ଟିଇଟି ପାଇଁ କୌଣସି ପରୀକ୍ଷା ଦେବାକୁ ପଡି ନ ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହାକୁ ବାଧ୍ୟତାମୂଳକ କରାଯାଉଛି। ଟିଇଟି ପରୀକ୍ଷା ପାଇଁ ଥିବା ଗାଇଡ୍ ଲାଇନକୁ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ତର୍ଜମା କରାଯିବ। ଶିକ୍ଷକଙ୍କ ସ୍ୱାର୍ଥକୁ ଧ୍ୟାନ ଦିଆଯିବ। ପୂର୍ବରୁ ନିଯୁକ୍ତି ପାଇଥିବା ବହୁ ଶିକ୍ଷକଙ୍କର ସମୟ ଅଧିକ ହୋଇଗଣାଣି। ସେମାନେ ପରୀକ୍ଷା ଦେବାରେ ଅସୁବିଧା ହେଉଛି। ଏନେଇ ବିଭାଗ ପକ୍ଷରୁ ମଧ୍ୟ ଚିନ୍ତା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ୧୯କୁ ଘୁଞ୍ଚିଲା ଏନ୍‌ଆର୍‌ଟିଏସ୍ ପରୀକ୍ଷା

**କଟକ,୨।୯(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି (ଏନ୍‌ଆର୍‌ଟିଏସ୍) ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଛି। ଏହି ପରୀକ୍ଷା ସେପ୍ଟେମ୍ବର ୧୯ ତାରିଖ (ଶୁକ୍ରବାର) ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପରୀକ୍ଷାର୍ଥୀମାନଙ୍କ ଆଡ୍‌ମିଟ୍ କାର୍ଡ ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରୁ ସେପ୍ଟେମ୍ବର ୧୦ରୁ ଡାଉନ୍‌ଲୋଡ୍ କରାଯାଇପାରିବ ବୋଲି ବୋର୍ଡ ପକ୍ଷରୁ ମଙ୍ଗଳବାର ଜାରି ବିଜ୍ଞପ୍ତିରେ ଦର୍ଶାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଏନ୍‌ଆର୍‌ଟିଏସ୍ ପରୀକ୍ଷା ସେପ୍ଟେମ୍ବର ୧୦ରେ ହେବାର ଥିଲା।

# ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ଅବଧି ବୃଦ୍ଧି

**ଭୁବନେଶ୍ୱର,୨।୯ (ଅନୁରାଧା ମହାରଣା)**

ପୂର୍ବତଟ ରେଳପଥ ସ୍ୱତନ୍ତ୍ର ଟ୍ରେନଗୁଡ଼ିକର ସମୟ, ରହଣି ଏବଂ ସଂରଚନାକୁ ବଜାୟ ରଖିବା ସହ ପରିଚାଳନା ଅବଧି ବୃଦ୍ଧି କରିଛି। ଏହାଦ୍ୱାରା ଯାତ୍ରୀଙ୍କ ବର୍ଦ୍ଧିତ ଚାହିଦା ପୂରଣ ହେବା ସହ ନିରନ୍ତର ଯାତ୍ରା ସୁବିଧା ଯୋଗାଇବାରେ ବିଶେଷ ସହାୟକ ହେବ। ୦୮୦୧୧/୦୮୦୧୨ ଭଞ୍ଜପୁର-ପୁରୀ-ଭଞ୍ଜପୁର ସ୍ୱତନ୍ତ୍ର ଟ୍ରେନ ଭଞ୍ଜପୁରରୁ ସେପ୍ଟେମ୍ବର ୧୩ ପର୍ଯ୍ୟନ୍ତ ଓ ପୁରୀରୁ ସେପ୍ଟେମ୍ବର ୧୪ ପର୍ଯ୍ୟନ୍ତ ଚଳାଚଳ କରିବ। ୦୨୮୩୯/୦୨୮୪୦ ଶାଲିମାର-ପୁରୀ-ଶାଲିମାର ସ୍ୱତନ୍ତ୍ର ଶାଲିମାରରୁ ସେପ୍ଟେମ୍ବର ୧୪ ଓ ପୁରୀରୁ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ଚଳାଚଳ କରିବ। ଯାତ୍ରୀମାନେ ଏହି ସମ୍ପ୍ରସାରଣକୁ ଧ୍ୟାନ ଦେବାକୁ ଏବଂ ସେହି ଅନୁସାରେ ସେମାନଙ୍କର ଯାତ୍ରା ଯୋଜନା କରିବାକୁ ପରାମର୍ଶ ଦିଆଯାଉଛି।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରମିକ ଭବନ, ସମୟ: ଅପରାହ୍ନ ୪ଟା।
- ପ୍ରଣାମ ଗୁରୁଙ୍କ ସମ୍ମାନ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।

## କଟକ
- ୟୁନିୟନ ଫର୍ କଟକ ସଦର ଡେଭଲପମେଣ୍ଟ ଆନ୍ଦୋଳନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଗୁଆପଡ଼ା ଇଣ୍ଡିପେଣ୍ଡେଣ୍ଟ କ୍ଲବ, ସମୟ: ସକାଳ ୯ଟା।

## ବାଲେଶ୍ୱର
- ଖଇରା ବଜାର ବନ୍ଦ,ସ୍ଥାନ:ପ୍ରସ୍ତାବିତ ଖଇରା ବିଜ୍ଞାପିତ ଅଞ୍ଚଳର ସମସ୍ତ ୩୯ ଗ୍ରାମ, ସମୟ:ସକାଳ ୬ଟାରୁ ଅପରାହ୍ନ ୬ଟା।
- ମଧୁସୂଦନ ଡାଲିମ କର୍ମଶାଳାର ଚତୁର୍ଥ ଦିବସ, ସ୍ଥାନ:ଜିଲ୍ଲା ଆଇନସେବା ପ୍ରାଧିକରଣ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଅବସର ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: କାଞ୍ଚନ କମଳା ଉଚ୍ଚ ବିଦ୍ୟାଳୟ, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ବିଦାୟକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଗୁଡ଼ପୁର ଦଧିବାମନଜୀଉ ଉଚ୍ଚ ବିଦ୍ୟାଳୟ, ଧୁସୁରୀ, ସମୟ: ପୂର୍ବାହ୍ନ ୧୧ଟା ୩୦।

## କେନ୍ଦୁଝର
- ହରିକଥା (ସାମୂହିକ ଭାଗବତ ପଠନ), ସ୍ଥାନ: ସାମଶାସନ ସୋମେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣ, ପାଟଣା, ସମୟ: ସକାଳ ୯ଟା ୪୦।

## ମୟୂରଭଞ୍ଜ
- ମହିଳା ପ୍ରାର୍ଥୀଙ୍କ ଅଗ୍ନିବୀର ବାୟୁ ନିଯୁକ୍ତି, ସ୍ଥାନ: ଛଉ ପଡ଼ିଆ ବାରିପଦା, ସମୟ: ସକାଳ ୬ଟା।

## ବ୍ରହ୍ମପୁର
- ଉଦ୍ଭିଦ ବିଜ୍ଞାନ ପାଠଚକ୍ର,ସ୍ଥାନ: ମହାମାୟୀ ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ଜୋନ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଗୁଣ୍ଡପଡା ହାଇସ୍କୁଲ ଓ ଟିମିଣ୍ଡି ହାଇସ୍କୁଲ ବାବନପୁର, ଆସିକା ବ୍ଲକ, ସମୟ: ସକାଳ ୯ଟା।

## ଢେଙ୍କାନାଳ
- ଗଣେଶ ପୂଜା ଭସାଣି ଉତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସକାଳ ୮ଟା।

## ଜଗତସିଂହପୁର
- ମିଳିତ ସ୍ୱରାଜ୍ୟ ଏକେନ୍ଦ୍ରିୟ ପକ୍ଷରୁ ଉପକୂଳ ମିଳିତ ସମରାଭ୍ୟାସ ସାଗରକବଚ ୨ ଆରମ୍ଭ, ସ୍ଥାନ: ନେହେରୁ ବଙ୍ଗଳା ମାଛଧରା ବନ୍ଦର, ପାରାଦୀପ, ସମୟ: ସକାଳ ୬ଟା।
- ପୋର୍ଟ ଡିଏଭି ସ୍କୁଲର ବାର୍ଷିକ କ୍ରୀଡ଼ା କାର୍ଯ୍ୟକ୍ରମ, ସ୍ଥାନ: ସ୍କୁଲ ପରିସର, ବଡ଼ପଡ଼ିଆ ପାରାଦୀପ, ସମୟ: ସକାଳ ୮ଟା।
- ସଙ୍ଗଠନ ସୃଜନ ଅଭିଯାନ ମାଧ୍ୟମରେ ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ସଭାପତି ଚୟନ ସମ୍ପର୍କିତ ଖବରଦାତା ସମ୍ମିଳନୀ, ସ୍ଥାନ: ସାରଳା ଦେବୀ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ, ସ୍ଥାନ: ମଣିକୁଣ୍ଡା, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- କଳିଙ୍ଗନଗର ଗୋଟାରି କ୍ଲବର ୧୨ତମ ଅଧିଷ୍ଠାନ ଦିବସ, ସ୍ଥାନ: ଯାଜପୁର ରୋଡ୍ ହୋଟେଲ ଯଯାତି କେସିଆଡ଼ି, ସମୟ: ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ଉତ୍କଳ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ନୃତ୍ୟ ପରିବେଷଣ, ସ୍ଥାନ: କାରକା ଗଣେଶପୂଜା ମଣ୍ଡପ ନିକଟ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼
- ପାର୍ଶ୍ୱ ପରିବର୍ତ୍ତନ ପର୍ବ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୬ଟା।
- ଶ୍ରୀମଦ୍ ଭାଗବତ୍ ସପ୍ତାହଙ୍କ ପାରାୟଣର ୨ୟ ଦିବସ, ସ୍ଥାନ: ଗୋପିପଡା ବଡଦେଣ୍ଡ ଯଜ୍ଞାନୁଷ୍ଠାନ ଗୃହ, ସମୟ: ସକାଳ ୭ଟା।
- ଶ୍ରୀମଦ୍ ଭାଗବତ ସପ୍ତାହଙ୍କ ମହାଯଜ୍ଞ ପାରାୟଣ ଓ ପ୍ରବଚନର ୪ର୍ଥ ଦିବସରେ ପାରାୟଣ, ସ୍ଥାନ: ବଶପଲ୍ଲୀ ଦୁର୍ଗା ବଜାର, ସମୟ: ସକାଳ ୭ଟା। ପ୍ରବଚନରେ ଅଜାମିଳ ଉପାଖ୍ୟାନ ଓ ପ୍ରହ୍ଲାଦ ଚରିତ, ସମୟ: ସନ୍ଧ୍ୟା ୭ଟା।
- ଆବିଷ୍କାର ଓ ପ୍ରବାହ କାର୍ଯ୍ୟକ୍ରମ, ସ୍ଥାନ: କର୍ଣ୍ଣିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବର ଅଙ୍କୁରାରୋପଣ, ସ୍ଥାନ: ବଶପଲ୍ଲୀର ସାତପାଟଣା ପିଏମ୍‌ଶ୍ରୀ ରାଧାମୋହନ ଜୀଉ ଜୋରାଳ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା
- ମା' ମାଣିକେଶ୍ୱରୀ କାଲିଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଚିତ୍ତାରୋଗ୍ରାଡ଼ା, ଚନ୍ଦ୍ରପୁର, ସମୟ: ଅପରାହ୍ନ ୬ଟା।

## ନବରଙ୍ଗପୁର
- ଷଷ୍ଠଦଶ ଜିଲ୍ଲା ପରିଷଦର ଅଷ୍ଟମ ସାଧାରଣ ବୈଠକ, ସ୍ଥାନ: ନବରଙ୍ଗପୁର ଜିଲ୍ଲା ପରିଷଦ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ
- ନୀତି ଆୟୋଗ ସିଇଓ ଦ୍ୱାରା ଉନ୍ନୟନ ସମୀକ୍ଷା, ସ୍ଥାନ: ଭିସି ହଲ, କୋରାପୁଟ, ସମୟ: ସକାଳ ୯ଟା ୩୦।
- କୋରାପୁଟ ଜିଲ୍ଲାପାଳଙ୍କ ଦଶମନ୍ତପୁର ଗସ୍ତ, ସ୍ଥାନ: ଦଶମନ୍ତପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲ୍ଲାପାଳଙ୍କ ଉନ୍ନୟନମୂଳକ କାର୍ଯ୍ୟର ଅନୁଧ୍ୟାନ, ସ୍ଥାନ: ଦଶମନ୍ତପୁର କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ଗଣେଶଙ୍କ ଲକ୍ଷୁ ଲିଲାମ୍, ସ୍ଥାନ: ପଙ୍ଗି ବସ୍ତ୍ରଖଣ୍ଡ ଗଣେଶ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## ମାଲକାନଗିରି
- ବିଜୁଳି, ଘରଭିତ୍ତି ସଚେତନତା ରଥର ଶୁଭାରମ୍ଭ, ସ୍ଥାନ: ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।

## ସମ୍ବଲପୁର
- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ: ସକାଳ ୬ଟା।
- ଦୈନିକ ନିଃଶୁଳ୍କ ଯୋଗ କେନ୍ଦ୍ର ଆୟୋଜନରେ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ: ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ବିଏସ୍‌ଏନ୍‌ଏଲ୍ ପେନସନ ଭୋଗୀଙ୍କ ପାଇଁ ସ୍ୱତନ୍ତ୍ର ଶିବିର,ସ୍ଥାନ: କରେଗାଁସ୍ଥିତ ବିଏସ୍‌ଏନ୍‌ଏଲ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର
- ଯଙ୍ଗ ମୁସଲିମ କମିଟି ପକ୍ଷରୁ ମେଗା ରକ୍ତଦାନ ଶିବିର, ସ୍ଥାନ: ଭିମ୍ସ ପ୍ରଜନାୟକ ରେଡକ୍ରସ ରକ୍ତଭଣ୍ଡାର, ବଲାଙ୍ଗୀର, ସମୟ: ସକାଳ ୯ଟାରୁ ସନ୍ଧ୍ୟା ୬।

## ରାଉରକେଲା
- ଇସ୍ପାତ ପକ୍ଷରୁ ସାମୂହିକ ନଗର ସଙ୍କୀର୍ତ୍ତନ, ସ୍ଥାନ: ଇସ୍ପାତ, ଛେଣ୍ଡ, ସମୟ: ସକାଳ ୬ଟା ୩୦।
- ଯୁବଜାଗୃତ ପ୍ରାକ୍ତନ ଛାତ୍ର ସଂସଦ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଜେଲ୍ ରୋଡ୍, ଛେଣ୍ଡ, ସମୟ: ସକାଳ ୮ଟା।
- ସୁଶୀଳାବତୀ ମହିଳା ମହାବିଦ୍ୟାଳୟରେ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା।
- ସତ୍ୟନାରାୟଣ ଜେନାଙ୍କ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଗଜାନନ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼
- ରାଜା କରମା ପୂଜା, ସ୍ଥାନ: କୁସୁମୁଣ୍ଡା ବ୍ଲକ ନିକଟସ୍ଥ ସିରାସୀତା ଗୁଡ଼ୁଗାଁ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ଜିଲ୍ଲାସ୍ତରୀୟ ଭଲିବଲ ପ୍ରତିଯୋଗିତା,ସ୍ଥାନ: ଚଣ୍ଡୀଭଟା ହାଇସ୍କୁଲ ପଡ଼ିଆ ଖରବନ୍ଦ, ସମୟ: ସକାଳ ୯ଟା।
- ଜିଲ୍ଲାସ୍ତରୀୟ ସଂସ୍କୃତ ଦିବସ,ସ୍ଥାନ: ମହର୍ଷି ଦୟାନନ୍ଦ ଗୁରୁକୁଳ ଆଶ୍ରମ, ପାଇକମାଲ, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ହୋଟେଲ କ୍ଲାସିକ, ସମୟ: ପୂର୍ବାହ୍ନ ୧୧ଟା।
- ଭେଟେରେନାରୀ ସର୍ଜନଙ୍କ କଳାବ୍ୟାଜ୍ ପରିଧାନ, ସ୍ଥାନ: ଜୁନାଗଡ଼ ଭେଟେରେନାରୀ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଜିଲ୍ଲା ପ୍ରକ୍ରିୟା ପ୍ରୟୋଗଶାଳା, ସ୍ଥାନ: ଦେବଗଡ଼ ସର୍କିଟ ହାଉସ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସାର୍ବଜନୀନ ଗଣେଶ ମେଳା ଅବସରରେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଛକ ପୂଜା ପେଣ୍ଡାଲ, ସମୟ: ରାତି ୮ଟା।

## ସୁବର୍ଣ୍ଣପୁର
- ବ୍ଲକସ୍ତରୀୟ ଭୀମ ଭୋଇ ସାମର୍ଥ୍ୟ ଶିବିର, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ବାଳଗଙ୍ଗେରା ମଞ୍ଚ ନୂଆପଡ଼ା ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ପଣ୍ଡରାପଥର ଗାଁ, ସମୟ: ସକାଳ ୯ଟା ୪୫।
- ଏନ୍‌ଡିଆଇଜେ ସଂଘର ନୂଆଁଖାଇ ଭେଟଘାଟ ପ୍ରସ୍ତୁତି ବୈଠକ, ସ୍ଥାନ: ଗାନ୍ଧୀ ପ୍ରମୋଦ ଉଦ୍ୟାନ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସଙ୍ଗଠନ ସୃଜନ ଅଭିଯାନକୁ ନେଇ କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ଅଗ୍ରସେନ ଭବନ ଖଡିଆଳ, ସମୟ: ପୂର୍ବାହ୍ନ ୧୧ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଗ୍ରହଯୋଗ ପ୍ରଭାବ ନିଜ ନିଜ ସ୍ତରରେ ଅର୍ଥ, ସମ୍ମାନ, ସାମାଜିକ ପ୍ରତିଷ୍ଠା ପ୍ରଦାନ କରିବ। ଆର୍ଥିକ ସଙ୍କଟ ଦୂର ହେବା ସହ ନୂତନ ଯୋଜନା ଆରମ୍ଭ କରିବାକୁ ମନ ବଳାଇବେ ଓ ସଫଳତା ମଧ୍ୟ ପାଇବେ। ବ୍ୟବସାୟ କ୍ଷେତ୍ର, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା, ଏପରି କି ପାରିବାରିକ ଜୀବନରେ ଉନ୍ନତି ପରିଲକ୍ଷିତ ହେବ।

**ବୃଷ** ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ବାଧ୍ୟ ହେବେ। ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର ପ୍ରବୃତ୍ତିରେ ଉନ୍ନତି କରିବେ। ଆନୁଷ୍ଠାନିକ କାମରେ କିମ୍ବା ରାଜନୈତିକ କ୍ଷେତ୍ରରେ ଅପ୍ରିୟ ସତ୍ୟ ବିରୋଧାଭାବ ପୋଷଣ କରିବ। ଆର୍ଥିକ ସ୍ଥିତି ଭଲ ରହିବାରୁ ଖୁସି ମିଜାଜରେ କାମ କରିବାର ସ୍ପୃହା ଜାଗ୍ରତ ହେବ।

**ମିଥୁନ** ସର୍ବୋତ୍ତିକ ମନ୍ତବ୍ୟ ବୁଦ୍ଧିଜୀବୀ, କର୍ମକ୍ଷେତ୍ର ଓ ସାମାଜିକ ଜୀବନରେ ପ୍ରଶଂସନୀୟ କରାଇବ। ବିବାଦୀୟ ପରିସ୍ଥିତିରେ ପ୍ରତିଦ୍ୱନ୍ଦ୍ୱୀମାନେ ନୀରବ ରହିବେ। ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି। ପାଖରେ ପାଉପାଉ ନ ଥିବା ଫାଇଲ୍ ପତ୍ର କିମ୍ବା କୌଣସି ଜିନିଷ ପାଇଁ ବିବାଦ ବଢ଼ିପାରେ।

**କର୍କଟ** ସଫଳତାଜନିତ ପ୍ରତ୍ୟେକ ସ୍ଥାନରେ ପ୍ରଶଂସିତ ହେଲେ ମଧ୍ୟ ତାହା ପୂର୍ଣ୍ଣ ସଫଳତ ଦେଇ ନ ପାରେ। କର୍ମୀଗଣ ପ୍ରତିପଦ ହେବ, ମାତ୍ର ବହୁତ ଶ୍ରମ ସ୍ୱୀକାର କରିବାକୁ ପଡ଼ିବ। ନିର୍ମାଣ, ବାଣିଜ୍ୟ ତଥା ପରିବହନରେ ସମସ୍ୟା ସମାଧାନ ହେବ। ପରିବାରରେ କୌଣସି ବ୍ୟକ୍ତିର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସ୍ଥିରତା ବ୍ୟାହତ ହେବାର ସମ୍ଭାବନା ରହିଛି।

**ସିଂହ** ପାରିବାରିକ କ୍ଷେତ୍ର ଭଲ ରହିବ କିନ୍ତୁ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିପାରନ୍ତି। ଉଚ୍ଚ ପଦାଧିକାରୀଙ୍କ ସାନିଧ୍ୟରୁ ଉପକୃତ ହେବେ। ପାରିବାରିକ ଜୀବନରେ ଅସଫଳତାର କାରଣ ଖୋଜିବାକୁ ଯାଇ ନିଜ ଲୋକଙ୍କୁ ଭୁଲ ବୁଝିପାରନ୍ତି। ସାଂଗଠନିକ କ୍ଷେତ୍ରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇପାରେ।

**କନ୍ୟା** ପରୋକ୍ଷ ଶତ୍ରୁତାଜନିତ ବିଭିନ୍ନ ପ୍ରତିବନ୍ଧକ ଲାଗି ରହିବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। କର୍ମକ୍ଷେତ୍ରର ବିବାଦୀୟ ଆଲୋଚନାରେ ମୁଣ୍ଡ ନ ପୂରାଇବା ଭଲ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ପ୍ରିୟ ବନ୍ଧୁଙ୍କ ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇ ମଧ୍ୟ ପାଖ ମାଡ଼ିବ ନାହିଁ। ଆଜି ବ୍ୟବସାୟରେ କ୍ରମଶଃ ଲାଭ ଅପେକ୍ଷା କ୍ଷତି ଅଧିକ ହେବ।

**ତୁଳା** ଆଜି ପ୍ରତ୍ୟେକ ସ୍ତରରେ ସୁନାମ ଅର୍ଜନ କରିବା ସହ କାର୍ଯ୍ୟ ହାସଲ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ପରୋକ୍ଷ ଶତ୍ରୁତା ବାଧା ସୃଷ୍ଟି କଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମକୁ ବଢ଼ାଇ ନେଇପାରନ୍ତି। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ହେବାରୁ ଆଶ୍ୱସ୍ତି ଲାଭ କରିବେ। ଯାତ୍ରା, ବନ୍ଧୁମିଳନ, ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ପାଇପାରନ୍ତି।

**ବିଛା** ଯିଏ ଯେତେ ଶତ୍ରୁତା କରୁନା କାହିଁକି ଆପଣଙ୍କ କୌଣସି ଅସୁବିଧା ହେବନାହିଁ। ଅନ୍ୟମାନଙ୍କ କିମ୍ବା ଅସାବଧାନତାରୁ ଟଙ୍କା ପଇସା ହଜିଯାଇପାରେ। ସାହିତ୍ୟ, ସଂଗୀତ, କ୍ରୀଡ଼ା, ଚଳଚ୍ଚିତ୍ର ପ୍ରବୃତ୍ତିରେ ସୁନାମ ଅର୍ଜନ କରିବାର ସୁଯୋଗ ପ୍ରାପ୍ତ ହେବ। କାମ ହାସଲ ପାଇଁ କୌଣସି ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ।

**ଧନୁ** ଆପଣଙ୍କ ଜଣାଶୁଣା ବ୍ୟକ୍ତି ଈର୍ଷାପରାୟଣବଶତଃ ସମସ୍ୟା ସୃଷ୍ଟି କରିପାରନ୍ତି। ଆଲୋଚନା ବେଳେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବିବାଦୀୟ ଘଟଣାରେ, ପରିବହନରେ, ବ୍ୟବସାୟରେ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପ୍ରତି ଆଗ୍ରହ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଯଥା ସମ୍ଭବ ଶତ୍ରୁଠାରୁ ଦୂରେଇ ରହି କାମ କରିବା ଭଲ ହେବ।

**ମକର** କର୍ମବ୍ୟସ୍ତତା ମଧ୍ୟରେ ଅସୁସ୍ଥତାଜନିତ ମନ ଭଲ ଲାଗିବ ନାହିଁ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ, ସାହିତ୍ୟରେ, ପରିବାରରେ, ପରିବହନରେ ସମସ୍ୟା ସମାଧାନ ହୋଇଯିବ। ଯେତେ ଭଲକଥା କହିଲେ ମଧ୍ୟ ଭୁଲ ବୁଝାମଣା ଯୋଗୁ ଅନ୍ୟମାନଙ୍କ ସହ ସୁସମ୍ପର୍କ ରହିବ ନାହିଁ। ଆଜିର ଯାତ୍ରାରେ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ।

**କୁମ୍ଭ** ପାରିବାରିକ ଶୃଙ୍ଖଳା ରକ୍ଷା କରିବାରେ ସର୍ମର୍ଥାୟକ ସହାୟତା ନେବାକୁ ପଡ଼ିପାରେ। ସଭାସମିତି କିମ୍ବା ଆଲୋଚନା ପରିସରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହୋଇପାରନ୍ତି। ସହକର୍ମୀଙ୍କ ସର୍ବାଙ୍ଗୀନ କାରଣରୁ ମୁଣ୍ଡ ପୂରାଇଲେ ଅପଦସ୍ଥ ହେବାକୁ ପଡ଼ିପାରେ। ଆଜିର ବ୍ୟବସାୟିକ ସ୍ଥିତି ପ୍ରାୟତଃ ସନ୍ତୋଷଜନକ ରହିବ।

**ମୀନ** ଆଜି ନୂଆ କାମଟିଏ ଆରମ୍ଭ କରି ଖୁସି ରହିବେ ଏବଂ ବନ୍ଧୁଙ୍କ ପ୍ରିୟଭାଜନ ହେବେ। ଇଚ୍ଛା ନ ଥାଇ ମଧ୍ୟ ହଠାତ୍ ଜରୁରୀ କାମରେ ବାହାରକୁ ଯିବାକୁ ପଡ଼ିପାରେ। ରାଜନୈତିକ ସ୍ତରରେ ସହଯୋଗ ବୃଦ୍ଧି ପାଇବ। ଲାଭ କାରଣରୁ ମାନସିକ ସ୍ଥିରତା ରହିବ ନାହିଁ। ଆନୁଷ୍ଠାନିକ କାମ, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟରେ ଅଂଶଗ୍ରହଣ କରି ଖୁସି ମନାଇ ପାରିବେ।

ଆଜି ସେପ୍ଟେମ୍ବର ୩ ତାରିଖ, ଭାଦ୍ରବ ଶୁକ୍ଳପକ୍ଷର ସ୍ମାର୍ତ୍ତସମ୍ମତ ପାର୍ଶ୍ୱପରିବର୍ତ୍ତନ, ବଡ଼ ଏକାଦଶୀ ବୁଧବାର, ବୁଧବାମନ ଓଷା ଶେଷ ପାଳି। ରାଶିନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ଏକାଦଶୀ ଏକାଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୩୫ମି. ଗତେ ଘ.୦୭.୧୪ମି. ମଧ୍ୟେ, ଘ.୧୦.୧୩ମି. ଗତେ ଘ.୧୧.୨୧ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୫ମି. ଗତେ ଘ.୦୧.୧୮ମି. ମଧ୍ୟେ ରାହୁ କାଳ।

## ସୁଦାନ ଭୂସ୍ଖଳନରେ...

ପ୍ରଥମ ପୃଷ୍ଠାରୁ...

ଦାରଫିନ ପ୍ରାନ୍ତରେ ରବିବାର ଭୂସ୍ଖଳନ ହୋଇଥିଲା। ଉକ୍ତ ଗାଁ ମାଟିରେ ମିଶିଯିବା ସହ ୧,୦୦୦ରୁ ଅଧିକ ବାସିନ୍ଦାଙ୍କ ଜୀବନ ଯାଇଛି। କେବଳ ଜଣେ ଜୀବିତ ଥିବା ସୁଦାନ ସେନା ପକ୍ଷରୁ ଏବଂ ବିବୃତିରେ କୁହାଯାଇଛି। ମୃତଦେହଗୁଡ଼ିକୁ ବାହାର କରିବାରେ ଜାତିସଂଘ ଏବଂ ଅନ୍ତର୍ଜାତୀୟ ସହାୟତା ପ୍ରଦାନକାରୀ ସଂଗଠନର ସାହାଯ୍ୟ ମଗାଯାଇଛି। ସୁଦାନରେ ୨୦୨୩ ଏପ୍ରିଲରୁ ସେନା ଏବଂ ଅର୍ଦ୍ଧସାମରିକ ରାପିଡ୍ ସପୋର୍ଟ ଫୋର୍ସ (ଆର୍‌ଏସ୍‌ଏଫ୍) ମଧ୍ୟରେ ସଂଘର୍ଷ ପରେ ଗୃହଯୁଦ୍ଧ ଲାଗିରହିଥିବାବେଳେ ଏଭଳି ବିପର୍ଯ୍ୟୟ ଦେଖାଦେଇଛି। ଡେବେ ସେନା ଓ ଆର୍‌ଏସ୍‌ଏଫ୍ ମଧ୍ୟରେ ସଂଘର୍ଷ ଓ କରୋନା ଯୋଗୁ ଜାତିସଂଘ ଓ ଅନ୍ୟାନ୍ୟ ସହାୟତାକାରୀ ସଂସ୍ଥା ମରାହ ପର୍ବତମାଳା ସମେତ ତାରସିନ୍ ଅଞ୍ଚଳର ଅଧିକାଂଶ ଭାଗରେ ପହଞ୍ଚିବା ସହଜ ନୁହେଁ। ସୁଦାନ ଗୃହଯୁଦ୍ଧରେ ୪୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ୧.୪ କୋଟି ଲୋକ ଘରଦ୍ୱାର ଛାଡ଼ି ପଳାଇଛନ୍ତି। ଦେଶରେ ବିଭିନ୍ନ ଭାଗରେ ଦୁର୍ଭିକ୍ଷ ଦେଖାଦେଇଥିବାବେଳେ ଲୋକେ ଜୀବନ ବଞ୍ଚାଇବା ପାଇଁ ଘାସ ଖାଉଛନ୍ତି।

## ଅଭିବୃଦ୍ଧି ପାଇଁ ମାଇଲଖୁଣ୍ଟ...

ଦ୍ୱାରା ହାଇ ପର୍ଫମାନ୍ସ ମଲ୍ଟିପ୍ଲାୟର ଆଇସି-ସି୨ଏସ୍୦୦୬୧ର ବିକାଶ ସହିତ ଏନ୍‌ଆଇଟି ରାଉରକେଲା ଦ୍ୱାରା ଭିଜି ଆମ୍ପ୍ଲିଫାୟର ଏବଂ ସେନସର ସର୍କିଟ-ସି୨ଏସ୍୦୦୧୮ ଏନ୍‌କ୍ରେଣ୍ଟ ଏନ୍‌କ୍ରିପସନ କୋର୍-ସି୨ଏସ୍୦୦୧୭ ରହିଛି। ଏହା ଭାରତର ପ୍ରଥମ 'ମେକ୍ ଇନ୍ ଇଣ୍ଡିଆ' ଚିପ୍ ପ୍ରୟାସର ଅଂଶ ହୋଇଥିବାରୁ ଓଡ଼ିଶା ପାଇଁ ଏହା ଅତ୍ୟନ୍ତ ଗର୍ବର ବିଷୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅସାଧାରଣ ସଫଳତା ଆମ ରାଜ୍ୟରେ ନୂତନ ପ୍ରତିଭା ଓ ନବୀନତାକୁ ପ୍ରଦର୍ଶନ କରୁଛି। ଭାରତର ସେମିକଣ୍ଡକ୍ଟର ଯାତ୍ରାରେ ଓଡ଼ିଶାର ଗତିଶୀଳ ଭୂମିକାକୁ ସ୍ପଷ୍ଟ କରୁଛି ବୋଲି ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ହୃଦୟରୁ ଅଭିନନ୍ଦନ ଜଣାଇଥିଲେ। ଉଲ୍ଲେଖଯୋଗ୍ୟ, ନିକଟରେ ରାଜ୍ୟ କ୍ୟାବିନେଟ୍ ନୂତନ ସେମିକଣ୍ଡକ୍ଟର ନୀତି-୨୦୨୫ ଆଣିଛି। ସେଥିରେ ଭୁବନେଶ୍ୱରରେ ଦୁଇଟି ନୂତନ କେନ୍ଦ୍ର ପ୍ରତିଷ୍ଠା ହେବାକୁ ରହିଛି। ଆଗାମୀ ଦିନରେ ସେମିକଣ୍ଡକ୍ଟର ଶିଳ୍ପର ବିକାଶକୁ ନିଶ୍ଚିତ କରିବାକୁ ରହିଥିବାବେଳେ ଏଥିରେ ଓଡ଼ିଶାର ବଡ଼ ଭୂମିକା ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ, ସାରାବିଶ୍ୱ ଭାରତକୁ ବିଶ୍ୱାସ ଓ ଭରସା କରୁଛି ଏବଂ ଭାରତ ସହିତ ସେମିକଣ୍ଡକ୍ଟର ଭବିଷ୍ୟତ ନିର୍ମାଣ କରିବାକୁ

## ପ୍ରଧାନମନ୍ତ୍ରୀଙ୍କୁ ଓଡ଼ିଶାର ୩ ଚିପ୍ ଉପହାର




ସେମିକନ୍ ଇଣ୍ଡିଆ-୨୦୨୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଉପହାର ଦିଆଯାଇଥିବା ଓଡ଼ିଶା ନିର୍ମିତ ୩ ଚିପ୍।

ବିଶ୍ୱ ପ୍ରସ୍ତୁତ ହେଉଛି। ତେବେ ପୂର୍ବରୁ 'ତେଲ ଥିଲା କଳା ସୁନା, କିନ୍ତୁ ସେମିକଣ୍ଡକ୍ଟର ଚିପ୍‌ଗୁଡ଼ିକ ଏବେ ଡିଜିଟାଲ ଡାଇମଣ୍ଡ(ହୀରା)' ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ପୂର୍ବ ଦଶନ୍ଧି ତେଲ ଦ୍ୱାରା ପରିଭାଷିତ ହୋଇଥିଲା। ତେଲ କୂପ ଜରିଆରେ ଦୁନିଆର ଭାଗ୍ୟ ନିର୍ଦ୍ଧାରଣ ହେଉଥିଲା। ଏସବୁ କୂପରୁ କେତେ ପେଟ୍ରୋଲିୟମ ଉତ୍ପାଦିତ ହେଉଛି, ତାହାକୁ ଆଧାରକରି ବିଶ୍ୱ ଅର୍ଥବ୍ୟବସ୍ଥାର ଉତ୍ଥାନପତନ ନିରୂପଣ ହେଉଥିଲା। ତେବେ ଏକବିଂଶ ଶତାବ୍ଦୀର ସାମର୍ଥ୍ୟ କ୍ଷୁଦ୍ର ଚିପ୍ ଉପରେ ନ୍ୟସ୍ତ ରହିଛି। କ୍ଷୁଦ୍ରାକୃତି ହେବା ସତ୍ତ୍ୱେ ଏସବୁ ଚିପରେ ବିଶ୍ୱର ପ୍ରଗତିକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବାର ଅପାର ସମ୍ଭାବନା ରହିଛି। ମୋଦି କହିଥିଲେ, ବିଶ୍ୱ ସେମିକଣ୍ଡକ୍ଟର ବଜାରର ଆକାର ୬୦୦ ବିଲିୟନ ଡଲାରରେ ପହଞ୍ଚି ସାରିଛି। ଆଗାମୀ ବର୍ଷଗୁଡ଼ିକରେ ଏହା ୧ ଟ୍ରିଲିୟନ ଡଲାର ଅତିକ୍ରମ କରିବ। ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତ ଯେଭଳି ଗତିରେ ଅଗ୍ରସର ହେଉଛି, ତାକୁ ଦେଖିଲେ ୧ ଟ୍ରିଲିୟନ ଡଲାର ବଜାରରେ ଭାରତ ଏକ ବଡ଼ ଅଂଶଧନ ହାସଲ କରିବ। ଭାରତ ଯେଉଁ ଗତିରେ ଆଗକୁ ବଢୁଛି ତାହା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ, ୨୦୨୧ ମସିହାରେ ସେମିକନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ୨୦୨୩ ସୁଦ୍ଧା ଭାରତର ପ୍ରଥମ ସେମିକଣ୍ଡକ୍ଟର ପ୍ଲାଣ୍ଟକୁ ମଞ୍ଜୁର କରାଯାଇଥିଲା। ବର୍ତ୍ତମାନ ୧୦ଟି ସେମିକଣ୍ଡକ୍ଟର ପ୍ରକଳ୍ପ ଚାଲିଛି। ଏଥିରେ ୧୮ ବିଲିୟନ ଡଲାରରୁ ଅଧିକ, ଅର୍ଥାତ୍ ୧.୫ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ସାମିଲ ରହିଛି। ଏହା ଭାରତ ପ୍ରତି ବଢୁଥିବା ବିଶ୍ୱାସକୁ ପ୍ରତିଫଳିତ କରୁଛି। ସେ କହିଥିଲେ, ଫାଇଲ୍‌ଠାରୁ କାରଖାନା ପର୍ଯ୍ୟନ୍ତ ସମୟ ଯେତେ କମ୍ ହେବ ଏବଂ କାଗଜପତ୍ର କାମ ଯେତେ କମ୍ ହେବ, ସେତେ ଶୀଘ୍ର ୱେଫର କାର୍ଯ୍ୟ ଆରମ୍ଭ ହୋଇପାରିବ। ସରକାର ଏହି ପଦ୍ଧତିରେ ଏବେ କାର୍ଯ୍ୟ କରୁଛନ୍ତି। ଏଥିପାଇଁ ଜାତୀୟ ଏକକ ୱିଣ୍ଡୋ ସିଷ୍ଟମ କାର୍ଯ୍ୟକାରୀ କରାଯାଇଛି, ଯାହା କେନ୍ଦ୍ର ଏବଂ ରାଜ୍ୟ ଉଭୟଙ୍କ ସମସ୍ତ ଅନୁମୋଦନକୁ ଗୋଟିଏ ପ୍ଲାଟଫର୍ମରେ ଉପଲବ୍ଧ କରାଉଛି। ଫଳସ୍ୱରୂପ, ନିବେଶକାରୀଙ୍କୁ ବ୍ୟାପକ କାଗଜପତ୍ରରୁ ମୁକ୍ତ କରାଯିବାରେ ସହାୟକ ହୋଇପାରିବ। ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତରେ ସେମିକଣ୍ଡକ୍ଟର ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଆଜିର ସମାରୋହରେ ପ୍ରାୟ ୪୦ରୁ ୫୦ଟି ଦେଶର ପ୍ରତିନିଧିତ୍ୱ ସହିତ ବିଶ୍ୱର ବିଭିନ୍ନ ସ୍ଥାନରୁ ସେମିକଣ୍ଡକ୍ଟର କ୍ଷେତ୍ରର ବିଶେଷଜ୍ଞମାନେ ଯୋଗ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଭାରତର ନବସୃଜନ ଏବଂ ଯୁବଶକ୍ତିର ଉପସ୍ଥିତି ମଧ୍ୟ ରହିଛି। ଏହି ଅନନ୍ୟ ମିଶ୍ରଣ ଏକ ସ୍ପଷ୍ଟ ବାର୍ତ୍ତା ଦେଉଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଏହି ଅବସରରେ ଚଳିତ ବର୍ଷର ପ୍ରଥମ ତ୍ରୈମାସିକ ଜିଡିପି ଅଭିବୃଦ୍ଧି ସଂଖ୍ୟା ବିଷୟରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ, ଭାରତର ଅଭିବୃଦ୍ଧି ପୁଣିଥରେ ସବୁ ଆକଳନ, ପ୍ରତ୍ୟାଶା ଏବଂ ପୂର୍ବାନୁମାନକୁ ପଛରେ ପକାଇ ଦେଇଛି। ସେ କହିଥିଲେ, ସାରା ବିଶ୍ୱର ବିଭିନ୍ନ ଅର୍ଥବ୍ୟବସ୍ଥା ନାନା ସମସ୍ୟାର ସାମ୍ନା କରୁଛନ୍ତି। ଆର୍ଥିକ ସ୍ୱାର୍ଥ ଦ୍ୱାରା ପରିଚାଳିତ ଆହ୍ୱାନ ସତ୍ତ୍ୱେ ଭାରତ ୭.୮ ପ୍ରତିଶତ ବିକାଶ ହାର ହାସଲ କରିଛି। ଉତ୍ପାଦନ, ସେବା, କୃଷି ଏବଂ ନିର୍ମାଣ ସମେତ ସବୁ କ୍ଷେତ୍ରରେ ଅଭିବୃଦ୍ଧି ସ୍ପଷ୍ଟ ରୂପେ ପରିଲକ୍ଷିତ ହୋଇଛି। ଅଭିବୃଦ୍ଧିର ଏହି ଗତିପଥ ଭାରତକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥବ୍ୟବସ୍ଥା ହେବା ଦିଗରେ ଦ୍ରୁତ ଗତିରେ ଆଗେଇ ନେଉଛି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ, ଗୋଟିଏ ପ୍ରୁ-ଏଣ୍ଡ-ପ୍ଲେ ଭିତ୍ତିଭୂମି ମଡେଲ ଅଧୀନରେ ଦେଶବ୍ୟାପୀ ସେମିକଣ୍ଡକ୍ଟର ପାର୍କ ବିକଶିତ କରାଯାଉଛି, ଯାହା ଜମି, ବିଦ୍ୟୁତ୍ ଯୋଗାଣ, ବନ୍ଦର ଓ ବିମାନବନ୍ଦର ସଂଯୋଗୀକରଣ ଏବଂ ଏକ ଦକ୍ଷ ଶ୍ରମିକ ପୁଲ ଭଳି ସୁବିଧା ପ୍ରଦାନ କରିଥାଏ। ଯେତେବେଳେ ଏପରି ଭିତ୍ତିଭୂମିକୁ ପ୍ରୋତ୍ସାହନ ସହିତ ଯୋଡାଯାଏ, ସେତେବେଳେ ଶିଳ୍ପ ଅଭିବୃଦ୍ଧି ଅନିବାର୍ଯ୍ୟ। ଭାରତ ଡିଜାଇନ୍ ଲିଙ୍କଡ୍ ଇନସେଣ୍ଟିଭ ଜରିଆରେ କିମ୍ବା ଏଆଇ-ଭିତ୍ତିକ ସେମିକଣ୍ଡକ୍ଟର ଉତ୍ପାଦନ ଦିଗରେ ଅଗ୍ରସର ହେଉଛି। ସେହି ଦିନ ଆଉ ବେଶୀ ଦୂର ନାହିଁ ଯେତେବେଳେ ଭାରତର ସବୁଠାରୁ ଛୋଟ ଚିପ୍ ବିଶ୍ୱର ସବୁଠାରୁ ବଡ଼ ପରିବର୍ତ୍ତନ ଆଣିବ। ସେହି ଦିନ ଆଉ ବେଶୀ ଦୂରରେ ନାହିଁ ବୋଲି ସେ କହିଥିଲେ। ସେ କହିଥିଲେ ଯେ, ଭାରତରେ ଡିଜାଇନ୍, ଭାରତରେ ନିର୍ମିତ ସାମଗ୍ରୀକୁ ବିଶ୍ୱ ଭରସା କରୁଛି ବୋଲି ପ୍ରଧାନମନ୍ତ୍ରୀ ନିଜର ଅଭିଭାଷଣ କହିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ରମନ୍ତ୍ରୀ ଜିତିନ ପ୍ରସାଦ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ଉଗଡ଼ମାଳି
(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଉଗଡ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବଡେଇ ବଉଡି ପରକୁ**
**ବୁଦ୍ଧି ନ ଆସେ ଘରକୁ।**

ଅନ୍ୟକୁ ଉପଦେଶ ଦେବାରେ ସମସ୍ତେ ଧୁରନ୍ଧର। କିନ୍ତୁ ସେଇ ପ୍ରକାର ଅସୁବିଧାରେ ପଡ଼ିଲେ କ'ଣ କରିବାକୁ ହେବ ନିଜେ ସ୍ଥିର କରିପାରନ୍ତି ନାହିଁ। କେତେକ ଅନ୍ୟକୁ ଉପରେ ପଡ଼ି ଉପଦେଶ ଦେବାକୁ ଭୁଲି ନଥାନ୍ତି, ଯେଉଁଟାକୁ ସେ ନିଜ ଜୀବନରେ କେବେ ବି ପ୍ରୟୋଗ କରି ନ ଥାନ୍ତି। ଅନ୍ୟକୁ କହିବା ସହଜ, କିନ୍ତୁ ତାହା ନିଜ ଜୀବନରେ କାର୍ଯ୍ୟକାରୀ କରିବା କଷ୍ଟକର। ପରକୁ ବୁଦ୍ଧି ଦେଉଥିବା ବ୍ୟକ୍ତି ନିଜ ବେଳକୁ ଥକ୍କୁଳ ପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବାଟେ ଯାଉ ଯାଉ ଦେଖିଲି କୂଅ;**
**ଆଉ ବୁଢ଼ାକାଳେ ହୋଇବ ପୁଅ?**

ବୟସ ଓ ସମୟ ଆଗରେ ମଣିଷ ହାର ମାନିଯାଏ। କ୍ଷମତାର ସମୟ ଉତ୍ତୀର୍ଣ୍ଣ ହେବା ପରେ ଆଉ କିଛି କଳାକୌଶଳ ପ୍ରଦର୍ଶନ କରିବାକୁ ବାଟ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଉଗଡ଼ମାଳି ଓ ଲୋକଗୀତ – ପ୍ରେଷକ ପରିକ୍ଷିର



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ସ୍ୱଳ୍ପବୟସ୍କଙ୍କ ଆତ୍ମହତ୍ୟା...

ବିଶ୍ଲେଷଣ କରି କୁହାଯାଇଛି, ଲିଙ୍ଗ ଅନୁସାରେ ମାନସିକ ରୋଗରେ ଭିନ୍ନତା ଥାଇପାରେ। କିନ୍ତୁ ମୋଟାମୋଟି ଭାବେ ମହିଳାମାନେ ଏହାଦ୍ୱାରା ଅଧିକ ପ୍ରଭାବିତ ହେଉଛନ୍ତି। ଅନେକ ଦେଶର ସରକାର ନିଜସ୍ୱ ମାନସିକ ସ୍ୱାସ୍ଥ୍ୟ ନୀତି ଆଣି କାର୍ଯ୍ୟକ୍ରମଗୁଡ଼ିକର ଆୟୋଜନ କରୁଛନ୍ତି। ଏପରି କି ଲୋକଙ୍କୁ ମାନସିକ ରୋଗରୁ ରକ୍ଷା କରିବା ପାଇଁ ସେବା କ୍ଷେତ୍ରରେ ପୁଞ୍ଜିନିବେଶ କରୁଛନ୍ତି। ତଥାପି ମେଣ୍ଟାଲ ହେଲ୍ଥ ସର୍ଭିସ୍ ବର୍ତ୍ତମାନ ଏକ ବଡ଼ ଆହ୍ୱାନ ପରିଣତ ହୋଇଛି ବୋଲି ଡବ୍ଲ୍ୟୁଏଚ୍ଓ ନିର୍ଦ୍ଦେଶକ ଟେଡ୍ରୋସ୍ ଅଧନୋମ୍ ଘେବ୍ରେୟେସସ୍ କହିଛନ୍ତି।

### ବିଶେଷଜ୍ଞଙ୍କ ମତରେ...

**■ ସଚେତନତା ଜରୁରୀ**



ମାନସିକ ଚାପ ବା ଅବସାଦ ଆତ୍ମହତ୍ୟାର ଅନ୍ୟତମ ପ୍ରମୁଖ କାରଣ। ଜଣେ ବ୍ୟକ୍ତି ଆତ୍ମହତ୍ୟା କରିବାର ବହୁ ପୂର୍ବରୁ ତାଙ୍କଠାରେ ମାନସିକ ଅବସାଦର ଲକ୍ଷଣ ଦେଖାଦେଇଥାଏ। ସେଥିପାଇଁ ସମାଜରେ ଅନ୍ୟ ଲୋକ ଉକ୍ତ ଲକ୍ଷଣକୁ ଦେଖିଲେ ସଚେତନ କରିଆସିପାରିବେ। ଡାକ୍ତରଙ୍କ ପରାମର୍ଶ ନେଇ କିମ୍ବା କାଉନ୍ସେଲିଂ କରାଇ ମାନସିକ ଅବସାଦକୁ ଦୂର କରିବା ଜରୁରି। ଏହାସହ ଲୋକଙ୍କୁ ଅଧିକରୁ ଅଧିକ ମାତ୍ରାରେ ସଚେତନ କରିବା ଜରୁରୀ ରହିଛି।

– ପ୍ରଫେସର ଡା. ଅଜୟ ମିଶ୍ର, ବିଭାଗୀୟ ମୁଖ୍ୟ, ମାନସିକ ରୋଗ ବିଭାଗ, ଏସ୍‌ସିବି ମେଡିକାଲ

**■ କାଉନ୍ସେଲିଂର ଆବଶ୍ୟକତା ରହିଛି**



ମାନସିକ ଚାପ କେବଳ ଆତ୍ମହତ୍ୟା କାରଣ ହୋଇ ନ ଥାଏ। କାରଣ ମଣିଷର ମଧ୍ୟ ମସ୍ତିଷ୍କରେ ସେରୋଟୋନିୟମ ସ୍ନାୟୁ ରୋଗ ଥାଏ, ଯାହାର ପରିମାଣ କମିଗଲେ ମଧ୍ୟ ମଣିଷ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥାଏ। ମାନସିକ ଚାପ ହେଉ ବା ଏହି ସ୍ନାୟୁରୋଗରେ ପରିମାଣ କମିବା ହେଉ ଉଭୟ ବେଳେ ଏହାର ଲକ୍ଷଣ ଦେଖାଦେବ। କୌଣସି ବ୍ୟକ୍ତିଙ୍କଠାରେ ଯଦି ଏଭଳି କୌଣସି ଲକ୍ଷଣ ଦେଖା ଯାଏ ତାଙ୍କ ପରିବାର ଲୋକ ଆଉ ଆଖପାଖ ଲୋକ ଉକ୍ତ ବ୍ୟକ୍ତିଙ୍କୁ ଡାକ୍ତର ପରାମର୍ଶ କରାଇବା ଆବଶ୍ୟକ, ଯଦ୍ୱାରା ଉପଯୁକ୍ତ କାଉନ୍ସେଲିଂ ଉକ୍ତ ବ୍ୟକ୍ତିଙ୍କ ମାନସିକ ଏହି ଚିନ୍ତାଧାରାକୁ ବଦଳାଇପାରିବ।

– ଡା. ସମ୍ରାଟ କର, ମାନସିକ ରୋଗ ବିଶେଷଜ୍ଞ

**■ ସାମାଜିକ ଗଣମାଧ୍ୟମର ପ୍ରଭାବ ବିଗିଡ଼ାଉଛି**



ଜଣଙ୍କ ଆତ୍ମହନନ କରିବା ଯେଭଳି ପାପ, ଆତ୍ମହତ୍ୟା ମଧ୍ୟ ଏକ ଅପରାଧ। କିଛିବର୍ଷ ମଧ୍ୟରେ ସୋସିଆଲ ମିଡ଼ିଆ ଯୋଗୁ ଏହା ବହୁ ଗୁଣରେ ବଢ଼ିଛି। ପୂର୍ବରୁ ଯେଉଁଠି ଆତ୍ମହତ୍ୟା ହେଉଥିଲା ଜଣାପଡୁ ନ ଥିଲା। କିନ୍ତୁ ଏବେ ଆତ୍ମହତ୍ୟା ପଛରେ ଷ୍ଟୋରି। ସାମାଜିକ ଗଣମାଧ୍ୟମକୁ କିଭଳି ଆତ୍ମହତ୍ୟା କରିବ, କିଭଳି ଆତ୍ମଘାତ କରିବ ସେଥିରୁ ଲୋକେ ଶିଖୁଛନ୍ତି। ଆତ୍ମହତ୍ୟା ବଢ଼ିବାର କାରଣ ସାମାଜିକ ଗଣମାଧ୍ୟମ ଓ ସହନଶୀଳତାର ଅଭାବ। ସେଉଁମାନେ ବିଷାଦଗ୍ରସ୍ତ ଥିବେ, ସେମାନେ କାହାକୁ କହିପାରିବେ ନାହିଁ। ମାନସିକ ବିଷାଦଗ୍ରସ୍ତଙ୍କ ପାଇଁ କେନ୍ଦ୍ର ସରକାର ଏକ ନମ୍ବର ୧୪୪୧୬ ଜାରି କରିଛନ୍ତି। ଏହା ହେଉଛି ଟେଲି ମାନସ ସେବା। ଏହାକୁ ଫୋନ କଲେ ୨୪ ଘଣ୍ଟା ସାଇକୋଲୋଜିଷ୍ଟମାନେ ଉପଦେଶ ଦେବେ। ଓଡ଼ିଶା ଟେଲିମେଡିସିନ ସେଲର ନୋଡାଲ ଅଫିସର ଭାବେ କହିବି ଯେ, ଏହି ନମ୍ବରରେ ଫୋନ କଲେ ବହୁ ସମାଧାନ ହୋଇପାରିବ। ଏପରି କି ଅନେକ ଲୋକ ଏଥିରୁ ଉପକୃତ ହୋଇଥିବା ମଧ୍ୟ ଜଣାପଡ଼ିଛି। ସେମାନେ ଆତ୍ମହତ୍ୟା ନ କରି ବଞ୍ଚିବା ଶିଖୁଛନ୍ତି।

– ଡା. ବିଜୁ କଲ୍ୟାଣ ସାହୁ, ମାନସିକ ରୋଗ ବିଶେଷଜ୍ଞ, ନିଶା ନିବାରଣ କେନ୍ଦ୍ର, ଏମ୍‌କେସିଜି ମେଡିକାଲ କଲେଜ, ବ୍ରହ୍ମପୁର

**■ ମାନସିକ ବିଷାଦଗ୍ରସ୍ତ ବ୍ୟକ୍ତି ନିଜ ଭିତର ଦୁଃଖକୁ ମାରିବାକୁ ଚାହିଁଥାଏ**



ମାନସିକ ବିଷାଦଗ୍ରସ୍ତ କ'ଣ, ସେନେଇ ପ୍ରଥମେ ସମସ୍ତେ ସଚେତନ ହେବା ଆବଶ୍ୟକ। କୌଣସି ଖରାପ ପରିସ୍ଥିତି ଆମ ଜୀବନରେ ଆସିଲେ ତାହାର ସମ୍ମୁଖୀନ ନ ହୋଇ ସବୁବେଳେ ଦୁଃଖରେ ରହିବା, ନକାରାତ୍ମକ ଚିନ୍ତା କରିବା, ଜୀବନରେ ସବୁ ସରିଯାଇଛି ଭାବି ଆତ୍ମହତ୍ୟା କରିବାକୁ ଭାବିବା, ନିଜକୁ ମୂଲ୍ୟହୀନ ଭାବିବା, ଲୋକଙ୍କ ସହ ନ ମିଶିବା ଆଦି ଲକ୍ଷଣ ୧୫ ଦିନରୁ ଅଧିକ ଲାଗିକି ରହିଲେ ତାହାକୁ ମାନସିକ ବିଷାଦ ରୋଗ ବା ଡିପ୍ରେସନ ବୋଲି କୁହାଯାଏ। ମାନସିକ ବିଷାଦଗ୍ରସ୍ତ ହୋଇ ଆତ୍ମହତ୍ୟା କରୁଥିବା ଲୋକ ବାସ୍ତବରେ ମରିବାକୁ ଚାହିଁ ନ ଥାଏ, ସେ ନିଜ ଭିତରେ ଥିବା ଦୁଃଖ, ସମସ୍ୟାକୁ ମାରିବାକୁ ଚାହିଁ ଏଭଳି ପଦକ୍ଷେପ ନେଇଥାଏ। ତେବେ ମାନସିକ ବିଷାଦ ରୋଗ ସମ୍ପୂର୍ଣ୍ଣରୂପେ ନିରାକରଣ ହୋଇପାରିବ। ଏଥିପାଇଁ ମେଡିସିନ ଖାଇବେ କିମ୍ବା ସାଇକୋଲୋଜିକାଲ ଥେରାପି ନେଇ ରୋଗକୁ ପ୍ରତିହତ କରିହେବ।

– ଡା. ପ୍ରଶାନ୍ତ କୁମାର ସେଠୀ, କ୍ଲିନିକାଲ ସାଇକୋଲୋଜି ଲେକ୍‌ଚର, ଏସ୍‌ସିବି ମେଡିକାଲ କଲେଜ

**■ ମାନସିକ ଅବସାଦ ଏକ ରୋଗ**



ମାନସିକ ଅବସାଦ ଏକ ରୋଗ। ମାତ୍ର ଏହାକୁ ରୋଗ ବୋଲି ଅନେକ ଲୋକ ବିଶ୍ୱାସ କରନ୍ତି ନାହିଁ। ଜଣେ ଅବସାଦଗ୍ରସ୍ତ ହୋଇଥିବାବେଳେ ସେ ଜାଣିଶୁଣି ଅଭିନୟ କରୁଛି ବୋଲି କହିଥାନ୍ତି, ମାତ୍ର ବାସ୍ତବ ଦୃଷ୍ଟିରୁ ଉକ୍ତ ବ୍ୟକ୍ତି ଜଣକ ଆଉ ଇଚ୍ଛାଶକ୍ତିକୁ ସଂକଳ୍ପବଦ୍ଧ କରିପାରି ନଥାନ୍ତି। ମାନସିକ ଚାପର ବଶବର୍ତ୍ତୀ ହୋଇ ଧୀରେ ଧୀରେ ସେ ଆତ୍ମହତ୍ୟା କରିବାକୁ ପଛାଇ ନ ଥାଏ। ଜଣେ ମାନସିକ ବିଷାଦଗ୍ରସ୍ତ କିପରି ହୁଏ। ତାହା ତାଙ୍କ ପାଖଲୋକ ଜାଣିବା ଜରୁରୀ। ତା'ର ଲକ୍ଷଣ ଦେଖି ଉପଚାରରେ କରାଯାଇପାରିବ। ନିଦ ନ ହେବା, ଚିଡ଼ିଚିଡ଼ା ହେବା, ଖୁଆପିଆ ଠିକ୍‌ଭାବେ ନ କରିବା, ନିଜର ଯତ୍ନ ନ ନେବା, ନକାରାତ୍ମକ ଚିନ୍ତା କରିବା, ଆତ୍ମହତ୍ୟା କରିବା ନେଇ ବାରମ୍ବାର କହିବା ଆଦି ଲକ୍ଷଣ ଦେଖାଯାଇଥାଏ। ମାନସିକ ବିଷାଦଗ୍ରସ୍ତ ହେବା ସହଜ କଥା ନୁହେଁ, ମାତ୍ର ପାଖଲୋକ ନିରୀକ୍ଷଣ କଲେ ଆରମ୍ଭରୁ ହିଁ ଜାଣିପାରିବେ। ସେହି ଅନୁସାରେ ଉପଚାର କରି ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ଉପଯୁକ୍ତ ଔଷଧ ଖାଇବା ସହ ସମୟ ଭିତିକ ଖୋରାକ ଏବଂ ଶୁଖିଲା ପାଉଡ଼ୁ ଖାଉଥିଲେ। ତେବେ ମାନସିକ ବିଷାଦଗ୍ରସ୍ତ ପାଇବା ପାଇଁ ହେଲେ ଯୋଗ, ବ୍ୟାୟାମ କରିବା ସହିତ ନିଜକୁ ସମୟ ଦେବା ଦରକାର ଏବଂ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଆବଶ୍ୟକ।

– ଡା. ଅଶୁତୋଷ ସାହୁ, ଆସୋସିଏଟ୍ ପ୍ରଫେସର, ମାନସିକ ରୋଗ ବିଭାଗ, ଏସ୍‌ସିବି ମେଡିକାଲ କଲେଜ

# ବର୍ଷାରେ ବୁଡ଼ିଲା ବାଲେଶ୍ୱର



ନୂଆସାହି ଛକରେ ବର୍ଷା ଜଳରେ ଆସୁଥିବା ଆମ୍ବୁଲାନ୍ସ।



ଶପିଂ ମଲ୍‌ରେ ପାଣି ପଶିଯାଇଛି।

**ବାଲେଶ୍ୱର, ୨।୯(ବାଞ୍ଛାନିଧି ଦେ)**

ସୋମବାର ବିଳମ୍ବିତ ରାତି ୨ଟାରୁ ଆରମ୍ଭ ହୋଇଥିଲା ବିଜୁଳି, ଘଡ଼ଘଡ଼ି ସହ ପ୍ରବଳ ବର୍ଷା। ଦୀର୍ଘ ୪ ଘଣ୍ଟା ଧରି ଅବିଶ୍ରାନ୍ତ ବର୍ଷା ଫଳରେ ମଙ୍ଗଳବାର ସହରର ଅବସ୍ଥା ବେହାଲ୍ ହୋଇପଡ଼ିଥିଲା। ସହରର କେତେକ ସ୍ଥାନରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି ବିଭିନ୍ନ ରାସ୍ତାରେ ଆଣ୍ଠୁଏ ଉପରେ ପାଣି ପ୍ରବାହିତ ହୋଇ କୃତ୍ରିମ ବନ୍ୟା ସୃଷ୍ଟି ହୋଇଥିଲା। ବାଲିଆଛକଠାରେ ଥିବା ଏକ ଶପିଂ ମଲ୍‌ରେ ପାଣି ପଶିଯାଇଥିଲା। ସହରର ତଳିଆ ଅଞ୍ଚଳର ବିଭିନ୍ନ ଗଳି, ଛକ ଓ ରାସ୍ତାରେ ୩/୪ ଫୁଟ୍ ଉଚ୍ଚରେ ପାଣି ପ୍ରବାହିତ ହେଉଥିବା ଦେଖିବାକୁ ମିଳିଥିଲା। ସହରର ବିଭିନ୍ନ ରାସ୍ତା ଓ ଛକଗୁଡ଼ିକରେ ବର୍ଷାଜଳ ଜମି ରହି ଯାତାୟାତ ପ୍ରଭାବିତ ହୋଇଥିଲା। ବହୁ ଦୋକାନ ଓ ଘର ଭିତରେ ବର୍ଷା ପାଣି ପ୍ରବେଶ କରିବା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ଜଳ ନିଷ୍କାସନ ନେଇ ସହରବାସୀ ଅସନ୍ତୋଷ ପ୍ରକାଶ କରିଥିବା ବେଳେ ଗମନାଗମନ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଉପଜିଲାପାଳ ଶିବ ମାଲବୀୟ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତି ପ୍ରମୁଖ ପ୍ରଭାବିତ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ।

ଜିଲାରେ ୬୦୫ମି.ମି. ବର୍ଷା ହୋଇଥିବା ବେଳେ ବାଲେଶ୍ୱର ସହରରେ ୧୨୮ ମି.ମି. ବର୍ଷା ରେକର୍ଡ ହୋଇଥିବା ଜିଲା ଜରୁରୀକାଳୀନ କାର୍ଯ୍ୟାଳୟ ପକ୍ଷରୁ ଜଣାପଡ଼ିଛି। ଚିଡ଼ିଆପୋଲ ରାସ୍ତାରେ ବର୍ଷା ଜଳ ସୁଅ ଛୁଟୁଥିବା ବେଳେ ପାର୍ଶ୍ୱରେ ଥିବା ଦୋକାନଗୁଡ଼ିକରେ ପାଣି ଭର୍ତ୍ତି ହୋଇଯାଇଥିଲା। ସେହିପରି ବସ୍‌ଷ୍ଟାଣ୍ଡ-ରେମୁଣା ଗୋଲେଇ ରାସ୍ତାର ନୂଆସାହି ଛକଠାରେ ୪ ଫୁଟ୍ ଉଚ୍ଚର ବର୍ଷା ଜଳ ଜମି ରହି କୃତ୍ରିମ ବନ୍ୟା ସୃଷ୍ଟି ହୋଇଥିଲା। ଏପରିକି ରାସ୍ତା ପାର୍ଶ୍ୱରେ ଥିବା ବହୁ ଦୋକାନ ଓ ଘର ଭିତରକୁ ବର୍ଷା ପାଣି ପଶିଯାଇଥିଲା। ଟ୍ରାଫିକ ସମସ୍ୟା ଉପୁଜିବା ଫଳରେ ପୋଲିସ ପ୍ରଶାସନ ପକ୍ଷରୁ ଉକ୍ତ ରାସ୍ତା ଦେଇ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳରେ ଥିବା ଶତାଧିକ ଦୋକାନ ଦିନତମାମ ବନ୍ଦ ରହିଥିଲା। ଫଳରେ ଲକ୍ଷାଧିକ ଟଙ୍କାର ବ୍ୟବସାୟ ଠପ୍ ହୋଇଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟ ପଛପଟ ରାସ୍ତାରେ ଏକ ଗଛର ଡାଳ ଭାଙ୍ଗି ଆମ୍ବୁଲାନ୍ସ ଉପରେ ପଡ଼ିଥିଲା। ଦମକଳ ବାହିନୀ ପହଞ୍ଚି ଗଛକାଟି ସଫା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଚିଡ଼ିଆପୋଲ, ସେଲଟ୍ୟାକ୍ସ କଲୋନୀ, ଗୋପାଳଗାଁ, ମାଣିଖମ୍ବ, ସୁଏଲପୁର, ସିନେମା ଛକ, କଂଗ୍ରେସ ଗଳି, ମୋତିଗଞ୍ଜ, ପତୁଆଁପଦା, ଆଇଟିଆଇ ଛକ, ତେଲେଙ୍ଗାସାହି, ଶୋଭାରାମପୁର, ପ୍ରୁଫ୍‌ରୋଡ୍, ଆଇଟିଆର୍ କଲୋନୀ, ଖପରାପଦା ଛକ, ସେଣ୍ଟ୍ରାଲ ସ୍କୁଲ ଛକ, ଅରଡ଼ବଜାର, ରାଣୀପାଟଣା, ନୂଆସାହି, ଗୁଡ଼ିପଦା, ଏକତାନଗର ଓ ଦ୍ୱାରିକାନଗର, ହରିପୁର ଆଦି ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ପ୍ରବାହିତ ହେବା ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ତଳିଆ ଅଞ୍ଚଳରେ ବର୍ଷାପାଣି ପଶିଥିବାରୁ ଲୋକମାନେ ଘରୁ ବାହାରି ପାରି ନ ଥିଲେ। ଏପରିକି ଘର ଭିତରେ ପାଣି ଲହଡ଼ି ମାରୁଥିବାରୁ ରୋଷେଇ ବନ୍ଦ ରହିଥିଲା। ବହୁ ମାଟି ଘର ଭୁଶୁଡ଼ି ପଡ଼ିଥିଲା। ରାସ୍ତା ପାର୍ଶ୍ୱ ଦୋକାନୀ ଓ ତଳିଆ ଅଞ୍ଚଳରେ ଥିବା ଘର ଭିତରୁ ପାଣି ପମ୍ପ ଲଗାଯାଇ ଜଳ ନିଷ୍କାସନ କରାଯାଇଥିବା ଦେଖିବାକୁ ମିଳିଥିଲା। ପ୍ରଶାସନ ପକ୍ଷରୁ ଗୁଡ଼ିପଦା, ଅରଡ଼ବଜାର, କଂଗ୍ରେସ ଅଫିସ ଗଳି, ତେଲେଙ୍ଗାସାହି, ପତୁଆଁପଦା ଆଦି ଅଞ୍ଚଳରେ ପ୍ରଭାବିତ ଲୋକମାନଙ୍କୁ ଶୁଖିଲା ଓ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଥିଲା। ତହସିଲ ପକ୍ଷରୁ ଭୁଶୁଡ଼ି ପଡ଼ିଥିବା ଘର ପାଇଁ ପଲିଥିନ୍ ପ୍ରଦାନ କରାଯାଇଥିଲା।

- ଆମ୍ବୁଲାନ୍ସ ଉପରେ ପଡ଼ିଲା ଗଛ
- ପ୍ରଭାବିତଙ୍କୁ ଶୁଖିଲା, ରନ୍ଧା ଖାଦ୍ୟ ବଣ୍ଟନ

## ତାଲୁଆରେ ଝାଡ଼ାବାନ୍ତି: ଜଣେ ମୃତ, ୮ ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

**ଚଣ୍ଡିଖୋଲ,୨।୯**
**(ପ୍ରଦୀପ୍ତ କୁମାର ପୃଷ୍ଟି)**

ଯାଜପୁର ଜିଲା ବଡ଼ଚଣା ବ୍ଲକ ସାଉଡ଼ିଆ ପଞ୍ଚାୟତ ଅନ୍ତର୍ଗତ ତାଲୁଆ ଗ୍ରାମର ୧୨ନଂ. ୱାର୍ଡରେ ଝାଡ଼ାବାନ୍ତି ବ୍ୟାପିଛି। ଏଥିରେ ଆକ୍ରାନ୍ତ ହୋଇ ରବିବାର ଚିକିତ୍ସାଧୀନ ଅବସ୍ଥାରେ ଗ୍ରାମର ଝରଣା ମଲିକ(୪୭)ଙ୍କ କଟକ ବଡ଼ ମେଡିକାଲରେ ମୃତ୍ୟୁ ହୋଇଛି। ୮ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି। ଦୁଇ ଜଣ କାଳୀ ମଲିକ ଓ ପୁଅ ଉମାକାନ୍ତ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ମଙ୍ଗଳବାର ପଞ୍ଚୁ ମଲିକ (୭୦) ଓ ପୁଅ ପ୍ରଭାତ ମଲିକ(୪୦) ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଖବର ପାଇ ଜିଲା ମହାମାରୀ ବିଶେଷଜ୍ଞ ଡାକ୍ତର ଜ୍ୟୋତିରଞ୍ଜନ ରାଉତ, ବ୍ଲକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପ୍ରସାରଣ ଅଧିକାରୀ ମନୋରମା ସ୍ୱାଇଁ, ସରପଞ୍ଚ ଜଗନ୍ନାଥ ଖଣ୍ଡାଇଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ ଗାଁରେ ପହଞ୍ଚି ଜଳ ନମୁନା ସଂଗ୍ରହ କରିଛନ୍ତି। ଲୋକଙ୍କୁ ବିଭିନ୍ନ ପ୍ରସଙ୍ଗରେ ସଚେତନ କରାଇଛନ୍ତି। ପଞ୍ଚାୟତ ପକ୍ଷରୁ ଟ୍ୟାଙ୍କର ମାଧ୍ୟମରେ ଶୁଦ୍ଧ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି। ସୋମବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଓ ବିଡିଓ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଉକ୍ତ ଗ୍ରାମରେ ପ୍ରାୟ ୧୭ ପରିବାରର ଲୋକସଂଖ୍ୟା ୮୦ରୁ ଊର୍ଦ୍ଧ୍ୱ ହେବ। ସମସ୍ତେ ଗରିବ ଅନୁସୂଚିତ ଜାତିବର୍ଗର। ଏଠାରେ ଗୋଟିଏ ହେଲେ ବି ସରକାରୀ ନଳକୂପ ନାହିଁ। ସମସ୍ତେ ଏକ ଖୋଲାକୂଅ ପାଣି ବ୍ୟବହାର କରନ୍ତି। କାହାରି ଘରେ ଶୌଚାଳୟ ନାହିଁ। ଗ୍ରାମ ଚାରିପଟେ ନାଗଦଳ ଭର୍ତ୍ତି ଜଳାଶୟ ରହିଛି। ତେବେ ଦୂଷିତ ପାନୀୟ ଜଳ ପାଇଁ ଝାଡ଼ାବାନ୍ତି ବ୍ୟାପୁଥିବା ଡାକ୍ତରୀ ଦଳ ପ୍ରକାଶ କରିଛନ୍ତି।



ଡାକ୍ତରୀଦଳ ତାଲୁଆ ଗ୍ରାମରେ ପହଞ୍ଚି ଲୋକଙ୍କୁ ସଚେତନ କରୁଛନ୍ତି।

## ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରି ଗିରଫ ଭୟରେ ସ୍ୱାମୀଙ୍କ ଆତ୍ମହତ୍ୟା

**ପାଟଣା, ୨।୯**
**(ବୀରକିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ବ୍ଲକ ବାଉଁଶୁଳି ପଞ୍ଚାୟତ ଦାଶରଥିପୁର ଗ୍ରାମର ଜଣେ ବିବାହିତ ଯୁବକ(୪୦) ତାଙ୍କ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ପରେ ଗିରଫ ଭୟରେ ନିଜେ ଆତ୍ମହତ୍ୟା କରିଛନ୍ତି। ସୋମବାର ରାତିରେ ଏହି ଘଟଣା ଘଟିଛି। ଉକ୍ତ ଯୁବକ ହେଲେ ଅଭିମନ୍ୟୁ ମହାନ୍ତ। ଗତ ଶନିବାର ସ୍ୱାମୀ ଅଭିମନ୍ୟୁ ସ୍ତ୍ରୀ ରଷ୍ମୁନି(୩୩)ଙ୍କୁ ୩ ହଜାର ଟଙ୍କା ମାଗିଥିଲେ। ରଷ୍ମୁନି ଟଙ୍କା ନ ଦେବାରୁ ଅଭିମନ୍ୟୁ ତାଙ୍କୁ ମାଡ଼ ମାରି ହାତଗୋଡ ବାନ୍ଧି ଘର ନିକଟ ଅମରିବୁଦା ନିକଟରେ ପକାଇ ଦେଇଥିଲେ। ରୁଷ୍ମୁନିଙ୍କୁ ଗ୍ରାମବାସୀ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ରୁଷ୍ମୁନି ମୃତ୍ୟୁ ସହ ଡାକ୍ତରଖାନାରେ ସଂଘର୍ଷ କରୁଥିବା ବେଳେ ଅଭିମନ୍ୟୁ ଗିରଫ ଭୟରେ ସୋମବାର ରାତିରେ ଘର ସମ୍ମୁଖ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମଙ୍ଗଳବାର ହସ୍ତାନ୍ତର କରାଯାଇଛି। ଏନେଇ ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୭/୨୫) ରୁଜୁ ହୋଇଥିବା ଏସ୍‌ଆଇ କିଶୋର ପାତ୍ର କହିଛନ୍ତି।

## ୩ ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ଉଠାଇନେଲା ପୋଲିସ

**ଫୁଲବାଣୀ,୨।୯**
**(ରାକେଶ କୁମାର ରାଉତ)**

ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁପ୍ରବେଶ କାରୀଙ୍କ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ଏହି କ୍ରମରେ କନ୍ଧମାଳ ଜିଲା ଜି.ଉଦୟଗିରି ଥାନା ଅଞ୍ଚଳର ରହୁଥିବା ଜାଫର ସେକ୍‌ସ(୬୮) ଓ ତାଙ୍କ ସ୍ତ୍ରୀ କମିଲା ବେଗମ(୬୦)ଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି। ସେମାନେ ଦୀର୍ଘବର୍ଷ ଧରି ରହି ଆସୁଛନ୍ତି। ଦମ୍ପତିଙ୍କର ୨ଟି ପୁଅ ଓ ଗୋଟିଏ ଝିଅ ଅଛି। ଜାଫର ଛତା ମରାମତି କରନ୍ତି। ସେହିପରି କୋଟଗଡ ଅଞ୍ଚଳରେ ରହୁଥିବା ନାଜୁର୍ ମୁଲ୍ଲା(୪୨)ଙ୍କୁ ମଧ୍ୟ ପୋଲିସ ଉଠାଇ ନେଇଛି। ସେ ରାଜମିସ୍ତ୍ରି କାମ କରି ଚଳୁଥିଲେ। ନାଜୁର ସ୍ଥାନୀୟ ଅଞ୍ଚଳରେ ବିବାହ କରିଛନ୍ତି ଏବଂ ତାଙ୍କର ୨ ଝିଅ ଓ ଗୋଟିଏ ପୁଅ। ସମସ୍ତଙ୍କୁ ଷ୍ଟେ ହୋମକୁ ପଠାଇ ଦିଆଯାଇଛି। ନାଗରିକତା ପ୍ରମାଣ ପାଇଁ ୩୦ ଦିନ ସମୟ ଦିଆଯାଇଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

## କଲରାପତରିଆ ବାଘଛାଲ ଜବତ ଘଟଣା, ଆଉ ୨ ଗିରଫ



**ପାରଳାଖେମୁଣ୍ଡି/ମୋହନା,୨।୯**
**(ଗିରିଧାରୀ ପରିଚ୍ଛା/ମନ୍ମଥ ମିଶ୍ର)**

ଗଞ୍ଜାମ ଜିଲା ଘୁମୁସର ବନଖଣ୍ଡ କର୍ମଚାରୀ ଗତ ରବିବାର କଲରାପତରିଆ ବାଘଛାଲ ଜବତ କରି ୭ ଜଣଙ୍କୁ ଗିରଫ କରିଥିଲେ। ଗିରଫ ୭ ଅଭିଯୁକ୍ତଙ୍କ ମଧ୍ୟରେ ଥିବା ଗଜପତି ଜିଲା ମୋହନା ବ୍ଲକର ଗୋଛାଗଡା ଗ୍ରାମର ଚିତ୍ରା ମଲ୍ଲିକଙ୍କ ଘର ଉପରେ ବନ ବିଭାଗର ୨ଟି ଟିମ ମିଳିତ ଚଢ଼ାଉ କରିଥିଲେ। ସେଠାରୁ

୪ଟି କଲରାପତରିଆ ବାଘଦାନ୍ତ, ଗୋଟିଏ ଧନୁ, ଗୋଟିଏ ଦେଶୀ ବନ୍ଧୁକ, ବିଭିନ୍ନ ପ୍ରକାର ଫାସ, ଗୋଟିଏ ମୋବାଇଲ ଫୋନ, ବ୍ଲୁ ଟୁଥ୍ ଏବଂ ରକ୍ତ ଲାଗିଥିବା ଏକ ଦା' ଜବତ ହୋଇଛି। ଏଥିସହ ଦୁଇ ଜଣଙ୍କୁ ଗିରଫ କରିଛି ବନ ବିଭାଗ। ସେମାନେ ହେଲେ ଚିତ୍ରାଙ୍କ ପୁଅ ସୁକଦେ ମଲ୍ଲିକ(୨୫) ଓ ତାଙ୍କ ସହଯୋଗୀ ଲୁଲୁ ମଲ୍ଲିକ(୨୮)। ଉଭୟଙ୍କୁ ଘୁମୁସର ଡିଭିଜନ ବନ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣାର ତଦନ୍ତ ଜାରି ରହିଛି। କଲରାପତାରିଆ ବାଘଛାଲ ବନ ବିଭାଗ ଜବତ କରିଥିବା ବେଳେ କେଉଁ କାରଣରୁ ତାହା ଘରେ ରଖାଯାଇଥିଲା ଏହା କୌଣସି କଳାବଜାର ସହ ସମ୍ପୃକ୍ତ କି ନାହିଁ ଓ କେଉଁ ସ୍ଥାନରେ କଲରାପତରିଆ ବାଘକୁ ମରାଯାଇଛି ସବୁ ଦିଗକୁ ନେଇ ତଦନ୍ତ କରୁଛି ବନ ବିଭାଗ। ପାରଳାଖେମୁଣ୍ଡି ବନ ବିଭାଗର ଗୋଟିଏ ଟିମ ଏବଂ ଘୁମୁସର ଡିଭିଜନର ଉତ୍ତର ଶାଖାର ଗୋଟିଏ ଟିମ ମିଳିତ ଭାବେ ପାରଳାଖେମୁଣ୍ଡି ଏସିଏଫ ସାଇନଶ୍ରୀ ଦାସଙ୍କ ନେତୃତ୍ୱରେ ତଦନ୍ତ ଚାଲିଛି ବୋଲି ଗଜପତି ବନ ଖଣ୍ଡ ଅଧିକାରୀ କେ. ନାଗରାଜୁ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

### ୪ ବାଘଦାନ୍ତ, ଧନୁ ଓ ରକ୍ତଲଗା ଦା' ଜବତ

## ଇନ୍‌ଫର୍ମର ସନ୍ଦେହରେ ୨ ଜଣଙ୍କୁ ହତ୍ୟା

**ମାଲକାନଗିରି,୨।୯ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ସୁକ୍‌ମା ଜିଲାରେ ମାଓବାଦୀମାନେ ଇନ୍‌ଫର୍ମର ସନ୍ଦେହରେ ଗ୍ରାମର ୨ ବ୍ୟକ୍ତିଙ୍କୁ ସୋମବାର ହତ୍ୟା କରିଛନ୍ତି। ସେମାନେ ହେଲେ ସିରସେଟୀ ପଞ୍ଚାୟତର ପଦାମ ପୋଜା ଓ ପଦାମ ଦେବେନ୍ଦ୍ର। ଉଭୟଙ୍କୁ ମାଓବାଦୀମାନେ ସୋମବାର ରାତିରେ ଘରୁ ଅପହରଣ କରିନେଇ ହତ୍ୟା କରିଥିଲେ। ଏଥିସହ ମୃତଦେହ ନିକଟରେ ଏକ ପୋଷ୍ଟର ଛାଡ଼ି ଯାଇଛନ୍ତି। ଉକ୍ତ ପୋଷ୍ଟରରେ ଏହି ୨ଜଣ ପୋଲିସ ସୂଚନାଦାତା ହୋଇଥିବାରୁ ଏମାନଙ୍କୁ ହତ୍ୟା କରାଯାଇଥିବା ଉଲ୍ଲେଖ ରହିଛି।




## ଡ୍ରେନ୍ ସଫାକରି ସଚେତନ କଲେ ବିଡିଓ



ଡ୍ରେନ୍ ସଫା କରୁଛନ୍ତି ବିଡିଓ।

**ନୂଆପଡ଼ା,୨।୯ (ମକାରୁ ବେମାଲ)**

ନୂଆପଡ଼ା ଜିଲା ସିନାପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) କାର୍ମି ଓରାମ ନିଜ ହାତରେ ଡ୍ରେନ୍ ସଫାକରି ଚର୍ଚ୍ଚାକୁ ଆସିଛନ୍ତି। ଏହାସହ ସେ ଡ୍ରେନ୍‌ରେ ଅଳିଆ ଆବର୍ଜନା ନ ପକାଇବାକୁ ଲୋକଙ୍କୁ ସଚେତନ କରିଛନ୍ତି। ଏହାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ସୂଚନା ଅନୁଯାୟୀ ସୋମବାର ସିନାପାଲି ପଞ୍ଚାୟତଠାରେ ଗାଁରେ ପ୍ରଶାସନ କାର୍ଯ୍ୟକ୍ରମ ରହିଥିଲା। ଏହି କାର୍ଯ୍ୟକ୍ରମରେ ବିଡିଓ ଓରାମଙ୍କ ସମେତ ଅନ୍ୟ ଅଧିକାରୀ, କର୍ମଚାରୀ ଓ ରାଜନୈତିକ ଦଳର ବ୍ୟକ୍ତିମାନେ ଯୋଗ ଦେଇଥିଲେ। ସିନାପାଲି ବସ୍‌ଷ୍ଟାଣ୍ଡ ଅଞ୍ଚଳର ଡ୍ରେନ୍‌ଗୁଡିକ ଅଳିଆ ଆବର୍ଜନାରେ ଭରି ରହିଛି ବୋଲି କେତେଜଣ ଲୋକ ଅଭିଯୋଗ କରି ପ୍ରଶାସନକୁ ସମାଲୋଚନା କରିଥିଲେ। ଏହା ଶୁଣିବା ପରେ ବିଡିଓ ଓରାମ ସଙ୍ଗେ ସଙ୍ଗେ ଲୋକଙ୍କ ନିକଟକୁ ଯାଇ ସେମାନଙ୍କ ସମସ୍ୟା ବିଷୟରେ ପଚାରି ବୁଝିବା ସହ ଡ୍ରେନରେ ଅଳିଆ, ଆବର୍ଜନା ଥିବା ଦେଖିବାକୁ ପାଇଥିଲେ। ଅଳିଆ ପଡିଥିବାରୁ ଡ୍ରେନ୍‌ରେ ପାଣି ନିଷ୍କାସନ ହୋଇପାରୁ ନାହିଁ। ଏହା ଦେଖି ବିଡିଓ ନିଜ ହାତରେ ଅଳିଆ ସଫା କରିଥିଲେ। ଏହି ସମୟରେ ପାଖରେ ଥିବା ଅଧିକାରୀ, କର୍ମଚାରୀ ଓ ଅଭିଯୋଗକାରୀ ଏହା ନ କରିବାକୁ କହିଥିଲେ। ହେଲେ ବିଡିଓ କାହା କଥା ନ ଶୁଣି ଅଳିଆ ସଫା କରିବାରେ ଲାଗିଥିଲେ। ପରେ କର୍ମଚାରୀମାନେ ଦେଇଥିବା ଗ୍ଲୋବକୁ ବିଡିଓ ହାତରେ ଲଗାଇ ପୁଣି ଅଳିଆ ସଫା କରିବା ଆରମ୍ଭ କରିଥିଲେ। ବିଡିଓଙ୍କ ଏଭଳି କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରିଥିଲେ।



ଜ୍ଞାନ ଅର୍ଜନ କରିବା ନିଶ୍ଚୟ ଭଲ କଥା। କିନ୍ତୁ ଜ୍ଞାନକୁ ନେଇ ବଞ୍ଚିବା ତା'ଠାରୁ ଭଲ ଏବଂ ନିଜେ ଜ୍ଞାନର ସ୍ୱରୂପ ହୋଇଉଠିବା ସବୁଠାରୁ ଭଲ। -ଶ୍ରୀମା

-ପାର୍ଶ୍ୱପରିବର୍ତ୍ତନ (ବଡ଼) ଏକାଦଶୀ, ହଳ ନିଷେଧ



# ଶିକ୍ଷକଙ୍କ ପାଇଁ ପରୀକ୍ଷା

ଶିକ୍ଷା ଅଧିକାର ଆଇନ ୨୦୦୯ ଅନୁଯାୟୀ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ସ୍ତରରେ ୬ରୁ ୧୪ ବର୍ଷ ବୟସ ମଧ୍ୟରେ ସବୁ ବାଳିକା ବାଳକଙ୍କ ପାଇଁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ନିଶ୍ଚିତ କରାଯାଇଛି। ଏହି ଦୁଇ ସ୍ତରର ସ୍କୁଲ ସହ ମାଧ୍ୟମିକ ସ୍କୁଲରେ ଗୁଣାତ୍ମକ ଶିକ୍ଷା ପାଇଁ ୟୁନାଇଟେଡ୍ ନେଶନ୍ସ ଇଣ୍ଟରନ୍ୟାଶନାଲ୍ ଚିଲ୍ଡ୍ରେନ୍ସ ଏମରଜେନ୍ସି ଫଣ୍ଡ(ୟୁନିସେଫ୍) ସରକାରଙ୍କ ସହ ମିଶି କାମ କରୁଛି। ଏହା ସହ ଜାତୀୟ ଶିକ୍ଷାନୀତି ୨୦୨୦ ମଧ୍ୟ ସମାନ ଓ ଗୁଣାତ୍ମକ ଶିକ୍ଷା ଯୋଗାଇଦେବାର ଲକ୍ଷ୍ୟ ରଖିଛି। ଶିକ୍ଷା କ୍ଷେତ୍ରରେ ଅନ୍ତର୍ଜାତୀୟ ସଂଗଠନଗୁଡ଼ିକର ସହଭାଗିତା ରହିଥିଲେ ମଧ୍ୟ ଦେଶରେ ସ୍କୁଲ ପିଲାଙ୍କ ଶିକ୍ଷାରେ ଉନ୍ନତି ପାରିପାର୍ଶ୍ୱିକ ଶୈକ୍ଷିକ ପରିବେଶ ଉପରେ ନିର୍ଭରକରେ। ସ୍କୁଲକୁ ଯେପରି ସବୁ ପିଲା ପଢ଼ିବାକୁ ଯିବେ ସେଥିପାଇଁ ମଧ୍ୟାହ୍ନଭୋଜନଠାରୁ ଆରମ୍ଭକରି ମାଗଣାରେ ସାଇକେଲ, ପୋଷାକ, ବହି ଆଦି ଯୋଗାଇ ଦିଆଯାଉଛି। ଏପରିକି ମାଡ଼ ଭୟରେ ପିଲାମାନେ ସ୍କୁଲ ଛାଡ଼ି କିଭଳି ନ ଯିବେ ସେଥିପାଇଁ ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଞ୍ଚଳ ଭାବେ ନାମିତ କରାଯାଇଛି। କେବଳ ନାମରେ ଅଟକିଯାଇନାହିଁ, ଯଦି କୌଣସି ଶିକ୍ଷୟିତ୍ରୀଶିକ୍ଷକ ମାଡ଼ ମାରୁଥିବାର ପ୍ରମାଣ ମିଳୁଛି,ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବାର ଦୃଷ୍ଟାନ୍ତ ମଧ୍ୟ ଗଣମାଧ୍ୟମରୁ ଜଣାପଡୁଛି। ଶିକ୍ଷକଙ୍କ ଶିକ୍ଷାଦାନର ପ୍ରତିବଦ୍ଧତା ଉପରେ ପିଲାଙ୍କ ପାଠପଢ଼ା ନିର୍ଭର କରେ। ଛାତ୍ରୀଛାତ୍ର କିଭଳି ସହଜରେ ପାଠ ବୁଝିପାରିବେ ଓ ଶିକ୍ଷା ପ୍ରତି ଆଗ୍ରହ ବଢ଼ିବ, ସେହି ଦିଗରେ ଶିକ୍ଷକମାନେ ଚେଷ୍ଟା କରିବା ଦରକାର। ଏହା କହିଲାବେଳକୁ ନିଶ୍ଚିତ ଭାବେ ଧ୍ୟାନ ଦିଆଯିବା ଦରକାର ଯେ, ଶ୍ରେଣୀଗୃହ ଓ ମାଷ୍ଟରଙ୍କର ସର୍ବନିମ୍ନ ଯୋଗ୍ୟତା ସହ ଚାହିଦା ମଧ୍ୟ ପୂରଣ ହେବା କଥା। କେବଳ ଦରମା ବଢ଼ିଲେ ଶିକ୍ଷୟିତ୍ରୀ ଶିକ୍ଷକ ଉଚିତ ମାନର ପାଠ ପଢ଼ାଇବେ ବୋଲି ଭାବିବା ତ୍ରୁଟିପୂର୍ଣ୍ଣ। ଆଜକୁ ଚାରି ପାଞ୍ଚ ଦଶନ୍ଧି ପୂର୍ବେ ଶିକ୍ଷକମାନଙ୍କ ଅନୁଶାସନରେ ପିଲାମାନେ ରହୁଥିଲେ। ଅର୍ଥାତ୍ ପାଠପଢ଼ାରେ ଶ୍ରେଣୀ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଥିଲା। ପିଲାମାନେ ମଧ୍ୟ ବିନା ଟ୍ୟୁଶନରେ ଭଲ ପଢ଼ିବାକୁ ଚେଷ୍ଟା କରୁଥିଲେ। ଶିକ୍ଷକଙ୍କ ପ୍ରତି ସମ୍ମାନ ଓ ଭୟ ମଧ୍ୟ ଥିଲା। ସାଧାରଣରେ କୁହାଯାଇଥାଏ-ଭୟ ଥିଲେ ଜୟ ହୁଏ। ଏବେ ଶୈକ୍ଷିକ ବାତାବରଣ ଫୁଲାଫାଙ୍କିଆ ହୋଇଯାଇଥିବାରୁ ଅନେକ ପିଲା ଶ୍ରେଣୀରେ ମନ ଦେଇ ପଢୁନାହାନ୍ତି। ପ୍ରାଇଭେଟ୍ କୋଚିଂ ଧୀରେ ଧୀରେ ଶ୍ରେଣୀଗୃହ ପଢ଼ାକୁ ପ୍ରତିସ୍ଥାପନ କରିଚାଲିଛି, ଯାହା ଆଗକୁ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି କଲାଣି।

ଏବେ ସ୍କୁଲ ପାଠ ପାଇଁ ଯେମିତି ଟ୍ୟୁଶନ ହୋଇଯାଇଛି ସବୁକିଛି। କେନ୍ଦ୍ରର କମ୍ପ୍ରେହେନସିଭ୍ ମୋଡ୍ୟୁଲାର ସର୍ଭେ( ସିଏମ୍ଏସ୍) ପକ୍ଷରୁ ଅଗଷ୍ଟ ଶେଷ ସପ୍ତାହରେ ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି ଯେ, ଦେଶରେ ସରକାରୀ ଓ ବେସରକାରୀ ସ୍କୁଲରେ ପଢୁଥିବା ପିଲାମାନଙ୍କ ମଧ୍ୟରୁ ପାଖାପାଖି ୩୦ ପ୍ରତିଶତ ସ୍କୁଲ ପାଠ ବୁଝିବା ପାଇଁ ଘରୋଇ କୋଚିଂ ଉପରେ ନିର୍ଭର କରୁଛନ୍ତି। ନ୍ୟାଶନାଲ ସାମ୍ପୁଲ ସର୍ଭେର ୮୦ ତମ ରାଉଣ୍ଡର ଏକ ଅଂଶ ଭାବେ ସିଏମ୍ଏସ୍ ଏହି ତଥ୍ୟ ପ୍ରସ୍ତୁତ କରିଛି ଏବଂ ଏହାକୁ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ଉପସ୍ଥାପନ କରାଯାଇଛି। ଏଥିରେ ଓଡ଼ିଶାର ତଥ୍ୟକୁ ଦେଖିଲେ ନବମ ଓ ଦଶମ ଶ୍ରେଣୀର ୬୮.୭ ପ୍ରତିଶତ ପିଲା ଏବଂ ପ୍ରାଥମିକ ସ୍ତରରେ ୩୪.୨ ପ୍ରତିଶତ (ମୋଟ ପିଲା ସଂଖ୍ୟାର ୫୦ ପ୍ରତିଶତରୁ ଅଧିକ) ପିଲାଙ୍କୁ ସେମାନଙ୍କ ଅଭିଭାବକମାନେ ଟ୍ୟୁଶନ ପଠାଉଛନ୍ତି। ଏଥିପାଇଁ ସହରାଞ୍ଚଳରେ ଅଭିଭାବକମାନେ ବାର୍ଷିକ ୧୦,୮୯୯ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଗ୍ରାମାଞ୍ଚଳରେ ଏହା ୩,୫୪୭ ଟଙ୍କା।

ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ଲାଗି ଉଚ୍ଚ ପ୍ରଶିକ୍ଷିତ ଶିକ୍ଷକଙ୍କ ଆବଶ୍ୟକତା ରହିଛି। ହେଲେ ସବୁ ବିଦ୍ୟାଳୟରେ ଆବଶ୍ୟକତା ଅନୁଯାୟୀ ସେଭଳି ଶିକ୍ଷକ ନ ଥିବାରୁ ପିଲାମାନେ ଠିକ୍ ଭାବେ ପାଠ ବୁଝିପାରୁନାହାନ୍ତି। ଫଳସ୍ୱରୂପ, ଘରୋଇ ଟ୍ୟୁଶନ ଦରକାର ପଡୁଛି। ଏହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ ୧ ସେପ୍ଟେମ୍ବରରେ ଦେଇଥିବା ରାୟ ପ୍ରଣିଧାନଯୋଗ୍ୟ। ଶିକ୍ଷକ ଭାବେ ନିଯୁକ୍ତି ପାଇବାକୁ ଚାହୁଁଥିବା ଓ ଚାକିରିରେ ଥିବା ଶିକ୍ଷକ ପଦୋନ୍ନତି ପାଇଁ ଆଶା ରଖିଥିଲେ, ସେମାନଙ୍କୁ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଟିଇଟି)ରେ ଉତ୍ତୀର୍ଣ୍ଣ ହେବା ବାଧ୍ୟତାମୂଳକ ବୋଲି କୋର୍ଟ କହିଛନ୍ତି। ଏଥିରୁ ବୁଝିବାକୁ ହେବ ଯେ, ସ୍କୁଲରେ ଶିକ୍ଷାଦାନ କରୁଥିବା ଶିକ୍ଷକଙ୍କ ମାନ କମ୍ ଥିବା ସ୍ପଷ୍ଟ ହେଉଛି। ପାଠ ବୁଝିପାରୁ ନ ଥିବାରୁ ଅନେକ ମାତାପିତା ଓ ଅଭିଭାବକ ସେମାନଙ୍କ ପିଲାଙ୍କୁ ଟ୍ୟୁଶନ ଦେବାକୁ ବାଧ୍ୟ ହେଉଛନ୍ତି। ଅଧିକ ମାର୍କ ରଖିବା ଲୋଭରେ ନିଜ ପିଲାଙ୍କୁ ଦୌଡ଼ାଉଥିବା ମାତାପିତା ଟ୍ୟୁଶନକୁ ଯେଭଳି ଗୁରୁତ୍ୱ ଦେଉଛନ୍ତି, ସ୍କୁଲ ଶିକ୍ଷାର ମାନ ପ୍ରତି ପ୍ରାଧାନ୍ୟ ଦେଉନାହାନ୍ତି। ଅନ୍ୟ ଏକ ଚିନ୍ତାର ବିଷୟ ହେଉଛି, ଯଦି ଟ୍ୟୁଶନ ଉପରେ ପିଲାମାନେ ଅଧିକ ନିର୍ଭରଶୀଳ ହେବେ, ତା'ହେଲେ ସେହି ଟ୍ୟୁଶନର ମୂଲ୍ୟ ବୃଦ୍ଧି ହେବ ଏବଂ ଅଭିଭାବକଙ୍କୁ ଅଧିକା ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିବ। ସେଭଳି ସ୍ଥିତି ଉପୁଜିଲେ ଅର୍ଥନୈତିକ ଦୁର୍ବଳ ଶ୍ରେଣୀରେ ପ୍ରଥମେ କନ୍ୟା ଓ ଦ୍ୱିତୀୟ ସ୍ତରରେ ପୁଅପିଲାମାନଙ୍କର ପାଠପଢ଼ିବା ବନ୍ଦ ହୋଇଯାଇପାରେ, ଯାହା ଦେଶ ପାଇଁ ଅଧିକ କ୍ଷତିକାରକ ହେବ। ଦୁଃଖର ବିଷୟ, ଏହି ଦିଗକୁ କେହି ଧ୍ୟାନ ଦେଉନାହାନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 8 | | | 1 | | |
| | 4 | 2 | | | | | 7 | |
| | 9 | | | | 5 | 4 | 2 | 3 |
| 3 | | | | 8 | | | | |
| | | | 6 | | 3 | | | 7 |
| | 5 | 4 | | | | 3 | | |
| 7 | | | | | | | | |
| | | | | | 6 | | | |
| | | | 3 | 5 | 9 | | 4 | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 8 | 3 | 2 | 5 | 6 | 9 | 7 |
| 5 | 2 | 7 | 6 | 8 | 9 | 1 | 4 | 3 |
| 3 | 6 | 9 | 1 | 4 | 7 | 2 | 8 | 5 |
| 6 | 7 | 2 | 4 | 5 | 8 | 3 | 1 | 9 |
| 8 | 4 | 1 | 9 | 3 | 2 | 5 | 7 | 6 |
| 9 | 5 | 3 | 7 | 6 | 1 | 8 | 2 | 4 |
| 7 | 9 | 5 | 2 | 1 | 3 | 4 | 6 | 8 |
| 2 | 8 | 4 | 5 | 9 | 6 | 7 | 3 | 1 |
| 1 | 3 | 6 | 8 | 7 | 4 | 9 | 5 | 2 |

ଗତକାଲିର ଉତ୍ତର

# ୟୁଏସ୍ ଦୋକାନରେ ଟ୍ରମ୍ପ୍ ମ୍ୟାନେଜର



ସହଦେବ ସାହୁ

ଗୋଟିଏ ବଡ଼ କୋଠା ଭିତରେ ବଜାର ଥିଲେ ତାକୁ ଆମେରିକାରେ ମଲ୍ କହନ୍ତି (ସବୁଦିନିଆ ହାଟ ବା ବିପଣି)। ଗୋଟିଏ ପ୍ରକୋଷ୍ଠରେ ବା ସାନ କୋଠାରେ ପ୍ରାୟ ସବୁ ଜିନିଷ ବିକୁଥିବା ଦୋକାନକୁ ଡିପାର୍ଟମେଣ୍ଟ ଷ୍ଟୋର୍ କହନ୍ତି । ଡୋନାଲ୍ଡ ଟ୍ରମ୍ପ ତାଙ୍କର ଦ୍ୱିତୀୟ ପାଳିର ରାଷ୍ଟ୍ରପତିତ୍ୱରେ ସାରା ଯୁକ୍ତରାଷ୍ଟ୍ରକୁ ଏକ ଡିପାର୍ଟମେଣ୍ଟ ଷ୍ଟୋର୍ ବୋଲି ଭାବି ଏପ୍ରିଲ ୨(୨୦୨୫)ରୁ ଏକ ଅର୍ଥନୈତିକ ଜରୁରୀ ପରିସ୍ଥିତି ଜାରି କରି ତାହାର ମ୍ୟାନେଜର ଭଳି କାମ କରୁଛନ୍ତି। ତାଙ୍କର ଅର୍ଥନୈତିକ ଜ୍ଞାନ ତାଙ୍କୁ ହିଁ ଜଣା, 'ଫେଡେରାଲ୍ ରିଜର୍ଭ'ର ଚେୟାରମ୍ୟାନ ଜିରୋମ୍ ପୋୱେଲ୍ କାହିଁକି ସୁଧହାର କମାଉ ନାହାନ୍ତି ତାଙ୍କ ଉପରେ ଖପା, ବିଦେଶରେ କାରଖାନା ବସାଇ ବାଣିଜ୍ୟ ଯୁଦ୍ଧର ଫଳ ଓଲଟା କରିବାକୁ ହାର୍ଲି ଡାଭିଡସନ୍ କାମ କରୁଛି ବୋଲି ତାକୁ ଗାଳି, ତାଙ୍କ ଅଫିସିଆଲ୍ ବିମାନ ଏଆରଫୋର୍ସ ୱାନ୍‌ର ଦାମ୍ କାହିଁକି ବଢ଼ାଇଲ ବୋଲି ବୋଇଂ କମ୍ପାନୀକୁ ଗାଳି। ଟ୍ରମ୍ପଙ୍କ ପ୍ରଥମ ପାଳିରେ ଥିଲା ଗାଳି, ଦ୍ୱିତୀୟ ପାଳିରେ ଟାରିଫ୍ ବା ବହିର୍ଶୁଳ୍କକୁ ଅସ୍ତ୍ର କରିଛନ୍ତି । ତାଙ୍କ ଆର୍ଥିକ ଜୁଲମ୍ (ଏକ୍ସଟର୍ସନ୍) ଚାଇନାର ଜି'ଙ୍କ କମ୍ୟୁନିଷ୍ଟ ପୁଞ୍ଜିବାଦ ଭଳି ଦିଶୁଛି। ଏପରି ତାଙ୍କ ନିଜ ଦଳ ରିପବ୍ଲିକାନ୍ ପାର୍ଟିର ଆଦର୍ଶ ସିଏ ଭୁଲି ଯାଉଛନ୍ତି। ସରକାର ଓ ବ୍ୟବସାୟ ଭିତରେ ଥିବା ସମ୍ପର୍କକୁ କଳୁଷିତ କରୁଛନ୍ତି। ଫେଡେରାଲ୍ ରିଜର୍ଭ (କେନ୍ଦ୍ର ବ୍ୟାଙ୍କ)ର ବୋର୍ଡ ଅଫ୍ ଗଭର୍ନର୍ସର ଜଣେ କୃଷ୍ଣକାୟ ମେମ୍ବର ଲିସା କୁକ୍‌ଙ୍କୁ ବହିଷ୍କାର ଆଦେଶ ଦେଇଛନ୍ତି। ବାଣିଜ୍ୟ ଦରକାର କରେ ସ୍ଥିରତା, ଭବିଷ୍ୟତକୁ ଦେଖି ବର୍ତ୍ତମାନର ଉତ୍ପାଦନ। କିନ୍ତୁ ଟ୍ରମ୍ପ କେତେବେଳେ ହସ୍ତକ୍ଷେପ କରିବେ କି ପଦକ୍ଷେପ ନେବେ ସମସ୍ତେ ଅନିଶ୍ଚିତ। ଟ୍ରମ୍ପଙ୍କ ଖିଆଲ ଅଜଣା ରହୁଥିବାରୁ ବ୍ୟବସାୟ ହ୍ରାସ ପାଉଛି । କିଛିଦିନ ତଳେ କଷ୍ଟରେ ଚାଲୁଥିବା ସେମିକଣ୍ଡକ୍ଟର କମ୍ପାନୀ 'ଇଣ୍ଟେଲ୍'ର ସିଇଓ ଲିପ୍ ବୁ ଟାନ୍ ଇସ୍ତଫା ଦିଅନ୍ତୁ ବୋଲି ଟ୍ରମ୍ପ କହୁଥିଲେ, ପରେ କହିଲେ, ଇଣ୍ଟେଲ୍ କମ୍ପାନୀର ଅଂଶଧନର ୧୦% ସରକାରଙ୍କୁ ନ ଦେଲେ ତାଙ୍କୁ ବାଇଡେନ୍ ସରକାର ସମୟର ଅନୁଦାନ ଫେରାଇବାକୁ ପଡ଼ିବ। ଏତକ ପାଇବା ପରେ ଟ୍ରମ୍ପ ଟାନ୍‌ଙ୍କୁ ପ୍ରଶଂସା କଲେ। ସରକାର ଘରୋଇ କମ୍ପାନୀର ଇକ୍ୱିଟି ଗ୍ରହଣ କରନ୍ତି ନାହିଁ, କିନ୍ତୁ ଟ୍ରମ୍ପ କରୁଛନ୍ତି। ଏନ୍‌ଭିଡିଆ ବିଶ୍ୱର ବୃହତ୍ତମ ସେମିକଣ୍ଡକ୍ଟର କମ୍ପାନୀ ଯାହାର ଚିପ୍ ଗୁଡ଼ିକ 'ଏଆଇ' ଉତ୍କର୍ଷ କାଳରେ ଅତ୍ୟାବଶ୍ୟକ । ଏପ୍ରିଲ ମାସରେ ଟ୍ରମ୍ପ ତାର ଚାଇନାକୁ ରପ୍ତାନି କରିବା ଉପରେ ୨୦% ଶୁଳ୍କ ବସାଇଲେ, କମ୍ପାନୀ ତା'ର ରୋଜଗାରର ୧୫% ସରକାରକୁ ଦେବ ବୋଲି ରାଜି ହେଲାରୁ ଏପ୍ରିଲରେ ତା' ପ୍ରତ୍ୟାହାର କଲେ। ରପ୍ତାନି ଉପରେ ଟିକସ ବସାଇପାରିବ ନାହିଁ ବୋଲି ସମ୍ବିଧାନରେ ଥିବା ବ୍ୟବସ୍ଥାର ଖିଲାପ କରୁଛନ୍ତି ଟ୍ରମ୍ପ । ନିପ୍ପନ ଷ୍ଟିଲ୍ ଯେତେବେଳେ ୟୁଏସ୍ ଷ୍ଟିଲ୍‌କୁ କିଣିନେବାକୁ



ଚାହିଁଲା ଟ୍ରମ୍ପ ରୋକିଦେଲେ - ଯେ ପର୍ଯ୍ୟନ୍ତ କମ୍ପାନୀ କେତେଗୁଡ଼ିଏ କାମ ଉପରେ ଯଥା କର୍ମଚାରୀମାନଙ୍କ ଦରମା, କମ୍ପାନୀର ନାମ ବଦଳାଇବା ଆଦି କ୍ଷେତ୍ରରେ ସରକାରଙ୍କୁ ଭିଟୋ କ୍ଷମତା ନ ଦେଇଛି।

ଟ୍ରମ୍ପଙ୍କ ଶିଳ୍ପନୀତିରେ ଶୁଳ୍କ ଏକ ଖଣ୍ଡାଧାର ଏବଂ ଯୁକ୍ତରାଷ୍ଟ୍ର ଏକ ପ୍ରକାଣ୍ଡ ଡିପାର୍ଟମେଣ୍ଟ ଷ୍ଟୋର ; ସେ ଷ୍ଟୋର୍‌ର ଏକ ମାତ୍ର ମ୍ୟାନେଜର ଟ୍ରମ୍ପ । ଟ୍ରମ୍ପଙ୍କ ଟିକସ ଓ ବ୍ୟୟର ପରିମାଣ ଉପରେ ଟ୍ରମ୍ପଙ୍କ ନୀତି ପ୍ରତି ଓ ତାଙ୍କ ପ୍ରତି କିଏ କେତେ ସମର୍ଥନ କରୁଛି ତାହା ଲକ୍ଷ୍ୟ କରି ହ୍ୱାଇଟ୍ ହାଉସ୍ ୫ଟି କମ୍ପାନୀ ଓ ବ୍ୟବସାୟଗୋଷ୍ଠୀର ଏକ ତାଲିକା ତିଆରି କରିଛି, ଯଥେଷ୍ଟ ଦେଉ ନ ଥିବା କମ୍ପାନୀମାନେ ସମର୍ଥନ ପାଇବେ ନାହିଁ। କାରଣ ଏବେ ୱାଶିଂଟନରେ ଡିମୋକ୍ରାଟ୍ କି ରିପବ୍ଲିକାନ୍ ନାହାନ୍ତି, କେବଳ ଆମର ଆଉ ପର। ଟ୍ରମ୍ପଙ୍କ ନିକଟରେ ପହଞ୍ଚିବାକୁ ଦରକାର ଟ୍ରମ୍ପଙ୍କ ପାଖ ଲୋକ, ଯିଏ ଲବି କରିପାରୁଥିବ, ମନଜିଣି ପାରୁଥିବ ଅର୍ଥାତ୍ ଲବିଷ୍ଟ -ଲବିକରିବା ଲୋକ। ପାକିସ୍ତାନ ଲବିକରିବାରେ ଜିତି ଯାଇଛି, ପାକିସ୍ତାନ ନିଯୁକ୍ତ କରିଛି କିଥ୍ ସିଲର୍, ସେ ଦୁଇ ଦଶନ୍ଧି ଧରି ଟ୍ରମ୍ପଙ୍କ ବଡି ଗାର୍ଡ ଥିଲେ । ପାକିସ୍ତାନ ତାଙ୍କୁ ମାସିକ ଡଲାର ୫୦,୦୦୦ ଦେଉଛି। ମାସକ ପରେ ମେ ମାସରେ ଭାରତ ନିଯୁକ୍ତ କଲା ଜାସନ ମିଲର୍‌କୁ। ମିଲର ସିନିୟର ଉପଦେଷ୍ଟା ଥିଲେ ଟ୍ରମ୍ପଙ୍କ ୨୦୧୬, ୨୦୨୦ ଆଉ ୨୦୨୪ ନିର୍ବାଚନୀ ପ୍ରଚାରରେ। ବର୍ଷକୁ କଣ୍ଟ୍ରାକ୍ଟ ଡଲାର ୧୮ ଲକ୍ଷ, ମାସିକ ଫି ୧୫୦,୦୦୦ ଡଲାର । ଦୁହେଁ ଟ୍ରମ୍ପଙ୍କ କାନକୁହା । କିନ୍ତୁ ପାକିସ୍ତାନ ମାଡ୍ ମାରିନେଲା । ସିଲ୍ଲରଙ୍କ ଲବି (କାନକୁହା) ଟ୍ରମ୍ପଙ୍କ ପାକିସ୍ତାନୀ ପ୍ରେମ ବଢ଼ାଇଦେଲା, ପାକିସ୍ତାନ ସେନାମୁଖ୍ୟ ମୁନିର ହ୍ୱାଇଟ୍‌ହାଉସକୁ ନିମନ୍ତ୍ରଣ ପାଇଲା, ଜୁନ ୧୮ରେ ଟ୍ରମ୍ପଙ୍କ ଅତିଥି, ପାକିସ୍ତାନ ଉପରେ ଟାରିଫ୍ ୧୯%ରେ ରହିଲା - ଅଥଚ ଭାରତ ଉପରେ ଟାରିଫ୍ ୨୫%, ପରେ ଆଉ ୨୫% । ଟ୍ରମ୍ପ କାକୁତି ମିନତି ଚାହାନ୍ତି, ବିଦେଶୀ ନେତାଏ ତାଙ୍କୁ ଫୋନ୍ କରନ୍ତୁ, ତୋଷାମୋଦ କରନ୍ତୁ, କୋଟି କୋଟି ଡଲାର ପୁଞ୍ଜି ନିବେଶ କରିବାର ପ୍ରତିଶ୍ରୁତି ଦିଅନ୍ତୁ । ଯଦି ତାଙ୍କ ସହ ଗଲ୍ଫ ଖେଳିପାରିବେ ଓ ହାରିବେ ତ ଆହୁରି ଭଲ (ଯଥା ପ୍ରାକ୍ତନ ଜାପାନୀ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ ଏହା କରିଥିଲେ)। ମୋଦି ତ ହ୍ୱାଇଟ୍ ହାଉସ୍ ଟ୍ରମ୍ପଙ୍କ ଫୋନ୍ ଧରିଲେ ନାହିଁ । ଯେମିତି ୟୁକ୍ରେନର ଜେଲେନେସ୍କି କି ଦକ୍ଷିଣ ଆଫ୍ରିକାର ସିରିଲ୍ ରାମଫୋସା ଓଭାଲ୍ ଅଫିସ୍‌ରେ ଗାଳି ଖାଇଲେ ମୋଦିଙ୍କ କ୍ଷେତ୍ରରେ ସେମିତି ହୋଇଥିଲେ ରାହୁଲ କେତେ ମଜା ଉଠାଇଥାଆନ୍ତେ ! ମେକ୍ସିକୋ ପ୍ରେସିଡେଣ୍ଟ କ୍ଲଡିଆ ଶୀନବାମ ଆଉ ଭିଏତ୍‌ନାମର ଲୋ ଟାମ୍ ଓ ଦକ୍ଷିଣ କୋରିଆର ଲି ଜାଏ-ମିୟୁଙ୍ଗ ଫୋନ୍ କରି ନିମ୍ନତର ଟାରିଫ୍ କରାଇନେଲେ। ଅଥଚ ସୁଇଜରଲାଣ୍ଡର ପ୍ରେସିଡେଣ୍ଟ କାରୀନ୍ କେଲ୍ଲର-ଶଟ୍ଟର ଆସିଲେ ବି ଟ୍ରମ୍ପ ଦେଖାକଲେ ନାହିଁ କି ୩୯% ଟାରିଫ୍ କମିଲା ନାହିଁ।

ୟୁଏସ୍ ଏକ ସୁନ୍ଦର ଡିପାର୍ଟମେଣ୍ଟ ଷ୍ଟୋର୍, ତା'ର ମ୍ୟାନେଜର୍ ମୁଁ ବୋଲି ଟ୍ରମ୍ପ ତାଙ୍କ ଆଚରଣରେ ଦେଖାଉଛନ୍ତି । ରାଷ୍ଟ୍ରପତି ପଦରେ ଯୋଗଦେବାର ୩ ମାସ ଭିତରେ କହିଲେ ଇଣ୍ଟରନେଟ୍ ଦେଶର ବ୍ୟବସାୟକୁ ସାରିଦେଇଛି। ଆମ ବିନା ମେକ୍ସିକୋ ଆଉ କାନାଡା ତିଷ୍ଠିପାରିବେ ନାହିଁ । ଚାଇନା ଆଉ ଜାପାନ ଆମଠୁ ଡଲାର୍ ଆଦାୟ କରୁଛନ୍ତି । ଟାରିଫ ବଢ଼ାଇ ସେମାନଙ୍କ ସାମଗ୍ରୀରୁ ଡଲାର ଉଠାଇବାକୁ ପଡ଼ିବ। ସେତେବେଳେ ସେମାନେ ଦେଖିବେ ଯେ ଶୁଳ୍କ ଖୁବ୍ ବେଶି, ସେମାନେ ଆମ ପାଖକୁ ଦଉଡ଼ିବେ, ମୂଲଚାଲ କରିବେ। ଆମ ପାଖରେ ଗୋଟିଏ ଜିନିଷ ଅଛି ଯାହା ସେମାନଙ୍କର ନାହିଁ, ମାର୍କିନ୍ ଖାଉଟି, ଆମେରିକାନ୍ କଞ୍ଜୁମର୍ସ। ଆମେରିକା ଖାଦ୍ୟ ଆମଦାନୀ କରୁଛି ୧୦୦୦ କୋଟି ଡଲାରରୁ ବେଶି। କିନ୍ତୁ ଟ୍ରମ୍ପଙ୍କ ଅର୍ଥନୈତିକ ବୋକାମି ଆମେରିକା ପାଇଁ ବହୁତ ଜଞ୍ଜାଳ ଆଣିବ। ଆମେରିକା ଗୋଟିଏ ସୁପର୍ ଲଗଜୁରି ଷ୍ଟୋର୍, ସେଠି ମାଲମତା ଭରି ରହିଛି - ଏପରି ଭାବିବା ଭୁଲ୍ । ଦେଶଟା ଗୋଟିଏ କମ୍ପାନୀ ବା ଦୋକାନ ନୁହେଁ କି ପ୍ରେସିଡେଣ୍ଟ ସିଇଓ (ମୁଖ୍ୟ ପରିଚାଳକ) ନୁହନ୍ତି । ଆମେରିକାର ଶ୍ରମିକମାନେ ତାଙ୍କ କର୍ମଚାରୀ ନୁହନ୍ତି। ଯେତେବେଳେ ବର୍ତ୍ତମାନର ଭଣ୍ଡାର ସରିଯିବ ଦୋକାନୀ ନୂଆ ସାମଗ୍ରୀ କିଣିବା ବେଳେ ଅଧିକା ମୂଲ୍ୟ ଦେବ, କାରଣ ଟାରିଫ୍ ବଢ଼ିଛି। ଦେଶର ରାଜସ୍ୱ ବଢ଼ିଲା, କିନ୍ତୁ ଖାଉଟିର କ୍ରୟଶକ୍ତି କମିଲା, କମ୍ ବିକ୍ରି ହେଲେ ଦୋକାନୀ କ୍ଷତିରେ ପଡ଼ିବ, ଦୋକାନର କର୍ମଚାରୀମାନେ ଛଟେଇ ହେବେ। ଶେଷରେ ଦୋକାନ ଦେବାଳିଆ ହୋଇ ବନ୍ଦ ହୋଇଯିବ। ସୁପର ମାର୍କେଟ୍ ବା ଡିପାର୍ଟମେଣ୍ଟ ଷ୍ଟୋର୍ ତ କଳାବଜାର ବା ହୋର୍ଡିଂ କରିପାରିବ ନାହିଁ। ତୋଷାମଦ କରି ଯେଉଁ ରାଷ୍ଟ୍ରନେତାମାନେ ଏବେ ଶୁଳ୍କ କମାଇଛନ୍ତି ସେମାନେ ଜବାବ୍ ଦେଇଥିବା ପୁଞ୍ଜି (ଯଥା ୟୁରୋପୀୟ ସଂଘ ୬୦୦ ବିଲିଅନ୍ ଡଲାର୍ ପୁଞ୍ଜି ଲଗାଇବ ୨୦୨୮ ସୁଦ୍ଧା) ଆସିବ ତ! ସେତେବେଳକୁ ଟ୍ରମ୍ପଙ୍କ ସ୍ୱାସ୍ଥ୍ୟ ଓ ମନ ଭଲ ଥିଲେ ତ! ଟ୍ରମ୍ପ ଆଇନକୁ ଦୁଇଥାକିଆ କରିଛନ୍ତି, ସାଙ୍ଗ ଓ ମିତ୍ରମାନଙ୍କୁ କ୍ଷମାଦେବା ଓ ଶତ୍ରୁମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିବା । ମୋ ବନ୍ଧୁମାନଙ୍କ ପାଇଁ ସବୁକିଛି, ବିରୋଧୀମାନଙ୍କ ପାଇଁ ଆଇନ । ଦୋଷୀ ସାବ୍ୟସ୍ତ ନ ହେଲା ଯାଏ ବ୍ୟକ୍ତିଟି ନିର୍ଦ୍ଦୋଷ- ଏ ନୀତି ଟ୍ରମ୍ପଙ୍କ ଆଖିକୁ ଦିଶୁନାହିଁ । ବିଶ୍ୱର ସମସ୍ତଙ୍କୁ ନୀଚକରି ଦେଖିଲେ କ'ଣ ମେକ୍ ଆମେରିକା ଗ୍ରେଟ୍ ଏଗେନ୍ ସମ୍ଭବ ହେବ, ଯୁକ୍ତରାଷ୍ଟ୍ରକୁ ମହାନ୍ କହିବାକୁ କେହି ବାହାରିବେ ନାହିଁ।

sahadevas@yahoo.com

# ପେଟ ପାଇଁ ସବୁ ନାଟ



ଉମାଶଙ୍କର ପ୍ରସାଦ

ଭାରତୀୟ ଜନସଂଖ୍ୟାର ୩ ଭାଗରୁ ୧ ଭାଗ ହେଉଛନ୍ତି ଶିଶୁ। ସେମାନଙ୍କ ମଧ୍ୟରୁ କେତେକେ ଅଭାବ ଅନଟନ, ବିଭିନ୍ନ ପ୍ରକାର ରୋଗ ଏବଂ ଦାରିଦ୍ର୍ୟର ଶିକାରହୋଇ ନିଜର ଶୈଶବକୁ ବିଭିନ୍ନ ବିପର୍ଯ୍ୟୟ ପରିସ୍ଥିତିକୁ ଆଦରି ନେଇଥାନ୍ତି। ଦାରିଦ୍ର୍ୟର କଷାଘାତ ରେ ପ୍ରପୀଡ଼ିତ ହୋଇ ପେଟ ଚାଖଣ୍ଡକ ପାଇଁ ସେମାନେ ଜୀବନକୁ ପାଣିଛଡ଼ାଇ ଅନେକ ଦୁଃସାହସିକ କାର୍ଯ୍ୟକରି ଦର୍ଶକଙ୍କ ମନୋରଞ୍ଜନକରି ନିଜ ପେଟ ତଥା ପରିବାର ପ୍ରତିପୋଷଣ କରିଥାନ୍ତି। ଏଇ କିଛିଦିନ ତଳେ ଭୁବନେଶ୍ୱର ନାଲ୍‌କୋ ଛକରେ ଦେଖିଲି ୧୦ ରୁ ୧୧ ବର୍ଷର ଝିଅଟିଏ ବାଉଁଶରେ ବନ୍ଧାଯାଇଥିବା ଏକ ଦଉଡ଼ି ଉପରେ ବାଡ଼ିଟିଏ ଧରି ନିଜର ସନ୍ତୁଳନ ରକ୍ଷାକରି ଦୁଃସାହସିକ ବାଉଁଶରାଣୀ ଖେଳ ଦେଖାଇ କିଛି ଅର୍ଥ ରୋଜଗାର କରୁଛି। ମୁଁ ଏହି ଖେଳ ପ୍ରଦର୍ଶନ କରୁଥିବା ନିରୀହ ଝିଅଟିର ବାପାଙ୍କୁ ପଚାରିବାରୁ ସେ ଲୁହ ଛଳ ଛଳ ଆଖିରେ କହିଥିଲେ, ବାବୁ ଆମର ସମ୍ବଳ କିଛି ନାହିଁ । ତେଣୁ ପିଲାଟି ଦିନୁ ଆମ ପିଲାମାନଙ୍କୁ ଗୁଜୁରାଣ ମେଣ୍ଟାଇବା ପାଇଁ ବିଭିନ୍ନ ପ୍ରକାର ଖେଳ ଶିଖାଇଥାଉ । ତେବେ ଏ ଦୁଃସାହସିକ ଖେଳ ଜୀବନକୁ ପାଣିଛଡ଼ାଇ ଦର୍ଶକଙ୍କ ମନୋରଞ୍ଜନ କରିବା ପଛର କାରଣ ହେଉଛି ଏ ପେଟ ପାଇଁ ନାଟ। ଡୋମ୍ବାରୀ ତଥା ଅନେକ ଆଦିବାସୀ ସମ୍ପ୍ରଦାୟର ପରିବାର ନିଜର ଏପରି ଦୁଃସାହସିକ ଖେଳ ପ୍ରଦର୍ଶନ କଲାବେଳେ ସମଗ୍ର ସମାଜକୁ ଏକ ବାର୍ତ୍ତା ଦେଇଥାଏ ଯାହା ହେଉଛି ଆଜି ମଧ୍ୟ ଦାରିଦ୍ର୍ୟର କଷାଘାତରେ ଶଢୁଥିବା ଲୋକ ଏବଂ ଧନିକ ମଧ୍ୟରେ ରହିଛି ବିରାଟ ପାର୍ଥକ୍ୟ। ଏହି ପାର୍ଥକ୍ୟର କେବେ ଅବସାନ ଘଟିବ ଏହି ନିରୀହ ଶିଶୁମାନେ ନିଜ ଜୀବନ ସହ ଖେଳିବା ବନ୍ଦକରି ନିଜ ଜୀବନକୁ ବିକଶିତ କରିବେ ତାହା ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟିକରେ। ସରକାର କିନ୍ତୁ ଏହି ସମ୍ପ୍ରଦାୟର ବିକାଶ ପାଇଁ ବାହୁସ୍ଫୋଟ ମାରିଥିବା ବେଳେ ଏହା ପଛରେ ଥିବା ବାସ୍ତବତାକୁ ଏ ପର୍ଯ୍ୟନ୍ତ ଉପଲବ୍ଧି କରି ନ ପାରିବା ପରିତାପର ବିଷୟ।

କେବଳ ଡୋମ୍ବାରୀ ସମାଜର ସେହି ପିଲାମାନେ ନୁହନ୍ତି, ଆମ ଦେଶରେ ୧୬ ବର୍ଷ ବୟସର ପିଲା ୩ ଭାଗରୁ ଭାଗେ ଶିଶୁ ଶ୍ରମରେ ନିୟୋଜିତ ହୋଇ ନିଜର ପରିବାରର ପ୍ରତିପୋଷଣ କରିଥାନ୍ତି। ସାରା ପୃଥିବୀରେ ୧୦ ରୁ ୧୪ ବର୍ଷ ମଧ୍ୟରେ ଅଗଣିତ ବାଳିକା ବାଳକ ଶିଶୁ ଶ୍ରମିକ ଭାବେ କାମ କରିବାର ଦେଖାଯାଏ ! ବାଲ୍ୟକାଳକୁ ମଣିଷ ଜୀବନ ଗଠନ ପ୍ରଣାଳୀର ଆଦ୍ୟଭୂମି ବୋଲି କୁହାଯାଏ। କିନ୍ତୁ ଏହି ସମୟରେ ପିଲାଟି ବିଦ୍ୟାଳୟ ଯିବା ପରିବର୍ତ୍ତେ ଜୀବିକାର୍ଜନ କରିବା ପାଇଁ ଶ୍ରମଭୂମିକୁ ଯାଏ ଖଟିବାକୁ। ନିଜ ଜୀବନରେ ଥିବା ଆଖିରେ



ଆଖିଏ ସ୍ୱପ୍ନ ବାଉଁଶରାଣୀ ଦଉଡ଼ି ଉପରେ ଝୁଲି ରହିଥାଏ। ତେବେ ଏହି ପରିସ୍ଥିତି ପାଇଁ ଦାୟୀ କିଏ ? ଉଭୟ ଗ୍ରାମ ଓ ସହରାଞ୍ଚଳରେ ଏ ଦୃଶ୍ୟ ଅତିବ ମର୍ମସ୍ପର୍ଶୀ। ମାତାପିତାଙ୍କ ଦାରିଦ୍ର୍ୟ, ନିରକ୍ଷରତା ଏବଂ ସମାଜର ପଛୁଆ ଜାତି ହିସାବରେ ସେମାନଙ୍କ ପିଲା ଯେକୌଣସିମତେ ଗୋଡି ଖଟିବା ସହ ଏପରି ବିପଦପୂର୍ଣ୍ଣ ଖେଳ ଖେଳିବାକୁ ବାଧ୍ୟ ହୋଇଥାନ୍ତି। ପାଠ ପଢ଼ିବା ସମୟରେ ଏହି ସମ୍ପ୍ରଦାୟର ପିଲାମାନଙ୍କୁ ଛୋଟ ବୟସରୁ ଦୁଃସାହସିକ ବାଉଁଶରାଣୀ ଖେଳର ତାଲିମ ଦିଆଯାଇଥାଏ। ସାଇକେଲ ରିମ୍ ଭିତରେ ନିଜର ସମଗ୍ର ଶରୀରକୁ ପ୍ରବେଶ କରାଇବା ଆଦିବାସୀ ସମ୍ପ୍ରଦାୟର ପିଲାମାନଙ୍କ ଛଡ଼ା ଅନ୍ୟାନ୍ୟ ସମ୍ପ୍ରଦାୟର ୧୦ରୁ ୧୫ ବର୍ଷର ପିଲାମାନେ ପରଦୁଆରେ ଶ୍ରମକରି ନିଜର ତଥା ପରିବାରର ପ୍ରତିପୋଷଣ କରନ୍ତି।

ଯଦି ଭାରତର ସମ୍ବିଧାନକୁ ଆଖି ପକାଇବା ତେବେ ଦେଖିବାକୁ ପାଇବା ଧାରା ୨୪ରେ ସ୍ପଷ୍ଟ ଉଲ୍ଲିଖିତ ହୋଇଛି ଯେ ୧୪ ବର୍ଷରୁ କମ୍ ବୟସର କୌଣସି ପିଲା କୌଣସି କଳକାରଖାନା, ଖଣିଖାଦାନ ବା କୌଣସି ବିପଦସଙ୍କୁଳ ସ୍ଥାନରେ କାମ କରିପାରିବେ ନାହିଁ। କିନ୍ତୁ ଆଇନ ତା' ବାଟରେ, ଆଜି ମଧ୍ୟ ସ୍ୱଳ୍ପ ବୟସର ଶିଶୁ ଶ୍ରମିକମାନେ ବାଣ କାରଖାନା, ହାତବୁଣା ଗାଲିଚା ଶିଳ୍ପ, କାଚ କାରଖାନାରେ ଖଟୁଥିବା ଦେଖାଯାଏ ! ଏପରି ହେବାର କାରଣ ଆଇନକୁ କାର୍ଯ୍ୟକାରୀ କରିବା ଦାୟିତ୍ୱରେ ଥିବା ବାବୁମାନଙ୍କ ଉପରେ ପଦକ୍ଷେପ ନିଆଯାଉନାହିଁ। ଗ୍ରାମାଞ୍ଚଳରେ ଶିଶୁଶ୍ରମିକମାନେ କ୍ଷେତ, ବୃକ୍ଷରୋପଣ, ମତ୍ସ୍ୟ ଏବଂ କୁଟୀରଶିଳ୍ପରେ ନିୟୋଜିତ ହେବାର ଦେଖାଯାଏ। ସରକାରୀ ବିଦ୍ୟାଳୟରେ ମାଗଣା ପାଠ ପଢ଼ିବାର ସମସ୍ତ ସୁବିଧା ଏଯୋଗାଇ ଦିଆଯାଉଥିଲେ ସୁଦ୍ଧା ବାଳିକାବାଳକମାନେ ପରିବାରର ଆୟ ବୃଦ୍ଧି ନିମନ୍ତେ ଅର୍ଥ ଲୋଭରେ ପଡ଼ି ପାଠପଢ଼ା ଛାଡ଼ିଦେଇଥାନ୍ତି। ବାଳଶ୍ରମିକ ନିଯୁକ୍ତି ନ ଦେବା ପାଇଁ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବାର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପାଶ୍ଚାତ୍ୟ ଦେଶଗୁଡ଼ିକରେ ବାଳଶ୍ରମିକ ନିଯୁକ୍ତି ବନ୍ଦ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଗଲାଣି। ଯେଉଁ ଶିଳ୍ପ କାରଖାନାରେ ବାଳଶ୍ରମିକ ଖଟୁଛନ୍ତି , ତା'ର ଉତ୍ପାଦ କ୍ରୟ କରିବାକୁ ଲୋକେ ସଂଘବଦ୍ଧ ହୋଇ ବାରଣ କରୁଛନ୍ତି। ୧୯୯୫ ମସିହାରେ ଭାରତୀୟ ଗାଲିଚା ଉତ୍ପାଦନକାରୀ, ରପ୍ତାନିକାରୀ ଏବଂ ସ୍ୱେଚ୍ଛାସେବୀ ସଂଘଗୁଡ଼ିକ 'ରୁଗ୍‌ମାର୍କ' ନାମରେ ଏକ ବ୍ରାଣ୍ଡ ନାମ ସୃଷ୍ଟି କରିଛନ୍ତି, ଯାହା ସାର୍ଟିଫିକେଟ ପରି କାମକରେ। ଏହି ନାମର ମୋହର ବସିବା ଦ୍ୱାରା ଜଣାଯାଏ ଉକ୍ତ ଉତ୍ପାଦନକାରୀ ପଦାର୍ଥରେ ବାଳଶ୍ରମିକ ନିଯୁକ୍ତି ହୋଇନାହାନ୍ତି। ଆଜିକାଲି ବୈଷୟିକ ଶିକ୍ଷା ଏକ ବାଧ୍ୟ ପାଠ୍ୟକ୍ରମ ରୂପେ ସରକାରଙ୍କ ଦ୍ୱାରା ପ୍ରଚଳିତ ହୋଇଛି ଯାହା ଶିଶୁ ଶ୍ରମିକଙ୍କ ପେଟ ପାଇଁ ନାଟର ପରିସମାପ୍ତି ଘଟାଇ ଆଶାର କିରଣ ସଞ୍ଚରଣ କରୁଛି। କିନ୍ତୁ ଏହାକୁ ଫଳପ୍ରଦ କରିବା ପାଇଁ ସରକାର ବିହିତ ପଦକ୍ଷେପ ନେଲେ ଉକ୍ତ ସମସ୍ୟାର ସମାଧାନ ହେବ।

ମୋ: ୬୩୭୦୬୭୫୫୬୨

## ପାଠକ ଶ୍ରେଷ୍ଠ ବିଚାରକ

### ରକ୍ଷଣାବେକ୍ଷଣ କରିବ କିଏ

ମହାଶୟ,

ଖବରକାଗଜଗୁଡ଼ିକରେ ପ୍ରକାଶ ପାଇଛି ଯେ, ସରକାର ୨୦୨୫-୨୬ ବର୍ଷରେ ୩୦ ଜଣ ବରପୁତ୍ରଙ୍କର ପ୍ରତିମୂର୍ତ୍ତି ନିର୍ମାଣ କରାଇବେ। ପୂର୍ବ ବର୍ଷ ଅର୍ଥାତ୍ ୨୦୨୪-୨୫ ବର୍ଷରେ ୨୫ ଜଣ ବରପୁତ୍ରଙ୍କର ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଥିଲା। ଏହା ସ୍ୱାଗତଯୋଗ୍ୟ ହେଲେ ମଧ୍ୟ ପ୍ରଶ୍ନ ଉଠେ ଯେ, ଏହି ପ୍ରତିମୂର୍ତ୍ତିଗୁଡ଼ିକର ରକ୍ଷଣାବେକ୍ଷଣ କରିବ କିଏ ? ରକ୍ଷଣାବେକ୍ଷଣ ବିହୀନ ପ୍ରତିମୂର୍ତ୍ତି ସ୍ଥାପନ ସେମାନଙ୍କ ପ୍ରତି ଅସମ୍ମାନ ହେବ। ଜୟନ୍ତୀ ଓ ଶ୍ରାଦ୍ଧଦିବସରେ ଆମେ ସେମାନଙ୍କୁ ସ୍ମରଣ କରି ପୁଷ୍ପମାଲ୍ୟ ଅର୍ପଣ କରିଥାଉ, କିନ୍ତୁ ବାକି ଦିନଗୁଡ଼ିକରେ ଶୁଖିଲା ଫୁଲ, ପକ୍ଷୀମାନଙ୍କ ମଳ, ଚୂନ ଛାଡ଼ି ଯାଇଥିବା ଆସ୍ଥାନର କାନ୍ଥ, ଅରମା ଲଟାବୁଦା ଗହଣରେ ଧୂଳି ଧୂସରିତ ପ୍ରତିମୂର୍ତ୍ତିଗୁଡ଼ିକ ନାରଖାର ଦିଶନ୍ତି। ଏପରି ଦୟନୀୟ ଅବସ୍ଥାରେ ପ୍ରତିମୂର୍ତ୍ତିଗୁଡ଼ିକୁ ଉନ୍ମୁକ୍ତ ଆକାଶ ତଳେ ଛାଡ଼ିଦେବା ବରପୁତ୍ରମାନଙ୍କ ପ୍ରତି ଘୋର ଅପମାନ। ମୂର୍ତ୍ତି ପ୍ରତିଷ୍ଠାର ଉଦ୍ଦେଶ୍ୟ ସମ୍ମାନ ପରିବର୍ତ୍ତେ ଅସମ୍ମାନରେ ପରିଣତ ହେବ। ତେଣୁ ସରକାରଙ୍କୁ ଅନୁରୋଧ, ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସହ ସେହି ମୂର୍ତ୍ତିଗୁଡ଼ିକର ରକ୍ଷଣାବେକ୍ଷଣର ସ୍ଥାୟୀ ବ୍ୟବସ୍ଥା କରିବାକୁ ଭୁଲନ୍ତୁ ନାହିଁ।

-ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ଅହମଦାବାଦ୍‌ର ଝିଅ ହ୍ରିଧିମା ୩ ବର୍ଷ ବୟସରୁ ସାପ, କଇଁଛ ଓ ଅନ୍ୟ ଜୀବଙ୍କୁ ଉଦ୍ଧାର କରୁଛନ୍ତି। ହ୍ରିଧିମାଙ୍କ ବୟସ ଏବେ ୪ ବର୍ଷ। ତାଙ୍କ ବୟସ ଯେତେବେଳେ ୩ ବର୍ଷ ଥିଲା, ସେତେବେଳୁ ତାଙ୍କ ମା' ସାପ ଓ ଅନ୍ୟ ଜୀବ ଉଦ୍ଧାର କରିବାକୁ ଯିବା ସମୟରେ ସେ ସାଙ୍ଗରେ ଯାଉଥିଲେ। ଏହି ସମୟରେ ଉଦ୍ଧାର କାର୍ଯ୍ୟର ପ୍ରତ୍ୟେକଟି ପର୍ଯ୍ୟାୟକୁ ସେ ଧ୍ୟାନର ସହ ନିରୀକ୍ଷଣ କରୁଥିଲେ। ହ୍ରିଧିମାଙ୍କ ଆଗ୍ରହକୁ ଦେଖି ମାତାପିତା ତାଙ୍କୁ ଏହି କାର୍ଯ୍ୟ ଲାଗି ଉତ୍ସାହିତ କରିଥିଲେ। କିନ୍ତୁ ପ୍ରତିଟି କ୍ଷେତ୍ରରେ ତାଙ୍କ ସହ ରହୁଥିଲେ। ଏବେ ସତର୍କତା ଅବଲମ୍ବନପୂର୍ବକ ମାତାପିତାଙ୍କ ତତ୍ତ୍ୱାବଧାନରେ ସେ ସାପ ଓ କଇଁଛ ଉଦ୍ଧାରକରି ସୁରକ୍ଷିତ ସ୍ଥାନରେ ଛାଡୁଛନ୍ତି। କିନ୍ତୁ ଅତ୍ୟନ୍ତ ବିପଜ୍ଜନକ ଓ ବଡ଼ ପ୍ରାଣୀ ଉଦ୍ଧାର କରିବାକୁ ତାଙ୍କୁ ସୁଯୋଗ ଦିଆଯାଉନାହିଁ। କମ୍ ବୟସରେ ସେ ପ୍ରକୃତି ଓ ପ୍ରାଣୀଙ୍କୁ ଭଲପାଇଥିବାରୁ ତାଙ୍କ ମନରେ ସାହସ ସୃଷ୍ଟି ହୋଇଥିଲା।

## ୫୦ ବର୍ଷ ତଳର ଧରିତ୍ରୀ

୩ ସେପ୍ଟେମ୍ବର ୧୯୭୬

- ହିମାଳୟର ପୂର୍ବ ଓ ପଶ୍ଚିମାଞ୍ଚଳର ପ୍ରାୟ ୧୦୦ଟି ସ୍ଥାନରେ ତମ୍ବା, ସିସା ଓ ଦସ୍ତା ଗଚ୍ଛିତ ଥିବା ଭାରତୀୟ ଭୂତତ୍ତ୍ୱ ସର୍ଭେର ଅନୁସନ୍ଧାନରୁ ଜଣାପଡ଼ିଛି।
- ଜ୍ଞାନପୀଠ ବିଜେତା, ବିଶିଷ୍ଟ ମରାଠୀ ସାହିତ୍ୟିକ ବିଷ୍ଣୁ ସଖାରାମ ଖାଣ୍ଡେକରଙ୍କ ୭୯ ବର୍ଷ ବୟସରେ ପରଲୋକ।
- ପାର୍ଲାମେଣ୍ଟ ସଭ୍ୟମାନଙ୍କୁ ପେନ୍‌ସନ୍ ଦେବା ସମ୍ପର୍କୀୟ ବିଲ୍ ଲୋକସଭାରେ ବିପୁଳ ହର୍ଷଧ୍ୱନି ମଧ୍ୟରେ ଗୃହୀତ।

## ଚିରନ୍ତନୀ

ତାପିତ ମରମ ଯେତେ ବିରହୀ
ସବୁ ଜ୍ୱାଳା ଏ ପବନେ ମରଇ
କାଙ୍ଗାଳ ଧନୀ ବାସେ ସମାନେ
ଭେଦାଭେଦ ଛୋଟ ବଡ଼ ନ ମାନେ
ଆସିଛି ସେ ପୁଷ୍ପକ ବିମାନେ
ଯାଏ ଖେଳି ଫୁଲେ ଫୁଲେ କି କହି ।
-(ଫଗୁଣ ଜ୍ୟୋତ୍ସ୍ନା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଭିସୁଟ୍ ଛାତ୍ରଙ୍କ କ୍ଷତାକ୍ତ ମୃତଦେହ ଠାବ

ସମ୍ବଲପୁର,୨।୯(ପ୍ରମୋଦ ବହିଦାର)

■ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ
■ ୩ ଦଳ ଗଠନ କରି ତଦନ୍ତ କରୁଛି ପୋଲିସ

ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ର ଜଣେ ଛାତ୍ରଙ୍କ କ୍ଷତାକ୍ତ ମୃତଦେହ ନିକଟସ୍ଥ ପାୱାର ଚ୍ୟାନେଲ ବ୍ରିଜ୍‌ତଳୁ ମଙ୍ଗଳବାର ଜବତ କରାଯାଇଛି। ମୃତକ ମେକାନିକାଲ ଇଞ୍ଜିନିୟରିଂ ବିଭାଗ ଶେଷବର୍ଷ ଛାତ୍ର ଏବଂ ସେ ଯାଜପୁର ମଙ୍ଗଳପୁର ଥାନା ଅନ୍ତର୍ଗତ ନାରୀଗାଁର ଅଞ୍ଜନେୟ ଦାସ(୨୨) ବୋଲି ଚିହ୍ନଟ କରାଯାଇଛି। ସୋମବାର ରାତିରେ ନିକଟସ୍ଥ ପାୱାର ଚ୍ୟାନେଲ(ପିସି) ବ୍ରିଜତଳୁ କେତେଜଣ ସହପାଠୀ ଅଞ୍ଜନେୟଙ୍କୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଭିମ୍ସାର ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣ କରିଥିଲେ। ଖବର ପାଇ ବୁର୍ଲା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପ୍ରାଥମିକ ତଦନ୍ତ ସ୍ୱରୂପ ପୋଲିସ ୩ ଛାତ୍ରଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ସନ୍ଧ୍ୟାରେ ଛାଡ଼ିଦେଇଛି।

ପଚରାଉଚରା ବେଳେ ସହପାଠୀ ଛାତ୍ରମାନେ କହିଛନ୍ତି, ସୋମବାର ରାତି ପ୍ରାୟ ସାଢ଼େ ୯ଟାରେ ଅଞ୍ଜନେୟଙ୍କ ଜଣେ ସହପାଠିନୀ ସେମାନଙ୍କୁ ଫୋନ କରିଥିଲେ। ଅଞ୍ଜନେୟଙ୍କ ଫୋନ୍ ସୁଇଚ୍ ଅଫ୍ ହୋଇଯାଇଛି, ମାତ୍ର ମୋବାଇଲ ଲୋକେଶନ ପାୱାର ଚ୍ୟାନେଲ ବ୍ରିଜ୍ ନିକଟରେ ଦର୍ଶାଉଛି ବୋଲି କହିଥିଲେ। ସେଠାକୁ ଯାଇ ସେମାନେ ଯାଞ୍ଚ କରିବାକୁ ଯୁବତୀ ବନ୍ଧୁ ନିବେଦନ କରିଥିଲେ। ତାଙ୍କ ନିବେଦନ ଅନୁସାରେ, ସହପାଠୀମାନେ ସେଠାରେ ପହଞ୍ଚିବାବେଳକୁ ବ୍ରିଜତଳେ ଅଞ୍ଜନେୟ କ୍ଷତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ତାଙ୍କୁ ଏକ ଆମ୍ବୁଲାନ୍ସରେ ଭିମ୍ସାର୍‌କୁ ନେଇଥିଲେ। ସେତେବେଳେ ସେ ଜୀବିତ କି ମୃତ ସେମାନେ ଜାଣି ପାରି ନ ଥିଲେ। ମାତ୍ର ଭିମ୍ସାରରେ ପହଞ୍ଚିଲା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ଅଟକ ଛାତ୍ରମାନେ କହିଥିବା ବୁର୍ଲା ଏସ୍‌ଡିପିଓ ବଳେଶ୍ୱର ଗିଦ୍ଧି କହିଛନ୍ତି। ଘଟଣାକୁ ଗମ୍ଭୀରତାର ସହ ଗ୍ରହଣ କରି ସମସ୍ତ ଦିଗରୁ ତଦନ୍ତ କରାଯାଉଛି। ୩ଟି ସ୍ୱତନ୍ତ୍ର ଦଳ ଗଠନ କରାଯାଇ ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି।


ମୃତ ଭିସୁଟ୍ ଛାତ୍ର ଅଞ୍ଜନେୟ ଦାସ।

ଅପରପକ୍ଷରେ ମୃତ ଅଞ୍ଜନେୟ ରହୁଥିବା ପୁଲସ୍ତ ହଷ୍ଟେଲ ୱାର୍ଡେନ୍‌ଙ୍କଠାରୁ ବିଳମ୍ବିତ ରାତିରେ ଖବର ପାଇ ତାଙ୍କ କକା, ମାମୁ ଓ ଭାଇ ଆସି ମଙ୍ଗଳବାର ସକାଳେ ବୁର୍ଲାରେ ପହଞ୍ଚିଥିଲେ। ତାଙ୍କ କକା ରବୀନ୍ଦ୍ର ନାଥ ଦାସ ଅଞ୍ଜନେୟଙ୍କୁ ହତ୍ୟା କରାଯାଇଛି ବୋଲି ବୁର୍ଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ପାରିପାର୍ଶ୍ୱିକ ସ୍ଥିତି ଅନୁସାରେ ତାଙ୍କୁ ଏଠାରେ ହତ୍ୟା କରି ବ୍ରିଜ୍‌ତଳକୁ ଫିଙ୍ଗି ଦିଆଯାଇଛି। ତାଙ୍କ ଜଙ୍ଘ, ମୁହଁ ଓ ଛାତିରେ ଗଭୀର କ୍ଷତ ଦେଖିବାକୁ ମିଳିଛି। ସେହିପରି ସେ ହାତରେ ପିନ୍ଧିଥିବା ସୁନାମୁଦି, ମୋବାଇଲ୍ ଓ ପର୍ସ ମିଳିନାହିଁ। ତେଣୁ କେହି ଲୁଟ୍ ଉଦ୍ଦେଶ୍ୟରେ ହତ୍ୟା କରିଥାଇପାରନ୍ତି ବୋଲି ରବୀନ୍ଦ୍ର ଏତଲାରେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ବୁର୍ଲା ଥାନାରେ ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍) ଦଫା ୧୦୩(୧)ରେ ଏକ ମାମଲା(ନଂ.୩୮୧/୨୫)ରେ ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ମଙ୍ଗଳବାର ଅପରାହ୍ନରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସୂଚନାଯୋଗ୍ୟ, ଅଞ୍ଜନେୟ ହେଉଛନ୍ତି ତାଙ୍କ ମାତାପିତାଙ୍କ ଦ୍ୱିତୀୟ ପୁତ୍ର। ବର୍ତ୍ତମାନ ତାଙ୍କ ମାତାପିତା ତୀର୍ଥଯାତ୍ରାରେ ଅଛନ୍ତି ବୋଲି ପରିବାର ଲୋକେ କହିଛନ୍ତି।

# ବେଲପାହାଡ଼ ପୌର ପରିଷଦ ପୂର୍ବତନ ନିର୍ବାହୀ ଅଧିକାରିଣୀ ଗିରଫ

**ଉନ୍ନତି ଯୋଜନା ଆତ୍ମସାତ୍ ଘଟଣା**

**ଆଜି ହେବେ କୋର୍ଟ ଚାଲାଣ**

ବେଲପାହାଡ଼, (ସୁବାସ ପ୍ରଧାନ)/ ଭୁବନେଶ୍ୱର,୨।୯(ସତ୍ୟଜିତ୍ ରାଉତ)

ସରକାରୀ ଟଙ୍କା ଆତ୍ମସାତ୍ ଘଟଣାରେ ଝାରସୁଗୁଡ଼ା ବେଲପାହାଡ଼ ପୌର ପରିଷଦର ପୂର୍ବତନ ନିର୍ବାହୀ ଅଧିକାରିଣୀ ତଥା ବର୍ତ୍ତମାନର ମୟୂରଭଞ୍ଜ ଜିଲା ଜାମଦା ତହସିଲଦାର ମଧୁସ୍ମିତା ସିଂଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ମଙ୍ଗଳବାର ଗିରଫ କରିଛି। ଉନ୍ନତି ଯୋଜନାରେ ଆସିଥିବା ଅର୍ଥକୁ ଅନ୍ୟ କାମରେ ବିନିଯୋଗ କରି ଅର୍ଥ ହେରଫେର କରିବା ଅଭିଯୋଗରେ ମଧୁସ୍ମିତାଙ୍କୁ ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅନ୍ତର୍ଗତ ମାଙ୍କଡ଼କେଣ୍ଡିଆସ୍ଥିତ ତାଙ୍କ ଘରୁ ଗିରଫ କରାଯାଇଥିବାବେଳେ ବୁଧବାର ସମ୍ବଲପୁର ଓପିଆଇଡି କୋର୍ଟକୁ ଚାଲାଣ କରାଯିବ ବୋଲି ଜଣାପଡ଼ିଛି।


ମଧୁସ୍ମିତା ସିଂ

ବେଲପାହାଡ଼ ପୌରପରିଷଦ ନିର୍ବାହୀ ଅଧିକାରୀ ଗୌର ପ୍ରଧାନଙ୍କ ଏତଲା ଆଧାରରେ ବେଲପାହାଡ଼ ଥାନାରେ ଅଗଷ୍ଟ ୧୮ରେ ଏକ ମାମଲା(ନଂ.୧୭୦/୨୦୨୫) ରୁଜୁ ହୋଇଥିଲା। ପରେ ଏହାର ତଦନ୍ତ ଭାର ଇଓଡବ୍ଲ୍ୟୁ ନେଇ ଖୋଳତାଡ଼ ଆରମ୍ଭ କରିଥିଲା। 'ଉନ୍ନତି ଯୋଜନା'ରେ ମିଳିଥିବା ପ୍ରାୟ ୨କୋଟି ଟଙ୍କା ହେରଫେର ଘଟଣାରେ ପ୍ରଥମେ ପୌରପରିଷଦ ଆକାଉଣ୍ଟାଣ୍ଟ ବିଭୂତି ସାହୁ ଓ ସାନିଟେଶନ୍ ଏକ୍ସପର୍ଟ ସୌମ୍ୟ ବିଶ୍ୱରଞ୍ଜନ ମହାଲିଙ୍କ ବିରୋଧରେ ଏତଲା ହୋଇଥିଲା। ଇଓଡବ୍ଲ୍ୟୁ ଅଗଷ୍ଟ ୨୩ରେ ମାମଲା(ନଂ.୧୨/୨୦୨୫) ରୁଜୁ କରି ତଦନ୍ତ କରୁଛି। ପୌରପରିଷଦ ପାଇଁ ଉନ୍ନତି ଯୋଜନା ଅଧୀନରେ ଆବଣ୍ଟିତ ଅର୍ଥ ନିର୍ଦ୍ଦିଷ୍ଟ ଖର୍ଚ୍ଚ ପାଇଁ ଥିବାବେଳେ ଉପଯୁକ୍ତ ଦସ୍ତାବିଜ୍ ଏବଂ ଅନୁମୋଦନ ବିନା ଅନ୍ୟ କାମରେ ବ୍ୟବହାର ହୋଇଥିଲା। ମଧୁସ୍ମିତା ୨୦୨୨ ଅକ୍ଟୋବର ୪ରୁ ୨୦୨୫ ମେ' ୩୧ ପର୍ଯ୍ୟନ୍ତ ବେଲ୍‌ପାହାଡ଼ ପୌର ପରିଷଦରେ କାର୍ଯ୍ୟନିର୍ବାହୀ ଅଧିକାରୀ ଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପୌରପରିଷଦକୁ ଉନ୍ନତି ଯୋଜନା ଅଧୀନରେ ୨ କୋଟି ଟଙ୍କା ମିଳିଥିଲା, ଯାହାକି ରାସ୍ତା, ଡ୍ରେନ୍ ଆଦିର ନିର୍ମାଣ ଓ ଉନ୍ନତୀକରଣ କାର୍ଯ୍ୟ ହେବାର ଥିଲା। ହେଲେ ଏହି ଅର୍ଥକୁ ସୌନ୍ଦର୍ଯ୍ୟକରଣ ଏବଂ ସାଜସଜ୍ଜା କାର୍ଯ୍ୟରେ ଖର୍ଚ୍ଚ କରାଇଥିବା ଦେଖାଯାଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ, ଉନ୍ନତି ପାଣ୍ଠିରୁ ୧.୫୬ କୋଟି ଟଙ୍କା ବିନା କାଗଜପତ୍ର ଏବଂ ଅନୁମୋଦନରେ ଖର୍ଚ୍ଚ ହୋଇଛି। ଏପରିକି ଏଥିପାଇଁ କୌଣସି ଦସ୍ତାବିଜ୍ ମଧ୍ୟ କରାଯାଇ ନାହିଁ। ୨୦୦ଟି ଡେକୋରେଟିଭ୍ ଲାଇଟ୍ (ପ୍ରତି ଲାଇଟ୍ ପିଛା ୭୮ ହଜାର ଟଙ୍କା) ଟଙ୍କା ହିସାବରେ କିଣାଯାଇଥିବା ପୌରପରିଷଦର ଦସ୍ତାବିଜ୍‌ରେ ଉଲ୍ଲେଖ ରହିଛି। କିନ୍ତୁ ଯାଞ୍ଚ ସମୟରେ ଜଣାପଡ଼ିଛି ଯେ, ୧୭୧ ଲାଇଟ୍ ଲଗାଯାଇଥିବାବେଳେ ଏହା ବାବଦକୁ ୨୨.୬୨ ଲକ୍ଷ ଟଙ୍କା ଅଭିଯୁକ୍ତ ମଧୁସ୍ମିତା ଏବଂ ଅନ୍ୟମାନେ ମିଳିମିଶି ହେରଫେର କରିଥିଲେ। ସେହିପରି ୮୩ ଲକ୍ଷ ୮୭ ହଜାର ୪୪୫ ଟଙ୍କା ଆନନ୍ଦ ସପ୍ଲାୟାର୍ସକୁ ବଲ୍‌କ କେମିକାଲ୍ ଯୋଗାଣ ପାଇଁ ଦିଆଯାଇଥିବା ଦର୍ଶାଯାଇଥିବା ବେଳେ ଏନେଇ କୌଣସି ଦସ୍ତାବିଜ୍ ମଧ୍ୟ ରଖାଯାଇନାହିଁ। ସେହିପରି କୌଣସି ଭାଉଚର୍‌ସ, ବିଲ୍ ଆଦି ବିନା ଲାଭ୍‌ଲି ଏଣ୍ଟରପ୍ରାଇଜେସ୍‌କୁ ୧୮ ଲକ୍ଷ ୨୮ ହଜାର ୪୮୦ ଟଙ୍କା ଦିଆଯାଇଥିବା ଦର୍ଶାଯାଇଛି। ଏହି ମାମଲାରେ ଆକାଉଣ୍ଟାଣ୍ଟ ବିଭୂତି ଗିରଫ ହୋଇଥିବାବେଳେ ସୌମ୍ୟ ଫେରାର ଅଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଗତ ୩୦ତାରିଖରେ ମଧୁସ୍ମିତାଙ୍କୁ ସରକାର ନିଲମ୍ବନ କରିଥିଲେ।

# ଛାତ୍ରୀଙ୍କୁ ପ୍ରଧାନଶିକ୍ଷକଙ୍କ ଅସଦାଚରଣ ଅଭିଯୋଗ


ସ୍କୁଲ ଆଗରେ ଉତ୍ତେଜିତ ଗ୍ରାମବାସୀ।

ଭବାନୀପାଟଣା,୨।୯(ଉତ୍ତମ କୁମାର ଦାଶ)

■ତାତିଲେ ଲୋକେ, ପ୍ରଧାନଶିକ୍ଷକଙ୍କୁ ତାଲା ପକାଇଲେ
■ଉଦ୍ଧାର ପାଇଁ ଯାଇଥିବା ପୋଲିସ ହଟହଟା

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ବଳଦିଆମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଅପରାହ୍ନରେ ଏକ ଅଭାବନୀୟ ଚିତ୍ର ଦେଖିବାକୁ ମିଳିଥିଲା। ପ୍ରଧାନଶିକ୍ଷକ ଦୁଲେନ୍ଦ୍ର ମେହେର ସ୍କୁଲର କେତେଜଣ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ନେଇ ଜୁନାଗଡ଼ ବିଇଓଙ୍କଠାରେ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରିବା ପାଇଁ ଅପରାହ୍ନରେ ଜୁନାଗଡ଼ ଶିକ୍ଷା ବିଭାଗର ବିଆର୍‌ସିସି ସୁଶାନ୍ତ ଠାକୁର,ଏବିଇଓ କ୍ଷୀରୋଦ ଭୋଇ, ଶିକ୍ଷୟିତ୍ରୀ ଚିନ୍ମୟୀ ପରିଡା ସ୍କୁଲକୁ ଯାଇଥିଲେ। ତେବେ ଏହି ସମୟରେ ଛାତ୍ରୀଙ୍କ ଅଭିଭାବକ ଓ ଗ୍ରାମବାସୀ ଉତ୍ୟକ୍ତ ହୋଇ ମାଡିଆସିବା ଦେଖି ଭୟରେ ପ୍ରଧାନ ଶିକ୍ଷକ ମେହେର ସ୍କୁଲ ଭିତରକୁ ଯାଇ କବାଟ ବନ୍ଦ କରିଦେଇଥିଲେ। ଉପସ୍ଥିତ ଗ୍ରାମବାସୀ ମଧ୍ୟ ଆଗପଟରୁ ତାଲା ପକାଇ ଦେଇଥିଲେ। ପରିସ୍ଥିତି ଅଣାୟତ୍ତ ହେବା ଦେଖି ଜୁନାଗଡ଼ ବିଇଓ ତପନ ମାଝୀ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଜୁନାଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସ୍କୁଲ ଭିତରୁ ପ୍ରଧାନ ଶିକ୍ଷକ ମେହେରଙ୍କୁ ପୋଲିସ ଉଦ୍ଧାର କରି ଗାଡ଼ିରେ ବସାଇବାବେଳେ ଉତ୍ୟକ୍ତ ଲୋକେ ପୋଲିସ ଗାଡିକୁ ଛାଡି ନ ଥିଲେ। ଫଳରେ ଦୀର୍ଘ ସମୟ ଧରି ସେଠାରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା। ଏଥିଯୋଗୁ ସ୍କୁଲ ସମ୍ମୁଖଦେଇ ଯାଇଥିବା ୨୬ନଂ. ଜାତୀୟ ରାଜପଥରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଏପରି କି ପ୍ରଧାନ ଶିକ୍ଷକ ମେହେରଙ୍କୁ ସ୍କୁଲ ବାହାରକୁ ଆଣିବା ପାଇଁ ପୋଲିସକୁ ନାକେଦମ ହେବାକୁ ପଡିଥିଲା। ପ୍ରାୟ ଘଣ୍ଟାଏ ପରେ ପୋଲିସ ପ୍ରଧାନ ଶିକ୍ଷକଙ୍କୁ ଉଦ୍ଧାର କରି ଥାନାକୁ ଆଣିବାରେ ସକ୍ଷମ ହୋଇଥିଲା। ଏ ନେଇ ଜୁନାଗଡ଼ ବିଇଓ ତପନ ମାଝୀଙ୍କୁ ପଚାରିବାରୁ ପ୍ରଧାନ ଶିକ୍ଷକଙ୍କ ନାମରେ ଅଭିଯୋଗ ଆସିବା ପରେ ତଦନ୍ତ ପାଇଁ ଏବିଇଓ ଓ ଜଣେ ଶିକ୍ଷୟିତ୍ରୀଙ୍କୁ ପଠାଯାଇଥିଲା। ବୁଧବାର ପ୍ରଧାନଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଥିଲେ। ଅନ୍ୟପଟେ ପ୍ରଧାନ ଶିକ୍ଷକ ମେହେରଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ସେ ଏହି ଅଭିଯୋଗକୁ ଖଣ୍ଡନ କରିଥିଲେ।

# ନାବାଳକଙ୍କ ସହ ଅପ୍ରାକୃତ ଯୌନସମ୍ପର୍କ, ଯୁବକ ଗିରଫ

ବଅଁରପାଳ,୨।୯ (ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍‌କୋନଗର ଥାନା ଅଞ୍ଚଳର ଜଣେ ୪ ବର୍ଷର ନାବାଳକଙ୍କ ସହ ଅପ୍ରାକୃତ ଯୌନସମ୍ପର୍କ କରାଯାଇଥିବା ନେଇ ସୋମବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତ ଯୁବକ ନାରାୟଣ ଗୁଡୁ (୨୮)ଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ନାବାଳକ ଜଣକ ଘର ପାଖରେ ଖେଳୁଥିବା ବେଳେ ଅଭିଯୁକ୍ତ ଯୁବକ ତାଙ୍କୁ ଦୋକାନରୁ ଖାଇବାକୁ ଦେବାର ପ୍ରଲୋଭନ ଦେଖାଇ ନିଛାଟିଆ ସ୍ଥାନକୁ ନେଇ ଅପ୍ରାକୃତ ଯୌନ ସମ୍ପର୍କ ରଖିଥିଲେ। ପ୍ରାୟ ଘଣ୍ଟାଏ ପରେ ନାବାଳକ ଜଣକ କାନ୍ଦି କାନ୍ଦି ଘରକୁ ଆସି ଘଟଣା ବିଷୟରେ କହିଥିଲେ। ଏହାପରେ ନାବାଳକଙ୍କ ବାପା ନାଲ୍‌କୋ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି।


# କୋର୍ଟରେ ଆତ୍ମସମର୍ପଣ କଲେ ଗ୍ୟାଙ୍ଗଷ୍ଟର ସକିଲ

କଟକ,୨।୯(କାର୍ତ୍ତିକ ସାହୁ)

ଗ୍ୟାଙ୍ଗଷ୍ଟର ମହମ୍ମଦ ସକିଲ କଟକ ଜେଏମ୍‌ଏଫ୍‌ସିଙ୍କ କୋର୍ଟରେ ମଙ୍ଗଳବାର ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ମଙ୍ଗଳାବାଗ୍ ଥାନାର ଏକ ମାମଲାରେ ସକିଲ ଅଭିଯୁକ୍ତ ଥିବା ବେଳେ ପୋଲିସର ୱାଣ୍ଟେଡ୍ ତାଲିକାରେ ରହିଥିଲେ। ଆଗାମୀ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ସହରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ନିମନ୍ତେ କମିଶନରେଟ ପୋଲିସ ପକ୍ଷରୁ ଅପରାଧୀମାନଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ତଦନୁସାରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅପରାଧୀମାନଙ୍କୁ ବାନ୍ଧି ଜେଲକୁ ପଠାଇବା କାର୍ଯ୍ୟ ଆରମ୍ଭ କରିଛି। ୨ ଦିନ ତଳେ ସକିଲଙ୍କ ସହଯୋଗୀ କୁହାଯାଉଥିବା ଅବଦୁଲ କାଦିର ଜଣେ ବ୍ୟବସାୟୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ମଙ୍ଗଳାବାଗ ପୋଲିସ ଦ୍ୱାରା ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି। ଏହି ଗିରଫଦାରି ପରେ ସକିଲ ପୋଲିସଠାରୁ ନିଜକୁ ଲୁଚାଇ ରଖୁଥିଲେ। ମାତ୍ର ଅଚାନକ ମଙ୍ଗଳବାର ସେ କୋର୍ଟରେ ଆତ୍ମସମର୍ପଣ କରିବା ଭଳି ଘଟଣା ଘଟିଛି। ଏହାକୁ ନେଇ କଟକରେ ଅସାମାଜିକ, ଅପରାଧୀମାନଙ୍କ ମଧ୍ୟରେ ଛନକା ପଶିବା ଆରମ୍ଭ ହୋଇଥିବା ଚର୍ଚ୍ଚା ହେଉଛି।

# ବନ୍ଧାହେଲେ ପୁରୁଷ ବନ୍ଧୁ, ଲଜ୍ ମାଲିକ

**ଥାନାରେ ନାବାଳିକା ବିଷାକ୍ତ ଜିନିଷ ଖାଇବା ଘଟଣା**


କେଦାର ଦାସ


ଯୋଗେନ୍ଦ୍ର କୁମାର ସିଂ

ବ୍ରହ୍ମପୁର,୨।୯(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଗୋପାଳପୁର ଥାନା ପରିସରରେ ସୋମବାର ଅପରାହ୍ନରେ ଜଣେ ନାବାଳିକା କିଛି ବିଷାକ୍ତ ଜିନିଷ ଖାଇ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନାବାଳିକାଙ୍କ ପୁରୁଷ ବନ୍ଧୁ ନିମଖଣ୍ଡି ଥାନା ଅନ୍ତର୍ଗତ ଯୋଗିଆପଲ୍ଲୀର କେଦାର ଦାସ(୨୮) ଓ ଲଜ୍ ମାଲିକ ଗୋପାଳପୁରର ଯୋଗେନ୍ଦ୍ର କୁମାର ସିଂ(୩୯)। କେଦାର ନାବାଳିକା ଛାତ୍ରୀଙ୍କୁ ଅପହରଣ କରି ଲଜ୍‌ରେ ରଖିବା ଓ ସେଠାରେ ତାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଗିରଫ ହୋଇଛନ୍ତି। ଯୋଗେନ୍ଦ୍ର ଉଭୟଙ୍କୁ ନିଜ ଲଜ୍‌ରେ ରହିବାକୁ ଅନୁମତି ଦେଇଥିବାରୁ ଗିରଫ ହୋଇଥିବା ବ୍ରହ୍ମପୁର ମୁଖ୍ୟାଳୟରେ ଖବରଦାତା ସମ୍ମିଳନୀରେ ଏସ୍‌ପି ଡା. ସର୍ବଣା ବିବେକ ଏମ୍. ସୂଚନା ଦେଇଛନ୍ତି। ୨ ଅଭିଯୁକ୍ତଙ୍କ ମୋବାଇଲ ଫୋନ୍ ଜବତ କରାଯାଇଛି। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇ ଘଟଣାର ତଦନ୍ତ ଜାରି ରହିଛି। ସେହିପରି ପୀଡ଼ିତା ଛାତ୍ରୀଙ୍କ ନିକଟରୁ ଜବତ ହୋଇଥିବା ବୋତଲ ପରୀକ୍ଷା ପାଇଁ ଏସ୍‌ଏଫ୍‌ଏସ୍‌ଏଲ୍ ପଠାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଏଥିସହ ଗୋପାଳପୁର ବେଳାଭୂମି ବୁଲିବାକୁ ଆସୁଥିବା ନାବାଳିକାଙ୍କୁ କେହି ଲଜ୍‌ରେ ରହିବାକୁ ଅନୁମତି ନ ଦେବାକୁ ପରାମର୍ଶ ଦେଇଛନ୍ତି। ଏଭଳି ବେଆଇନ କାମ କରୁଥିବା ଲଜ୍ ମାଲିକମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି କହିଛନ୍ତି।

ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ କେଦାର ସୋମବାର ମଧ୍ୟାହ୍ନରେ ତାଙ୍କ ୧୭ ବର୍ଷିୟା ବାନ୍ଧବୀଙ୍କୁ ଫୋନ କରି ଖଲ୍ଲିକୋଟ କଲେଜ ଡାକିଥିଲେ। ସେଠାରୁ ତାଙ୍କୁ ନିଜ ବାଇକ୍‌ରେ ବସାଇ ଗୋପାଳପୁର ଆଣିଥିଲେ। ବାଇକ୍ ପାର୍କିଂ କରି ସେଠାରେ ଛିଡ଼ା ହୋଇଥିବା ଲଜ୍ ମାଲିକ ଯୋଗେନ୍ଦ୍ରଙ୍କୁ ଫୋନ ପେ'ରେ ୭୦୦ ଟଙ୍କା ଦେଇ ଏକ ରୁମ୍ ବୁକ୍ କରିଥିଲେ। ଛାତ୍ରୀଙ୍କ ସହ ରୁମ୍‌ରେ ପ୍ରାୟ ୨ ଘଣ୍ଟା ରହିବା ପରେ ସେମାନଙ୍କ ମଧ୍ୟରେ କୌଣସି କଥାକୁ କେନ୍ଦ୍ର କରି ଝଗଡ଼ା ହୋଇଥିଲା। ପାଟିତୁଣ୍ଡ ଶୁଣି ଲଜ୍ ମାଲିକ ରୁମ୍ ଛାଡ଼ିବାକୁ ବାଧ କରିବାରୁ ଉଭୟେ ବାହାରି ଆସିଥିଲେ। ସେଠାରୁ ଛାତ୍ରୀଜଣଙ୍କ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ଥାନାକୁ ଆସିଥିଲେ। ଛାତ୍ରୀ ଜଣକ ନାବାଳିକା ଜଣାପଡ଼ିବା ପରେ ପୋଲିସ ତାଙ୍କ ପରିବାର ଲୋକଙ୍କୁ ଥାନାକୁ ଡକାଇଥିଲା। ଘଟଣା ସମ୍ପର୍କରେ ଯୁବକଙ୍କୁ ପଚରାଉଚରାବେଳେ ଛାତ୍ରୀ ଜଣକ ନିଜ ବ୍ୟାଗରେ ରଖିଥିବା କୌଣସି ତରଳ ଜିନିଷ ପିଇଦେବାରୁ ବାନ୍ତି ଆରମ୍ଭ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକଙ୍କ ସହାୟତାରେ ଏମ୍‌କେସିଜି ମେଡିକାଲ ଅଣାଯାଇଥିଲା। ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ତାଙ୍କୁ ଶିଶୁ ମଙ୍ଗଳ ଅଧିକାରୀଙ୍କ ନିକଟରେ ହାଜର କରାଯିବ ବୋଲି ଏସ୍‌ପି କହିଛନ୍ତି। ପୀଡ଼ିତାଙ୍କ ମା'ଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ.୩୧୬/୨୫ରେ ଏକ ମାମଲା ରୁଜୁ କରିଛି।

**PARADIP PORT AUTHOTIRY**
Tender No.ENG/CE/1569/ SQB/2024/282, Dt.01.09.2025
**MECHANIZATON OF SOUTH QUAY BERTH (SQB) ON BOT BASIS INVITATION OF REQUEST FOR QUALIFICATION (RFQ)**
Paradip Port Authority (PPA) invites applications from interested Applicants in accordance with the RFQ document which may be downloaded from the CPP Portal (https://eprocure.gov.in/eprocure/app). Last date and time of submission of RFQ Applications is 20.10.2025 till 1400 hours.
Sd/- Executive Engineer (C)
Project Implementation Office
Paradip Port Authority
PPA/PR/36/2025-2026 dtd. 02.09.2025

**ଦ.ପୂ. ରେଳପଥ – ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଉପ ମୁଖ୍ୟ ଯନ୍ତ୍ରୀ (ସିଓଏନ), ଦକ୍ଷିଣ ପୂର୍ବ ରେଳପଥ, ଟାଟାନଗର ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ **www.ireps.gov.in** ରେ ଅପଲୋଡ୍ ହୋଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖରେ ୧୪.୦୦ ଘଟିକାରେ ବନ୍ଦ କରିଦିଆଯିବ । **ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଇଆର୍-ଡିସିଇ-ସିଓଏନ୍-ଟାଟା-୦୪-୨୦୨୫, ତାରିଖ: ୨୦।୦୮।୨୦୨୫** । **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ), ଟାଟାନଗରଙ୍କ କ୍ଷେତ୍ରାଧିକାର ଅଧୀନରେ ଟାଟାନଗରଠାରେ ନୂଆ ଅଫିସ୍ ବିଲ୍ଡିଂ (ଜି+୨)ର ନିର୍ମାଣ ଏବଂ ଓଆର୍‌ଏଚ୍‌ର ସମ୍ପ୍ରସାରଣ, ବାଦାମପାହାଡ଼(ବିଏମ୍‌ପିଆର)ଠାରେ ୮ ଗୋଟି ଟାଇପ୍-II କ୍ୱାର୍ଟର ଏବଂ କେନ୍ଦୁଝରଗଡ଼ (କେଡିଜେଆର) ଷ୍ଟେଶନଠାରେ ୪ ଗୋଟି ଟାଇପ୍-II କ୍ୱାର୍ଟର ନିର୍ମାଣ ସମେତ ବୈଦ୍ୟୁତିକ, ଏସ୍ ଆଣ୍ଡ ଟି ଏବଂ ତତ୍-ସମ୍ପର୍କିତ ଅନ୍ୟାନ୍ୟ କାର୍ଯ୍ୟ । **ଆନୁମାନିକ ମୂଲ୍ୟ: ₹୧୪.୧୩ କୋଟି** । **ବିଡ୍ ଅମାନତ: ₹୮,୫୬,୪୦୦** । **ସମାପ୍ତି ଅବଧି: ୧୮ ମାସ** । **ବନ୍ଦ ହେବା ତାରିଖ: ତା୧୨।୦୯।୨୦୨୫ରିଖ** । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । **(PR-587)**

**ବ୍ରାହ୍ମଣୀ ରିଭର ପେଲେଟ୍‌ସ ଲିମିଟେଡ**
ସିଆଇଏନ୍–ୟୁ୨୭୧୦୬ଓଆର ୨୦୦୬ ପିଏଲସି୦୦୮୯୧୪
ପଞ୍ଜିକୃତ କାର୍ଯ୍ୟାଳୟ:୪ର୍ଥ ମହଲା, ଆଇପିଆଇସିଓଏଲ ହାଉସ, ଜନପଥ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା–୭୫୧୦୨୨, ଭାରତ
ଇମେଲ:secretarial@brplind.com
"ଫର୍ମ ନମ୍ବର ଆଇଏନସି–୨୫ଏ"
**ପବ୍ଲିକ ଲିମିଟେଡ୍ କମ୍ପାନୀକୁ ଏକ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀରେ ପରିଣତ କରିବା ପାଇଁ ବିଜ୍ଞପ୍ତି**
ଆଞ୍ଚଳିକ ନିର୍ଦ୍ଦେଶକ, କମ୍ପାନୀ ବ୍ୟାପାର ମନ୍ତ୍ରଣାଳୟ, ପୂର୍ବ କ୍ଷେତ୍ର, କୋଲକାତାଙ୍କ ସମ୍ମୁଖରେ
କମ୍ପାନୀ ଆଇନ, ୨୦୧୩, କମ୍ପାନୀ ଆଇନ, ୨୦୧୩ର ଧାରା ୧୪ ଏବଂ କମ୍ପାନୀ (ଇନ୍‌କର୍ପୋରେସନ) ନିୟମ, ୨୦୧୪ର ନିୟମ ୪୧ ସମ୍ବନ୍ଧରେ
ଏବଂ
ମେସର୍ସ ବ୍ରାହ୍ମଣୀ ରିଭର ପେଲେଟ୍ସ ଲିମିଟେଡ, ପଞ୍ଜିକୃତ କାର୍ଯ୍ୟାଳୟ:୪ର୍ଥ ମହଲା, ଆଇପିଆଇସିଓଏଲ ହାଉସ, ଜନପଥ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା–୭୫୧୦୨୨, ଭାରତ ସମ୍ବନ୍ଧରେ
..................................ଆବେଦନକାରୀ
ଏହାଦ୍ୱାରା ସର୍ବସାଧାରଣଙ୍କୁ ଏଠାରେ ସୂଚନା ଦିଆଯାଉଛି ଯେ କମ୍ପାନୀ ଆଇନ, ୨୦୧୩ର ଧାରା ୧୪ ଏବଂ ଉପରୋକ୍ତ ନିୟମ ଅନୁଯାୟୀ କେନ୍ଦ୍ର ସରକାରଙ୍କ ନିକଟରେ ଆବେଦନ କରିବାକୁ ଚାହୁଁଥିବା କମ୍ପାନୀଟି ଅଗଷ୍ଟ ୧୮, ୨୦୨୫ରେ ଅନୁଷ୍ଠିତ ବାର୍ଷିକ ସାଧାରଣ ବୈଠକରେ ଗୃହିତ ସ୍ୱତନ୍ତ୍ର ପ୍ରସ୍ତାବ ଅନୁଯାୟୀ ଏକ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀରେ ପରିଣତ ହେବାକୁ ଚାହୁଁଛି ଯାହା ଦ୍ୱାରା କମ୍ପାନୀ ଏପରି ପରିବର୍ତ୍ତନ ପାଇଁ ସକ୍ଷମ ହୋଇପାରିବ ।
କମ୍ପାନୀର ପ୍ରସ୍ତାବିତ ପରିବର୍ତ୍ତନ/ସ୍ଥିତି ଦ୍ୱାରା ଯାହାଙ୍କ ସ୍ୱାର୍ଥ ପ୍ରଭାବିତ ହେବାର ସମ୍ଭାବନା ଅଛି, ସେ ଏହି ସୂଚନା ପ୍ରକାଶନ ତାରିଖରୁ ୧୪ ଦିନ ମଧ୍ୟରେ ସମ୍ପୃକ୍ତ ଆଞ୍ଚଳିକ ନିର୍ଦ୍ଦେଶକ, କୋଲକାତା (ଆଞ୍ଚଳିକ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ପୂର୍ବାଞ୍ଚଳ, କର୍ପୋରେଟ୍ ଭବନ, ଷଷ୍ଠ ମହଲା, ପ୍ଲଟ ନଂ.IIIF/16, AA–IIIF, ରାଜାରହାଟ, ନ୍ୟୁ ଟାଉନ୍, ଆକନ୍ଦକେଶରୀ, କୋଲକାତା–୭୦୦୧୩୫, ପଶ୍ଚିମବଙ୍ଗ)ଙ୍କୁ ତାଙ୍କର ଆପତ୍ତି ଏବଂ ବିରୋଧର କାରଣ ଦର୍ଶାଇ ଏକ ସତ୍ୟପାଠ ଦ୍ୱାରା ସମର୍ଥିତ ତାଙ୍କର ଆପତ୍ତି ପ୍ରଦାନ କରିପାରିବେ କିମ୍ବା ପଞ୍ଜିକୃତ ଡାକ ଦ୍ୱାରା ପଠାଇପାରିବେ, ଯାହାର ଏକ କପି ଆବେଦନକାରୀ କମ୍ପାନୀକୁ ନିମ୍ନରେ ଉଲ୍ଲେଖିତ ଠିକଣାରେ ଥିବା ତାଙ୍କ ପଞ୍ଜିକୃତ କାର୍ଯ୍ୟାଳୟରେ ଦାଖଲ କରିବାକୁ ହେବ ।
ପଞ୍ଜିକୃତ କାର୍ଯ୍ୟାଳୟ: ୪ର୍ଥ ମହଲା, ଆଇପିଆଇସିଓଏଲ ହାଉସ, ଜନପଥ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା–୭୫୧୦୨୨, ଭାରତ ।
ବ୍ରାହ୍ମଣୀ ରିଭର ପେଲେଟ୍‌ସ ଲିମିଟେଡଙ୍କ ତରଫରୁ
(ଶିଳ୍ପ ଶର୍ମା)
ପରିଚାଳନା ନିର୍ଦ୍ଦେଶକ
(ଡିଆଇଏନ୍:୧୦୨୬୦୧୩୫)
ତାରିଖ:୦୩.୦୯.୨୦୨୫
ସ୍ଥାନ:ଭୁବନେଶ୍ୱର

**OFFICE OF THE EXECUTIVE ENGINEER**
**DRINKING WATER & SANITATION MECHANICAL URBAN DIVISION, RANCHI**
**Very Short e-Quotation No. 03/2025-26**
Rates through e-Quotation has been invited for the items/materials uploaded in https://jharkhand tenders.gov.in for finalization & preparation of estimate for the construction work from reputed manufacturer/authorized dealer of Pump (Mather Platt/WPIL/Kirloskar/Jyoti), Motor (Kirloskar /Crompton Greaves/Jyoti) having valid G.S.T.I.N. of materials. The rates confirming to items/ materials with specification shall be submitted online in the website https://jharkhandtenders.gov.in. Details of materials and its specification for the work of Supply, installation and commissioning of 11/3.3 KV 350 HP HT motor pump set & under D.W. & S. Mechanical Urban Division, Ranchi are available on the above e-Tender Portal. Terms & condition will be available in website and quote the rate of materials online upto 08.09.2025 at 15:00 hrs. The quotation will be opened on 09.09.2025 at 16:00 hrs. The quotation is invited to ascertain and assess the rate of materials at par with lowest market rate.
**Address for Communication**
Office of the Executive Engineer,
Drinking Water & Sanitation Mechanical
Urban Division, Ranchi,
H.E.C. High School Campus, Behind S.B.I. Hatia,
Dhurwa, Ranchi-834004
Email Id- dwsdmechurbanranchi@gmail.com
**Executive Engineer, D.W& S. Mechanical Urban Division, Ranchi**
PR 361070 Drinking Water and Sanitation (25-26)_D

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଦୋକାନ ପାଇଁ ବିକ୍ରୟକର୍ତ୍ତା ଏବଂ କର୍ମଚାରୀ ଆବଶ୍ୟକ। ରହିବା ଏବଂ ଖାଇବା ସୁବିଧା ଉପଲବ୍ଧ ଅଛି। ଦରମା– 7000 ରୁ 10000/– । ସ୍ଥାନ– ପୁରୀ ।
ଯୋଗାଯୋଗ: **9090244178**

**REQUIRED**
01. Accountant
Commerce Graduate with deep Knowledge of tally accounting
02. Data Entry Operator
Graduate with good speed of making data entry. Typing min. 30 speed per minute.
03. Liaison Officer
Graduate with 5 year experience in liaisoning
APPLY sahebramkakka@gmail.com

**WANTED**
CUSTOMER CARE OFFICER
(3 Nos.) at (ANGUL). Salary upto 15000/- pm. Qualification: Minimum +2 and PGDC in computer.
SAMSUNG SERVICE CENTER
KALTAX CHHAKA, ANGUL
CONTACT :9938521088 / 8328944142

**WANTED**
A Reputed Office Requires Junior Accountant Cum Personal Assistance Forits Bhubaneswar Office. Contact:
**9178181581**
**9090935556**

**OFFICE OF THE PRINCIPAL-CUM-SECRETARY**
**CHAITANYA SAHOO HIGHER SECONDARY SCHOOL OF SC. & ARTS**
At/P.O.: Nuapatna, P.S.: Tigiria, Dist.: Cuttack - 754035
E-Mail: cscollege.npt@gmail.com
**WALK-IN-INTERVIEW**
Wanted Lecturers in Economics, History, Odia, Sociology & Computer skilled Clerk on Contractual Basis. Desirous candidates with requisite qualifications may attend the interview in the School premises within 10 A.M. to 01 P.M. on Dt.10.09.2025. The appointment is purely temporary & no claim for permanent appointment be made in future.
Sd./- Principal

इंस्टीट्यूट ऑफ बैंकिंग पर्सोनेल सिलेक्शन®
(भारतीय रिजर्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
**INSTITUTE OF BANKING PERSONNEL SELECTION**
(An autonomous body set up by Reserve Bank of India, Central Financial Institutions and Public Sector Banks)
असेसमेंट में, हम पर भरोसा रखता है भारत | In assessment, India trusts us
IBPS प्रज्ञाविभावनम्
वेबसाईट देखने हेतु स्कैन करें Scan to visit Website
**ସିଆର୍‌ପି ଆର୍‌ଆର୍‌ବି XIV**
**ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ (ଆର୍‌ଆର୍‌ବି)ଗୁଡ଼ିକରେ ଅଫିସର୍ସ (ସ୍କେଲ୍-I, II ଏବଂ III) ଏବଂ ଅଫିସ୍ ଆସିଷ୍ଟାଣ୍ଟସ୍ (ମଲ୍ଟିପର୍ପୋଜ୍)ଙ୍କ ନିଯୁକ୍ତି ପାଇଁ ସାଧାରଣ ନିଯୁକ୍ତି ପ୍ରକ୍ରିୟା**
ଆନୁଷ୍ଠାନିକ ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି https://cgrs.ibps.inରେ ଲଗ୍ ଇନ୍ କରନ୍ତୁ
ଆର୍‌ଆର୍‌ବିଗୁଡ଼ିକରେ ଗ୍ରୁପ୍ "ଏ" - ଅଫିସର୍ସ (ସ୍କେଲ୍ - I, II ଓ III) ଏବଂ ଗ୍ରୁପ୍ "ବି" - ଅଫିସ୍ ଆସିଷ୍ଟାଣ୍ଟସ୍ (ମଲ୍ଟିପର୍ପୋଜ୍)ଙ୍କ ନିଯୁକ୍ତି ପାଇଁ ଆଗାମୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି ଆର୍‌ଆର୍‌ବି XIV) ଇନଷ୍ଟିଟ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ ସିଲେକ୍ସନ୍ (ଆଇବିପିଏସ୍) ଦ୍ୱାରା ତଳେ ଦିଆଯାଇଥିବା ସମ୍ଭାବ୍ୟ ସମୟସୂଚୀ ଅନୁଯାୟୀ ସଞ୍ଚାଳିତ ହେବ । ସମାନ ପ୍ରକ୍ରିୟା ଅଧୀନରେ ଗ୍ରୁପ୍ "ଏ" - ଅଫିସର୍ସ (ସ୍କେଲ୍- I, II ଓ III)ଙ୍କ ନିଯୁକ୍ତି ପାଇଁ ସାକ୍ଷାତକାର ନାବାର୍ଡ ଓ ଆଇବିପିଏସ୍ ସହାୟତାରେ ନୋଡାଲ୍ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କଗୁଡ଼ିକ ଦ୍ୱାରା ସଂଯୋଜିତ କରାଯିବ ଏବଂ ତାହା ଜାନୁଆରୀ/ଫେବୃଆରୀ, ୨୦୨୬ ମାସରେ ଅନୁଷ୍ଠିତ ହେବା ପାଇଁ ନିର୍ଦ୍ଧାରିତ ହୋଇଛି ।

**ଗୁରୁତ୍ୱପୂର୍ଣ୍ଣ ତାରିଖ**

| ଗତିବିଧି | ସମ୍ଭାବ୍ୟ ସମୟସୂଚୀ |
|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ଏବଂ ଆବେଦନ ଦେୟ/ଇଣ୍ଟିମେଶନ ଶୁଳ୍କ ପୈଠ | ୦୧.୦୯.୨୦୨୫ରୁ ୨୧.୦୯.୨୦୨୫ |
| ଆବେଦନ ଫର୍ମରେ ପରିବର୍ତ୍ତନ/ସଂଶୋଧନ କରିବା (ସମ୍ପାଦନା ପାଇଁ ଅନ୍‌ଲାଇନ୍ ଦେୟପୈଠ ସମେତ) ଲାଗି ପ୍ରାର୍ଥୀମାନଙ୍କ ପାଇଁ ଏଡିଟ୍ ୱିଣ୍ଡୋ | ପଞ୍ଜୀକରଣ ବନ୍ଦ ହେବା ପରେ (ଆନୁଷ୍ଠାନିକ ଆଇବିପିଏସ୍ ୱେବସାଇଟରେ ଅଧିସୂଚିତ କରାଯିବ) |
| ପ୍ରାକ୍-ପରୀକ୍ଷା ତାଲିମ (ପିଇଟି) ସଞ୍ଚାଳନ | ନଭେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀ (ଅଫିସର୍ସ/ଓଏ) | ନଭେମ୍ବର/ଡିସେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀର ଫଳାଫଳ | ଡିସେମ୍ବର, ୨୦୨୫ /ଜାନୁଆରୀ, ୨୦୨୬ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍ / ସିଙ୍ଗଲ୍ (ଅଫିସର୍ସ/ଓଏ) | ଡିସେମ୍ବର, ୨୦୨୫ /ଫେବୃଆରୀ, ୨୦୨୬ |

ବିବରଣୀ ତଥା ଅପଡେଟ୍ସ ପାଇଁ ଆନୁଷ୍ଠାନିକ www.ibps.in ୱେବ୍‌ସାଇଟ୍ ପରିଦର୍ଶନ କରିବା ଲାଗି ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ସିଆର୍‌ପି ଆରଆର୍‌ବି - XIV ନିମନ୍ତେ ଆବେଦନ କରିବା ପାଇଁ ଇଚ୍ଛୁକ ପ୍ରାର୍ଥୀମାନଙ୍କୁ ସବିଶେଷ ଅଧିସୂଚନାକୁ ଯତ୍ନପୂର୍ବକ ପଢ଼ିବା ତଥା ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ଆନୁଷ୍ଠାନିକ ଆଇବିପିଏସ୍ ୱେବ୍‌ସାଇଟରେ ଜାରି ଓ ସ୍ଥାନିତ ସବିଶେଷ ଅଧିସୂଚନାରେ ନିର୍ଦ୍ଧାରିତ ତାରିଖରେ ସେମାନେ ଯେପରି ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଛନ୍ତି ତାହା ସୁନିଶ୍ଚିତ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି । ପ୍ରାର୍ଥୀମାନେ ସବିଶେଷ ଅଧିସୂଚନାରେ ଦର୍ଶିତ ନିର୍ଦ୍ଦେଶାବଳୀକୁ ଅନୁସରଣ କରିବା ଜରୁରୀ ।
ମୁମ୍ବାଇ
ତାରିଖ: ୦୧.୦୯.୨୦୨୫ ନିର୍ଦ୍ଦେଶକ

# ୩ ହୋମ୍‌ଗାର୍ଡଙ୍କ ସମେତ ୭ ଗିରଫ

## ପୋଲିସ ଭୟ ଦେଖାଇ ୯ ଲକ୍ଷ ଲୁଟ୍

ରାୟଗଡ଼ା,୨।୯(ଆଶିଷ ରଞ୍ଜନ ପଣ୍ଡା)

ପୋଲିସର ଭୟ ଦେଖାଇ ଜଣେ ବ୍ୟବସାୟୀଙ୍କଠାରୁ ୯ ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ରାୟଗଡ଼ା ପୋଲିସ ମଙ୍ଗଳବାର ୩ ଜଣ ହୋମ୍‌ଗାର୍ଡଙ୍କ ସମେତ ୭ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବିଷମକଟକ ଥାନାର ହୋମ୍‌ଗାର୍ଡ ଇନ୍ଦ୍ରମଣି କରକରିଆ, କଲ୍ୟାଣସିଂହପୁର ଥାନାର ହୋମ୍‌ଗାର୍ଡ ତାମନା ପ୍ରାସ୍କା ଓ ଦିଲୀପ ଗରଡ଼ିଆ ଏବଂ ଅନ୍ୟମାନେ ହେଲେ ହୀରା ନାୟକ ଗରଡ଼ିଆ, ସୀମାଞ୍ଚଳ ମାଝି, ରାଧିକା ହାଲ୍‌ୱା ଓରଫ ସୁନୀତା ଏବଂ ମୁକେଶ ନାଗ । ଏହି ଲୁଟ୍ ଘଟଣାରେ ୯ ଜଣ ସମ୍ପୃକ୍ତ ଥିବା ରାୟଗଡ଼ା ପୋଲିସ ପ୍ରକାଶ କରିଛି । ସେମାନଙ୍କ ନିକଟରୁ ନଗଦ ୨ଲକ୍ଷ ୮୩ ହଜାର ଟଙ୍କା, ବୋଲେରୋ, ମୋଟରସାଇକଲ, ୬ଟି ମୋବାଇଲ ଜବତ ହୋଇଥିବା ମଙ୍ଗଳବାର ରାୟଗଡ଼ା ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମୂଲ୍ୟ ଧର ସୂଚନା ଦେଇଛନ୍ତି ।

ପୋଲିସ ସୂଚନା ଅନୁଯାୟୀ, ଗଜପତି ଜିଲା ଗାରାବନ୍ଧର ଜଣେ ବ୍ୟବସାୟୀ ଟି. ଉମା ରେଡ୍ଡୀ ଓ ତାଙ୍କର ୨ ବନ୍ଧୁ ସୋମବାର ଡ୍ରାଇଭର ସହ ଜୟପୁରରୁ ରାୟଗଡ଼ା ଆସୁଥିଲେ । ରାୟଗଡ଼ା ଜିଲା ରାପକୋଣା ଛକରେ ରାଧିକା ହାଲ୍‌ୱା ଓରଫ ସୁନୀତା ଶ୍ରମିକ ଯୋଗାଇଦେବା ନାମରେ ତାଙ୍କ ସହ କଥାବାର୍ତ୍ତା ହୋଇଥିଲେ । ଏହି ସମୟରେ ୭ଜଣ ଲୋକ ଗୋଟିଏ ବୋଲେରୋରେ ଆସିଥିଲେ । ସେଥିରେ ପୋଲିସ ପୋଷାକରେ ଥିବା କେତେଜଣ ବ୍ୟକ୍ତି ଓ ଅନ୍ୟମାନେ ବ୍ୟବସାୟୀଙ୍କୁ କାହିଁକି ଏଠାକୁ ଆସିଛ, ତୁମ ଆସିବା ଉଦ୍ଦେଶ୍ୟ କ'ଣ ବୋଲି ପଚାରିବା ସହ ଚାଲ ଏସ୍‌ପିଙ୍କୁ ଭେଟିବ ବୋଲି କହିଥିଲେ । ସୁନୀତା ବ୍ୟବସାୟୀ ଉମା ରେଡ୍ଡୀଙ୍କୁ ଅଭିଯୁକ୍ତ ଆଣିଥିବା ବୋଲେରୋରେ ବସାଇଥିଲେ । କିଛି ବାଟ ପରେ ଅଭିଯୁକ୍ତମାନେ ସୁନୀତାଙ୍କୁ ରାସ୍ତାରେ ଗାଡ଼ିରୁ ଓହ୍ଲାଇ ଦେଇଥିଲେ । ଅନ୍ୟମାନେ ବ୍ୟବସାୟୀ ଉମା ରେଡ୍ଡୀଙ୍କୁ ପୋଲିସର ଭୟ ଦେଖାଇବା ସହ ମାରପିଟ କରିଥିଲେ । ପରେ ତାଙ୍କ ପାଖରେ ଥିବା ଟଙ୍କା ଲୁଟିନେଇ କିଛି ବାଟ ଆଗକୁ ଯାଇ ବ୍ୟବସାୟୀଙ୍କୁ ରାସ୍ତାରେ ଓହ୍ଲାଇ ଦେଇଥିଲେ । ଏହି ଘଟଣା ପରେ ଉମା ରେଡ୍ଡୀ ୯ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ନେଇ ରାୟଗଡ଼ା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ରାୟଗଡ଼ା ପୋଲିସ ଏହି ଘଟଣାର ତଦନ୍ତକରି ୭ ଜଣଙ୍କୁ ଗିରଫ କରିଥିଲା । ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅତିରିକ୍ତ ଏସ୍‌ପି ଅମୂଲ୍ୟ ଧର ପ୍ରକାଶ କରିଛି ।


ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କ ଉପସ୍ଥିତିରେ ପୋଲିସ ସୂଚନା ଦେଉଛି ।

# ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ

ରାୟଗଡ଼ା,୨।୯(ଆଶିଷ ରଞ୍ଜନ ପଣ୍ଡା)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ରାୟଗଡ଼ା ସହରର ରେଲିସାହିରେ ଜଣେ ବ୍ୟକ୍ତିଙ୍କୁ ମଙ୍ଗଳବାର ମରଣାନ୍ତକ ଆକ୍ରମଣ ହୋଇଛି । ଟାଙ୍ଗିଆ ମାଡ଼ରେ ଉକ୍ତ ସାହିର ଆର୍. ଜେମ୍‌ସ(୫୨)ଙ୍କ ଗୋଟିଏ ଗୋଡ଼ ଓ ଅନ୍ୟ ଏକ ଗୋଡ଼ର ତିନୋଟି ଆଙ୍ଗୁଠି ଛିଣ୍ଡିଯାଇଛି । ଜେମ୍‌ସ ସକାଳେ ସାହିରେ ଠିଆହୋଇଥିବା ବେଳେ ୩ ଜଣ ଯୁବକ ଆସି ତାଙ୍କ ସହ ପାଟିତୁଣ୍ଡ କରିଥିଲେ । ପରେ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା । ପରେ ଉକ୍ତ ୩ ଯୁବକ ଉତ୍କ୍ଷିପ୍ତ ହୋଇ ଏକ ଟାଙ୍ଗିଆରେ ଜେମ୍‌ସଙ୍କୁ ଆକ୍ରମଣ କରିଥିଲେ । ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଜେମ୍‌ସଙ୍କୁ ଉଦ୍ଧାରକରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତିକରିଥିଲେ । ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି । ଏ ନେଇ ତାଙ୍କ ପରିବାର ପକ୍ଷରୁ ରାୟଗଡ଼ା ଥାନାରେ ଅଭିଯୋଗ ହେବା ପରେ ପୋଲିସ ତନାଘନା ଆରମ୍ଭ କରିଛି । ପୋଲିସ ଅଭିଯୁକ୍ତମାନଙ୍କୁ ଖୋଜୁଥିବା ଆଇଆଇସି ପ୍ରସନ୍ନ ବେହେରା ସୂଚନା ଦେଇଛନ୍ତି । ଫଳରେ ତାଙ୍କ ଦୁଇ ଗୋଡ଼ରେ ଆଘାତ ଲାଗିଥିଲା ।

# ବିଜ୍ଞାନ ମେଳାରେ ୪୦ ପ୍ରକଳ୍ପ ପ୍ରଦର୍ଶିତ


ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ବିଜ୍ଞାନ ପ୍ରକଳ୍ପକୁ ଅତିଥିମାନେ ବୁଲି ଦେଖୁଛନ୍ତି ।

ଜେକେପୁର,୨।୯(ରାଜେଶ ବିଶ୍ୱାଳ)

ରାୟଗଡ଼ା ଜିଲା ଜେକେପୁରରେ ଅବସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ପାଠ୍ୟଚକ୍ର ଶିକ୍ଷାକେନ୍ଦ୍ରରେ ମଙ୍ଗଳବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ବିଜ୍ଞାନ ପରିଷଦର ଜିଲାସ୍ତରୀୟ ସଂଯୋଜକ ଗୌରହରି ସାହୁ ଏବଂ ଗୌରିଶଙ୍କର ବେହେରା ଏହି ମେଳାକୁ ଉଦ୍‌ଘାଟନ କରିଥିଲେ । ବିଜ୍ଞାନ ମେଳାର ବିଷୟବସ୍ତୁ 'ପ୍ରାଚୀନ ଭାରତୀୟ ବିଜ୍ଞାନ ଅତୀତ, ଭବିଷ୍ୟତ ଆଡ଼କୁ ଲମ୍ଫଦେବା ପାଇଁ ସହାୟକ ଯନ୍ତ୍ର ହେବା ଉଚିତ' ଥିଲା । ଏହି ବିଷୟବସ୍ତୁକୁ ଆଧାରକରି ମୋଟ ୪୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ମେଳାରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଏହି ବିଷୟବସ୍ତୁ ଉପରେ ଜିଲା ଓ ରାଜ୍ୟସ୍ତରୀୟ ବିଜ୍ଞାନ ମେଳା ଆୟୋଜନ କରାଯିବା ନେଇ ଅଧ୍ୟକ୍ଷ ଅଶୋକ ଗୌଡ଼ ସୂଚନା ଦେଇଥିଲେ । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏଥିରେ ସହଯୋଗ କରିଥିଲେ । ବିଜୟ କୁମାର ନାୟକ ଓ ସତ୍ୟନାରାୟଣ ମହାରଣା ମଞ୍ଚ ପରିଚାଳନା କରିଥିଲେ ।

# ମକାଗୁଣ୍ଡରୁ କ୍ୟାରି ବ୍ୟାଗ୍

## ବାୟୋ ଡିଗ୍ରେଡେବଲ କ୍ୟାରି ବ୍ୟାଗ୍ ଉତ୍ପାଦନ ୟୁନିଟ୍ ସ୍ଥାପନକଲେ ଯୁବୋଦ୍ୟୋଗୀ

- ୩ ମାସ ମଧ୍ୟରେ ମାଟିରେ ଓ ସଙ୍ଗେ ସଙ୍ଗେ ପାଣିରେ ମିଳେଇଯାଏ
- ନିଜେ ରୋଜଗାରକ୍ଷମ ହେବା ସହ ଅନ୍ୟଙ୍କୁ କରାଉଛନ୍ତି ସ୍ୱାବଲମ୍ବୀ

ଉମରକୋଟ, ୨।୯(ସନ୍ତୋଷ ଶତପଥୀ)

ଉପାନ୍ତ ଅଞ୍ଚଳରେ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠାକରି ନିଜେ ସ୍ୱାବଲମ୍ବୀ ହୋଇ ଅନ୍ୟଙ୍କୁ କର୍ମ ଯୋଗାଇବା ପାଇଁ ଅଣ୍ଟା ଭିଡ଼ିଛନ୍ତି ଜଣେ ଉଚ୍ଚ ଶିକ୍ଷିତା ଯୁବତୀ ରିତୁ ମହନ୍ତ । ପଲିଥିନ୍ ମୁକ୍ତ ପରିବେଶ ଗଠନ ପାଇଁ ଯେଉଁ ବାର୍ତ୍ତା ସରକାର ଦେଉଛନ୍ତି ତାକୁ ସାକାର କରିବା ପାଇଁ ସେ ଏକ ପ୍ରୟାସ କରିଛନ୍ତି । ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳର ଡାଙ୍ଗରିଗୁଡ଼ାରେ ବାୟୋ ଡିଗ୍ରେଡେବଲ କ୍ୟାରି ବ୍ୟାଗ୍ ଉତ୍ପାଦନ ୟୁନିଟ୍ ଆରମ୍ଭ କରିଛନ୍ତି । ଯାହାକୁ ମଙ୍ଗଳବାର ନବରଙ୍ଗପୁର ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ ଉଦ୍‌ଘାଟନ କରିଛନ୍ତି । ଏହି କ୍ୟାରି ବ୍ୟାଗ୍ ପ୍ରସ୍ତୁତ ପାଇଁ କଞ୍ଚାମାଲ ମକାଗୁଣ୍ଡରୁ ପ୍ରସ୍ତୁତ । ଯାହାକୁ ବର୍ତ୍ତମାନ ଗୁଜରାଟରୁ ଆମଦାନୀ କରାଯାଉଛି । ଏହି ପ୍ଲାଣ୍ଟରୁ ପ୍ରସ୍ତୁତ କ୍ୟାରି ବ୍ୟାଗ୍ ଶୂନ ପ୍ରତିଶତ ପ୍ଲାଷ୍ଟିକ୍ । ଏହା ସମ୍ପୂର୍ଣ୍ଣ ଭାବେ ପରିବେଶ ଅନୁକୂଳ । ଏହା ମାଟିରେ ପଡ଼ିଲେ ୨ ରୁ ୩ ମାସ ମଧ୍ୟରେ ମିଶିଯାଏ ଓ ପାଣିରେ ପଡ଼ିଲେ ସଙ୍ଗେ ସଙ୍ଗେ ମିଳେଇଯାଏ । ଏହି ବ୍ୟାଗ୍‌କୁ ଗୋରୁ କିମ୍ବା ଛେଳି ଖାଇଲେ ମଧ୍ୟ ତାଙ୍କ ଶରୀରରେ କୌଣସି କ୍ଷତି କରିବ ନାହିଁ ବୋଲି ରିତୁ କହିଛନ୍ତି ।

କୃଷିବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ଚାକିରି ପଛରେ ନ ଦୌଡ଼ି ନିଜେ କିଛି କରିବା ପାଇଁ ରିତୁ ଚେଷ୍ଟା ଆରମ୍ଭ କରିଥିଲେ । ବାପାଙ୍କ ପ୍ରେରଣାରେ ସେ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠାକରି ପ୍ଲାଷ୍ଟିକ୍‌ମୁକ୍ତ କ୍ୟାରି ବ୍ୟାଗ୍ ପ୍ରସ୍ତୁତ କରୁଛନ୍ତି । ତାଙ୍କ ପ୍ଲାଣ୍ଟରେ କୌଣସି ଧୂଆଁ ବାହାରିବ ନାହିଁ କିମ୍ବା କୌଣସି ଶବ୍ଦ ହେବନାହିଁ । ଦୈନିକ ୮ ଘଣ୍ଟା ପ୍ଲାଣ୍ଟ ଚାଲେ । ପ୍ରତିଦିନ ୨ ରୁ ୩ କୁଇଣ୍ଟାଲ ପର୍ଯ୍ୟନ୍ତ କ୍ୟାରି ବ୍ୟାଗ୍ ଉତ୍ପାଦନ ହୋଇପାରିବ । ବର୍ତ୍ତମାନ ଏହି ପ୍ଲାଣ୍ଟରେ ପାଉଚଠାରୁ ଆରମ୍ଭକରି ୨୫ କେଜିଆ ବ୍ୟାଗ୍ ଉତ୍ପାଦନ କରାଯାଉଛି । ଉତ୍ପାଦିତ କ୍ୟାରି ବ୍ୟାଗ୍ ବର୍ତ୍ତମାନ ଜିଲାର ବ୍ୟବସାୟୀଙ୍କୁ ଦିଆଯିବ । ପରବର୍ତ୍ତୀ ସମୟରେ ଏହା ଅନ୍ୟ ଅଞ୍ଚଳକୁ ଯୋଗାଣ କରାଯିବ ବୋଲି ରିତୁ ସୂଚନା ଦେଇଛନ୍ତି । ଏହି ପ୍ଲାଣ୍ଟରେ ବର୍ତ୍ତମାନ ପ୍ରାୟ ୧୨ ଜଣ କାମ କରି ରୋଜଗାରକ୍ଷମ ହେଉଛନ୍ତି । ସେଥିମଧ୍ୟରୁ ୫ ଜଣ ମହିଳା କର୍ମଚାରୀ ରହିଛନ୍ତି । ଉଚ୍ଚଶିକ୍ଷା ଲାଭ ପରେ ମଧ୍ୟ ଚାକିରି ପଛରେ ନ ଗୋଡ଼ାଇ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟଙ୍କୁ ସ୍ୱାବଲମ୍ବୀକରି ରିତୁ ବେକାର ଯୁବତୀଯୁବକଙ୍କୁ ପ୍ରେରଣା ଯୋଗାଉଛନ୍ତି । ଏଥିସହ ତାଙ୍କ ପ୍ଲାଣ୍ଟରୁ ବାହାରୁଥିବା କ୍ୟାରି ବ୍ୟାଗ୍ ପ୍ଲାଷ୍ଟିକ୍‌ମୁକ୍ତ ହୋଇଥିବାରୁ ବିଭିନ୍ନ ସରକାରୀ ଅନୁଷ୍ଠାନରେ ବ୍ୟବହାର ପାଇଁ ପଠାଯିବ । ଏହାର ବ୍ୟବହାର ପାଇଁ ମଧ୍ୟ ଲୋକଙ୍କୁ ସଚେତନ କରାଯିବ ବୋଲି ଜିଲାପାଳ ସ୍ୱାଇଁ କହିଛନ୍ତି ।

# ଜିଲା କଂଗ୍ରେସ ସଭାପତି ଚୟନ ପ୍ରକ୍ରିୟା ଆରମ୍ଭ



ବୈଠକରେ ଏଆଇସିସି ପର୍ଯ୍ୟବେକ୍ଷକ ରିଜ୍‌ୱାନ ଅର୍ସଦ, ରାୟଗଡ଼ା ବିଧାୟକ ଏବଂ ଅନ୍ୟ କଂଗ୍ରେସ ନେତା ।

## ଏଆଇସିସି ପର୍ଯ୍ୟବେକ୍ଷକ ରିଜ୍‌ୱାନଙ୍କ ରାୟଗଡ଼ା ଗସ୍ତ

ରାୟଗଡ଼ା, ୨।୯(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କଂଗ୍ରେସ ସଭାପତି ଚୟନ ପ୍ରକ୍ରିୟାକୁ ଗତିଶୀଳ କରିବା ସହ ଦଳକୁ ଆହୁରି ମଜଭୁତ କରିବା ପାଇଁ ଏଆଇସିସି ପର୍ଯ୍ୟବେକ୍ଷକ ରିଜ୍‌ୱାନ ଅର୍ସଦ ମଙ୍ଗଳବାର ଜିଲାରେ ପହଞ୍ଚି ସମୀକ୍ଷା କରିଛନ୍ତି । ସ୍ଥାନୀୟ ଟାଉନ୍ ହଲ୍‌ରେ ମଙ୍ଗଳବାର ଆୟୋଜିତ କର୍ମୀ ସମ୍ମିଳନୀରେ ସେ ଯୋଗଦେଇ କଂଗ୍ରେସର ଜିଲାସ୍ତରୀୟ ନେତା ଏବଂ କର୍ମୀଙ୍କ ସହ ଆଲୋଚନା କରିଛନ୍ତି । ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ କେମିତି କଂଗ୍ରେସକୁ ଶକ୍ତିଶାଳୀ କରାଯିବ ଓ ପୁରୁଣା କର୍ମୀ କିପରି ଦଳକୁ ଫେରିବେ ସେଥିପାଇଁ ମତାମତ ସଂଗ୍ରହ କରାଯାଇଥିଲା । ଜିଲାର ଏମ୍‌ପି ଓ ସମସ୍ତ ବିଧାୟକ କଂଗ୍ରେସର ହୋଇଥିବାରୁ ଦଳ ଏଠି ସୁଦୃଢ଼ ବୋଲି ପ୍ରକାଶ କରିଥିଲେ । ପର୍ଯ୍ୟବେକ୍ଷକ ଅର୍ସଦ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଜିଲାର ବିଭିନ୍ନ ବ୍ଲକ୍ ଗସ୍ତକରି କର୍ମୀମାନଙ୍କ ସହ ଆଲୋଚନା କରିବେ ଓ ଅନ୍ତିମ ରିପୋର୍ଟ ଏଆଇସିସି ଅଧ୍ୟକ୍ଷଙ୍କୁ ପ୍ରଦାନ କରିବେ ବୋଲି ସୂଚନା ମିଳିଛି । ସଭାରେ ଜିଲା କଂଗ୍ରେସ ସଂଯୋଜକ ଦୁର୍ଗାପ୍ରସାଦ ପଣ୍ଡାଙ୍କ ସହ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା, ବିଷମକଟକ ବିଧାୟକ ନୀଳମାଧବ ହିକ୍‌କା, ବରିଷ୍ଠ ନେତା ଅଜିତ୍ ଦାସ, ସୁନୀଲ ଚନ୍ଦ୍ର ପଣ୍ଡା, ଦିଲୀପ ପଟ୍ଟନାୟକ, ଯୁବନେତା ଅସ୍‌ଲମ ଖାନ୍, ବାଦଲ ମହାନ୍ତି ଓ ଜିଲାର ଅନେକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

# ପୋଖରୀରେ ବୁଡ଼ି ଯୁବକ ମୃତ

ମୋହନା,୨।୯(ମନ୍ମଥ ମିଶ୍ର)

ମୋହନା ଥାନା କର୍ଞ୍ଚବାଡ଼ି ପଞ୍ଚାୟତ ଅଧିନ କୁଟିଗୁଡ଼ା ଗ୍ରାମର ଜଣେ ଯୁବକଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି । ସେ ହେଲେ ଧର୍ମେନ୍ଦ୍ର ନାୟକ(୩୫) । ଧର୍ମେନ୍ଦ୍ର ସୋମବାର ନିକଟସ୍ଥ ପୋଖରୀକୁ ଗାଧୋଇ ଯାଇଥିବା ବେଳେ ଅସାବଧାନତାରୁ ଗଭୀର ପାଣିକୁ ଚାଲି ଯାଇଥିଲେ । ପରିବାର ଲୋକେ ଏହା ଜାଣିବା ପରେ ତାଙ୍କୁ ଉଦ୍ଧାର କରି ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ସଚ୍ଚିନ କୁମାର ତାଙ୍କୁ ମୃତ ଘୋଷଣା କରିଥିଲେ । ମୋହନା ପୋଲିସ ମୃତଦେହ ଜବତ କରି ନଂ.୮/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ଧର୍ମେନ୍ଦ୍ର ଜଣେ ଗରୀବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଗ୍ରାମବାସୀ ନିବେଦନ କରିଛନ୍ତି ।

# ରାସ୍ତା, ପୋଲ ମରାମତିକଲେ ଲୋକେ

## ଗୁହାରି ଶୁଣିଲାନି ପ୍ରଶାସନ

ମାଲକାନଗିରି, ୨।୯( ଗୌରି ଶଙ୍କର ପଣ୍ଡା )

ଦୀର୍ଘ ଦିନ ଧରି ଅଭିଯୋଗକଲା ପରେ ମଧ୍ୟ ଗୁହାରି ଶୁଣିଲାନାହିଁ ପ୍ରଶାସନ । ଶେଷରେ ନିଜେ ଶ୍ରମ ଦାନକରି ରାସ୍ତା ମରାମତି କଲେ ଗ୍ରାମବାସୀ । ଏହା ଦେଖିବାକୁ ମିଳିଛି ମାଲକାନଗିରି ଜିଲାରେ । ସୂଚନା ମୁତାବକ ମାଲକାନଗିରି ସଦର ବ୍ଲକ ଝରାପାଲି ପଞ୍ଚାୟତ ରାମପୁରଠାରୁ ତେଲିମେଟା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ପୋଲ ବିଗତ ବର୍ଷାରେ ଭାଙ୍ଗିଯାଇଥିବା ବେଳେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ଯାହାକୁ ନେଇ ଅନେକଥର ଗ୍ରାମବାସୀ ଜିଲା ପ୍ରଶାସନ ଓ ସ୍ଥାନୀୟ ବିଧାୟକଙ୍କ ପାଖରେ ଜଣାଇ ଥିଲେ ମଧ୍ୟ କୌଣସି ସୁଫଳ ମିଳିଲାନାହିଁ । ତେଣୁ ସ୍ଥାନୀୟ ଲୋକେ ଯାତାୟାତରେ ସମସ୍ୟା ଭୋଗୁଥିବା ବେଳେ ପ୍ରଶାସନ ଏ ଦିଗରେ ପଦକ୍ଷେପ ନେଉ ନ ଥିବାରୁ ଗ୍ରାମବାସୀ ନିଜେ ଶ୍ରମ ଦାନକରି ପୋଲ ସହ ରାସ୍ତା ତିଆରି କରିଛନ୍ତି । ପୋଲର ଅସ୍ଥାୟୀ ମରାମତି କରାଯାଇଥିବା ବେଳେ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି କରିଛନ୍ତି ।


ଗ୍ରାମବାସୀ ରାସ୍ତା ତିଆରି କରୁଛନ୍ତି ।

# ଗୁମ୍ମା ଘାଟିରେ ଓଲଟିଲା ଟ୍ରେଲର, ୮ଘଣ୍ଟା ଏନ୍‌ଏଚ୍ ଜାମ୍

ରାୟଗଡା,୨।୯(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ସଦର ବ୍ଲକ୍ ଗୁମ୍ମା ଘାଟିର ଏକ ବୁଲାଣି ରାସ୍ତାରେ ମଙ୍ଗଳବାର ସକାଳୁ ଭାରସାମ୍ୟ ହରାଇ ଏକ ଟ୍ରେଲର ଓଲଟି ପଡିଥିଲା । ଫଳରେ ରାୟଗଡା-କୋରାପୁଟ ୩୨୬ ନଂ ଜାତୀୟ ରାଜପଥ ଅବରୋଧ ହୋଇ ଯାତାୟାତ ଠପ୍ ହୋଇଯାଇଥିଲା । ଏହି ଦୁର୍ଘଟଣା ଫଳରେ ରାୟଗଡାଠାରୁ କୋରାପୁଟ, କାଶୀପୁର ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା । ଘଟଣାସ୍ଥଳରେ ରାୟଗଡା ପୋଲିସ ପହଞ୍ଚି ପ୍ରାୟ ୮ ଘଣ୍ଟା କସରତ ପରେ ରାସ୍ତାରୁ ଟ୍ରେଲରକୁ ହଟାଇବା ପରେ ଏହି ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା । ଏହି ବୁଲାଣିରେ ବାରମ୍ବାର ଦୁର୍ଘଟଣା ଘଟି ରାସ୍ତା ଜାମ ହେଉଥିଲେ ମଧ୍ୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ କେଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି ବୋଲି ରାୟଗଡା ବିଧାୟକ ଆପଲସ୍ୱାମୀ କାଡ୍ରାକା ଅଭିଯୋଗ କରିଛନ୍ତି ।


ଗୁମ୍ମା ଘାଟିରେ ଦୁର୍ଘଟଣାଗ୍ରସ୍ତ ଟ୍ରେଲର ।

# ଦାବି ପୂରଣ ନ ହେଲେ ଦୃଢ଼ ପ୍ରତିବାଦ, ବିରୋଧ କରାଯିବ

## ରାଜ୍ୟ ବିଦ୍ୟୁତ୍ ନିଗମ ଯନ୍ତ୍ରୀ ସଂଘ ସମ୍ମିଳନୀ

ରାୟଗଡ଼ା,୨।୯(ଆଶିଷ ରଞ୍ଜନ ପଣ୍ଡା)

ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିଗମ ଯନ୍ତ୍ରୀ ସଂଘର ରାୟଗଡ଼ା ମଣ୍ଡଳସ୍ତରୀୟ ଏକ ବୈଠକ ରବିବାର ପାରଳାଖେମୁଣ୍ଡିସ୍ଥିତ ବନଦୁର୍ଗା ମନ୍ଦିର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ଟିପିଏସ୍‌ଓଡିଏଲ୍ ଶାଖାର ସାଧାରଣ ସମ୍ପାଦକ ଇଂ. ରଶ୍ମିରଞ୍ଜନ ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ଉପସଭାପତି ଇଂ. ସରୋଜ କୁମାର ମିଶ୍ର ଓ ରାଜ୍ୟ କୋଷାଧ୍ୟକ୍ଷ ଇଂ. ମହେଶ୍ୱର ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସଭ୍ୟ ଇଂ. ସୁନୀଲ କୁମାର ରାଉତ ଯୋଗଦେଇଥିଲେ । ବୈଠକରେ ସଭ୍ୟମାନଙ୍କ ବ୍ୟକ୍ତିଗତ ଓ ସାମୂହିକ ବିଭିନ୍ନ ସମସ୍ୟା ଏବଂ ଦୀର୍ଘଦିନର ନ୍ୟାଯ୍ୟ ଦାବି ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା । ସେହିପରି ବୈଠକରେ ସମସ୍ତ ସଭ୍ୟ ଟାଟା ପାୱାର ମ୍ୟାନେଜମେଣ୍ଟ ଆମ ଯନ୍ତ୍ରୀ ଓ କର୍ମଚାରୀଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରିବା, ପାତରଅନ୍ତର ନୀତି ଆପଣାଇବା, ପ୍ରତିଶୋଧପରାୟଣ ମନୋଭାବ ରଖି ହୀନ କାର୍ଯ୍ୟାନୁଷ୍ଠାନ ଉଦ୍ୟମ କରିବା ଓ ଦୀର୍ଘଦିନର ନ୍ୟାଯ୍ୟ ଦାବିଗୁଡ଼ିକୁ ପୂରଣ ନ କରିବା ଉପରେ କ୍ଷୋଭ ପ୍ରକାଶ କରିଥିଲେ । ବୈଠକରେ ରାୟଗଡ଼ା ଓ ଗଜପତି ଜିଲାର ସମସ୍ତ ସଭ୍ୟ ଯୋଗଦେଇଥିଲେ । ବୈଠକରେ ସଂଘର କୋର୍ କମିଟି ସଦସ୍ୟ ଇଂ. ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ରାୟଗଡ଼ା ଡିଭିଜନ ସମ୍ପାଦକ ଇଂ. ଅରବିନ୍ଦ କିରଣ ପଣ୍ଡା, ଗୁଣପୁର ଡିଭିଜନ ସମ୍ପାଦକ ଇଂ. ଜିତେନ୍ଦ୍ର କୁମାର ରାୟ, ପାରଳାଖେମୁଣ୍ଡି ଡିଭିଜନ ସମ୍ପାଦକ ଇଂ. ଦିଲୀପ କୁମାର ଲେଙ୍କାଙ୍କ ସମେତ ଅନ୍ୟ ବରିଷ୍ଠ ସଭ୍ୟମାନେ ଉପସ୍ଥିତ ଥିଲେ । ସଂଘର ସମସ୍ତ ନ୍ୟାଯ୍ୟ ଦାବି ଯଥାଶୀଘ୍ର ପୂରଣ ସହ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଉନ୍ନତ ଓ ଗୁଣାତ୍ମକମାନର ସେବା ପହଞ୍ଚାଇବା ଏବଂ ଯନ୍ତ୍ରୀମାନଙ୍କୁ ଉତ୍ସାହିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ରାୟଗଡ଼ା ମଣ୍ଡଳର ସଂଘ ସହକାରୀ ସାଧାରଣ ସମ୍ପାଦକ ଇଂ. ମହମ୍ମଦ ରଜିଉଲ୍ଲା ସଂଘର କେନ୍ଦ୍ରୀୟ ନେତୃତ୍ୱ ମଣ୍ଡଳୀ ମାଧ୍ୟମରେ ଟାଟା ପାୱାର ପରିଚାଳନାବର୍ଗଙ୍କୁ ଅନୁରୋଧ କରିଛନ୍ତି । ଦାବି ପୂରଣ ନ ହେଲେ ଆଗାମୀ ଦିନରେ ସଂଘ ପକ୍ଷରୁ ଦୃଢ଼ ପ୍ରତିବାଦ ଓ ବିରୋଧ କରାଯିବ ବୋଲି ରଜିଉଲ୍ଲା ଚେତାବନୀ ଦେଇଛନ୍ତି ।


ବୈଠକରେ ବିଦ୍ୟୁତ୍ ନିଗମ ଯନ୍ତ୍ରୀ ସଂଘର କର୍ମକର୍ତ୍ତା ।

# ବିକ୍ରମଦେବ ବିଶ୍ୱବିଦ୍ୟାଳୟକୁ ୟୁଜିସି ମାନ୍ୟତା

ଜୟପୁର,୨।୯(ପବନ ପାରିଗ୍ରାହୀ)

କୋରାପୁଟ ଜିଲା ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟକୁ ୟୁଜିସି ପକ୍ଷରୁ ମାନ୍ୟତା ମିଳିଥିବା ନେଇ ଓଏସ୍‌ଡି ପ୍ରଫେସର ଦେବୀ ପ୍ରସାଦ ମିଶ୍ର ଖବରଦାତା ସମ୍ମିଳନୀରେ ମଙ୍ଗଳବାର ସୂଚନା ଦେଇଛନ୍ତି। ବିଶ୍ୱବିଦ୍ୟାଳୟକୁ ୨-ଏଫ୍ ମାନ୍ୟତା ମିଳିବା ପରେ ଏହା ନୂତନ ପରିଚୟ ପାଇଥିବା ଓଏସଡି ସୂଚନା ଦେଇଛନ୍ତି। ଏହା ପରେ ବିଶ୍ୱବିଦ୍ୟାଳୟର ପ୍ରମାଣପତ୍ରରେ ବୈଧତା ପ୍ରମାଣିତ କରିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ,୨୦୨୩ ଜୁନ୧ରୁ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ଷମ ହେବା ପରେ ୟୁଜିସିର ୨-ଏଫ ମାନ୍ୟତା ପାଇଁ ଆବେଦନ କରାଯାଇଥିଲା। ୟୁଜିସି ୱେବ୍ ସାଇଟ୍‌ରେ ଅପଲୋଡ କରାଯାଇଥିବା ସମସ୍ତ ୟୁଜିସି ସ୍ୱୀକୃତିପ୍ରାପ୍ତ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ତାଲିକାରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟକୁ ସ୍ଥାନ ମିଳିଛି। ମାନ୍ୟତା ପରେ ବିଶ୍ୱବିଦ୍ୟାଳୟ ଡିଗ୍ରୀ ପ୍ରଦାନ କରିବା କ୍ଷମତା ହାସଲ କରିଛି। ବର୍ତ୍ତମାନଠାରୁ ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର ଦେଶ ବିଦେଶରେ ଅଧ୍ୟୟନ କରିବା ସୁଯୋଗ ପାଇବେ ବୋଲି ପ୍ରଫେସର ମିଶ୍ର କହିଛନ୍ତି।

# ଦେଶୀ ରନ୍ଧାମଦ ବ୍ୟବସାୟ ବନ୍ଦ ଦାବି

## ବେପାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ମହିଳାଙ୍କ ଦାବିପତ୍ର

ନବରଙ୍ଗପୁର, ୨।୯( ସଦାଶିବ ପ୍ରହରାଜ)

ଗାଁରେ ଦେଶୀମଦ ପ୍ରସ୍ତୁତ ହେଉଛି। ଘରମାନଙ୍କରେ ଗଣ୍ଡଗୋଳ, ଘରୋଇ ହିଂସା ବୃଦ୍ଧି ପାଉଛି। ଏହିଭଳି ଅଭିଯୋଗ ଆଣିଛନ୍ତି ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ୍ ଅଧୀନ ପାତ୍ରପୁଟ ପଞ୍ଚାୟତର ୯ ନମ୍ବର ୱାର୍ଡ ପଡ଼େଇଗୁଡ଼ା ଗାଁର ମହିଳାମାନେ। ଦେଶୀ ରନ୍ଧା ମଦ ବ୍ୟବସାୟ ବନ୍ଦ କରାଯିବା ସହ ଯେଉଁମାନେ ରାନ୍ଧୁଛନ୍ତି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ମଙ୍ଗଳବାର ସେମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ଅତିରିକ୍ତ ଜିଲାପାଳ ତପନ କୁମାର ଖୁଣ୍ଟିଆ ଦାବିପତ୍ର ଗ୍ରହଣ କରିଛନ୍ତି।

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ୍ ଅଧୀନ ପାତ୍ରପୁଟ ପଞ୍ଚାୟତର ୯ ନମ୍ବର ୱାର୍ଡ ପଡ଼େଇଗୁଡ଼ା ଗାଁରେ ରହିଛନ୍ତି ୧୭୦ ପରିବାର। ୱାର୍ଡମେମ୍ବର ପଦ୍ମାବତୀ ମାଝୀ, ସଞ୍ଜୁ ଚଲାଣ, ଯମୁନା ସୌରା, ରମ୍ଭା ସୌରା, ବୈଦୀ ପାଇକଙ୍କ ସମେତ ଗାଁର ମହିଳାମାନେ କହିଛନ୍ତି, ପଡ଼େଇଗୁଡ଼ା ଗାଁରେ ବେଆଇନ ଦେଶୀ ମଦ ରନ୍ଧା ବ୍ୟବସାୟ ବ୍ୟାପକ ଭାବେ ଚାଲିଛି। ଅନେକ ଥର ମଦ ବନ୍ଦ କରାଯିବାକୁ ଥାନା ଓ ଅବକାରୀ ବିଭାଗକୁ ଲିଖିତ ଅଭିଯୋଗ କରାଯାଇଥିଲା। କିଛିଦିନ ପାଇଁ ମଦ କାରବାର ବନ୍ଦ ରହିଥିଲା। ଏବେ ପୁଣି ବେଆଇନ ଭାବେ ଦେଶୀମଦ ରନ୍ଧା ଓ ବିକ୍ରି ବ୍ୟାପକଭାବେ ଚାଲିଛି। ପୁରୁଷମାନେ କୁଲି ମଜୁରି କରିବାକୁ ଯାଇ ଯାହା ରୋଜଗାର କରୁଛନ୍ତି ମଦ ପିଇଦେଉଛନ୍ତି । ଘରେ ପରିବାର ସ୍ତ୍ରୀ, ପିଲାମାନଙ୍କ ସହ ଝଗଡ଼ା କରୁଛନ୍ତି। ମଦ ନିଶା ପାଇଁ ଘରର ଆସବାପତ୍ର ମଧ୍ୟ ବିକ୍ରି କରିଦେଉଛନ୍ତି। ମହିଳାମାନେ ବାହାରକୁ କୁଲି ମଜୁରି କରି ଯାହା ରୋଜଗାର କରୁଛନ୍ତି ସେଥିରେ ପରିବାର ଚଳୁଛି। ଗାଁ ମାନଙ୍କରେ ବେଆଇନ ମଦ କାରବାର ଯୋଗୁ ଗାଁ ପରିବେଶ, ଯୁବଗୋଷ୍ଠୀ ମଧ୍ୟ ଅନ୍ୟ ବାଟକୁ ଚାଲିଯାଉଛନ୍ତି। ଦେଶୀମଦ ରନ୍ଧା ଓ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି।



ଦାବି ଜଣାଇବାକୁ ଆସିଥିବା ମହିଳାମାନେ।

# ଅଚାନକ ପହଞ୍ଚି ସାର ଗୋଦାମ ଷ୍ଟକ ଯାଞ୍ଚ କଲେ ଜିଲାପାଳ

ଉମରକୋଟ, ୨।୯(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ ମଙ୍ଗଳବାର ଉମରକୋଟ ଗସ୍ତରେ ଆସିଥିଲେ। ସେ ଉମରକୋଟ ଲ୍ୟାମ୍ପସ, ଅଧିକାରୀଗୁଡ଼ାରେ ଥିବା ଜିତ ଫର୍ଟିଲାଇଜର, ଉମରକୋଟ ସହର ନିକଟସ୍ଥ ଦାଢ଼ିଗୁଡାରେ ଥିବା ସିଦ୍ଧି ବିନାୟକ ଟ୍ରେଡର୍ସ ଗୋଦାମରେ ପଶି ସାରର ଷ୍ଟକ୍ ଯାଞ୍ଚ କରିଥିଲେ। ଏଥିସହ ସମସ୍ତ କାଗଜପତ୍ର ଓ ରେଜିଷ୍ଟର ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ କୌଣସି ତ୍ରୁଟି ନ ଥିବା ସୂଚନା ମିଳିଛି। ଉମରକୋଟ ଅଞ୍ଚଳରେ ସାର ଅଭାବ ରହିଥିଲା। ବର୍ତ୍ତମାନ ପର୍ଯ୍ୟାପ୍ତ ପରିମାଣର ସାର ଉମରକୋଟକୁ ଯୋଗାଇ ଦିଆଯାଇଛି। ଚାଷୀ ବ୍ୟସ୍ତ ବିବ୍ରତ ନ ହୋଇ ଲ୍ୟାମ୍ପସ ଓ ଡିଲରଙ୍କ ପାଖରୁ ସାର ନେଇପାରିବେ ବୋଲି ଜିଲାପାଳ କହିଛନ୍ତି। ଏଥିସହ କଳାବଜାର ରୋକିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ନବରଙ୍ଗପୁର ଜିଲାର ଉମରକୋଟ ଏକ ପ୍ରଧାନ କୃଷି ଅଞ୍ଚଳ ହୋଇ ଥିବାବେଳେ ପ୍ରତି ବର୍ଷ ଚାଷୀମାନେ ଠିକ୍ ସମୟରେ ୟୁରିଆ ଓ ବିଭିନ୍ନ ସାର ପାଇ ପାରୁନାହାନ୍ତି। ଅନେକ ସମୟରେ ରାସ୍ତାରୋକୋ ମଧ୍ୟ କରାଯାଉଛି। ଏପରି କି ବେପାରୀମାନେ ଛତିଶଗଡ଼ରୁ ସାର ଆଣି ଚଢ଼ା ଦରରେ ଚାଷୀମାନଙ୍କୁ ବିକ୍ରିକରି ସେମାନଙ୍କୁ ଶୋଷଣ କରୁଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ତେଣୁ ଜିଲାପାଳ ଯାଞ୍ଚ କରିଥିଲେ। ଜିଲାପାଳଙ୍କ ସହ ଉମରକୋଟ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ନାୟକ, ରାଇଘର ବ୍ଲକ କୃଷି ଅଧିକାରୀ ରଶ୍ମିକାନ୍ତ ସାହୁ, କୃଷି ଜିଲା ଅଧିକାରୀ ନିହାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଅଧିକାରୀଗୁଡ଼ାରେ ଜିଲାପାଳ ମହେଶ୍ୱର ସ୍ୱାଇଁ ଷ୍ଟକ୍ ଯାଞ୍ଚ କରୁଛନ୍ତି।

# ଜମିକୁ ଯାଇ ୨ ମାସ ହେବ ସ୍ୱାମୀ ନିଖୋଜ

## ଖୋଜି ଆଣିବାକୁ ସ୍ତ୍ରୀ ଝିଅଙ୍କ ଆକୁଳ ନିବେଦନ

ନବରଙ୍ଗପୁର,୨।୯(ସଦାଶିବ ପ୍ରହରାଜ)

ଦାଦନ ଖଟିବାକୁ ବାହାରକୁ ଯାଇଥିଲେ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ ଉହିମାଲ ନିକଟ କୋଦଭଟ୍ଟା ଗାଁର ସଦନ ପୁଟା । ସେଠାରୁ ଘରକୁ ଫେରି ଆସିଲେ। ଗତ ଜୁଲାଇ ମାସରେ ପରେ ଜମିକୁ ଯାଇ ଆଉ ଘରକୁ ଫେରିଲେ ନାହିଁ। ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହକରି ପୋଲିସରେ ଅଭିଯୋଗ କରାଯାଇଛି। ପୋଲିସ କିଛି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଘଟଣାକୁ ୨ ମାସ ହେବାକୁ ଯାଉ ଥିବାବେଳେ ସ୍ୱାମୀଙ୍କ ପତ୍ତା ମିଳିନାହିଁ ବୋଲି ସଦନଙ୍କ ସ୍ତ୍ରୀ ସୁନାଦେଈ ପୁଟା କହିଛନ୍ତି। ମଙ୍ଗଳବାର ସୁନାଦେଈ ୨ ଝିଅଙ୍କ ସହ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବସି ରହିଥିଲେ। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଯିବେନାହିଁ ବୋଲି ସୁନାଦେଈ କହିଥିଲେ। ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ତପନ କୁମାର ଖୁଣ୍ଟିଆଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଘଟଣା ସମ୍ପର୍କରେ ଯାଞ୍ଚ କରାଯିବ ବୋଲି ଅତିରିକ୍ତ ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

ଅଭିଯୋଗପତ୍ର ଅନୁଯାୟୀ, ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ ଅଧୀନ ଉହିମାଲ ନିକଟ କୋଦଭଟା ଗାଁର ସଦନ ପୁଟା ୨୦୨୪ ଡିସେମ୍ବରରେ ମାଡ୍ରାସକୁ ଦାଦନ ଖଟିବାକୁ ଯାଇଥିଲେ। ଜୁଲାଇ ମାସରେ ଗାଁକୁ ଫେରିଲେ। ସେଠାରେ ଠିକାଦାର ଖାଇବା ଓ ରହିବାକୁ ଦେଇଥିଲେ। ପାରିଶ୍ରମିକ ବାବଦକୁ ୯୦ ହଜାର ଟଙ୍କା ମଧ୍ୟସ୍ଥଙ୍କୁ ଦିଆଯାଇଥିବା ସାହୁକାର କହିଥିଲେ। କିନ୍ତୁ ଦାଦନ ଖଟି ଗାଁକୁ ଫେରିବା ପରେ ମଧ୍ୟସ୍ଥ ଜଣକ ଟଙ୍କା ଦେଲେ ନାହିଁ। ଏନେଇ ସଦନ ଟଙ୍କା ମାଗିବାରୁ ସେ ଟଙ୍କା ପାଇ ନାହାନ୍ତି ବୋଲି କହିଥିଲେ। ସରପଞ୍ଚ, ୱାର୍ଡମେମ୍ବର ଗାଁ ଭଦ୍ରଲୋକଙ୍କୁ ନେଇ ବୈଠକ କରାଯାଇଥିଲା। ସେଠାରେ ମଧ୍ୟସ୍ଥ ଜଣକ ଟଙ୍କା ପାଇଥିବା କଥା ସ୍ୱୀକାର କଲେନାହିଁ। ବୈଠକ ପରଦିନ ସକାଳୁ ସଦନ ଦାନ୍ତକାଠି ଧରି ଜମି ଆଡ଼େ ଯାଇଥିଲେ। ଏହା ପରଠାରୁ ସେ ନିଖୋଜ ଅଛନ୍ତି। ପରିବାର ଲୋକ ବିଭିନ୍ନ ଗାଁ, ଜମି, ଜଙ୍ଗଲ ଖୋଜିଲେ କୌଣସି ସନ୍ଧାନ ପାଇଲେ ନାହିଁ। ଚନ୍ଦାହାଣ୍ଡି ଥାନାରେ ୨୦୨୫ ଜୁଲାଇ ୮ରେ ସଦନ ନିଖୋଜ ଥିବା ନେଇ ସୁନାଦେଈ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଚନ୍ଦାହାଣ୍ଡି ପୋଲିସ କେସ୍ ନମ୍ବର ୧୮/୨୫ରେ ଏକ ମାମଲା ରୁଜୁ କରିଥିଲା। କିନ୍ତୁ ପୋଲିସ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ସୁନାଦେଈ ଅଭିଯୋଗ କରିଛନ୍ତି।



ଦାବି ଜଣାଇବାକୁ ଆସିଥିବା ସଦନଙ୍କ ସ୍ତ୍ରୀ ଓ ଝିଅ।

# ମାଣ୍ଡିଆ ପ୍ରସ୍ତୁତ ସୁସ୍ୱାଦୁ ବ୍ୟଞ୍ଜନ ପ୍ରଦର୍ଶିତ




ଅତିଥିମାନଙ୍କୁ ମାଣ୍ଡିଆ ତିଆରି ଖାଦ୍ୟ ପ୍ରଦାନ କରାଯାଉଛି।

## ଶ୍ରୀଅନ୍ନ ଅଭିଯାନ ପକ୍ଷରୁ ମାଣ୍ଡିଆ ଖାଦ୍ୟମେଳା, ପ୍ରଦର୍ଶନୀ

ଝରିଗାଁ,୨।୯(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍ ଫୁପୁଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ହର୍ଷା ଟ୍ରଷ୍ଟ ଆନୁକୂଲ୍ୟରେ ଶ୍ରୀଅନ୍ନ ଅଭିଯାନରେ ମାଣ୍ଡିଆ ପୁଷ୍ଟି ଶସ୍ୟଭିତ୍ତିକ ଖାଦ୍ୟକୁ ନେଇ ଏକ ଖାଦ୍ୟମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀଅନ୍ନ ଓ ପାରମ୍ପରିକ କୃଷି ଐତିହ୍ୟକୁ ନେଇ ଖାଦ୍ୟମେଳା ଓ ପ୍ରଦର୍ଶନୀରେ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ପ୍ରଦର୍ଶନ ସାଙ୍ଗକୁ ଖାଦ୍ୟ ସମୂହର ଖାଦ୍ୟସାର ଓ ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋଚନା କରାଯାଇଛି। ଏହି ଅବସରରେ ସରପଞ୍ଚ ଚୈତନ୍ୟ ଗଣ୍ଡ, ସିଡିପିଓ ବିରଜା ମୋହିନୀ ପାଙ୍ଗୀ, ଶ୍ରୀଅନ୍ନ ଅଭିଯାନ ବ୍ଲକ୍ ସଂଯୋଜକ ବିଭୂତି ଭୂଷଣ ସ୍ୱାଇଁ, ସୁପରଭାଇଜର ମଞ୍ଜରୀ ଘୋଷ, ଏମ୍‌ବିକେ ବୈଜନ୍ତି ତିୱାରୀଙ୍କ ସହ ଫୁପୁଗାଁ,ବଣୁଆଗୁଡ଼ା ଏବଂ ଭାଲୁକାନଡି ପଞ୍ଚାୟତର ସମସ୍ତ ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ରହିଥିଲେ। ଆଗାମୀ ଦିନରେ ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ମିଲେଟ ପୁଷ୍ଟିଶସ୍ୟରୁ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତକରି ଏହାର ବିକ୍ରି ପାଇଁ ଉପଯୁକ୍ତ ବଜାର ସୃଷ୍ଟିକୁ ଗୁରୁତ୍ୱ ଦିଆଯାଇଥିଲା। ଏହି ଯୋଜନାକୁ ଅଧିକ କ୍ରିୟାଶୀଳ କରିବାପାଇଁ ଶ୍ରୀ ଅନ୍ନ ଅଭିଯାନ ପକ୍ଷରୁ ରାଜ୍ୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅଧିକରୁ ଅଧିକ ସାମିଲ କରାଯାଇ ପୁଷ୍ଟି ଶସ୍ୟ ଜାତୀୟ ଖାଦ୍ୟର ପ୍ରଚାର ପ୍ରସାର କରାଯାଉଛି। ଆୟୋଜିତ ଏହି ଖାଦ୍ୟମେଳାରେ ମାଣ୍ଡିଆ ଖିରି,ମାଣ୍ଡିଆ ପିଠା, ମାଣ୍ଡିଆ କାକରା, ମାଣ୍ଡିଆ ଆରିସା, ମାଣ୍ଡିଆ ଉପମା, ପକୋଡ଼ି, ଦହିବରା ପରି ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ପ୍ରଦର୍ଶିତ ହୋଇଥିଲା।

# ରାସ୍ତା, ପୋଲ ମରାମତି କଲେ ଲୋକେ

## ଗୁହାରି ଶୁଣିଲାନି ପ୍ରଶାସନ

ମାଲକାନଗିରି, ୨।୯( ଗୌରି ଶଙ୍କର ପଣ୍ଡା )

ଦୀର୍ଘ ଦିନ ଧରି ଅଭିଯୋଗକଲା ପରେ ମଧ ଗୁହାରି ଶୁଣିଲାନାହିଁ ପ୍ରଶାସନ। ଶେଷରେ ନିଜେ ଶ୍ରମ ଦାନକରି ରାସ୍ତା ମରାମତି କଲେ ଗ୍ରାମବାସୀ। ଏହା ଦେଖିବାକୁ ମିଳିଛି ମାଲକାନଗିରି ଜିଲାରେ। ସୂଚନା ମୁତାବକ ମାଲକାନଗିରି ସଦର ବ୍ଲକ ଝରାପାଲି ପଞ୍ଚାୟତ ରାମପୁରଠାରୁ ତେଲିମେଟା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ପୋଲ ବିଗତ ବର୍ଷାରେ ଭାଙ୍ଗିଯାଇଥିବା ବେଳେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଯାହାକୁ ନେଇ ଅନେକଥର ଗ୍ରାମବାସୀ ଜିଲା ପ୍ରଶାସନ ଓ ସ୍ଥାନୀୟ ବିଧାୟକଙ୍କ ପାଖରେ ଜଣାଇ ଥିଲେ ମଧ୍ୟ କୌଣସି ସୁଫଳ ମିଳିଲାନାହିଁ। ତେଣୁ ସ୍ଥାନୀୟ ଲୋକେ ଯାତାୟାତରେ ସମସ୍ୟା ଭୋଗୁଥିବା ବେଳେ ପ୍ରଶାସନ ଏ ଦିଗରେ ପଦକ୍ଷେପ ନେଉ ନ ଥିବାରୁ ଗ୍ରାମବାସୀ ନିଜେ ଶ୍ରମ ଦାନକରି ପୋଲ ସହ ରାସ୍ତା ତିଆରି କରିଛନ୍ତି। ପୋଲର ଅସ୍ଥାୟୀ ମରାମତି କରାଯାଇଥିବା ବେଳେ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି କରିଛନ୍ତି।



ଗ୍ରାମବାସୀ ରାସ୍ତା ତିଆରି କରୁଛନ୍ତି ।

# ବିଦ୍ୟାଳୟ ନୂତନ ଶ୍ରେଣୀ ଗୃହ ଉଦ୍‌ଘାଟିତ

ଦାମନଯୋଡି,୨।୯(ନରସିଂହ ବ୍ରହ୍ମା)

କୋରାପୁଟ ଜିଲା ଦାମନଯୋଡି ଶିଳ୍ପାଞ୍ଚଳର ତରଳାବନ୍ଧଗୁଡାସ୍ଥିତ ସୁବତୀ ପାଢ଼ୀ ଆଲୁମିନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡମ, ନାଲକୋର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଇଂ ନିରଞ୍ଜନ ସାମଲ, ମୁଖ୍ୟ ମହାପ୍ରବନ୍ଧକ ସୁଗତୋ ଆନନ୍ଦ ବାସୁ, ଜିଲାପରିଷଦ ସଭାପତି ସସ୍ମିତା ମେଲକା, କୋରାପୁଟ ପୂର୍ବତନ ବିଧାୟକ ରଘୁରାମ ପୋଡାଲ, ପୂର୍ବତନ ବିଧାୟକ ଲକ୍ଷ୍ମୀପୁର ପ୍ରଭୁଜନୀ, ପଟ୍ଟାଙ୍ଗି ପୂର୍ବତନ ବିଧାୟକ ପ୍ରଫୁଲ ପାଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ଅଧକ୍ଷ ହେମନ୍ତ କୁମାର ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ପୂର୍ବତନ ବିଧାୟକ ତଥା ସ୍କୁଲ ପରିଚାଳନା ସମିତି ସଭାପତି ପ୍ରୀତମ ପାଢ଼ୀ ଅଞ୍ଚଳରେ ଉଚ୍ଚ ମାଧମିକ ବିଦ୍ୟାଳୟ ନ ଥିବାରୁ ଶିକ୍ଷାର ଉନ୍ନତି ପାଇଁ ପ୍ରୟାସ ଜାରି ରହିଥିବା ଓ ମହାବିଦ୍ୟାଳୟ ସ୍ଥାପନ କରାଯିବା ନେଇ ସୂଚନା ଦେଇଥିଲେ। ସମ୍ପାଦକ ଅନନ୍ତ ରାମ ମାଟ୍ଟମ ସଭା ପରିଚାଳନା କରିଥିଲେ। ବିଶିଷ୍ଟ ଶିକ୍ଷାବିତ ଡ. ଚିତ୍ତରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଡ୍ରାଇଭରଙ୍କ ହୃଦ୍‌ଘାତରେ ମୃତ୍ୟୁ

କୁନ୍ଦୁରା,୨।୯(ସନ୍ତୋଷ ପ୍ରହରାଜ)

କୁନ୍ଦୁରା ବ୍ଲକ ଆସନା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ବୁଦ୍ରା ପରଜାଙ୍କ ୩୭ ବର୍ଷ ବୟସରେ ହୃଦ୍‌ଘାତରେ ସୋମବାର ମୃତ୍ୟୁ ହୋଇଛି। ସେ ଘରେ ଶୋଇଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ପରିବାର ଲୋକେ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଜୟପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ସମ୍ପର୍କୀୟଙ୍କ ସମେତ, ୧୦୮ କର୍ମଚାରୀ ସଂଘ, ଡ୍ରାଇଭର ସଂଘର ବହୁ କର୍ମକର୍ତ୍ତା ଓ ଅଞ୍ଚଳବାସୀ ତାଙ୍କର ଶେଷ କୃତ୍ୟରେ ସାମିଲ ହୋଇଥିଲେ।

# କଂଗ୍ରେସ ଗଡ଼କୁ ଫେରାଇ ଅଣାଯିବ: ଜେଟି କୁସୁମା ଟେଟେ

ନବରଙ୍ଗପୁର,୨।୯(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା କଂଗ୍ରେସ କମିଟି ଷ୍ଟିଅରିଂ କମିଟି ସଭାପତି ତଥା ପୂର୍ବତନ ବିଧାୟକ ସଦନ ନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲାର ୧୦ ବ୍ଲକର କଂଗ୍ରେସ କର୍ମୀଙ୍କୁ ନେଇ 'ସଙ୍ଗଠନ ସୃଜନ ଅଭିଯାନ' କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି ପ୍ରରିପ୍ରେକ୍ଷୀରେ ଅଖିଳ ଭାରତୀୟ କଂଗ୍ରେସ କମିଟି ପକ୍ଷରୁ ନିଯୁକ୍ତ ପର୍ଯ୍ୟବେକ୍ଷକ ଜେଟି କୁସୁମା କୁମାର ଟେଟେ, ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କୃଷ୍ଣଚନ୍ଦ୍ର କୁଲଦୀପ, ପୁରୁଷୋତ୍ତମ ଗୁପ୍ତାଙ୍କ ଉପସ୍ଥିତଥିଲେ। ନବରଙ୍ଗପୁର କଂଗ୍ରେସ କାର୍ଯ୍ୟାଳୟରେ ଜିଲା କଂଗ୍ରେସ କମିଟିର ନୂତନ ସଭାପତି ଚୟନ ଉପରେ ସମସ୍ତ କର୍ମକର୍ତ୍ତାଙ୍କ ସହ ବିସ୍ତୃତଭାବେ ଆଲୋଚନା କରାଯାଇଥିଲା। ମନୋରଞ୍ଜନ ତ୍ରିପାଠୀ ପରିଚୟ ପ୍ରଦାନ ସହ ଉପସ୍ଥିତ କଂଗ୍ରେସ କର୍ମୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଟେଟେ ସଭାପତି ଚୟନ ପ୍ରକ୍ରିୟା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଟେଟେ ସମସ୍ତ ବ୍ଲକ୍ ଗସ୍ତ କରି ଜନମତ ସଂଗ୍ରହ କରିବେ। ଆସନ୍ତା ୧୬ ତାରିଖରେ ୬ ଜଣଙ୍କ ନାମ କେନ୍ଦ୍ର ସଭାପତିଙ୍କ ନିକଟରେ ଉପସ୍ଥାପିତ କରିବେ। ଏଥିରେ ମହିଳା ସଦସ୍ୟା ମଧ୍ୟ ରହିବେ ବୋଲି କହିଥିଲେ।

ଖବରଦାତା ସମ୍ମିଳନୀରେ ଉପସ୍ଥିତ ରହି ଖବରଦାତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ମହାରାଷ୍ଟ୍ରରେ ଭୋଟ ଚୋରି ପାଇଁ କଂଗ୍ରେସ ହାରିଥିବା କହିଥିଲେ। ହେଲେ ବର୍ତ୍ତମାନ ଏହାକୁ ପ୍ରତିରୋଧ କରି କଂଗ୍ରେସ ବହୁ ରାଜ୍ୟରେ ଫେରିବାକୁ ଦୃଢ ସଂକଳ୍ପ କରିଛି। ଏନେଇ ଭିନ୍ନ ପ୍ରକ୍ରିୟାରେ ସଭାପତି ଚୟନ ସହ ବିଧାୟକ, ଏମ୍‌ପି ପ୍ରାର୍ଥୀ ଚୟନ କରାଯିବାକୁ ନିଷ୍ପତ୍ତି ନେଇଥିବା ଟେଟେ କହିଥିଲେ। କଂଗ୍ରେସ ଏକ ଚିରଞ୍ଜିବୀ ଦଳ। କୋରାପୁଟ,ନବରଙ୍ଗପୁର ଜିଲାରେ କଂଗ୍ରେସ ଗଡ଼ ଫେରାଇବାକୁ ଦଳ ନିଶ୍ଚିତ କରିଛି। ଦେଶରେ ବର୍ତ୍ତମାନ କଂଗ୍ରେସ ମଜଭୁତ ଦିଗ ଆଡ଼କୁ ଅଗ୍ରଗତି କରୁଥିବା ସେ କହିଛନ୍ତି। କଂଗ୍ରେସ ଦଳ ମଧ୍ୟରେ କୌଣସି ମନାନ୍ତର କିମ୍ବା ମତାନ୍ତର ନାହିଁ। ସବୁବେଳେ ଏକତ୍ରିତ ହୋଇ ଲଢିଆସିଛି ବୋଲି ଟେଟେ ଯୁକ୍ତି ବାଢିଥିଲେ। କଂଗ୍ରେସ ଗଡ଼କୁ ଫେରାଇ ଆଣିବାକୁ ସମସ୍ତ ଚେଷ୍ଟା କରାଯାଉଛି। ଏଣୁ ପ୍ରାର୍ଥୀ ଚୟନରେ କୌଣସି ପକ୍ଷପାତିତା କରାଯିବ ନାହିଁ ବୋଲି ମତ ପ୍ରକାଶ କରିଥିଲେ। ଏହିଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଭୂଜବଳ ମାଝୀ, ପି. ନାଗାରତ୍ନମା, ଦିଲୀପ ବେହେରା, ସନରାଜ ଗଣ୍ଡ, ଅନାମ ଦିଆନ, ବୃନ୍ଦାବନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତାମାନେ।

# ମକାଗୁଣ୍ଡରୁ ପରିବେଶ ଉପଯୋଗୀ କ୍ୟାରି ବ୍ୟାଗ୍

## ବାୟୋ ଡିଗ୍ରେଡେବଲ କ୍ୟାରି ବ୍ୟାଗ୍ ଉତ୍ପାଦନ ୟୁନିଟ୍ ସ୍ଥାପନକଲେ ଯୁବୋଦ୍ୟୋଗୀ

- ୩ ମାସ ମଧ୍ୟରେ ମାଟିରେ ଓ ସଙ୍ଗେ ସଙ୍ଗେ ପାଣିରେ ମିଳେଇଯାଏ
- ନିଜେ ରୋଜଗାରକ୍ଷମ ହେବା ସହ ଅନ୍ୟକୁ କରାଉଛନ୍ତି ସ୍ୱାବଲମ୍ବୀ

ଉମରକୋଟ, ୨।୯(ସନ୍ତୋଷ ଶତପଥୀ)

ଉପାନ୍ତ ଅଞ୍ଚଳରେ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠାକରି ନିଜେ ସ୍ୱାବଲମ୍ବୀ ହୋଇ ଅନ୍ୟକୁ କର୍ମ ଯୋଗାଇବା ପାଇଁ ଅଣ୍ଟା ଭିଡ଼ିଛନ୍ତି ଜଣେ ଉଚ୍ଚ ଶିକ୍ଷିତା ଯୁବତୀ ରିତୁ ମହନ୍ତ। ପଲିଥିନ ମୁକ୍ତ ପରିବେଶ ଗଠନ ପାଇଁ ଯେଉଁ ବାର୍ତ୍ତା ସରକାର ଦେଉଛନ୍ତି ତାକୁ ସାକାର କରିବା ପାଇଁ ସେ ଏକ ପ୍ରୟାସ କରିଛନ୍ତି। ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳର ଡାଙ୍ଗରିଗୁଡ଼ାରେ ବାୟୋ ଡିଗ୍ରେଡେବଲ କ୍ୟାରି ବ୍ୟାଗ୍ ଉତ୍ପାଦନ ୟୁନିଟ୍ ଆରମ୍ଭ କରିଛନ୍ତି। ଯାହାକୁ ମଙ୍ଗଳବାର ନବରଙ୍ଗପୁର ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ ଉଦ୍‌ଘାଟନ କରିଛନ୍ତି। ଏହି କ୍ୟାରି ବ୍ୟାଗ୍ ପ୍ରସ୍ତୁତ ପାଇଁ କଞ୍ଚାମାଲ ମକାଗୁଣ୍ଡରୁ ପ୍ରସ୍ତୁତ। ଯାହାକୁ ବର୍ତ୍ତମାନ ଗୁଜରାଟରୁ ଆମଦାନୀ କରାଯାଉଛି। ଏହି ପ୍ଲାଣ୍ଟରୁ ପ୍ରସ୍ତୁତ କ୍ୟାରି ବ୍ୟାଗ୍ ଶୂନ ପ୍ରତିଶତ ପ୍ଲାଷ୍ଟିକ୍। ଏହା ସମ୍ପୂର୍ଣ୍ଣ ଭାବେ ପରିବେଶ ଅନୁକୂଳ। ଏହା ମାଟିରେ ପଡ଼ିଲେ ୨ ରୁ ୩ ମାସ ମଧ୍ୟରେ ମିଶିଯାଏ ଓ ପାଣିରେ ପଡ଼ିଲେ ସଙ୍ଗେ ସଙ୍ଗେ ମିଳେଇଯାଏ । ଏହି ବ୍ୟାଗ୍‌କୁ ଗୋରୁ କିମ୍ବା ଛେଳି ଖାଇଲେ ମଧ ତାଙ୍କ ଶରୀରରେ କୌଣସି କ୍ଷତି କରିବ ନାହିଁ ବୋଲି ରିତୁ କହିଛନ୍ତି।



ରିତୁ ମହନ୍ତ ବାୟୋ ଡିଗ୍ରେଡେବଲ କ୍ୟାରି ବ୍ୟାଗ୍ ଦେଖାଉଛନ୍ତି ।

କୃଷିବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ଚାକିରି ପଛରେ ନ ଦୌଡ଼ି ନିଜେ କିଛି କରିବା ପାଇଁ ରିତୁ ଚେଷ୍ଟା ଆରମ୍ଭ କରିଥିଲେ। ବାପାଙ୍କ ପ୍ରେରଣାରେ ସେ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠାକରି ପ୍ଲାଷ୍ଟିକ୍‌ମୁକ୍ତ କ୍ୟାରି ବ୍ୟାଗ୍ ପ୍ରସ୍ତୁତ କରୁଛନ୍ତି। ତାଙ୍କ ପ୍ଲାଣ୍ଟରେ କୌଣସି ଧୂଆଁ ବାହାରିବ ନାହିଁ କିମ୍ବା କୌଣସି ଶବ୍ଦ ହେବନାହିଁ। ଦୈନିକ ୮ ଘଣ୍ଟା ପ୍ଲାଣ୍ଟ ଚାଲେ। ପ୍ରତିଦିନ ୨ ରୁ ୩ କୁଇଣ୍ଟାଲ ପର୍ଯ୍ୟନ୍ତ କ୍ୟାରି ବ୍ୟାଗ୍ ଉତ୍ପାଦନ ହୋଇପାରିବ। ବର୍ତ୍ତମାନ ଏହି ପ୍ଲାଣ୍ଟରେ ପାଉଚଠାରୁ ଆରମ୍ଭକରି ୨୫ କେଜିଆ ବ୍ୟାଗ୍ ଉତ୍ପାଦନ କରାଯାଉଛି। ଉତ୍ପାଦିତ କ୍ୟାରି ବ୍ୟାଗ୍ ବର୍ତ୍ତମାନ ଜିଲାର ବ୍ୟବସାୟୀଙ୍କୁ ଦିଆଯିବ। ପରବର୍ତ୍ତୀ ସମୟରେ ଏହା ଅନ୍ୟ ଅଞ୍ଚଳକୁ ଯୋଗାଣ କରାଯିବ ବୋଲି ରିତୁ ସୂଚନା ଦେଇଛନ୍ତି। ଏହି ପ୍ଲାଣ୍ଟରେ ବର୍ତ୍ତମାନ ପ୍ରାୟ ୧୨ ଜଣ କାମ କରି ରୋଜଗାରକ୍ଷମ ହେଉଛନ୍ତି। ସେଥିମଧ୍ୟରୁ ୫ ଜଣ ମହିଳା କର୍ମଚାରୀ ରହିଛନ୍ତି। ଉଚ୍ଚଶିକ୍ଷା ଲାଭ ପରେ ମଧ୍ୟ ଚାକିରି ପଛରେ ନ ଗୋଡ଼ାଇ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟକୁ ସ୍ୱାବଲମ୍ବୀକରି ରିତୁ ବେକାର ଯୁବତୀଯୁବକଙ୍କୁ ପ୍ରେରଣା ଯୋଗାଉଛନ୍ତି। ଏଥିସହ ତାଙ୍କ ପ୍ଲାଣ୍ଟରୁ ବାହରୁଥିବା କ୍ୟାରି ବ୍ୟାଗ୍ ପ୍ଲାଷ୍ଟିକ୍‌ମୁକ୍ତ ହୋଇଥିବାରୁ ବିଭିନ୍ନ ସରକାରୀ ଅନୁଷ୍ଠାନରେ ବ୍ୟବହାର ପାଇଁ ପଠାଯିବ। ଏହାର ବ୍ୟବହାର ପାଇଁ ମଧ୍ୟ ଲୋକଙ୍କୁ ସଚେତନ କରାଯିବ ବୋଲି ଜିଲାପାଳ ସ୍ୱାଇଁ କହିଛନ୍ତି।

# ଗରିବୀ, ଦାଦନ ଶ୍ରମିକ ସଂଖ୍ୟା ହ୍ରାସ ଉପରେ ଗୁରୁତ୍ୱ

## ବିଭିନ୍ନ ବିଭାଗ କାର୍ଯ୍ୟ ସମୀକ୍ଷାକଲେ ଏମ୍‌ପି

ମାଲକାନଗିରି, ୨।୯ (ଦୁର୍ଯ୍ୟୋଧନ ପାତ୍ର)

ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ମାଲକାନଗିରି ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ସମସ୍ତଙ୍କୁ ସ୍ୱାଗତକରି ବିଭିନ୍ନ ବିଭାଗର ଉନ୍ନୟନ କାର୍ଯ୍ୟ ବିଷୟରେ ତଥ୍ୟ ଉପସ୍ଥାପନ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଏମ୍‌ପି ମାଝୀ ୨୦୨୯ ଆର୍ଥିକ ବର୍ଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟକରି କାର୍ଯ୍ୟପନ୍ଥା ପ୍ରସ୍ତୁତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ଗରିବୀ ଦୂରୀକରଣ ଓ ଦାଦନ ଶ୍ରମିକ ସଂଖ୍ୟା ହ୍ରାସ ଉପରେ ପ୍ରାଧାନ୍ୟତା ଦେବାସହ ପଦକ୍ଷେପ ନେବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମତ୍ସ୍ୟଚାଷ ଉତ୍ପାଦନ କ୍ଷମତା ବୃଦ୍ଧିକରି ଏଥିରେ ଜିଲା ସ୍ୱାବଲମ୍ବୀ ହେବା ପାଇଁ ଜିଲା ମତ୍ସ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାରେ କିଭଳି ଅଧିକରୁ ଅଧିକ ଲୋକ ଅନ୍ତର୍ଭୁକ୍ତ ହେବେ ସେଥିପାଇଁ ଲକ୍ଷ୍ୟଧାର୍ଯ୍ୟ କରିବାକୁ ଲିଡ୍ ବ୍ୟାଙ୍କ ମ୍ୟାନେଜରଙ୍କୁ କୁହାଯାଇଛି। ଯୋଗ୍ୟ ହିତାଧିକାରୀଙ୍କୁ ବାଧ୍ୟତାମୂଳକ ଭାବେ ବୀମାଭୁକ୍ତ କରାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ଅର୍ଥନୀତି କୃଷିଭିତ୍ତିକ। ପୂର୍ବେ ସ୍ୱାଭିମାନ ଅଞ୍ଚଳରେ ଯେଉଁଠାରେ ଗଞ୍ଜେଇ ଚାଷ ହେଉଥିଲା ଓ ପରିତ୍ୟକ୍ତ ସ୍ଥାନ ଚାଷ ନିମନ୍ତେ ଉର୍ବର। ଉକ୍ତ ଅଞ୍ଚଳରେ ପରିବା ଓ ଫଳ ଚାଷ ପାଇଁ ଲୋକଙ୍କୁ ପ୍ରୋତ୍ସାହିତ କରିବାକୁ ଉଦ୍ୟାନ କୃଷି ଓ କୃଷି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ମାଲକାନଗିରି ଜିଲାର ପାଣି ଆମ ଅଞ୍ଚଳରେ ଉପଯୋଗ ହୋଇପାରିବ । ସେଥିପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଜଳସେଚନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। କୁକୁଡ଼ା, ଛେଳି ଚାଷ ଓ ଗୋପାଳନ ମାଧ୍ୟମରେ କିଭଳି ଲୋକ ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ ସେଥିଲାଗି ପ୍ରାଣୀ ସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦିଆ ଯାଇଛି। କୃଷକଙ୍କ ସାର ସମସ୍ୟା, ଚାଷ ଜମିର ମୃତ୍ତିକା ପରୀକ୍ଷଣ ଓ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ପ୍ରଦାନ ବିଷୟରେ କୃଷି ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ଏମ୍‌ପି। ସେହିପରି କିଭଳି ଅଧିକରୁ ଅଧିକ ଅଗ୍ରଗତି କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା କିଭଳି ଲକ୍ଷପତି ଦିଦି ହୋଇପାରିବେ ସେଥିରେ ସହଯୋଗ କରିବା ପାଇଁ ମିଶନ ଶକ୍ତି ବିଭାଗକୁ କୁହାଯାଇଥିଲା। ସେହିପରି ବୈଠକରେ ରାସ୍ତା, ସେତୁ ନିର୍ମାଣ, ରେଳପଥ ଜମି ଅଧିଗ୍ରହଣ କ୍ଷତିପୂରଣ ଦେବା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ୍ ଏଚ୍, ଅତିରିକ୍ତ ଜିଲାପାଳ (ରାଜସ୍ୱ)ବେଦବର ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ବନଖଣ୍ଡ ଅଧିକାରୀ ସାଇ କିରଣ ଓ ଉପଜିଲାପାଳ ଅଶ୍ୱିନ ଏ.ଏଲ୍ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ଏମ୍‌ପି ବଳଭଦ୍ର ମାଝୀ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ବିଭିନ୍ନ ବିଷୟରେ ଆଲୋଚନା କରୁଛନ୍ତି।

## ସାପ କାମୁଡ଼ାରେ ନାବାଳିକାଙ୍କ ମୃତ୍ୟୁ

ପଡିଆ, ୨।୯ (ଭାସ୍କର ରାଓ)

ପଡିଆ ଥାନା ଅନ୍ତର୍ଗତ ରୋଡନପାଲ୍ଲୀ ଗ୍ରାମରେ ଜଣେ ୬ ବର୍ଷର ନାବାଳିକା ସାପ କାମୁଡାରେ ପ୍ରାଣ ହରାଇଛି। ସେ ହେଲେ ଭୀମେ ସୋଡି (୬)। ରାତିରେ ରୋଡନପଲ୍ଲୀ ଗ୍ରାମର ବୀରା ସୋଡ଼ୀଙ୍କ ଝିଅ ଭୀମେଙ୍କ ସହ ପରିବାର ଲୋକ ଘର ଚଟାଣରେ ଶୋଇଥିଲେ। ମଙ୍ଗଳବାର ଭୋର ପ୍ରାୟ ୪ ଟା ବେଳେ ଏକ ବିଷଧର ସାପ ଝିଅକୁ କାମୁଡି ଦେଇଥିଲା। ତେବେ ପରିବାର ଲୋକ ଏହା ଜାଣିପାରି ତାକୁ ପଡିଆ ମେଡିକାଲକୁ ନେବା ପାଇଁ ପ୍ରସ୍ତୁତ ହେଉଥିଲା ବେଳେ ତାର ମୃତ୍ୟୁ ହୋଇଥିଲା। ଏ ନେଇ ପରିବାର ଲୋକ ପଡିଆ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏଏସ୍‌ଆଇ ଅନିଲ କୁମାର ମିଶ୍ର ପ୍ରାଥମିକ ତଦନ୍ତ ପରେ ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା କରାଇଥିଲେ। ପରେ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି।

## ଜିଲା କଂଗ୍ରେସ ସଭାପତି ଚୟନ ପାଇଁ ମାଲକାନଗିରିରେ କେନ୍ଦ୍ରୀୟ ଟିମ୍

### ଖବରଦାତା ସମ୍ମିଳନୀରେ ସଂଗଠନ ବିଷୟରେ ଆଲୋଚନା

ମାଲକାନଗିରି, ୨।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କଂଗ୍ରେସ କମିଟିର ନୂତନ ଜିଲା ସଭାପତି ମନୋନୟନ ପାଇଁ କେନ୍ଦ୍ରୀୟ ଚୟନକର୍ତ୍ତା ଦଳ ମଙ୍ଗଳବାର ମାଲକାନଗିରିରେ ପହଞ୍ଚିଛନ୍ତି। ଜିଲା କଂଗ୍ରେସ ଭବନରେ ଏକ ଖବରଦାତା ସମ୍ମିଳନୀରେ ଛତିଶଗଡ଼ ବିଧାୟକ ତଥା ଏଆଇସିସି ସଦସ୍ୟ ରାଘବେନ୍ଦ୍ର ସିଂ, ଗଜପତି ଜିଲା ମୋହନା ବିଧାୟକ ଦାଶରଥି ଗମାଙ୍ଗ, ତ୍ରିପୁରା ବିଧାୟକ ମଙ୍ଗୁ ଖିଲ, ରାଜ୍ୟ ସମ୍ପାଦକ ପାଣ୍ଡବ କର୍ଣ୍ଣ, ଡାବୁଗାଁ କଂଗ୍ରେସ ନେତ୍ରୀ ଲିପିକା ପାଣିଗ୍ରାହୀ, ଗୋବିନ୍ଦ ପାତ୍ର, ଜି. ଶ୍ରୀନିବାସ ରାଓ ଏବଂ ପଦ୍ମ ପାଙ୍ଗୀ ପ୍ରମୁଖ ଉପସ୍ଥିତ ରହି ଜିଲା ସଭାପତି ଚୟନ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲାସ୍ତରରେ କଂଗ୍ରେସ ନେତୃବର୍ଗଙ୍କ ସହ ଆଲୋଚନା ପରେ ୭ ବ୍ଲକରେ ଥିବା କଂଗ୍ରେସ କର୍ମୀଙ୍କ ମତାମତ ନିଆଯିବ। ଯେଉଁ ବ୍ୟକ୍ତିଙ୍କ ନାମ କର୍ମୀମାନଙ୍କ ପକ୍ଷରୁ ବହୁ ମାତ୍ରାରେ ସମର୍ଥନ ଆସିବ ସେହି ବ୍ୟକ୍ତିଙ୍କୁ ଜିଲା ସଭାପତି ଚୟନ କରିବା ପାଇଁ କମିଟି ନିଷ୍ପତ୍ତି ନେବ। ନିର୍ବାଚନ ପରେ ଦଳରେ ମତଭେଦ ଏବଂ ମନାନ୍ତର ଆଶଙ୍କା ଅଛି କି ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ ଛତିଶଗଡ଼ ବିଧାୟକ ରାଘବେନ୍ଦ୍ର ସିଂ କହିଥିଲେ, କୌଣସି ମତଭେଦ ସୃଷ୍ଟି ହେବନାହିଁ। ଯେଉଁମାନେ ଅସନ୍ତୁଷ୍ଟ ଥିବେ ସେମାନଙ୍କୁ ରାଜ୍ୟ କିମ୍ବା ଦଳର ଅନ୍ୟାନ୍ୟ ପଦପଦବୀ ଲାଗି ଚୟନ କରାଯିବ।



ଖବରଦାତା ସମ୍ମିଳନୀରେ କେନ୍ଦ୍ରୀୟ ସଦସ୍ୟ ଓ ଅନ୍ୟମାନେ।

# ଶିକ୍ଷାଦାନ, ସମୟାନୁବର୍ତ୍ତିତା ଉପରେ ଜିଲାପାଳଙ୍କ ଗୁରୁତ୍ୱ

## ସିଆର୍‌ସିଙ୍କ ଜିଲାସ୍ତରୀୟ ତାଲିମ ଶିବିର

ମାଲକାନଗିରି, ୨।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ସମସ୍ତ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକଙ୍କ ତାଲିମ୍ ଶିବିର କରାଯାଇଛି। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଉପଜିଲାପାଳ ଅଶ୍ୱିନ ଏ.ଏଲ୍. ମଧ୍ୟ ଉପସ୍ଥିତ ଥିଲେ। ସମଗ୍ର ଶିକ୍ଷା ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ସମସ୍ତ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକଙ୍କୁ ଶ୍ରେଣୀଗୃହର ତଦାରଖ, ମଧ୍ୟାହ୍ନଭୋଜନ, ପୋଷାକ, ଜୋତା, ଛାତ୍ରବୃତ୍ତି, ସମୟାନୁବର୍ତ୍ତିତା ଓ ବିଭାଗର ସମସ୍ତ କାର୍ଯ୍ୟକ୍ରମ ବିଷୟରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ସେହିପରି ଉପଜିଲାପାଳ ତାଙ୍କର ବିଦ୍ୟାଳୟ ପରିଦର୍ଶନ ଅନୁଭୂତି ବିଷୟରେ କହିଥିଲେ। ଆସନ୍ତା ଦିନଗୁଡ଼ିକରେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକଙ୍କ ନିୟମିତ ବୈଠକ ଓ ତାଲିମ ପ୍ରଦାନ କରାଯିବ ବୋଲି ଜିଲା ଶିକ୍ଷାଧିକାରୀ ଚିରଞ୍ଜନ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଓ ଜିଲା ପ୍ରଶିକ୍ଷଣ କେନ୍ଦ୍ର ଅଧ୍ୟକ୍ଷ ଯୋଗଦେଇଥିଲେ। ଶିବିରକୁ ଆୟୋଜନ କରିବାରେ ସମଗ୍ର ଶିକ୍ଷା ଅଭିଯାନ କର୍ମଚାରୀ ସହଯୋଗ କରିଥିଲେ।



ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇଥିବା ସିଆର୍‌ସିମାନେ।

## ବିଷ ଖାଇ ମହିଳାଙ୍କ ଆତ୍ମହତ୍ୟା

କାଲିମେଳା, ୨।୯ (ଜୀବନକୃଷ୍ଣ ଦାସ)

କାଲିମେଳା ବ୍ଲକ ଟିଗଲ ପଞ୍ଚାୟତ କଟମେଟଲା ଗାଁର ଜଣେ ମହିଳା ବିଷ ଖାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତା ହେଲେ ଜୟନ୍ତୀ ମାଡକାମି। ପରିବାର ଲୋକଙ୍କ କହିବା ଅନୁଯାୟୀ, ସୋମବାର ଅପରାହ୍ନ ପ୍ରାୟ ୧ଟାରେ ରାମେ ନିଜ ଘରେ ଥିବା ବେଳେ କୌଣସି କାରଣକୁ ନେଇ ଚାଷରେ ବ୍ୟବହୃତ ବିଷ ଖାଇ ଦେଇଥିଲେ। ପରେ ପରିବାର ଲୋକେ ଜାଣିପାରି ତାଙ୍କୁ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଚିକିତ୍ସା ଚାଲିଥିବା ବେଳେ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ତାଙ୍କର ମୃତ୍ୟୁ ହୋଇଛି। କାହିଁକି ସେ ଏଭଳି କଲେ ତାହା ପରିବାର ସଦସ୍ୟ ଜାଣି ନ ଥିବା କହିଛନ୍ତି। ଏମ୍‌ଭି ୭୯ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତକରି ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

# ୪ କୁଇଣ୍ଟାଲ ୩୯ କିଲୋ ଗଞ୍ଜେଇ ଜବତ

କୋରୁକୋଣ୍ଡା, ୨।୯ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମା ଥାନା ଅଧୀନ ସୁନାମରଣ ଗ୍ରାମ ନିକଟ ପତ୍ରିଆଖଣ୍ଡା ଜଙ୍ଗଲରେ ଚୋରା ଚାଲାଣ କରିବା ପାଇଁ ରଖାଯାଇଥିବା ୧୮ ଟି ଜରି ବସ୍ତାରେ ଥିବା ୪ କୁଇଣ୍ଟାଲ ୩୯ କିଲୋ ୨୦୦ ଗ୍ରାମ ଗଞ୍ଜେଇ ପୋଲିସ ଜବତ କରିଛି। ଓର୍କେଲ ଥାନା ଅଧିକାରୀ ଧୀରେନ ପଜନାୟକଙ୍କୁ ଏ ନେଇ ସୂଚନା ମିଳିଥିଲା। ସୋମବାର ମଧ୍ୟାହ୍ନ ପ୍ରାୟ ୧ ଟାରେ ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ଅଜିତ ସିଂହ ବରିହାଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉକରି ଜଙ୍ଗଲରେ ରଖାଯାଇଥିବା ସମସ୍ତ ଗଞ୍ଜେଇକୁ ଜବତ କରିଥିଲେ। ଏ ନେଇ ଓର୍କେଲ ଥାନାରେ ନଂ.୨୨୪/୨୫ ରେ ମାମଲା ରୁଜୁ ହୋଇଛି। ମାଜିଷ୍ଟ୍ରେଟ ଭାବେ କୁଡୁମୁଲୁଗୁମ୍ମା ତହସିଲଦାର କୃଷ୍ଣଚନ୍ଦ୍ର ଦାସଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରାଯାଇଥିଲା। ଘଟଣାର ତଦନ୍ତ ଏସ୍‌ଆଇ ମନୋହର ସାହୁ କରୁଥିବା ଥାନା ଅଧିକାରୀ ପଜନାୟକ ସୂଚନା ଦେଇଛନ୍ତି।



ଜବତ ହୋଇ ଥାନାରେ ରଖାଯାଇଥିବା ଗଞ୍ଜେଇ ବସ୍ତା।

# ପ୍ରବଳ ବର୍ଷା: ବୁଡ଼ିଲା କାଙ୍ଗୁରକୋଣ୍ଡା ପୋଲ

## ମାଲକାନଗିରି-ମୋଟୁ ଯୋଗାଯୋଗ ବିଚ୍ଛିନ୍ନ

କାଲିମେଳା, ୨।୯ (ଜୀବନକୃଷ୍ଣ ଦାସ)

ମାଲକାନଗିରି ଜିଲାରେ ସୋମବାର ରାତିରେ ପ୍ରବଳ ବର୍ଷା ହୋଇ ୩୨୬ ନଂ. ଜାତୀୟ ରାଜପଥରେ ଥିବା କାଙ୍ଗୁରକୋଣ୍ଡା ପୋଲ ଉପରେ ୩ ଫୁଟରୁ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ମୋଟୁ-ମାଲକାନଗିରି ସହ ପଡ଼ୋଶୀ ଆନ୍ଧ୍ର ଓ ତେଲେଙ୍ଗାନାକୁ ଯାତାୟାତ ବିଚ୍ଛିନ୍ନ ହୋଇଯାଇଛି। ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିବା ବେଳେ ଜିଲାକୁ ଅରେଞ୍ଜ ସତର୍କ ଜାରି କରାଯାଇଥିଲା। ସୋମବାର ସନ୍ଧ୍ୟାରୁ ରାତିତମାମ ଲଗାଣ ବର୍ଷା ହେବା ଫଳରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ମାଲକାନଗିରିରୁ ମୋଟୁ ସଂଯୋଗ କରୁଥିବା ୩୨୬ ନଂ. ଜାତୀୟ ରାଜପଥରେ ଥିବା କାଙ୍ଗୁରକୋଣ୍ଡା, ଏମ୍‌ଭି ୯୬ ଏବଂ ପଡ଼ିଆ ବ୍ଲକକୁ ସଂଯୋଗ କରୁଥିବା କନ୍ୟାଶ୍ରମ ପୋଲ ଉପରେ ୪/୫ ଫୁଟରୁ ବର୍ଷା ଜଳ ପ୍ରବାହିତ ହେଉଛି। ଫଳରେ ପୋଲର ଉଭୟପାର୍ଶ୍ୱରେ ବସ୍, ଟ୍ରକ୍ ଏବଂ ଅନ୍ୟାନ୍ୟ ଗାଡ଼ି ଅଟକି ରହିଛି। ପୋଲ ପାଖରେ ପୋଲିସ ଜଗିରହିଛି। ତଳିଆ ପୋଲଗୁଡ଼ିକ ବାରମ୍ବାର ବୁଡ଼ିଯିବା ଫଳରେ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷ ବର୍ଷ ଧରି ଏପରି ସମସ୍ୟା ଲାଗିରହିଥିବା ବେଳେ ଆଜି ଚାଲିଥିବା ଉଚ୍ଚତା ବିଶିଷ୍ଟ ପୋଲ ଅଧାପନ୍ତରିଆ ଭାବେ ପଡ଼ି ରହିଥିବା ଦେଖିବାକୁ ମିଳିଛି।



କାଙ୍ଗୁରକୋଣ୍ଡା ପୋଲ ଉପରେ ବର୍ଷାଜଳ ପ୍ରବାହିତ ହେଉଛି।

# ଭବାନୀ ସାହି, ଦୁର୍ଗା ଲାଇନରେ ଗଣେଶ ଭସାଣି

କୋରୁକୋଣ୍ଡା, ୨।୯ (ଶିବଦତ୍ତ ସାହୁ)

ବାଲିମେଳା ସହରର ୱାର୍ଡ ନମ୍ବର -୯ ଏବଂ ୬ ଅଧୀନ ଭବାନୀ ସାହି ଏବଂ ୮ନମ୍ବର ୱାର୍ଡ ଅଧୀନ ଦୁର୍ଗା ଲାଇନର ପୂଜା କମିଟି ପକ୍ଷରୁ ମଙ୍ଗଳବାର ସକାଳେ ଗଣେଶ ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ପୂଜା କମିଟି ନେତୃତ୍ୱରେ ବାଦ୍ୟ, ଆତସବାଜି, ସ୍ଥାନୀୟ ଆଦିବାସୀ ଲୋକନୃତ୍ୟ ଡେମସା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଗଜାନନଙ୍କ ଦୁଇଟି ମେଢ଼ ପର୍ଯ୍ୟାୟକ୍ରମେ ଏକ ଶୋଭାଯାତ୍ରାରେ ଦୈନିକ ବଜାର ଦେଇ ବାହାରିବା ପରେ ବାଲିମେଳା ସହର ପରିକ୍ରମା କରାଯାଇଥିଲା। ଏହି ଶୋଭାଯାତ୍ରା ଦୈନିକ ବଜାରରୁ ବାହାରି ପୁରୁଣା ବସ୍‌ଷ୍ଟାଣ୍ଡ, ମୁଆ ବସ୍‌ଷ୍ଟାଣ୍ଡ, ଆମ୍ବେଦକର ଛକ, କାଳୀଛକ, ଗୋପବନ୍ଧୁ ଛକ,ଅଫିସର ଲାଇନ ହୋଇ ପୋଖରୀରେ ମୂର୍ତ୍ତି ବିସର୍ଜନ କରାଯାଇଥିଲା।



ଗଣେଶ ଭସାଣି ଶୋଭାଯାତ୍ରା।


No. C-990

**HOUSING AND URBAN DEVELOPMENT DEPARTMENT**
**OFFICE OF THE BARGARH MUNICIPAL COUNCIL, BARGARH**
At/P.O./Dist.: Bargarh, PIN - 768028

No. 3695 Date: 01.09.25

**Invitation for Bids**
**BID IDENTIFICATION No. 01/BGH-MUN/2025-26**

| | | |
|---|---|---|
| 1 | Nature of Work | Civil |
| 2 | No. of Work | 03 Nos. |
| 3 | Amount put to tender (in lakh) | As per DTCN |
| 4 | Bid Cost | As per DTCN |
| 5 | Class of Contractor | C & D |
| 6 | Availability of Bids documents in website | From 11.00 Hrs. Dt.02.09.2025 to 17.00 Hrs. Dt.09.09.2025 |
| 7 | Date of Opening of Bid | Dt.10.09.2025 11.00 Hrs. |

The bidders have to participate in ONLINE bidding only. Further details can be seen from the website i.e. http://tenderodisha.gov.in any addendum/corrigendum/cancellation of tender can also be seen only in the said website.

Sd./- Executive Officer, Bargarh Municipality
OIPR-13103/11/0019/2526



ଓଡ଼ିଆ ଭାଷା ପ୍ରତିଷ୍ଠାନ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
No. RR-11
**ବିଜ୍ଞାପନ**

ଓଡ଼ିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ସମ୍ପାଦନା, ବନାନଶୁଦ୍ଧି ତଥା ପ୍ରୁଫ୍ ସଂଶୋଧନ ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ୭ଦିନ ଧରି ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। ଇଚ୍ଛୁକ ପ୍ରାର୍ଥୀମାନେ ନିମ୍ନ ସର୍ତ୍ତରେ ତା.୨୩.୦୯.୨୦୨୫ରିଖ ସୁଦ୍ଧା ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦାନପାଇଁ ପ୍ରତିଷ୍ଠାନର ୱେବସାଇଟରେ ଉପଲବ୍ଧ କରାଯାଇଥିବା ନମୁନା ଫର୍ମ ଓ ସର୍ତ୍ତାବଳୀ ଅନୁଯାୟୀ ସ୍ପିଡ୍ ପୋଷ୍ଟ କିମ୍ବା ଇ-ମେଲ୍ ମାଧ୍ୟମରେ ଆବେଦନ କରିପାରିବେ।

୧. ପ୍ରଶିକ୍ଷଣ ଶିବିର କେବଳ ତାଲିମ୍ ପାଇଁ ଉଦ୍ଦିଷ୍ଟ। ଏହା ପ୍ରତିଷ୍ଠାନର ନିଯୁକ୍ତି ପାଇଁ ନୁହେଁ।
୨. ଏଥିପାଇଁ ଯାତାୟାତ ଖର୍ଚ୍ଚ ଏବଂ ବୈଠକୀ ବାବଦରେ ପ୍ରତିଷ୍ଠାନଦ୍ୱାରା ଧାର୍ଯ୍ୟ କରାଯାଇଥିବା ପାରିଶ୍ରମିକ ପ୍ରଦାନ କରାଯିବ।
୩. ପ୍ରତ୍ୟେକ ପ୍ରଶିକ୍ଷାର୍ଥୀ ଦୁଇଦିନ ତାଲିମ ସମ୍ପୂର୍ଣ୍ଣ କରିବା ପରେ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ।
୪. ପ୍ରଶିକ୍ଷାର୍ଥୀମାନେ ଅନ୍ୟୂନ ସ୍ନାତକ ଡିଗ୍ରୀଧାରୀ ହୋଇଥିବେ। ତାଙ୍କର ବୟସ ୨୧-୭୫ବର୍ଷ ମଧ୍ୟରେ ହେବା ଆବଶ୍ୟକ।
୫. ଯଦି କୌଣସି ପ୍ରଶିକ୍ଷାର୍ଥୀ ଓଡ଼ିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ପୂର୍ବରୁ ଅନୁଷ୍ଠିତ ହୋଇଥିବା ପ୍ରଶିକ୍ଷଣ ଶିବିରରେ ଯୋଗଦାନ କରିଥାନ୍ତି, ତେବେ ସେମାନେ ଆବେଦନ କରିପାରିବେ ନାହିଁ।

ଚିଠିପତ୍ର ପଠାଇବା ଠିକଣା
ନିର୍ଦ୍ଦେଶକ
ଓଡ଼ିଆ ଭାଷା ପ୍ରତିଷ୍ଠାନ,
ଖାରବେଳ ଭବନ, ୟୁନିଟ୍-୨, ଭୁବନେଶ୍ୱର-୦୧
ଫୋନ୍ ନଂ-୦୬୭୪-୨୩୯୧୦୧୨
E-mail:odiabhasapratisthan@yahoo.co.in
Website:www.odiabhasapratisthana.in

ସ୍ୱା-
ନିର୍ଦ୍ଦେଶକ
ଓଡ଼ିଆ ଭାଷା ପ୍ରତିଷ୍ଠାନ
ଭୁବନେଶ୍ୱର

OIPR-03026/11/0004/2526



**ODISHA PUBLIC SERVICE COMMISSION, CUTTACK**
**NOTICE**
No.6238/PSC Dt.02.09.2025
(2PG-02-25/26, DR-I)

**Partial Preponement of Document Verification & Personality Test of OCSE-2023**
**(Advt. No. 20 of 2023-24)**

No. D-195: In partial modification to this Office Notice No. 6114/PSC, Dt.25.08.2025, it is for information of concerned candidates that, consequent upon declaration of 2nd Saturday (i.e. 13.09.2025) as official working day, the Document Verification & Personality Test for OCSE-2023 in respect of 44 candidates (Forenoon Session) & 28 candidates (Afternoon Session) to be held on 14.09.2025 (Sunday) only is hereby preponed to 13.09.2025 (Saturday) as follows:

| Sl. No. | Roll No. of Candidates | Date of Document Verification & Personality Test | Session of Document Verification & Personality Test |
|---|---|---|---|
| 1 | 2 | 3 | 4 |
| 8. | 331229, 331255, 331300, 331407, 331419, 331436, 331475, 331533, 331535, 331652, 331780, 331818, 331899, 331964, 331999, 332003, 332004, 332023, 332079, 332204, 332226, 332233, 332269, 332317, 332429, 332511, 332524, 332557, 332756, 332798, 332816, 332828, 332844, 332855, 332876, 332884, 332896, 332926, 332973, 333168, 333238, 333284, 333339, 333422 = 44 Candidates | 13.09.2025 (Saturday) | Forenoon Session |
| | 333578, 333620, 333673, 333764, 333774, 333785, 333876, 333906, 333983, 333985, 334081, 334092, 334311, 334433, 334445, 334488, 334545, 334567, 334646, 334652, 334689, 334701, 334707, 334715, 334718, 334737, 334791, 334822 = 28 Candidates | | Afternoon Session |

Besides this, there will be no change in the schedule of Document verification & personality test of other candidates.

OIPR-12002/11/0312/2526 Sd./- Secretary



ସମଗ୍ର ଶିକ୍ଷା Samagra Shiksha

**DISTRICT PROJECT OFFICE**
**SAMAGRA SHIKSHA, MALKANGIRI**
E-mail: dpcmalkanssa.opepa@nic.in/ssamalkangiri@gmail.com
Letter No. 3425/25 Dated: 01.09.2025

**TENDER CALL NOTICE**

No. -141: Sealed tenders are invited from interested reputed Travel Agencies/ Tour Operators of private individuals for providing 02 (Two) Numbers vehicle i.e 01 SCORPIO N Z8 and 01 BOLERO NEO N10 AC Diesel driven vehicle having sitting capacity not more than Eight or new/latest model vehicle including driver as per Finance Deptt. O.M. No. 15836/F dated 27.05.2025 which shall confirm to the terms and conditions (Annexure-I, II & III) for official use of Collector-cum-Chairman Samagra Shiksha, Malkangiri (SCORPIO - N Z8) and another for DPC, SS, Malkangiri (BOLERO NEO N10) on monthly hire basis. The tender should be super scribed "Tender for providing vehicle on hire basis" on the cover and sealed tender should reach to the undersigned on or before 11.09.2025 by 5.30 P.M. by Speed Post/Registered Post only and shall be opened on 12.09.2025 at 4.00 P.M. in the presence of the bidder or their authorized representative at Collectorate, Malkangiri. The tender received after the scheduled date and time shall not be accepted.
The application form of Tender containing General Bid Information & Terms and Conditions for hiring of vehicle will be available at Malkangiri district website http://malkangiri.odisha.gov.in from Dt.02.09.2025 to 11.09.2025 which can be downloaded.
The undersigned reserve the right to reject all or any of the tender without assigning any reason thereof.

By the Orders of Collector-cum-Chairman
Sd./- District Education Officer-cum-DPC
Samagra Shiksha, Malkangiri
OIPR-27141/11/0017/2526



**କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., କେନ୍ଦୁଝର**
**KEONJHAR CENTRAL COOPERATIVE BANK LTD., KEONJHAR - 758001**
H.O.: Keonjhargarh, Dist.: Keonjhar - 758001 (Odisha)
(A Regulated Entity of RBI, operating in whole Keonjhar District since last 75 years)

Invites' offline application from interested professionals through proforma application for positions in the Bank as detailed below.

| Professional Category | Position | Eligibility Criteria | Age | Tenure of Engagement | Remuneration |
|---|---|---|---|---|---|
| a. Professional - 1 | General Banking Expert | Retired Public Sector Bank (PSB) Officers; Retired not below the rank of Scale III or above and must have minimum 5 year's in the same rank as Branch Manager | 62 years Maximum (As on 01.09.2025) | To be engaged on contract basis for continuous term of three years subject to performance review every year. | Rs.75,000/- (Consolidated as Consultant Fee) |
| b. Professional - 2 | Banking IT Expert | B.Tech/MCA with 5 years' of experience as IT specialist in PSBs/Pvt. Sector Banks/ Micro Finance Institutions/ Software Companies dealing with Financial/Banking Sector. However preference shall be given to IT specialist of Banks (PSU/Pvt.), if available | 62 years Maximum (As on 01.09.2025) | To be engaged on contract basis for continuous term of three years subject to performance review every year. | Rs.75,000/- (Consolidated as Consultant Fee) |

Interested candidates are requested to visit the website of Banks: www.kendujharccb.com for more details on job profile and to download the prescribed Application-cum-Resume format for submitting their application through Speed Post to the Chief Executive Officer of Bank on or before 22.09.2025. Application/s received after due date will not be taken in to consideraton for further process of final selection.

Sd./- Chief Executive Officer



**AUCTION NOTICE**

Sealed quotations are invited from interested bidders for the public auction of the obsolete/unserviceable items (Almirahs, Televisions and Air Conditioners) as whole of SIB (MHA), Govt. of India, Bidyut Marg (Near Spl. Circuit House), Unit-V, Bhubaneswar - 751001. Interested parties may inspect during office hours from 10.00 Hrs. to 13.00 Hrs. & 15.00 Hrs. to 17.00 Hrs. on any working day on or before 17.09.2025 and submit the sealed quotations by 17.30 Hrs. on 17.09.2025 along with a Demand Draft (NOT A/c Payee) of Rs.5,000/- (Rupees five thousand only) as Earnest Money Deposit (EMD) in favour of 'DDO, SIB Bhubaneswar' payable at SBI Bhubaneswar Main Branch. Quotations shall be submitted either by hand or by 'dak' in sealed covers superscribed as "Quotation for obsolete/unserviceable items to be auctioned" and addressed to Assistant Director/E, SIB(MHA), Bidyut Marg, Unit-V, Bhubaneswar - 751001, Tel. No. 0674-2396440. Quotations will be opened in presence of members of the Auction Committee and bidders present on 18.09.2025 at 11.00 Hrs.
Quotation of the highest bidder will be accepted to the best advantage of Govt. and decision of the Auction Committee shall be final. The highest bidder has to deposit 25% of the bid value on the spot and the remaining 75% of the total bid value will be paid within seven days before lifting of the auctioned obsolete/unserviceable items failing which the offer will be rejected and the amount deposited by the bidder forfeited. GST of 18% is to be deposited in Government account by the successful bidder. The GST deposit receipt has to be submitted at this office before lifting of the vehicle. The head of the office reserves the right to cancel any bid without assigning any reason thereof.

Sd./- Assistant Director/E

## ସଂକ୍ଷେପରେ

### ଥୁବା ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି

ନନ୍ଦପୁର,୨।୯(ତୁଷାର କାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ ଅଧୀନ ଥୁବା ପଞ୍ଚାୟତ କାର୍ଯ୍ୟାଳୟ ତାଲା କାଟି ଦୁର୍ବୃତ୍ତମାନେ ଭିତରେ ଥିବା ଇନଭର୍ଟର ଓ ୨ଟି ବ୍ୟାଟେରୀ ସୋମବାର ଚୋରି କରି ନେଇଥିବା ସୂଚନା ମିଳିଛି। ମଙ୍ଗଳବାର ସକାଳୁ ପଞ୍ଚାୟତ ସରପଞ୍ଚ ଅର୍ଜୁନ କିର୍ଶାନୀ ଏ ନେଇ ନନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ଏତଲାର ନକଲ ନନ୍ଦପୁର ବିଡିଓ ଓ ଜିପିଇଓଙ୍କୁ ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ଦୁଇଦିନ ତଳେ ନନ୍ଦପୁର ବ୍ଲକରେ କାର୍ଯ୍ୟରତ କର୍ମଚାରୀଙ୍କ ସରକାରୀ ବାସଗୃହ ତାଲା ଭାଙ୍ଗି ଚୋରି ହୋଇଥିବା ନେଇ ନନ୍ଦପୁର ଥାନାରେ ମାମଲା ରୁଜୁ ହୋଇଛି। ୨ ଚୋରି ମାମଲାର ତଦନ୍ତ କରାଯାଉଥିବା ନନ୍ଦପୁର ଥାନାଧିକାରୀ ମମତା ପଣ୍ଡା ସୂଚନା ଦେଇଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟରେ ଲକ୍ଷାଧିକ ସରକାରୀ ଟଙ୍କାର ଆସବାବପତ୍ର, ଫାଇଲ, କମ୍ପ୍ୟୁଟର, ବୈଦ୍ୟୁତିକ ଯନ୍ତ୍ରପାତି ରହୁଛି। ସୁରକ୍ଷା ଦୃଷ୍ଟି କୋଣରୁ ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ରାତ୍ରି ଜଗୁଆଳି ନିଯୁକ୍ତି ଓ ସିସିଟିଭି ସ୍ଥାପିତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଆଇନ ସଚେତନତା ଶିବିର

ଜୟପୁର, ୨।୯(ପବନ ପାଣିଗ୍ରାହୀ)

ଜୟପୁର ବାରିଣିପୁଟ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରସୋସିଆଲ ମିଡିଆ ପ୍ଲାଟଫର୍ମର ସୁରକ୍ଷା, ସାଇବର ଆଇନ, ପ୍ରବାସୀ ଶ୍ରମିକ, ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦୀପ କୁମାର ମହନ୍ତଙ୍କ ତତ୍ତ୍ୱାବଧାନରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ବିଚାରପତି ପ୍ରଦ୍ୟୋମୟୀ ସୁଜତା, ଡ. ବି.ଗାୟତ୍ରୀ ଦେବୀ ଭବାନୀ ପ୍ରଧାନ, କୋରାପୁଟ ସାଇବର ଥାନା ଡିଏସପି ଅନନ୍ତ ମୁଦୁଲି, ସହକାରୀ ଶ୍ରମ ଅଧିକାରୀ ରାମେଶ୍ୱରୀ ହିକକା ପ୍ରମୁଖ ଯୋଗଦେଇଥିଲେ। ସାଧାରଣ ଜନତାଙ୍କ ପାଇଁ ସାଇବର ସୁରକ୍ଷା ନେଇ କହିଥିଲେ। ସର୍ବଦା ଜଟିଳ ପାସୱାର୍ଡ ବ୍ୟବହାର କରିବା, ଏହାକୁ ଅନ୍ୟ ଆଗରେ ପ୍ରକାଶ ନ କରିବା, ସୋସିଆଲ ମିଡିଆ ବ୍ୟବହାର କରିବା ସମୟରେ ସତର୍କତା ଅବଲମ୍ବନ କରିବା, ଅନଲାଇନ ଆର୍ଥିକ କାରବାରରେ ସତର୍କ ରହିବା ନେଇ ସଚେତନ କରାଯାଇଥିଲା। ଅନେକ ପ୍ରବାସୀ ଶ୍ରମିକ ଚାକିରିର ଅନୌପଚାରିକ ପ୍ରକୃତି ଏବଂ ପ୍ରବାସ ଢାଞ୍ଚା ଉପରେ ବ୍ୟାପକ ତଥ୍ୟର ଅଭାବ ଯୋଗୁ ଏହି ସମସ୍ୟା ଆହୁରି ବଢ଼ିଯାଏ। ପ୍ରବାସୀ ଶ୍ରମିକମାନଙ୍କୁ ସୁରକ୍ଷା ଦେବା ପାଇଁ ଲକ୍ଷ୍ୟ ରଖିଥିବା ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ଆଇନ ୧୯୭୯ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେଉ ନଥିବାରୁ ଅନେକ ଶ୍ରମିକ ଦୁର୍ବଳ ହୋଇପଡୁଥିବା ଓ ରାଜ୍ୟ ଛାଡି ବାହାର ରାଜ୍ୟକୁ ଯାଇ ଶ୍ରମିକ ଭାବେ କାମ କରିଥାନ୍ତି। ବିନା ପଞ୍ଜୀକରଣରେ କୌଣସି ଠିକାଦାର କିମ୍ବା ଅନ୍ୟ ସହ ବାହାର ରାଜ୍ୟକୁ ନ ଯିବାକୁ ସଚେତନ କରାଯାଇଥିଲା।

# କୁନ୍ଦୁଲି ଲ୍ୟାମ୍ପସରେ ଚାଷୀଙ୍କ ଭିଡ଼

## ଠିକ୍ ସମୟରେ ସାର ମିଳୁ ନ ଥିବା ଅଭିଯୋଗ

ସେମିଳିଗୁଡ଼ା/ସୁନାବେଡା,୨।୯ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)


ଲ୍ୟାମ୍ପସ୍ ଗେଟ୍ ଆଗରେ ଚାଷୀ ସାର ପାଇଁ ଅପେକ୍ଷା କରିଛନ୍ତି।

କୋରାପୁଟ ଜିଲା କୁନ୍ଦୁଲି ଲ୍ୟାମ୍ପସ୍‌ରେ ମଙ୍ଗଳବାର ଚାଷୀଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଛି। ଠିକ୍ ସମୟରେ ସାର ମିଳୁ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ଲ୍ୟାମ୍ପସ୍‌ରେ ଯଥେଷ୍ଟ ପରିମାଣର ସାର ନ ଥିବାରୁ ସେମାନଙ୍କୁ ସାର ମିଳିପାରୁ ନ ଥିବା ଚାଷୀ କହିଛନ୍ତି। ଅସୁବିଧାର ସମ୍ମୁଖୀନ ହେବା ସହ ବଜାରରୁ ଚଢ଼ା ଦରରେ ସାର କିଣୁଥିବା କହିଛନ୍ତି। କେତେଜଣ ଲୋକ ୨ରୁ ୩ ଦିନ ପର୍ଯ୍ୟନ୍ତ ସାର ପାଇଁ ଧାଡିରେ ଠିଆ ହୋଇଥିବା କହିଛନ୍ତି। ଏଥିଯୋଗୁ ଉତ୍ତେଜନା ପ୍ରକାଶ ପାଇଛି। ସାର ଅଭାବ ତଥା ଚାଷୀଙ୍କୁ ସାର ନ ମିଳିବା ନେଇ କୁନ୍ଦୁଲି ଲ୍ୟାମ୍ପସ ଏମ୍‌ଡି ବି.ସବିତାଙ୍କୁ ପଚାରିବାରୁ ସେ କହିଥିଲେ, ଦୈନିକ ଲ୍ୟାମ୍ପସ୍ ପକ୍ଷରୁ ସାର ଦିଆଯାଉଛି। ଚାଷୀ ନିଜ ଆଧାର କାର୍ଡ ସହ ଫିଙ୍ଗର ପ୍ରିଣ୍ଟ ଦେବା ପରେ ଜଣଙ୍କ ପିଛା ଗୋଟିଏ ବସ୍ତା ଦିଆଯାଉଛି। ଏଥିରେ ସମସ୍ତ ଚାଷୀ ପାଇପାରିବେ ବୋଲି ସେ କହିଛନ୍ତି।

# କୃଷକ କଲ୍ୟାଣ ମଞ୍ଚର ଜିଲାପାଳଙ୍କୁ ଦାବିପତ୍ର

ଜୟପୁର, ୨।୯(ପବନ ପାଣିଗ୍ରାହୀ)

କୋରାପୁଟ କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ୧୫ ଦଫା ଦାବିପତ୍ର ମଙ୍ଗଳବାର ପ୍ରଦାନ କରାଯାଇଛି। ଚାଷୀଙ୍କୁ ସାର ଯୋଗାଣ, କଳାବଜାରୀ ବନ୍ଦ କରିବା, ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ତୁରନ୍ତ ବଦଳି କରିବା ଓ ଅନ୍ୟାନ୍ୟ ସମସ୍ୟା ନେଇ ମଞ୍ଚର ସାଧାରଣ ସମ୍ପାଦକ ନରେନ୍ଦ୍ର ପ୍ରଧାନ ଦାବିପତ୍ର ପ୍ରଦାନ କରିଥିଲେ। ସାରର ସୁଗମ ବଣ୍ଟନ, କଳାବଜାରି ବନ୍ଦ କରିବା, ଦୁର୍ନୀତିଗ୍ରସ୍ତ ସାର ଦୋକାନୀଙ୍କ ଦୋକାନରେ ନିୟମିତ ଚଢ଼ାଉ, ଜିଲାର ସାର ବାହାର ଜିଲାକୁ ଯୋଗାଣ ବନ୍ଦ କରିବା ଆଦି ଦାବି ନେଇ ସିଡିଏଓଙ୍କୁ ଜଣାଇଥିବା କହିଥିଲେ। କୃଷି ବିଭାଗ ଉପଯୁକ୍ତ ପଦକ୍ଷେପ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି। ଜିଲାକୁ ଆସୁଥିବା ସମସ୍ତ ସାରକୁ ସମବାୟ ସଂସ୍ଥା ଦ୍ୱାରା ବଣ୍ଟନ କରିବା, ନାନୋ ୟୁରିଆ, ଡିଏପି ଓ ଅନ୍ୟ ଦ୍ରବ୍ୟ ନେବାକୁ ବାଧ କରାନଯାଉ, ଚାଷୀଙ୍କୁ ସାର କ୍ରୟ ସମୟରେ ରସିଦ ପ୍ରଦାନ କରିବା, ସାର ଦୋକାନରେ ସୂଚନା ଫଳକ, ଷ୍ଟକ୍ ପରିମାଣ, ସାର ଦର ଉଲ୍ଲେଖ କରିବା, କୃଷି ବିଭାଗ ନିୟମିତ ସାର ବିକ୍ରେତାଙ୍କ ଦୋକାନ, ଗୋଦାମ, ଏମ୍‌ଆର୍‌ପିର ସଠିକ୍ ରଖିବା ନେଇ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସାରର ନମୂନା, କୀଟନାଶକ, ଅଣୁସାର, ବିହନର ନମୁନା ସଂଗ୍ରହ କରାଯାଇ ଗବେଷଣାଗାରକୁ ପଠାଇବାକୁ କୁହାଯାଇଛି। ଜିଲାରେ ଆର୍‌ସିଏମ୍‌ସି ଓ ମାର୍କଫେଡ୍ ଅଫିସରେ କେତେକ କର୍ମକର୍ତ୍ତା ୧୫ ବର୍ଷରୁ ଊର୍ଦ୍ଧ୍ୱ ଦିନ ରହି ନିଜେ ଗାଡି ରଖି, ସମ୍ପର୍କୀୟଙ୍କ ନାଁରେ ସାର ଦୋକାନ ଖୋଲି ବ୍ୟାପକ କଳାବଜାରି କରି ଚାଷୀଙ୍କୁ ହଇରାଣ କରୁଛନ୍ତି। ଏଥିସହ ସାରର ଆବଶ୍ୟକ ନ ଥିବା ସମୟରେ ବିଭିନ୍ନ ଦୋକାନୀ, ବ୍ୟବସାୟୀଙ୍କୁ ଚଢ଼ା ଦରରେ ବିକ୍ରି କରି କଳାବଜାରି କରିବାରେ ସହାୟତା କରି ଦୁର୍ନୀତିକୁ ପ୍ରଶୟ ଦେଉଥିବାରୁ ତୁରନ୍ତ ତାଙ୍କୁ ଜିଲା ବାହାରକୁ ବଦଳି କରିବା ସହ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ତଦନ୍ତ କରିବାକୁ ଦାବି କରାଯାଇଛି। କୁନ୍ଦୁରା ଲ୍ୟାମ୍ପସ୍‌ରେ ଜଣେ ଏମ୍‌ଡିଙ୍କୁ ନିଯୁକ୍ତି ଦେବାକୁ କୁହାଯାଇଛି। ବର୍ତ୍ତମାନ ଜିଲାକୁ ଆସିଥିବା ସାର, କୃଷି, ରାଜସ୍ୱ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିକ୍ରୟ କରିବାକୁ ମଞ୍ଚ ପକ୍ଷରୁ ଦାବି ହୋଇଛି।

# ୟୁରିଆ ସାର ଅଭାବ ନେଇ ଲ୍ୟାମ୍ପସ୍ ଘେରିଲେ ଚାଷୀ

## ଦଲାଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

କୋରାପୁଟ/ନାରାୟଣପାଟଣା,୨।୯ (ଅମିତାଭ ବେହେରା/ରାଜକିଶୋର ଜେନା)


ଚାଷୀ ଲ୍ୟାମ୍ପସ୍ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରୁଛନ୍ତି।

ମାସେ ହେବ ୟୁରିଆ ସାରର ଅଭାବ ନେଇ ନାରାୟଣପାଟଣା ବ୍ଲକର ଶତାଧିକ ଚାଷୀ ସ୍ଥାନୀୟ ଲ୍ୟାମ୍ପସ କାର୍ଯ୍ୟାଳୟ ମଙ୍ଗଳବାର ଘେରାଉ କରିଛନ୍ତି। ୟୁରିଆ ସାର ମିଳୁ ନ ଥିବା ଦିଗରେ ସ୍ଥାନୀୟ କୃଷି ବିଭାଗ ଓ ଲ୍ୟାମ୍ପସ କର୍ତ୍ତୃପକ୍ଷ ପଦକ୍ଷେପ ନେଉନଥିବାରୁ ବାଧ ହୋଇ ଚଷୀମାନେ କୃଷି କାର୍ଯ୍ୟାଳୟ ଏବଂ ଲ୍ୟାମ୍ପସ କାର୍ଯ୍ୟାଳୟ ଘେରାଉ କରିଥିଲେ। ସରକାର ୨୬୬.୫୦ରେଟ୍ ରଖିଥିବା ବେଳେ ଦଲାଲ ବସ୍ତା ପିଛା ୮୦୦ରୁ ୧୦୦୦ଟଙ୍କାରେ ବିକ୍ରି କରୁଥିବା ଚାଷୀ ଅଭିଯୋଗ କରିଛନ୍ତି। ଏତେ ଟଙ୍କା ଦେଇ ଚାଷୀ ସାର କିଣୁଥିବାରୁ ଅସନ୍ତୋଷ ପ୍ରକାଶ କରିବା ସହ ଅଧିକ ରେଟ୍‌ରେ ବିକୁଥିବା ଦଲାଲଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ନିଅଣ୍ଟ ସାର ଯୋଗାଇବା ଦାବି କରି ଘେରାଉ କରିଥିବା ଚାଷୀ ଗୌତମ ସୁବୁଦ୍ଧି, ରମାକାନ୍ତ ପଣ୍ଡୁ, ଲମ୍ବୋଧର ସୁବୁଦ୍ଧି, ସିଙ୍ଗୁରୁ ମାଣ୍ଡିଙ୍ଗୀ ଓ ସୁବାଷ ମାଣ୍ଡିଙ୍ଗୀ ପ୍ରମୁଖ କହିଛନ୍ତି। ଏ ନେଇ ଉଭୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାରୁ ଆସନ୍ତା ୩ ଦିନ ମଧ୍ୟରେ ସମସ୍ୟାର ସମାଧାନ ହେବ ବୋଲି କର୍ତ୍ତୃପକ୍ଷ କହିଛନ୍ତି।

### କାର ଧକ୍କାରେ ଦମ୍ପତି ଆହତ

ନନ୍ଦପୁର/ପାଡୁଆ, ୨।୯ (ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଚାଟୁଆ ପଞ୍ଚାୟତ କଉଡ଼ିଖାଲ ଗ୍ରାମର ଅଙ୍ଗନୱାଡ଼ି କର୍ମୀ ଅମିତା ମାଟାମ ଘରକୁ ଫେରୁଥିବା ବେଳେ ବିଶାଖାପାଟଣା-ଜୟପୁର ସଂଯୋଗୀ ରାସ୍ତାରେ ତାଙ୍କୁ ଓ ତାଙ୍କ ସ୍ୱାମୀଙ୍କୁ ଏକ କାର ଧକ୍କା ଦେବାରୁ ସେମାନେ ଆହତ ହୋଇଛନ୍ତି। ଅନ୍ୟ ଗାଡ଼ି ଚାଳକ ଓ ପଥଚାରୀ ଏ ନେଇ ପାଡୁଆ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ କାର(ସିଜି-୨୭ଆର-୩୨୯୬)କୁ ଅଟକାଇ ଘଟଣାର ତଦନ୍ତ କରୁଛି। ଅମିତା ଓ ତାଙ୍କ ସ୍ୱାମୀ ଭୀମଙ୍କୁ ଗ୍ରାମବାସୀ ଚାଟୁଆସ୍ଥିତ ଏକ ଘରୋଇ କ୍ଲିନିକ୍‌ରେ ପ୍ରାଥମିକ ଚିକିତ୍ସା କରାଇଥିଲେ। ଡାକ୍ତରଙ୍କ ପରାମର୍ଶ କ୍ରମେ ଆନ୍ଧ୍ର ପ୍ରଦେଶର ଆର୍କୁ ହସ୍ପିଟାଲ୍‌କୁ ଅଧିକ ଚିକିତ୍ସା ପାଇଁ ନିଆଯାଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି।

# ଘର ଭୁଶୁଡ଼ି ସ୍ୱାମୀ ସ୍ତ୍ରୀ ଗୁରୁତର


ଘର ଭୁଶୁଡି ପଡିଛି ।

କୋରାପୁଟ,୨।୯(ଅମିତାଭ ବେହେରା)

କୋରାପୁଟ ବ୍ଲକର ମହୁପୁଟ ପଞ୍ଚାୟତ ବାସପୁଟ ଗ୍ରାମରେ ଏକ ମାଟି ଘର ଭୁଶୁଡି ସ୍ୱାମୀ ସ୍ତ୍ରୀ ଗୁରୁତର ହୋଇଛନ୍ତି। ଗୁରୁତର ମାନେ ହେଲେ ବାସପୁଟ ଗ୍ରାମର ମଧୁ କମାର ଓ ତାଙ୍କ ସ୍ତ୍ରୀ। କିଛିଦିନ ହେବ ଜିଲାରେ ବର୍ଷା ଲାଗି ରହିଥିବାରୁ ସୋମବାର ରାତିରେ ମଧୁ ଓ ତାଙ୍କ ସ୍ତ୍ରୀ ଶୋଇଥିବା ବେଳେ ତାଙ୍କ ମାଟି ଘର ଭୁଶୁଡି ପଡିଥିଲା। ମଙ୍ଗଳବାର ସକାଳେ ଗ୍ରାମବାସୀ ଦମ୍ପତିଙ୍କୁ ଉଦ୍ଧାର କରି ସ୍ଥାନୀୟ କୋରାପୁଟ ବଡ ମେଡିକାଲରେ ଭର୍ତ୍ତି କରିଥିଲେ। ଘରି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବାରୁ ପକ୍କା ଘର ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ପିଇଓଙ୍କ ବଦଳି ବାତିଲ ଦାବି

## ବିଡିଓଙ୍କ ଦ୍ୱାରସ୍ଥ ହେଲେ ଲୋକ ପ୍ରତିନିଧି

କୁନ୍ଦୁରା,୨।୯(ସନ୍ତୋଷ ପ୍ରହରାଜ)


ଲୋକ ପ୍ରତିନିଧିମାନେ ବିଡିଓ ପି.ମନସ୍ୱିତାଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଆସନା ପଞ୍ଚାୟତର ପିଇଓ କାଳିଚରଣ ସ୍ୱାଇଁଙ୍କ ବଦଳି ଦାବି କରି ୬ ୱାର୍ଡ ମେମ୍ବର, ନାଏବ ସରପଞ୍ଚ ଓ ବିଭିନ୍ନ ଗ୍ରାମର ଗ୍ରାମବାସୀ ମିଳିତ ଭାବେ କୁନ୍ଦୁରା ବ୍ଲକ୍ ବିଡିଓ ପି.ମନସ୍ୱିତାଙ୍କ ଭେଟି ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପିଇଓ ସ୍ୱାଇଁଙ୍କ ବିରୋଧରେ ଆସନା ସରପଞ୍ଚଙ୍କ ଦ୍ୱାରା ଦିଆଯାଇଥିବା ମିଥ୍ୟା ଅଭିଯୋଗ ଓ ବଦଳି ଦାବିକୁ ବିରୋଧ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନା ମୁତାବକ ଅଗଷ୍ଟ ୨୧ରେ ସରପଞ୍ଚ ଜୟନ୍ତୀ କୁଷପାରିଆ, ସମିତସଭ୍ୟା ଗୋରୀ ହରିଜନ ଓ କେତେଜଣ ବ୍ୟକ୍ତି ପିଇଓ ସ୍ୱାଇଁ ପଞ୍ଚାୟତର ବାର୍ଷିକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତରେ ସରପଞ୍ଚଙ୍କୁ ନ ପଚାରିବା ଓ ଏଥିରେ ସରପଞ୍ଚଙ୍କ ଜାଲ ଦସ୍ତଖତ କରିଥିବା, ଧମକ ଦେବା, ମଦ୍ୟପାନ କରି ଉପଦ୍ରବ କରିବା ଆଦି ନେଇ ଅଭିଯୋଗ କରିଥିଲେ। ଏ ନେଇ କାର୍ଯ୍ୟାନୁଷ୍ଠାନ ସହ ବଦଳି ଦାବି କରିଥିଲେ। ଗଣମାଧ୍ୟମରେ ପ୍ରକାଶିତ ଖବରରୁ ପଞ୍ଚାୟତ ବାସୀ ଜାଣିବାକୁ ପାଇଥିଲେ। ପିଇଓ ଏହି ପଞ୍ଚାୟତରେ ୨ରୁ ଊର୍ଦ୍ଧ୍ୱ ବର୍ଷ ହେବ ଦାୟିତ୍ୱରେ ରହିଛନ୍ତି। ସେ ଆସନା ପଞ୍ଚାୟତର ଉନ୍ନତି ଦିଗରେ ନିଷ୍ଠାର ସହ କାର୍ଯ୍ୟ ତୁଲାଇ ଆସିଥିବା, ସରପଞ୍ଚଙ୍କ ମନ ମୁତାବକ ଏକତରଫା କାର୍ଯ୍ୟ ନ କରିବାରୁ ଏହିଭଳି ଭିତ୍ତିହୀନ ଅଭିଯୋଗ କରାଯାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସରପଞ୍ଚ ଓ ସମିତିସଭ୍ୟା କ୍ଷମତାକୁ ଆସିବାର ୩ ବର୍ଷ ବିତିଥିଲେ ସୁଦ୍ଧା ଲୋକଙ୍କ ସମସ୍ୟା ବୁଝୁ ନ ଥିବା ଓ ଗାଁକୁ ଆସୁ ନ ଥିବା କୁହାଯାଇଛି। ପିଇଓ ସରକାରୀ ଅଧିକାରୀ ଭାବେ ସାମୂହିକ ଓ ବ୍ୟକ୍ତିଗତ ସରକାରୀ କାର୍ଯ୍ୟରେ ପ୍ରତି ଗାଁ ଯାଇ ଲୋକଙ୍କ ସମସ୍ୟା ବୁଝୁଛନ୍ତି। ଗାଁ ଲୋକ ଏବଂ ୱାର୍ଡମେମ୍ବରଙ୍କ ସହ ସମନ୍ୱୟ ରକ୍ଷା କରୁଛନ୍ତି। ସରପଞ୍ଚ କରିଥିବା ଅଭିଯୋଗ ଭଳି କାର୍ଯ୍ୟ ସେ ନିଜେ କରୁଥିବା କୁହାଯାଇଛି। କ୍ଷମତାକୁ ଆସିବା ପରେ ଏଯାଏ ବାର୍ଷିକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତି ଓ ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟରେ କୌଣସି ୱାର୍ଡମେମ୍ବରଙ୍କୁ ପଚାରୁ ନ ଥିବା କୁହାଯାଇଛି। ଇଚ୍ଛା ମୁତାବକ ପ୍ରସ୍ତୁତ କରନ୍ତି। କାର୍ଯ୍ୟ ଖସଡ଼ାରେ ୨ ପ୍ରତିନିଧିଙ୍କ ସ୍ୱାର୍ଥ ଥିବାରୁ ବିରୋଧ କରୁଛନ୍ତି କି ବୋଲି ପ୍ରଶ୍ନ କରାଯାଇଛି। ୩ ବର୍ଷ ମଧ୍ୟରେ ପଞ୍ଚାୟତରେ ଜଣେ ପିଇଓ, ୫ ଜେଇ, ୩ ଜିଆର୍‌ଏସ୍‌ଙ୍କ ବଦଳି ହୋଇଥିବା ବେଳେ ଏଥିରେ ରୋକ୍ ଲାଗୁ ନ ଥିବା ଏବଂ କର୍ମଚାରୀଙ୍କ ମଧ୍ୟରେ ସ୍ଥିରତା ଅସୁ ନ ଥିବା ଅଭିଯୋଗ କରାଯାଇଛି। ଏହା ଦ୍ୱାରା ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ସରପଞ୍ଚଙ୍କ ମନମୁଖୀ କାର୍ଯ୍ୟର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଉନ୍ନତି ମୂଳକ କାର୍ଯ୍ୟରେ ଆସନା ପଞ୍ଚାୟତ ତଳ ସ୍ତରରେ ଥିବାରୁ ପିଇଓଙ୍କ ବଦଳି କରିବା ପରିବର୍ତ୍ତେ ପଞ୍ଚାୟତର ବିକାଶ ଦିଗରେ ଗୁରୁତ୍ୱ ଦେବାକୁ ନିବେଦନ କରାଯାଇଛି। ପିଇଓଙ୍କୁ ବଦଳି କରିଲେ ସମସ୍ତ ୱାର୍ଡ ସଭ୍ୟା,ସଭ୍ୟ ଏବଂ ପଞ୍ଚାୟତବାସୀ ଏହାର ଦୃଢ଼ ବିରୋଧ କରିବେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ସରପଞ୍ଚଙ୍କ ଅଭିଯୋଗ ନ ହେଲେ ବିପିଇଓଙ୍କ ସେଠାରୁ ବଦଳି ହୋଇଥାନ୍ତା। ତାଙ୍କର ଅବସର ସମୟ ବହୁ କମ୍ ଦିନ ରହିଥିବାରୁ ଅନ୍ୟ ଜଣଙ୍କୁ ଦାୟିତ୍ୱ ଦିଆଯାଇଥିବା ବିଡିଓ କହିଥିଲେ। ଏଥିରେ ପଞ୍ଚାୟତବାସୀ ସହମତ ହୋଇ ନ ଥିଲେ। ଏକ ସପ୍ତାହ ମଧ୍ୟରେ ପିଇଓଙ୍କ ବଦଳି ବାତିଲ କରାଯାଉ। ଏଥିରେ ବିଡିଓ କିଛି ନ କରିଲେ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବେ ବୋଲି ପଞ୍ଚାୟତବାସୀ କହିଥିଲେ। ଜିପିଡିଓଙ୍କ ସହ ଆଲୋଚନା କରି ବଦଳି ବାତିଲ କରିବା ପଦକ୍ଷେପ ନିଆଯିବ ବୋଲି ବିଡିଓ କହିଥିଲେ।

# ୫ କରାଟେକାଙ୍କୁ ବ୍ଲାକ୍ ବେଲ୍ଟ



କୃତୀ ୫ କରାଟେକା।

ସେମିଳିଗୁଡା,୨।୯(ବାସୁଦେବ ବରାଡ଼)

ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲଠାରେ ୩୦-୩୧ ଅଗଷ୍ଟ ଇନଷ୍ଟ୍ରକ୍ଟର ଟ୍ରେନିଂ କ୍ୟାମ୍ପ ଆଣ୍ଡ ବ୍ଲାକ ବେଲ୍ଟଗ୍ରଡିଂରେ ସେମିଳିଗୁଡ଼ା ଉତ୍କଳ କରାଟେ ସ୍କୁଲର ୫ କରାଟେକା ଓ ସେମାନଙ୍କ କୋଚ୍ ରାଜେନ୍ଦ୍ର ସାମଲ କୃତ୍ୟକାର୍ଯ୍ୟ ହାସଲ କରିଛନ୍ତି। ଏଥିରେ ରାଜ୍ୟ ତଥା ବାହାରୁ ୭୦ ଇନଷ୍ଟ୍ରକ୍ଟର ଓ ୭୫ କରାଟେକା ଅଂଶ ଗ୍ରହଣ କରିଥିଲେ। ନନ୍ଦିନୀ ନାୟର ସେକେଣ୍ଡ ଡାନ, ସମ୍ପୂର୍ଣ୍ଣା ଦାସ, ତୃପ୍ତିରାଣୀ ମହାନ୍ତି, ତପସ୍ୱିନୀ ନାୟକ, ପି.ପି. ସୋମିକ୍ ଚୌଧୁରୀ ପ୍ରଥମ ଡାନ୍ ହାସଲ କରିଥିଲେ। ବେଲ୍ଟ ପରୀକ୍ଷାରେ ମୁଖ୍ୟ କୋଚ୍ ଡ. ହରିପ୍ରସାଦ ପଟ୍ଟନାୟକ, ଶେନ୍ସେଇ ଖାରବେଳ ମଲ୍ଲିକ, ଦୀପକ୍ ସମନ୍ତ୍ର, ଶେନ୍ସେଇ ସନ୍ତୋଷ ମହାରଣା ସାମିଲ ଥିଲେ।

# ନକଲି ସାର ବିକ୍ରି ଅଭିଯୋଗ ପରେ ପ୍ରଶାସନର ଚଢ଼ାଉ

କୋଟପାଡ଼,୨।୯ (କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ଅଞ୍ଚଳର କେତେକ ସାର ଦୋକାନୀ କଳାବଜାରକରି ସାର ବିକ୍ରି କରୁଥିବା ଅଭିଯୋଗ ହେବା ପରେ ପ୍ରଶାସନ ପକ୍ଷରୁ ସୋମବାର ଚଢ଼ାଉ କରାଯାଇଛି। ନକଲି ଓ ରଙ୍ଗଦିଆ ସାର ବିକ୍ରି କରୁଥିବା ଚାଷୀ ଅଭିଯୋଗ କରିଥିଲେ। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଜିଲାପାଳ ଓ ଜିଲା କୃଷି ଅଧିକାରୀଙ୍କୁ କୃଷକ ସମାଜ ଓ ଚାଷୀ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ଓ କୃଷି ଅଧିକାରୀ ନକଲି ସାର ଓ ବିନା ଲାଇସେନ୍ସରେ ବିକ୍ରି କରୁଥିବା ବ୍ୟକ୍ତିଙ୍କ ଦୋକାନ ଚିହ୍ନଟକରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଗ୍ରାମାଞ୍ଚଳଗୁଡ଼ିକରେ ସାର ଚଢ଼ା ଦରରେ ବିକ୍ରି ହେଉଥିବା ଚାଷୀ ଅଭିଯୋଗ କରୁଛନ୍ତି। କିଛିଦିନ ହେବ ସହରାଞ୍ଚଳର ସାର ଦୋକାନଗୁଡ଼ିକରେ ଜିଲା ପ୍ରଶାସନ ଏବଂ କୃଷି ଅଧିକାରୀମାନେ ଚଢ଼ାଉ କରୁଥିଲେ ସୁଦ୍ଧା ଗୋଦାମ ଗୃହଗୁଡ଼ିକ ଯାଞ୍ଚ ହୋଇ ନ ଥିବା ଚାଷୀ କହିଛନ୍ତି। କୋଟପାଡ଼ ଘୁମର ପଞ୍ଚାୟତ ଅଞ୍ଚଳରେ ରଙ୍ଗ ଦିଆ ନକଲି ପଟାସ ସାର ବିକ୍ରି ହେଉଥିବା ଚାଷୀ ଅଭିଯୋଗ କରିଥିଲେ। ବୋରିଗୁମ୍ମାରେ ନକଲି ଡିଏପି ସାର ବିକ୍ରି ହେଉଥିବା ଅଭିଯୋଗ ହୋଇଥିଲା। ଏ ନେଇ ପ୍ରଶାସନ ପକ୍ଷରୁ କୌଣସି ସୂଚନା ନ ଥିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୋମବାର ଭୈରବ ପଡ଼ିଆ ନିକଟସ୍ଥ ଇନ୍‌ଡୋର ଷ୍ଟାଡିୟମ ନିକଟରେ ବନ୍ଦ ଥିବା ସାର ଦୋକାନ ଉପରେ ସ୍ଥାନୀୟ ତହସିଲଦାର ଟ୍ୱିଙ୍କେଲ ସେଠୀ, ପୋଲିସ କର୍ମଚାରୀ, କୃଷି ବିଭାଗ ଅଧିକାରୀ ଚଢ଼ାଉ କରିଥିଲେ। ଦୋକାନ ମାଲିକ ପୂର୍ବରୁ ସୂଚନା ପାଇ ନ ଥିବାରୁ ଭଡ଼ା ଦେଇଥିବା ମାଲିକଙ୍କୁ ଡକାଇ ତାଲା ଭାଙ୍ଗି ଯାଞ୍ଚ କରାଯାଇଥିଲା। ଦୋକାନରେ ୧୫୦ ବସ୍ତାରୁ ଊର୍ଦ୍ଧ୍ୱ ବିଭିନ୍ନ ସାର ବସ୍ତା, ଡିଏପି ବସ୍ତା, ରଙ୍ଗ ପ୍ୟାକେଟ, ଏକ ବ୍ୟାଗ୍ ଷ୍ଟିଚିଂ ମେଶିନ ଓ କିଛି ଖାଲି ବସ୍ତା ସହ ଆର୍ଥୱେ ଏଗ୍ରିକଲ୍‌ଚର ପ୍ରାଇଭେଟ୍ ଲିମିଟେଡ୍, ରାଜସ୍ଥାନ ଜୟପୁର ବୋଲି ଏକ ନାମଫଳକ ଫ୍ଲେକ୍ସ ରହିଥିଲା। ଅର୍ଗାନିକ ଫର୍ଟିଲାଇଜର ବିକ୍ରି କରୁଥିବା ଦୋକାନ ମାଲିକ କହୁଥିବା ବେଳେ ତହସିଲଦାର ଓ ଅନ୍ୟ ଅଧିକାରୀ ସାର ନମୁନା ସଂଗ୍ରହକରି ଦୋକାନକୁ ସିଲ୍ କରିଥିଲେ। ସାର ଅସଲି, ନକଲି ନେଇ ପରୀକ୍ଷା କରିବାକୁ ପଠାଯାଇଥିବା କୃଷି ଅଧିକାରୀ କହିଛନ୍ତି। ରିପୋର୍ଟ ଆସିବା ଯାଏ ସାର ଦୋକାନ ସିଲ୍ ରହିବ ଓ ନକଲି ହେଲେ ହୋଇଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।


ଅଧିକାରୀମାନେ ସାର ଦୋକାନରେ ଯାଞ୍ଚ କରୁଛନ୍ତି।

# ଜିଲାପାଳଙ୍କ ନନ୍ଦପୁର, ସେମିଳିଗୁଡ଼ା ବ୍ଲକ୍ ପରିଦର୍ଶନ

ନନ୍ଦପୁର/ସେମିଳିଗୁଡ଼ା/ସୁନାବେଡ଼ା,୨।୯ (ତୁଷାରକାନ୍ତ ମହାନ୍ତି/ ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)


ଜିଲାପାଳ ମନୋଜ ସତ୍ୟବାନ ମହାଜନ ନନ୍ଦପୁର ବ୍ଲକ୍‌ର ଏକ ସ୍କୁଲରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଆଲୋଚନା କରୁଛନ୍ତି।

କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ ନନ୍ଦପୁର ଓ ସେମିଳିଗୁଡ଼ା ବ୍ଲକ୍ ଅଧୀନ ବିଭିନ୍ନ ଅଞ୍ଚଳ ମଙ୍ଗଳବାର ପରିଦର୍ଶନ କରିଛନ୍ତି। ପ୍ରଥମେ ନନ୍ଦପୁର ବ୍ଲକ୍‌ର ଲୁଜିଙ୍ଗ ଅଙ୍ଗନୱାଡି କେନ୍ଦ୍ରରେ ସିଡିପିଓ ମିନତିବାଳା ପଟ୍ଟନାୟକ ଓ ଅଙ୍ଗନୱାଡି କର୍ମୀ ସ୍ନେହମୟୀ ଦାସଙ୍କୁ ପ୍ରାକ୍ ଶିକ୍ଷା, ପୋଷଣ ଖାଦ୍ୟ ସମେତ ମହିଳା ଓ ଶିଶୁଙ୍କ ପାଇଁ କାର୍ଯ୍ୟକାରୀ ସରକାରୀ ଯୋଜନା ବିଷୟରେ ପଚାରି ବୁଝିଥିଲେ। ନନ୍ଦପୁର ୨୩ ଓ ସେମିଳିଗୁଡ଼ା ବ୍ଲକ୍‌ର ୨ ପଞ୍ଚାୟତବାସୀଙ୍କ ପାଇଁ ନିର୍ମାଣ ହେଉଥିବା ମେଗା ପାନୀୟ ଜଳପ୍ରକଳ୍ପ ଓ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ। ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀ ଓ ୨ ଠିକା ସଂସ୍ଥା କର୍ତ୍ତୃପକ୍ଷଙ୍କୁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନନ୍ଦପୁର ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ର, ବ୍ଲକ ଶିକ୍ଷାଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକ, ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜୁଲତା ଗରଡ଼ା ଓ ଅନ୍ୟ ସ୍କୁଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ବିଦ୍ୟାଳୟ ଓ ବ୍ଲକ୍‌ରେ ଶିକ୍ଷା ବିଭାଗର କାର୍ଯ୍ୟର ସମୀକ୍ଷା କରିଥିଲେ। ଏହାପରେ ନନ୍ଦପୁର ରାଣୀଡୁଡୁମା ପରିଦର୍ଶନକରି ଜଙ୍ଗଲ ବିଭାଗ କର୍ତ୍ତୃପକ୍ଷ, ବନ ସୁରକ୍ଷା ସମିତି ସଦସ୍ୟଙ୍କ ସହ ପରିସରରେ କରାଯାଉଥିବା ବିକାଶ କାର୍ଯ୍ୟ, ପର୍ଯ୍ୟଟକଙ୍କ ପାଇଁ ଥିବା ଆନୁଷଙ୍ଗିକ ବ୍ୟବସ୍ଥା ଓ ଆବଶ୍ୟକତା ନେଇ ଆଲୋଚନା କରିଥିଲେ। ଖୁର୍ଜୀ ପଞ୍ଚାୟତର କିରାଝୋଲା ଅଦା ପ୍ରୋସେସିଂ ୟୁନିଟ୍ ଓ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟର ତଦାରଖ କରିଥିଲେ। କିରାଝୋଲାରେ ଏସ୍‌ଏଚ୍‌ଜି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଚାଷ ଓ ଉତ୍ପାଦ ସମ୍ପର୍କରେ ବୁଝିଥିଲେ। ଏହି ସମୟରେ ପ୍ରୋବେସନାରି ଆଇଏଏସ୍ ସନ୍ତୋଷ ପାତ୍ର, ଜିଲା ସିଡିଓ ବେଣୁଧର ଶବର, ବିଡିଓ ଦୁର୍ଗାପ୍ରସାଦ ଦୋରା, ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ଝସକେତନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସୁବାଇର ପୁରାତନ ଜୈନ ମନ୍ଦିର ପରିଦର୍ଶନକରି ବ୍ଲକ୍ ପ୍ରଶାସନ ପକ୍ଷରୁ ଲଗାଯାଇଥିବା ସିସିଟିଭି ଯାଞ୍ଚ କରିଥିଲେ। ଚୋରି ହୋଇଥିବା ପୁରାତନ ମୂର୍ତ୍ତି ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ସୁରକ୍ଷା ପ୍ରତି ଧ୍ୟାନଦେବା ନେଇ ସୁରକ୍ଷା କର୍ମୀ ମୁତୟନ କରିବାକୁ କହିଥିଲେ। ପରେ ଶହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟ ପରିଦର୍ଶନକରି ପିଲା ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସଂଖ୍ୟା ପଚାରି ବୁଝିଥିଲେ। ପିଲାଙ୍କୁ ସଂକ୍ଷିପ୍ତ ପ୍ରଶ୍ନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଚାରାରୋପଣ କରିଥିଲେ। ଏହା ପରେ ପିତାଗୁଡ଼ା ଯାଇ ଓଡ଼ିଶା ଜୀବିକା ମିଶନ ଦ୍ୱାରା ଛତୁ ମଞ୍ଜି ପ୍ରୋସେସିଂ କେନ୍ଦ୍ର ବୁଲି ପ୍ରଣାଳୀ ସମ୍ପର୍କରେ ପଚାରି ବୁଝିଥିଲେ। ରାଜପୁଟ ପଞ୍ଚାୟତ ବଡ଼େଙ୍ଗାଠାରେ ମିଲେଟ ପ୍ରୋସେସିଂ କେନ୍ଦ୍ରର ପ୍ରଚାର ପ୍ରସାର ହୋଇପାରିବା ଓ ଏହାକୁ ଆଇଏସ୍‌ଓ ଟ୍ୟାଗ୍ ଯୁକ୍ତ କରିବା ନେଇ ଆଲୋଚନା କରିଥିଲେ। ମାଣ୍ଡିଆ ପ୍ରସ୍ତୁତି ସାମଗ୍ରୀ ବିକ୍ରି ଉପରେ ଗୁରୁତ୍ୱ ଦେବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ମାଣ୍ଡିଆ ପ୍ରସ୍ତୁତ ସୁପ୍ ଓ ଲଡୁ ଚାଖିଥିଲେ। ଶହୀଦ ଲକ୍ଷ୍ମଣ ନାୟକ ପ୍ରତିଯୋଗିତା ଅଣୁ ଶିକ୍ଷଣ କେନ୍ଦ୍ରରେ ଛାତ୍ରୀଛାତ୍ରଙ୍କୁ ଓଏଏସ୍ ଏବଂ ଆଇଏଏସ୍ ପ୍ରତିଯୋଗିତା ପରୀକ୍ଷା ବିଷୟରେ ବୁଝାଇଥିଲେ। ସେମିଳିଗୁଡ଼ାର ଅଦା ପ୍ରୋସେସିଂ ସେଣ୍ଟର ବୁଲି ଦେଖିଥିଲେ। ବିଡିଓ ଯସ୍ମିନ୍ ପ୍ରଧାନ,ସେମିଳିଗୁଡ଼ା ବ୍ଲକ ଅଧ୍ୟକ୍ଷା ଲିଲି ଅଣ୍ଟାବିରିଆ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ମାଓବାଦୀ ଗିରଫ



ମାଲକାନଗିରି,୨୯ (ଘୁରେଧାନ ପାତ୍ର)

## ବିସ୍ଫୋରକ ଜବତ

ଛତିଶଗଡ଼ ସୁକ୍ମା ଜିଲା ପୋଲିସ ବିସ୍ଫୋରକ ସହ ୩ ମାଓବାଦୀଙ୍କୁ ମଙ୍ଗଳବାର ଗିରଫ କରିଛି। ଚିନ୍ତାଗୁଫା ଥାନାରୁ ସିଆରପିଏଫ୍ ବାହିନୀ ସର୍ଚ୍ଚ ଲାଗି ତାଡ଼ମେଟ୍ଲା ଗ୍ରାମକୁ ଯାଉଥିଲେ। ଏହି ସମୟରେ ଫେଣ୍ଡାପାଡ଼ ଗ୍ରାମ ନିକଟରେ ୩ଜଣ ମାଓବାଦୀ ବିସ୍ଫୋରକ ସାମଗ୍ରୀ ସହ ଥିବା ଦେଖି ସେମାନଙ୍କୁ ଗିରଫ କରିଥିଲେ। ଗିରଫମାନେ ହେଲେ ପୋଡିୟମ ଜଗା, ମାଡବି ମାସା ଓ ପୋଡା ମାଡବି। ଏମାନଙ୍କଠାରୁ ଗୋଟିଏ ଟିଫିନ୍ ବୋମା, ୫ ଡିଟୋନେଟର, ୫ ମିଟର କୋଡେକ୍ସ ତାର, ୫ ଜିଲେଟିନ୍, ୧୦ ମିଟର ତାର ଓ ୨ଟି ପେନ୍ସିଲ ସେଲ୍ ଜବତ କରାଯାଇଛି। ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ମାତୃଶକ୍ତିକୁ ଅପମାନିତ କରି ରାଜନୈତିକ ସ୍ୱାର୍ଥ ସାଧନ ଲକ୍ଷ୍ୟ: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯(ସୁନିତ୍ ମିଶ୍ର) ବିହାରର ଦରଭଙ୍ଗାରେ କଂଗ୍ରେସ ଏବଂ ଆରଜେଡିର ମଞ୍ଚରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମା'ଙ୍କ ନାମରେ ଅପଶବ୍ଦ ବ୍ୟବହାର କରାଗଲା। ଏହା ଏକ ନିନ୍ଦନୀୟ ଏବଂ ଲୋକତନ୍ତ୍ରକୁ ଲଜ୍ଜିତ କରୁଥିବା ଘଟଣା। ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ରାଜନୀତି ଏପରି ଏକ ଅବନୀତମୟ ସ୍ତରକୁ ପହଞ୍ଚିଛି, ଯାହା ଦେଶର ସାଂସ୍କୃତିକ ଐତିହ୍ୟକୁ ମଧ୍ୟ ଅପମାନ କରିଛି। ରାହୁଲ ଅଭଦ୍ର ଭାଷାକୁ ପ୍ରୋତ୍ସାହନ ଦେଇ ଦେଶର ମାତୃଶକ୍ତିକୁ ଅପମାନ କରି ନିଜର ରାଜନୈତିକ ସ୍ୱାର୍ଥ ସାଧନ କରିବାକୁ ଚାହୁଁଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମଙ୍ଗଳବାର ପ୍ରଭାତି କହିଛନ୍ତି, କଂଗ୍ରେସର ଏଭଳି ବ୍ୟବହାର ଦେଶର ସବୁ ମା'ମାନଙ୍କ ପାଇଁ ଅସମ୍ମାନ। ସେ ଏଥିନେଇ ରାହୁଲ କିମ୍ବା ଇଣ୍ଡିଆ ମେଣ୍ଟର କୌଣସି ନେତା କ୍ଷମା ମାଗିଲେ ନାହିଁ। ଏଥିରୁ ହିଁ କଂଗ୍ରେସ ନେତାଙ୍କ ମାନସିକତା କେତେ ସଂକୀର୍ଣ୍ଣ ତାହା ଜଣାପଡୁଛି। ଏଥିଲାଗି ଦେଶର ପ୍ରତ୍ୟେକ ନାରୀ ଏବଂ ମା'ମାନଙ୍କୁ ରାସ୍ତାକୁ ଆସିବାକୁ ପଡ଼ିବ। ଗାନ୍ଧୀ ପରିବାର ସବୁବେଳେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଘୃଣା ପ୍ରଚାର କରିଆସିଛି। କିନ୍ତୁ ଏଥର ସେମାନେ ସବୁ ସୀମା ଲଙ୍ଘିଛନ୍ତି ବୋଲି ପ୍ରଭାତି କହିଛନ୍ତି।


GOVERNMENT OF ODISHA
DEPARTMENT OF AGRICULTURE AND FARMERS' EMPOWERMENT,

## OFFICE OF THE EXECUTIVE ENGINEER (AGRIL), GANJAM DIVISION, BERHAMPUR, RANGEILUNDA

Notice No. 1296 // EE. Agril. Dt.30.08.2025

### INVITATION FOR BIDS (IFB)
### e-procurement notice

Bid identification number / Tender call notice no. - EE (A), Ganjam-03 of 2025-26

**No.L-59** : The Executive Engineer (Agril.), Ganjam Division, Berhampur who has been authorized as the procuring officer for Ganjam Division is directed to invite percentage rate bid on behalf of the Governor of Odisha for the Civil construction works under Ganjam Division. The cost of the project is approximately 18.00 lakhs (Excluding GST& LC). Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from https://tendersodisha.gov.in from **01.09.25 at 11.00 hours to 08.09.25 at 17.00 hours**. The bid will be opened on **10.09.25 at 15:00 hours** onwards in the O/o. Executive Engineer (Agril.), Ganjam Division, Berhampur, RITE Campus, Rangeilunda. All other details regarding term and conditions, corrigendum from time to time if any, DTCN etc. can be seen and downloaded from https://tendersodisha.gov.in.

Sd./- Executive Engineer (Agril)
Ganjam Division, Berhampur

OIPR-01508/11/0009/2526



GOVERNMENT OF ODISHA
DEPARTMENT OF WATER RESOURCES
INVITATION FOR BIDS (IFB)

## OFFICE OF THE EXECUTIVE ENGINEER BOUDH IRRIGATION DIVISION, BOUDH, PIN-762014

e-mail i.d - eebidboudh@gmail.com

### "e"-Procurement Notice No.-05/2025-26
Bid Identification No. EE BOD-05/2025-26

No.2708 /Date:26.08.2025

**No.A-563** : The **Executive Engineer, Boudh Irrigation Division, Boudh,** on behalf of Governor of Odisha invites online **Percentage rate** tenders in **Single cover system** to be received in online mode only for the works as detailed below. Bid documents consisting of work, estimated cost, cost of tender paper, EMD, time of completion, Class of contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the work | Canal work, River embankment |
| 2 | No. of Works | **19 Nos.** |
| 3 | Class of Contractor | **"B" & "C" Class (Odisha PWD or relevant class of other licensing Authority)** |
| 4 | Bid Identification No. | EEBOD-05/2025-26 |
| 5 | Estimated Cost | Varies Approximately from 21.02 lakhs to 33.87 lakhs |
| 6 | Period of Completion | 4 (Four) Calendar Months |
| 7 | Date & time of availability of bid documents in the Portal | **From 03.09.2025 (11.00 A.M.) to 16.09.2025 (05.00 P.M.)** |
| 8 | Last date/time for receipt of bids through online | **16.09.2025 upto 05.00 P.M.** |
| 9 | Date of Opening of Bid through online | **17.09.2025 (11.00 A.M. onwards in the Office of the undersigned)** |
| 10 | Name of the Officer inviting Bid | **Executive Engineer, Boudh Irrigation Division, Boudh (Dist.-Boudh)** |

Further details can be seen from the e-Procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in said website.

Sd./- Executive Engineer
Boudh Irrigation Division, Boudh

OIPR-32111/11/0012/2526



## DIRECTORATE OF AGRICULTURE & FOOD PRODUCTION, ODISHA

No.L-60

### REQUEST FOR PROPOSAL

**"Selection of Agency for the role of Programme Secretariat for the state sector scheme "Revival and Sustainable Intensification of Forgotten Food & Neglected crops in Odisha" under the Administrative Control of Director of Agril & FP (Odisha).**

**RFP No 29523 Dated 30.08.2025** : The Director of Agriculture & Food Production, Odisha, Bhubaneswar of Department of Agriculture & Farmers Empowerment, Odisha invites proposal through e-procurement mode from the interested bidders "Selection of Agency for the role of Programme Secretariat for the state sector scheme "Revival and Sustainable Intensification of Forgotten Food & Neglected crops in Odisha" under the Administrative Control of Director of Agril & FP (Odisha).

The RFP document is available and can be downloaded from the **tendersodisha.gov.in**. from 02.09.2025. Last date for submission of proposals through e-procurement portal is 24.09.2025 at 17.00 hrs. (IST). Further updates on this tender will be available on this website only.

The proposals received beyond the scheduled last date & time will be rejected out rightly. The Director of Agriculture & Food Production, Odisha, Bhubaneswar reserves the right to reject any/all proposals without assigning any reason thereof.

PT2-DAFP-RTI-SG-0002-2024

Sd./- Director of Agriculture & Food Production, Odisha

OIPR-01102/11/0030/2526



See Career Appointment on every Wednesday & Saturday



## POLICE COMMISSIONERATE BHUBANESWAR-CUTTACK
ODISHA SPECIAL ARMED POLICE 7TH BATTALION, BHUBANESWAR

ପ୍ରାପ୍ତେଷୁ
ବାସିଲ କିରୋ, ସିପାହୀ-୧୧୮
ପିତା:ଫ୍ଲାବିଆନୋସ କିରୋ
ଗ୍ରାମ:ପ୍ରତାପପୁର, ଥାନା:ରାଜଗାଙ୍ଗପୁର
ପୋଷ୍ଟ ଅ:ଇନ୍ଦରପୁର, ଜିଲ୍ଲା-ସୁନ୍ଦରଗଡ଼

ନଂ.D-192:ଏତଦ୍ୱାରା ଆପଣଙ୍କୁ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆପଣ ତା.୦୧.୦୭.୨୦୨୩ ରିଖ ପୂର୍ବାହ୍ନ ୮ ଘଟିକାଠାରୁ ବିନା ଅନୁମତିରେ କାର୍ଯ୍ୟାଳୟରୁ ପଳାୟନ ଅଛନ୍ତି । ଆପଣ କୌଣସି ଛୁଟି ନନେଇ ଉକ୍ତଦିନ ଠାରୁ ଆଜି ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି । ଆପଣଙ୍କ ଅନୁପସ୍ଥିତି ବିଷୟରେ ଉପରିସ୍ଥ ଅଫିସରଙ୍କୁ କିମ୍ବା କାର୍ଯ୍ୟାଳୟକୁ ଆଜି ପର୍ଯ୍ୟନ୍ତ କୌଣସି ତଥ୍ୟ ଜଣାଇନାହାନ୍ତି । ଆପଣଙ୍କ ଅନଧିକୃତ ଅନୁପସ୍ଥିତି ପାଇଁ କାର୍ଯ୍ୟାଳୟ ତରଫରୁ ଚିଠି ସଂଖ୍ୟା ୮୨୫/RO, ତା.୧୮.୦୫.୨୦୨୪ ଏବଂ ୧୦୧୨/RO, ତା.୨୨.୦୬.୨୦୨୪ ରିଖ ମାଧ୍ୟମରେ କର୍ତ୍ତବ୍ୟରେ ଯୋଗ ଦେବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା । ଆପଣ ଉକ୍ତ ଚିଠି ପ୍ରାପ୍ତ କରିବା ସତ୍ତ୍ୱେ ମଧ୍ୟ ଶୃଙ୍ଖଳା ରକ୍ଷା କରି କାର୍ଯ୍ୟରେ ଯୋଗ ଦେଇନଥିବାରୁ ଆପଣଙ୍କ ବିରୋଧରେ ବିଭାଗୀୟ ପ୍ରୋସିଡିଙ୍ଗ ନମ୍ବର-୦୩, ତା.୧୪.୦୫.୨୦୨୫ ଆରମ୍ଭ କରାଯାଇଅଛି ।

ଏଣୁ ଆପଣଙ୍କୁ ଏତଦ୍ ଦ୍ୱାରା ଅବଗତ କରାଇ ଦିଆଯାଉଅଛି କି, ଆପଣ ଏହି ସୂଚନା ପ୍ରକାଶନର ୧୫ ଦିନ ମଧ୍ୟରେ ଓ.ଏସ୍.ଏ.ପି. ୭ମ ବାଟାଲିୟନ, ଭୁବନେଶ୍ୱର କାର୍ଯ୍ୟାଳୟରେ ଯୋଗଦାନ କରିବା ହେବେ । ନଚେତ୍ ଧରି ନିଆଯିବ ଯେ ଆପଣ କାର୍ଯ୍ୟରେ ଯୋଗଦାନ କରିବାର ଇଚ୍ଛା ନାହିଁ ଏବଂ ଉକ୍ତ ପ୍ରୋସିଡିଙ୍ଗ ଏକତରଫା ତଦନ୍ତ କରି ଆପଣଙ୍କୁ ସରକାରୀ ଚାକିରିରୁ ବହିଷ୍କାର କରିଦିଆଯିବ ।

ସ୍ୱା./-ଆରକ୍ଷୀ ଉପ-ଆୟୁକ୍ତ (ସଶସ୍ତ୍ର)
ଓ.ଏସ୍.ଏ.ପି. ୭ମ ବାଟାଲିୟନ, ଭୁବନେଶ୍ୱର

OIPR-12121/11/0001/2526



GOVERNMENT OF ORISSA

## OFFICE OF THE NOTIFIED AREA COUNCIL, KODALA

Odisha, Pin - 761032, e-Mail : nackodala@gmail.com

Lt. No.2582/ Dev / 2025 Dated : 30/08/2025

### e-NOTICE
BID IDENTIFICATION NO. KOD-NAC-11/2025-26

**No.C-979** : The Executive Officer, NAC, Kodala on behalf of Governor of Odisha invites for bidders of eligible class registered with the State Govt. and bidders of equivalent grade/class registered with Central Govt./MES/Railways according to norm of e-procurement system in online mode for the work as per DTCN.

1. Name of the Work : Civil Work
2. Number of Work : 10 Nos.
3. Estimated cost : As per DTCN
4. Period of Completion : As per DTCN
5. Date and Time of availability of Bid Document in the Portal : **From 10.00 A.M. of Dt. 01.09.2025 to 05.00 P.M. of Dt. 09.09.2025**
6. Last date and time for receipt of Bid in the Portal : **05.00 P.M. of Dt. 09.09.2025**
7. The bid received online shall be opened on **11.00 A.M. of dtd. 10.09.2025**
8. Name and Address of the Officer inviting Bid : Executive Officer, NAC, Kodala

Further details can be seen from the Procurement Portal : www.tendersorissa.gov.in

Sd./- Executive Officer
Kodala NAC

OIPR-13203/11/0048/2526



## OFFICE OF THE GENERAL MANAGER WATCO DIVISION, BERHAMPUR

e-mail:gmwatcobam@gmail.com/Ph.No.0680223978

### 1st CORRIGENDUM to WATCOBAM-07/2025-26, Dt.20.08.2025
(Tender Id-2025_WDBAM_117372_1 Dt.26.08.2025)

Letter No.3301 Date:30.08.2025

**No.C-980:** The corrigendum to DTCN of tender identification No. WATCOBAM-07/2025-26, Dt.20.08.2025 (Tender Id-2025_WDBAM_117372_1 Dt.26.08.2025) has changes to Bill of Quantity item make.

| Earlier uploaded BOQ | To be modified to bill of quantity item make |
|---|---|
| Bill of Quantity Sl.No.7 & 8 150mm dia K-7 Ductile Iron pipe (P 1.6) 100mm dia K-7 Ductile Iron pipe (P 1.6) | Bill of Quantity Sl.No. 7 & 8 150mm dia K-7 Ductile Iron pipe 100mm dia K-7 Ductile Iron pipe |

The Bidder are requested to go through the above corrigendum carefully and act accordingly.
All other terms & conditions remain unaltered.

Sd./- General Manager
WATCO Division, Berhampur

OIPR-13210/11/0006/2526



## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା 16139/ଭୁ.ଉ.କ., ଭୁବନେଶ୍ୱର ତା.୧୪.୦୮.୨୫ ରିଖ
SRE-21/88

### ସୂଚନା

No.CAD-1634: ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ କଳିଙ୍ଗ ନଗର ପ୍ରୋଜେକ୍ଟ ଡେଭେଲପମେଣ୍ଟ ସ୍କିମ୍, ପାଟିଆ, ଭୁବନେଶ୍ୱର ଅନ୍ତର୍ଗତ HIG ପ୍ଲଟ ନଂ. ଏଚ୍-୮/୧୨୫ କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୪୮୦୦/AL ତା.୦୪.୦୩.୧୯୯୭ ରିଖ ଅନୁଯାୟୀ ଶ୍ରୀ ଅଶୋକ କୁମାର ମିଶ୍ର, ପିତା-ସ୍ୱର୍ଗତ ଅଭିମନ୍ୟୁ ମିଶ୍ର, ପ୍ଲଟ ନମ୍ବର-୪୫, ଫରେଷ୍ଟ ପାର୍କ, ଅଶୋକ ନଗର, ଥାନା-ଖଣ୍ଡଗିରି, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ଅଶୋକ କୁମାର ମିଶ୍ର ଗତ ତା.୨୦.୦୩.୨୦୨୩ରିଖରେ ମୃତ୍ୟୁବରଣ କରିଅଛନ୍ତି (Death Certificate No-613357 Dated 27.03.2023, Legal heir certificate No- E-LHC/2023/220411) ତାଙ୍କର (୧) ସବିତା ମିଶ୍ର (ସ୍ତ୍ରୀ) (୨) ସୁଚରିତା ମିଶ୍ର (ଝିଅ) (୩) ଅଷ୍ଟମାନ ମିଶ୍ର (ପୁତ୍ର) ଉକ୍ତ ପ୍ଲଟର ଉତ୍ତରାଧିକାରୀ ଅଛନ୍ତି ।

ଏଣୁ ଉକ୍ତ ପ୍ଲଟର ହସ୍ତାନ୍ତରଣ ଅବଶେଷ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ୧୫ ଦିନ ଭିତରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାନ୍ତୁ, ତଦପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି / ଅଭିଯୋଗ ଶୁଣାଯିବ ନାହିଁ ଏବଂ ଉକ୍ତ ସ୍ୱତ୍ୱର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ ।

ସ୍ୱା./- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର

OIPR-13033/11/0355/2526



## ଜିଲ୍ଲା ପରିଷଦ, ପୁରୀ
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

## ZILLA PARISHAD, PURI

Panchayati Raj & Drinking Water Department, Govt. of Odisha
Notice No.4712, Date: 30.08.2025
Zilla Parishad, Puri, Kacheri Road, Puri-752001,
Ph:06752-225441, 222136, Email:ori-dpuri@nic.in, drdapuri@gmail.com

### TENDER NOTICE

No.CAD-1654:Sealed tenders are invited from reputed Manpower Agencies/Service Providers to provide the services of DPC, DPE, CCE, BPC, BPA (1no.+1no.+1no.+11nos.+11nos.) for Z.P & 11 Blocks for handling Rural Housing Schemes related works for a period of 01 (One) year on contract basis for day to day official work. The engagement of Manpower Agencies/Service Provider Firm shall be made through two bid systems i.e. Technical & Financial Bid separately. The technically qualified Manpower Agencies/Service Providers Firms can only participate in the Financial Bid. The undersigned reserves the right to accept or cancel any application without assigning any reason(s) thereof.

For more details please visit our website in https://puri.nic.in

1.Last date of receipt of Sealed Bid is on Dt.22.09.2025 upto 5.30 P.M. through Registered/Speed Post only. (any other mode of Submission of Tender is not acceptable.)

2.Opening of Bid papers i.e. (i) Technical Bid on Dt.23.09.2025 at 11.00 AM. (ii) Financial Bid of eligible Tenders on: Dt.24.09.2025 at 11.00 AM.

Sd./- CDO-cum-EO
Zilla Parishad, Puri

OIPR-19256/11/0017/2526



## Bhubaneswar Smart City Limited

5th Floor, BMC-ICOMC Tower, Bhoi Nagar, Unit-9, Bhubaneswar-751022
E-mail Id: bbsr.bscl@gmail.com, CIN:U74990OR2016PLC020016
Telephone-0674-2548428, 0674-2540811

No.1183/ BSCL/ 2025 Date:30.08.2025

No.C-983:

### TENDER CALL NOTICE

| Sl. No. | Name of the Work | Bid Identification No. | Availability of Tender Document | |
|---|---|---|---|---|
| | | | From | To |
| 1 | RFP for selection of agency for Supply, Installation, Commissioning and Maintenance of Adaptive Traffic Signal Control System with Mobile application for Emergency Vehicle Movement and CDT (Amber and Red) for 25 Location in Bhubaneswar City | 1180/BSCL/ 2025 Dated 30.08.2025 | 02.09.2025 17.30 Hrs. | 04.10.2025 17.30 Hrs. |
| 2 | RFP for Selection of agency for design implementation and management of IP CCTV, ITMS and FRS SYSTEM on OPEX Model | 1181/ BSCL/2025 Dated 30.08.2025 | 02.09.2025 17.30 Hrs. | 08.10.2025 17.30 Hrs. |

Further details can be seen from website https://tendersodisha.gov.in/ Any Corrigendum or Addendum, if any will not be published in newspaper and can only be seen in the above-mentioned website.

By Order Managing Director
Sd./- General Manager (Admin)
Bhubaneswar Smart City Limited

OIPR-13070/11/0013/2526



## ଜିଲ୍ଲା ପରିଷଦ : ଝାରସୁଗୁଡ଼ା
## ZILLA PARISHAD : JHARSUGUDA

Near Collectorate, Jharsuguda - 768204
Phone - 06645272997, ori-djharsuguda@nic.in

No.3919 Date : 30.08.2025

### TENDER NOTICE

**No.CAD-1648** : Sealed tenders are invited from reputed Manpower Agencies/Service Providers to provide the services of **DPC, DPE, CCE, BPC, BPA (1no.+1no.+1no.+05nos.+05nos.) for Z.P & 5 Blocks for handling Rural Housing Schemes** related works for a period of 01(one) year on contract basis for day to day official work. The engagement of Manpower Agencies/Service Provider Firm shall be made through two Bid systems i.e. Technical & Financial Bid separately. The technically qualified Manpower Agencies/Service Providers Firms can only participate in the Financial Bid. The undersigned reserves the right to accept or cancel any application without assigning any reason(s) thereof. For more details please visit our website in **https://jharsuguda.odisha.gov.in**

1. Last date of receipt of Sealed Bid is on **24.09.2025** up to **5.30 PM** through Registered/Speed Post only.
2. Opening of Bid papers i.e. (i) Technical Bid on **dt. 25.09.2025, 11:00 AM** (ii) Financial Bid of eligible Tenders on : **dt.25.09.2025, 3:00 PM**

Sd./- CDO-cum-EO,
Zilla Parishad, Jharsuguda

OIPR-19321/11/0004/2526



## OFFICE OF THE REGULATED MARKET COMMITTEE, BANKI

### E-PROCUREMENT NOTICE

**Organisation Chain-Odisha State Agricultural Marketing Board/RMC Banki**
**Tender Reference No.RMC/BANKI-01/2025-26**

NO.H-20

1. The Sub-Collector, Banki-cum-Chairman, R.M.C. Banki invites percentage rate bids in single cover system **(Technical Bid & Price Bid)** in **ONLINE MODE** from the eligible Contractors for the Civil Construction works as mentioned below.
2. Nature of Works : Repair and Renovation of existing infrastructure at 5 (five) Branches of Banki C.C.B. Ltd., Banki
3. Nos. of Works : 5 (five) Nos.
4. Tender Paper Cost : Rs.4,000/-
5. Class of Contractors : 'D' & 'C'
6. Available of bid documents in the website : From 11.00 A.M. of dt.03.09.2025 to 05.00 P.M. of dt.12.09.2025
7. Date of opening of Bid : Dt.15.09.2025 at 11 A.M.

The bidders have to participate in **ONLINE** bidding only. Further details can be seen from the website : http://tendersodisha.gov.in. Any addendum/corrigendum/cancellation of the tender can also be seen in the website.

Sd./- Sub-Collector, Banki-cum-Chairman,
R.M.C. Banki

OIPR-01550/11/0007/2526



## OFFICE OF THE REGISTRAR VIKRAM DEV UNIVERSITY, JEYPORE, KORAPUT, ODISHA

No.2142/VDU/25 DATE:30.08.2025

### CORRIGENDUM

No.CAD-1646: In partial modification of this office advertisement no.1071/VDU/25 dated 22.08.2025, the date of walk-in-interview for engagement of Assistant Professor in the Department of Master of Business Administration and Master of Computer Science on contractual basis will be held as per the following dates and time.

| Date | Time | Subject | Venue |
|---|---|---|---|
| 04.09.2025 | 10.00 AM | Master of Business Administration | Vice-Chancellor's Office Chamber |
| 06.09.2025 | 10.00 AM | Master of Computer Science | Vice-Chancellor's Office Chamber |

All other terms and condition in the said advertisement will remain unchanged.

Sd./- Registrar
Vikram Dev University, Jeypore, Dist:Koraput

OIPR-11133/11/0014/2526



## OFFICE OF THE SUPERINTENDING ENGINEER RWS&S DIVISION, JAGATSINGHPUR

Mail - rwssjpur@gmail.com

### Quotation Call Notice No. 02 of 2025-26

**No.O-666** : On behalf of Governor of Odisha the Executive Engineer, RWS&S Division, Jagatsinghpur at Punanga (Near Police Barrack) invites sealed quotations from registered agencies on their official letterhead for finalization of rates for the following items

| Sl. No. | Description of work | Qnty | Unit | Rate | |
|---|---|---|---|---|---|
| | | | | In figures | In words |
| 1 | Supplying of 5 HP submersible Pump Motor of Motor Type-BPD+UMA I/H 150 & Size-242/4A + 3/22) | 1 | Each | | |
| 2 | Supplying of 7.5 HP submersible Pump Motor of Motor Type-BPD+UMA I/H 150 & Size-242/6A + 6/22 (DOL) | 1 | Each | | |
| 3 | Supplying of 10 HP submersible Pump Motor of Motor Type-BPD+UMA I/H 150 & Size-273/7A + 8/22) | 1 | Each | | |
| 4 | Supplying of 12.5 HP submersible Pump Motor of Motor Type-BPD+UMA I/H 150 & Size-273/8A + 9/22) | 1 | Each | | |
| 5 | Supplying of 15 HP submersible Pump Motor of Motor Type-BPD+UMA I/H 150 & Size-273/8 + 13/22) | 1 | Each | | |

Receipt of Quotation paper : On dt. 03.09.2025 to 11.09.2025 up to 5.30 P.M. during office working hours in the office of the Superintending Engineer, RWS&S Division, Jagatsinghpur

Opening of Quotation : On dt.12.09.2025 at 11.30 A.M. in the office of the Superintending Engineer, RWS&S Division, Jagatsinghpur

**GENERAL CONDITIONS** :

1) Interested agencies must submit their quotation in a sealed envelope, clearly mentioning Quotation for Submersible Pump Motor (BPD+UMAI/H 150) on the cover.
2) The quotations in sealed covers should be sent to the office of the Superintending Engineer, RWS&S Division, Jagatsinghpur.
3) The quotations may be sent by post or delivered at reception of the above office address.
4) The quotation in the sealed cover containing the financial and technical bids must reach this office on or before 03.09.2025 to 11.09.2025 at 5.30 P.M quotations received & the opening of quotation on dt.12.09.2025 at 11.30 A.M after the due date/time shall not be entertained.
5) Valid GST registration Certificate and PAN card must be accompanied along with quotation.
6) The GST will be paid extra as applicable on production of authentic registration certificate.
7) The prices quoted shall be inclusive of the all taxes, duties and charges for delivery, installation and commissioning at out site.
8) Any other information relating to this quotation can be collected from the office of the undersigned during the office working hours till the last date of received of the quotation paper.

The authority reserves the right to reject/accept any or all the quotation without assigning any reason thereof.

Sd./- Executive Engineer
RWS&S Divn. Jagatsinghpur

OIPR-25024/11/0020/2526



## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BALASORE

No.O-679

E_mail ID : serw_balasore@yahoo.in, Ph No - 06782/260318, Balia, Balasore

### "e"-Procurement Notice for Road Work

**Identification No. - Online Tender - Bridge N.C.B. No. 25 for 2025-26**
**Letter No. : 3000 Dt. : 26.08.2025**

1. Name of the work : **Balance road Works under PMGSY-III (2022-23)**, 2. Total No. of work : **01 No.**, 3. Estimated Cost : Rs.280.43 lakhs (Approximately), 4. Eligible Class of Contractor : 'B' & 'A' Class (of Odisha P.W.D.) or relevant Class of other licensing authorities (as per annexure), 5. Period of Completion : As per annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of Opening of Tender in O/o C.C.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| **Chief Construction Engineer, Rural Works Circle, Balasore** | NCB No. 25 of 2025-26 | Dt.02.09.2025 at 11.00 A.M. | Dt.10.09..2025 up to 5.00 P.M. | Dt.09.09.2025 up to 5.00 P.M. | Dt.11.09.2025 at 11.00 A.M. | **Will be intimated later** |

- **Further details can be seen from the website : www.pmgsytenders.gov.in**

Sd./- Chief Construction Engineer,
R.W. Circle, Balasore

OIPR-25105/11/0074/2526



## ODISHA LIFT IRRIGATION CORPORATION LIMITED
(A Government of Odisha Undertaking)

## OFFICE OF THE EXECUTIVE ENGINEER, L.I. DIVISION, ANGUL

Email ID - eeliangul@gmail.com

### e-Tender Notice
Bid Identification No E.E. ANGUL (OLIC) 02/2025-26 Date 25.08.2025

**No.CAD-1640** : The Executive Engineer, Lift Irrigation Division, Angul, Odisha, invites tender on behalf of the Managing Director, OLIC Ltd,. Bhubaneswar through e-procurement in shape of **percentage rate** bids in online mode only for the work **"Revival & Reinforcement** of following L.I. Projects under **Angul, Athamallik, Banarpal, Chhendipada, Kaniha, Kishorenagar, Pallahara & Talcher** blocks in Angul district on turn-key basis as detailed in the table below. The contractors must have valid Civil license of requisite class as per the Tender Call Notice and valid H.T. license and validity of both the licenses should be for a period at least 1 month from the date of the opening of the tender. Valid Joint Venture agreement should be made between Civil and Electrical Licences in case of separate Licences, where Civil Licence holder will be treated as prime contractor as because of the evaluation to be done under the capacity of PWD Contractor. The H.T. Electrical License should be issued by E.L.B.O. & Valid Civil Licence should be registered within the State, issued by PWD/ PHED/ RWSS/ Irrigation/ M.I. Deptt./ Rural works. The scanned copy of the joint venture agreement should be uploaded along with the bid, any deviations found will be summarily rejected. The bids should be submitted online on the website: www.tendersodisha.gov.in.

1. **Name of Works** : Revival and Reinforcement of River Lift Projects with supply of all materials on Turnkey basis.
2. **Total Nos. of Packages** : **32 Nos**
3. **Approximate Estimated Cost** : **Rs. 5.427** Lakh to **Rs. 27.750** Lakh
4. **Class of Contractor** : "D", "C" & "B" valid civil Class with H.T. valid Licence
5. **Period of completion** : 90 Days from the date of issue of work order
6. **Other details as follows**

| Procuremnet Officer | Bid Identification No | Availability of tender On-line for bidding | | Last date & time of seeking tender clarification | date & Time of Opening of tender in the office of the Executive Engineer, L.I. Division, Angul |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 7 |
| Executive Engineer, L.I. Division, Angul | 02/2025-26 | 03.09.2025 10.00 AM | 11.09.2025 Up to 5.00 PM | 09.09.2025 | 12.09.2025 11.00 AM |

- Details can be seen from the Website www.tendersorissa.gov.in / www.angul.odisha.gov.in.
- Any Corrigendum / Addendum will be displayed in the above website only.

Sd./- (Er. Debaraj Sethi)
Executive Engineer, L.I. Division, Angul

OIPR-32547/11/0003/2526



## ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର
## ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର

No.PP:ଚଳିତ ଆର୍ଥିକ ବର୍ଷ (୨୦୨୫-୨୬) ପାଇଁ ନିମ୍ନଲିଖିତ ଜାତୀୟସ୍ତରୀୟ ପ୍ରଦର୍ଶନୀ/ରାଜ୍ୟସ୍ତରୀୟ ପ୍ରଦର୍ଶନୀରେ ଭାଗ ନେବା ନିମନ୍ତେ ହସ୍ତଶିଳ୍ପ କାରିଗର/ ସମବାୟ ସମିତି / ସ୍ୱୟଂ ସହାୟକ ଗୋଷ୍ଠୀ/ ଉତ୍ପାଦକ ଗୋଷ୍ଠୀ/ହସ୍ତଶିଳ୍ପରେ ସମ୍ପୃକ୍ତ ଅଣ ସରକାରୀ ସଂସ୍ଥାମାନେ ତା୦୩.୦୯.୨୦୨୫ରିଖରୁ ତା୨୨.୦୯.୨୦୨୫ରିଖ ପର୍ଯ୍ୟନ୍ତ ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଆବେଦନ କରିପାରିବେ ।

| କ୍ର.ସଂ. | ପ୍ରଦର୍ଶନୀର ନାମ | ସ୍ଥାନ | ପ୍ରସ୍ତାବିତ ମାସ |
|---|---|---|---|
| ୧. | ବାର୍ଷିକ ଟେରାକୋଟା ପ୍ରଦର୍ଶନୀ "ମୃତ୍ତିକା-୨୦୨୫" (Mruttika-2025) | IDCO ପ୍ରଦର୍ଶନୀ ପଡିଆ, ୟୁନିଟ-୩, ଭୁବନେଶ୍ୱର | ଅକ୍ଟୋବର,୨୦୨୫ |
| ୨. | ୨୦ତମ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା (20th Toshali National Crafts Mela) | ଜନତା ମଇଦାନ, ଭୁବନେଶ୍ୱର | ଡିସେମ୍ବର, ୨୦୨୫ |
| ୩ | କୋଣାର୍କ ଫେଷ୍ଟିଭାଲ ୨୦୨୫ (Konark Festival 2025) | କୋଣାର୍କ, ପୁରୀ | ଡିସେମ୍ବର, ୨୦୨୫ |
| ୪ | ଶିଶିର ସରସ (Sisir Saras) (ORMAS ଦ୍ୱାରା ସଂଗଠିତ) | ଭୁବନେଶ୍ୱର | ଜାନୁୟାରୀ, ୨୦୨୬ |
| ୫ | ଆଦିବାସୀ ମେଳା-୨୦୨୬ (Adivasi Mela-2026) (ଅନୁସୂଚିତ ଜନଜାତିଙ୍କ ନିମନ୍ତେ) | ଆଦିବାସୀ ପଡିଆ, ଭୁବନେଶ୍ୱର | ଜାନୁୟାରୀ, ୨୦୨୬ |
| ୬ | ରାଜ୍ୟସ୍ତରୀୟ ଟେରାକୋଟା ପ୍ରଦର୍ଶନୀ-୨୦୨୬ (State Level Terracotta Exhibition-2026) | ବାରବାଟୀ ଜିଲ୍ଲା ପଡିଆ (ଖ୍ରୀଷ୍ଟିଆନ ସାହି ପଡିଆ, ଡିୟର ପାର୍କ), କଟକ | ଫେବୃୟାରୀ, ୨୦୨୬ |

### ଆବେଦନ କରିବା ନିମନ୍ତେ ସାଧାରଣ ଯୋଗ୍ୟତା ତଥା ଦରକାରୀ ଦସ୍ତାବିଜ

- ପ୍ରଦର୍ଶନୀରେ ଭାଗ ନେବା ନିମନ୍ତେ ଆବେଦନକାରୀଙ୍କ ନାମ ସମ୍ପୃକ୍ତ ଜିଲ୍ଲାର ହସ୍ତଶିଳ୍ପ କାରିଗର ସର୍ବେକ୍ଷଣ ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା ନିତାନ୍ତ ଆବଶ୍ୟକ । ଆବେଦନକାରୀଙ୍କ ବୟସ ସୀମା ୧୮ ବର୍ଷ ବା ତଦୂର୍ଦ୍ଧ୍ୱ ହୋଇଥିବ ।
- ଆବେଦନ ନିମନ୍ତେ ଦରକାରୀ ଦସ୍ତାବିଜ: ନିଜ ଆଧାର କାର୍ଡ ନମ୍ବର ଏବଂ ବ୍ୟାଙ୍କ ପାସ୍ ବୁକ୍/ଚେକ୍ ବହିର ନକଲ ।

ଆବେଦନକାରୀ ଉପରୋକ୍ତ ଯୋଜନାରେ ପ୍ରଦର୍ଶନୀରେ ଭାଗ ନେବା ନିମନ୍ତେ ଅନ୍‌ଲାଇନ ମାଧ୍ୟମରେ https://crafts.odisha.gov.in/ ୱେବସାଇଟ ପରିଦର୍ଶନ କରି Apply Online ଉପରେ Click କରି https://spdp.odisha.gov.in/ ରେ ପ୍ରବେଶ କରିବା ପରେ "Exhibition Participation" ରେ Apply Now ଉପରେ Click କରି ଆବେଦନ କରିପାରିବେ । ଆବେଦନ କରିବାର ସବିଶେଷ ବିବରଣୀ ତଥା ପ୍ରଦର୍ଶନୀରେ ଦିଆଯାଉଥିବା ସମସ୍ତ ସୁବିଧା ଓ ସହାୟତାର ସୂଚନା ଏହି ୱେବସାଇଟରେ ଉପଲବ୍ଧ ଅଛି । ଆବେଦନ କରିବାର ଅନ୍ତିମ ତାରିଖ ୨୨.୦୯.୨୦୨୫ । ଏଥିସମ୍ବନ୍ଧୀୟ ବିଶେଷ ତଥ୍ୟ ପାଇଁ ସମ୍ପୃକ୍ତ ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟ ତଥା ଏହି ନିର୍ଦ୍ଦେଶାଳୟର ନିଃଶୁଳ୍କ ଟେଲିଫୋନ ସେବା-୧୮୦୦ ୩୪୫ ୭୮୫୦ରେ ଯୋଗାଯୋଗ କରିବାକୁ ଅନୁରୋଧ । ଆବଶ୍ୟକ ସ୍ଥଳେ ଓଡ଼ିଶା ସରକାର ଉପରୋକ୍ତ ନିୟମାବଳୀର ପରିବର୍ତ୍ତନ କରିପାରିବେ ।

ସ୍ୱା./- ନିର୍ଦ୍ଦେଶିକା
ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

OIPR-31034/11/0003/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଶୁକଦେବ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଉତ୍ତରାଖଣ୍ଡକୁ ନୂଆ ଦିଗନ୍ତ ଦେବ ରୋପ୍ ୱେ

**ଭୁବନେଶ୍ୱର,୨।୯**

ଦେବଭୂମି ଉତ୍ତରାଖଣ୍ଡକୁ ରୋପ୍ ୱେ ନୂଆ ଦିଗନ୍ତ ଦେବ। ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ନ୍ୟାଶନାଲ ହାଇୱେ ଲଜିଷ୍ଟିକ୍ସ ମ୍ୟାନେଜମେଣ୍ଟ ଲିମିଟେଡ୍ (ଏନ୍ଏଚ୍ଏଲ୍ଏମ୍ଏଲ୍) ଏବଂ ଉତ୍ତରାଖଣ୍ଡ ସରକାରଙ୍କ ପର୍ଯ୍ୟଟନ ବିଭାଗ ମଧ୍ୟରେ ଏକ ରୋପ୍‌ୱେ ବିକାଶ ଚୁକ୍ତି (ଆର୍‌ଡିଏ) ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଛି। ରୋପ୍‌ୱେ ପରିବେଶ ଅନୁକୂଳ ଓ ଶୂନ୍ୟ ନିର୍ଗମନ ପରିବହନ ମାଧ୍ୟମ ହୋଇଥିବାବେଳେ ଏହା ଯାହା ଟ୍ରାଫିକ୍ ଜାମ୍, ବନସଂହାର ଓ ଭୂସ୍ଖଳନ ଭଳି ସମସ୍ୟାର ସମାଧାନ କରିବ। ୟୁଆର୍‌ଡିଏଲ୍ ପ୍ରକଳ୍ପଗୁଡ଼ିକ ଡେରାଡୁନ୍ ବିମାନବନ୍ଦରଠାରୁ ଚାରଧାମ, ପିଣ୍ଡାରୀ




ହିମବାହ, ମୁନସ୍ୟାରୀ, ଧାର୍ଚୁଲା-ଆଦି କୈଳାସ, ଓଁ ପର୍ବତ ଓ ତାନାକପୁରରୁ ପନ୍ତନଗର ବିମାନବନ୍ଦରକୁ ସଂଯୋଗ କରିବ। ଏହା ଭାରତ ସରକାରଙ୍କ 'ପର୍ବତମାଳା ଯୋଜନା' ସହ ସମନ୍ୱିତ। ଏଥିପାଇଁ ଏନ୍ଏଚ୍ଏଲ୍ଏମ୍ଏଲ୍ ୫୧% ଖର୍ଚ୍ଚ ବହନ କରୁଥିବାବେଳେ ଉତ୍ତରାଖଣ୍ଡ ସରକାର ୪୯% ଖର୍ଚ୍ଚ ବହନ କରିବେ। ୯୦% ରାଜସ୍ୱ ଉତ୍ତରାଖଣ୍ଡରେ ପର୍ଯ୍ୟଟନ, ପରିବହନ ଓ ଗତିଶୀଳତା କ୍ଷେତ୍ରରେ ଖର୍ଚ୍ଚ ହେବ। ବାକି ୧୦% ରାଜସ୍ୱ ପ୍ରଶାସନିକ ଖର୍ଚ୍ଚ ବାଦ ଦେଇ ଇକ୍ୱିଟି ଅନୁପାତରେ ବଣ୍ଟନ ହେବ। ଏହି ଅବସରରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ରାଷ୍ଟ୍ରମନ୍ତ୍ରୀ ଅଜୟ ଟାମଟା, ଉତ୍ତରାଖଣ୍ଡର ପର୍ଯ୍ୟଟନ, ଧାର୍ମିକ ଓ ସାଂସ୍କୃତିକ ମନ୍ତ୍ରୀ ସତ୍‌ପାଲ ମହାରାଜ, ରାଜ୍ୟ ସରକାରଙ୍କ ପ୍ରମୁଖ ସଚିବ ଆର୍. କେ. ସୁଧାଂଶୁ କେନ୍ଦ୍ର ରାସ୍ତା ପରିବହନ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ବିନୟ କୁମାର, ଉତ୍ତରାଖଣ୍ଡ ସରକାରଙ୍କ ଅର୍ଥ ସଚିବ ଦିଲୀପ ଜାୱାଲକର, ପର୍ଯ୍ୟଟନ ସଚିବ ଧୀରଜ ଗର୍ବ୍ୟାଲ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଏହି ଚୁକ୍ତିକୁ ରାଜ୍ୟର ଧାର୍ମିକ ଓ ସାଂସ୍କୃତିକ ଐତିହ୍ୟକୁ ବିଶ୍ୱସ୍ତରୀୟ ମାନ୍ୟତା ପ୍ରଦାନ କରିବା ସହ ପର୍ଯ୍ୟଟନ, ରୋଜଗାର ସୃଷ୍ଟି ଓ ପରିବେଶ ସଂରକ୍ଷଣ ଦିଗରେ ନୂଆ ଦିଗନ୍ତ ସୃଷ୍ଟି କରିବ ବୋଲି କହିଛନ୍ତି। ୧୨.୯ କି.ମି. ବିଶିଷ୍ଟ ସୋନପ୍ରୟାଗ-କେଦାରନାଥ ରୋପ୍‌ୱେ ପ୍ରକଳ୍ପର ପାଇଁ ୪୧୦୦ କୋଟି ଏବଂ ୧୨.୪ କି.ମି. ବିଶିଷ୍ଟ ଗୋବିନ୍ଦଘାଟ-ହେମକୁଣ୍ଡ ସାହିବ ପାଇଁ ୨୭୦୦ କୋଟି ଟଙ୍କାର ମଞ୍ଜୁରୀ ମିଳିଛି। କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ଟାମଟା କହିଛନ୍ତି, ଏହି ରୋପ୍‌ୱେ ନିର୍ମାଣ ପରେ କେଦାରନାଥ ଓ ହେମକୁଣ୍ଡ ସାହିବ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କୁ ସୁବିଧା ହେବ। ପର୍ଯ୍ୟଟନ ମନ୍ତ୍ରୀ ସତ୍‌ପାଲ ମହାରାଜ କହିଛନ୍ତି, ରୋପ୍‌ୱେ ନିର୍ମାଣ ପରେ ସ୍ଥାନୀୟ ଅର୍ଥନୀତି ଓ ରୋଜଗାର ସୁଯୋଗରେ ଉଲ୍ଲେଖନୀୟ ବୃଦ୍ଧି ହେବ। ଏହି ଚୁକ୍ତି ଅନୁସାରେ 'ଉତ୍ତରାଖଣ୍ଡ ରୋପ୍‌ୱେ ଡେଭଲପମେଣ୍ଟ ଲିମିଟେଡ୍ (ୟୁଆର୍‌ଡିଏଲ୍)' ନାମକ ଏକ ଏସ୍‌ପିଭି କମ୍ପାନିଜ୍ ଆକ୍ଟ, ୨୦୧୩ ଅନୁଯାୟୀ ଗଠନ ହେବ। କେଦାରନାଥ ରୋପ୍‌ୱେ ପ୍ରକଳ୍ପ (ରୁଦ୍ରପ୍ରୟାଗ) ଓ ହେମକୁଣ୍ଡ ସାହିବ ରୋପ୍‌ୱେ ପ୍ରକଳ୍ପ (ଚମୋଲୀ) ପ୍ରାଥମିକ ପ୍ରକଳ୍ପ ହେବ। ଅନ୍ୟାନ୍ୟ ପ୍ରକଳ୍ପ ମଧ୍ୟରେ କାଠଗୋଦାମ-ନୈନୀତଲ/କୈଞ୍ଚି ଧାମ, କାର୍ତ୍ତିକ ସ୍ୱାମୀ ମନ୍ଦିର, ବର୍ଣ୍ଣାଲା ଦୟାରା ବୁଗ୍ୟାଲ, ଜୋଷୀମଠ-ଆଉଲି/ଗୋର୍ସନ ରୋପ୍‌ୱେ ନିର୍ମାଣ ହେବ।

# ମୁକ୍ତିଲାଭ କଲା 'ନା ତେରେ ଜୈସା ୟାର୍ ମିଲେୟା'

**ଭୁବନେଶ୍ୱର,୨।୯**

ଜୀ ମ୍ୟୁଜିକ କମ୍ପାନୀ ପ୍ରସ୍ତୁତ ହୀର ଏକ୍ସପ୍ରେସ୍‌ର ସଙ୍ଗୀତ 'ନା ତେରେ ଜୈସା ୟାର୍ ମିଲେୟା' ମୁକ୍ତିଲାଭ କରିଛି। ତନିଷ୍କ ବାଗ୍‌ଚୀଙ୍କ କମ୍ପୋଜିଶନରେ ପ୍ରସ୍ତୁତ ଏହି ଗୀତରେ ଦିବିତା ଜୁନେଜା ଏବଂ ପ୍ରୀତ କମାନୀ ନିଖୁଣ ଅଭିନୟ ଦେଖିବାକୁ ମିଳିଛି। ଲଣ୍ଡନରେ ଶୁଟିଂ ହୋଇଥିବା ଏହି ଗୀତର ନୃତ୍ୟ ନିର୍ଦ୍ଦେଶନା ଆଦିଲ ଶୈଖ କରିଛନ୍ତି। ଆଲତାମାଶ ଫରିଦୀ ଓ ଶ୍ରେୟା ଜୈନଙ୍କ କଣ୍ଠସ୍ୱର ଆବେଗରେ ଭରପୂର କରିଛି। ହୀର୍ ଏକ୍ସପ୍ରେସ୍‌ର ଗୀତ 'ବେ ରାଞ୍ଝନା', 'ଡୋରେ ଡୋରେ ଦିଲ୍ ପେ ତେରେ', 'ଆଇ ଲଭ ମାଇ ଇଣ୍ଡିଆ' ଏବଂ 'ହୀର ମେଁ ବେଖୀ' ଭଳି ଗୀତଗୁଡ଼ିକ ସାମାଜିକ ଗଣମାଧ୍ୟମରେ ଟ୍ରେଣ୍ଡ କରିଛି। ପ୍ରତ୍ୟେକ ଗୀତ ନୂଆ ମେଜାଜ ଓ ଆବେଗ ଆଣିଛି, କିନ୍ତୁ 'ନା ତେରେ ଜୈସା ୟାର୍ ମିଲେୟା' ଚଳଚ୍ଚିତ୍ରର ସବୁଠାରୁ ରୋମାଣ୍ଟିକ ଓ ହୃଦୟସ୍ପର୍ଶୀ ଅଧ୍ୟାୟ ଭାବେ ଉଭା ହୋଇଛି। ଉମେଶ ଶୁକ୍ଲାଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ହୀର୍ ଏକ୍ସପ୍ରେସ୍' ଏକ ପାରିବାରିକ ମନୋରଞ୍ଜନ ଚଳଚ୍ଚିତ୍ର ଯାହା ସେପ୍ଟେମ୍ବର ୧୨ରେ ଥିଏଟରରେ ମୁକ୍ତିଲାଭ କରିବ।


### ପଞ୍ଚମ ଜନ୍ମଦିନ ଶୁଭେଚ୍ଛା



ରିୟାଂଶୁ ସୁମନ ନାୟକ
(ଶୁକଦେବ)
ସାଇ ଶ୍ରୀକ୍ଷେତ୍ର, ହାଇଟେକ୍ ମେଡିକାଲ ସାମ୍ନା, ଭୁବନେଶ୍ୱର।
ଶ୍ରୀଜଗନ୍ନାଥ ଏବଂ ଶିବ(ମହାପ୍ରଭୁ) ତୁମକୁ ସର୍ବଦା ସହାୟ ହୁଅନ୍ତୁ।
-ଶୁଭେଚ୍ଛା ସହ-
ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୧୮୩୪


# ଟ୍ରାଇ ତଥ୍ୟ ଜିଓ ଏୟାରଫାଇବର: ୨ ଲକ୍ଷରୁ ଅଧିକ ଗ୍ରାହକ

**ଭୁବନେଶ୍ୱର,୨।୯**

ଓଡ଼ିଶାରେ ଡିଜିଟାଲ ସେବା ପ୍ରଦାନକାରୀ ରିଲାଏନ୍ସ ଜିଓର ୫ଜି ଏଫ୍‌ଡବ୍ଲ୍ୟୁଏ ସେବା ଜିଓ ଏୟାରଫାଇବର ରାଜ୍ୟରେ ଗ୍ରାହକ ସଂଖ୍ୟା ୨ ଲକ୍ଷ ଅତିକ୍ରମ କରିଛି। ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ଟେଲିକମ୍ ଗ୍ରାହକ ତଥ୍ୟରୁ ଏହା ଜଣାପଡ଼ିଛି। ଓଡ଼ିଶାରେ ୫ଜି ଏଫ୍‌ଡବ୍ଲ୍ୟୁଏ କ୍ଷେତ୍ରରେ ଜିଓଏୟାରଫାଇବର ୮୩ ପ୍ରତିଶତରୁ ଅଧିକ ଗ୍ରାହକ ବଜାର ଅଂଶ ସହ ଜୁଲାଇ ଶେଷ ସୁଦ୍ଧା ୨.୧୧ ଲକ୍ଷରୁ ଅଧିକ ଗ୍ରାହକ ହାସଲ କରିଛି। ଜୁଲାଇ ମାସରେ ଜିଓ ଓଡ଼ିଶାରେ ସର୍ବାଧିକ ୧୬୭୭୫ ନୂତନ ଜିଓ ଏୟାରଫାଇବର ଗ୍ରାହକ ଯୋଡ଼ିଛି। ଜିଓଏୟାରଫାଇବର ହାଇ ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ, ଅସୀମିତ ୱାଇଫାଇ, ୮୦୦+ ଟିଭି ଚ୍ୟାନେଲ, ୧୧+ ଓଟିଟି ଆପ୍ ଏବଂ ଆହୁରି ଅନେକ ସୁବିଧା ସହ ଲକ୍ଷ ଲକ୍ଷ ଛାତ୍ରୀଛାତ୍ର, ବୃତ୍ତିଗତ ପ୍ରଫେସନାଲ, ଉଦ୍ୟୋଗୀ ଏବଂ ପରିବାରକୁ ସଶକ୍ତ କରିଛି। ଜିଓ ଫାଇବର ଓ ଜିଓଏୟାରଫାଇବର ସଂଯୋଗ ମାଧ୍ୟମରେ ବିଶ୍ୱସ୍ତରୀୟ ଅତ୍ୟାଧୁନିକ ଗୃହ ମନୋରଞ୍ଜନ (ହୋମ୍ ଏଣ୍ଟରଟେନ୍‌ମେଣ୍ଟ), ଅସୀମିତ ୱାଇ-ଫାଇ ଏବଂ ହାଇ-ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସହ ୫.୫୮ ଲକ୍ଷରୁ ଅଧିକ ଘର ଏବଂ ପରିସରକୁ ସଶକ୍ତ କରୁଛି। ଓ୍ୱାରଲାଇନ କ୍ଷେତ୍ରରେ ଜିଓ ୫୦ ପ୍ରତିଶତରୁ ଅଧିକ ଗ୍ରାହକ ବଜାର ଅଂଶ ଏବଂ ପ୍ରାୟ ୩.୪୭ ଲକ୍ଷ ଜିଓଫାଇବର ଗ୍ରାହକଙ୍କ ସହିତ ଓଡ଼ିଶାରେ ଅଗ୍ରଣୀ ସ୍ଥାନ ହାସଲ କରିଛି। ଜୁଲାଇ ମାସରେ ଜିଓ ଓଡ଼ିଶାରେ ୧୨୮୯୮ ନୂତନ ଓ୍ୱାରଲାଇନ ବା ଜିଓଫାଇବର ଉପଭୋକ୍ତା ଯୋଡ଼ିଛି, ଯାହା ଏହି ମାସରେ ଓ୍ୱାରଲାଇନ କ୍ଷେତ୍ରରେ ଯୋଡ଼ିହୋଇଥିବା ମୋଟ ନୂତନ ଗ୍ରାହକଙ୍କ ୭୩ ପ୍ରତିଶତରୁ ଅଧିକ। ଜିଓ ଜୁଲାଇ ମାସରେ ଓଡ଼ିଶାରେ ସର୍ବାଧିକ ୫୯ ହଜାରରୁ ଅଧିକ ନୂତନ ମୋବାଇଲ ଉପଭୋକ୍ତା ଯୋଡ଼ିଛି। ଜୁଲାଇ ଶେଷ ସୁଦ୍ଧା ଜିଓର ଓଡ଼ିଶାରେ ମୋଟ ମୋବାଇଲ ଉପଭୋକ୍ତା ସଂଖ୍ୟା ୧.୬୪ କୋଟିରୁ ଅଧିକ ହୋଇଛି।

# ଚାଷ କାର୍ଯ୍ୟକୁ ଡାଲମିଆର ପ୍ରୋତ୍ସାହନ




**ଭୁବନେଶ୍ୱର,୨।୯**

ଡାଲମିଆ ଭାରତ ଲିମିଟେଡ୍‌ର କର୍ପୋରେଟ ସାମାଜିକ ଦାୟିତ୍ୱ ନିର୍ବାହ (ସିଏସ୍‌ଆର) ଶାଖା ଡାଲମିଆ ଭାରତ ଫାଉଣ୍ଡେଶନ (ଡିବିଏଫ୍) ଗ୍ରାମ ପରିବର୍ତ୍ତନ ପ୍ରକଳ୍ପ ଅଧୀନରେ ଚାଷ କାର୍ଯ୍ୟକୁ ପ୍ରୋତ୍ସାହିତ କରୁଛି। କଟକରେ ୨୫ ସେଣ୍ଟ (ଏକରର ଏକଚତୁର୍ଥାଂଶ) ଜମିରେ ପନିପରିବା ଚାଷକୁ ପ୍ରୋତ୍ସାହିତ କରିଛି। ଏହି ସଘନ ଚାଷ ପଦ୍ଧତି କୃଷକଙ୍କୁ ଛୋଟ ଛୋଟ ଜମିରେ ସଫଳ ଜଳ ପରିଚାଳନା ଏବଂ ପରକୁ ପର ଚାରା ରୋପଣ ଏବଂ ତଦ୍ୱାରା ସର୍ବାଧିକ ଅମଳ ଏବଂ ପରିବାରର ଆୟରେ ବୃଦ୍ଧି ଘଟାଇବାରେ ସମର୍ଥ କରାଉଛି। ଏହି ପ୍ରୟାସର ଅଂଶସ୍ୱରୂପ ଡିବିଏଫ୍ କୃଷକମାନଙ୍କର ଏକ ଗୋଷ୍ଠୀକୁ ୧ ଏଚ୍‌ପି ବିଦ୍ୟୁତ୍‌ଚାଳିତ ମୋଟର ପମ୍ପ ବଣ୍ଟନ କରିବା ସହ ଫସଲ ଉତ୍ପାଦକତାରେ ଉନ୍ନତି ଆଣିବା ନିମନ୍ତେ ଭରସାଯୋଗ୍ୟ ଜଳସେଚନଗତ ସମର୍ଥନ ଯୋଗାଇ ଦେଉଛି। ଏହି ପଦକ୍ଷେପ ସହିତ ଡିବିଏଫ୍‌ର ଅନନ୍ୟ ୫୦/୫୦ ଅବଦାନ ଢାଞ୍ଚା ମଧ୍ୟ ରହିଛି, ଯେଉଁଠାରେ ଖର୍ଚ୍ଚ ଫାଉଣ୍ଡେଶନ ଏବଂ କୃଷକଙ୍କ ମଧ୍ୟରେ ସମାନ ଭାବରେ ବହନ କରାଯାଉଛି ଏବଂ ଏହାଦ୍ୱାରା ଉଭୟ ସୁଲଭତା ଏବଂ ସହଭାଗୀ ଦାୟିତ୍ୱବୋଧ ସୁନିଶ୍ଚିତ କରାଯାଉଛି। ଏହି ଆବଣ୍ଟନ ସହ ଡିବିଏଫ୍ ଏପର୍ଯ୍ୟନ୍ତ କଟକରେ ୪୭୦ ଜଣ କୃଷକଙ୍କୁ ମୋଟର ପମ୍ପ ଯୋଗାଇଛି, ଯାହା ଦୀର୍ଘସ୍ଥାୟୀ କୃଷି ନିମନ୍ତେ ଉଲ୍ଲେଖନୀୟ ଅବଦାନ ରଖିବା ସହିତ ସେମାନଙ୍କର ଆୟରେ ବୃଦ୍ଧି ଘଟାଉଛି ଏବଂ ଉକ୍ତ ଅଞ୍ଚଳରେ ପୋଷଣଗତ ନିରାପତ୍ତା ପ୍ରଦାନ କରୁଛି। ଏହି ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କପିଳାସ ସିମେଣ୍ଟ ୱାର୍କସ୍ ୟୁନିଟ ହେଡ୍ ପଙ୍କଜ ଗୁପ୍ତା, ଏବଂ ଏଚ୍‌ଆର ହେଡ୍ ସୁଧୀର ରଞ୍ଜନ ମହାନ୍ତି, ଉପସ୍ଥିତ ରହି କୃଷକମାନଙ୍କୁ ଦୀର୍ଘାବଧି ସମୃଦ୍ଧି ନିମନ୍ତେ ଉନ୍ନତ କାର୍ଯ୍ୟାଭାସ ଆପଣେଇବାକୁ ଉତ୍ସାହିତ କରିଥିଲେ। ଏହି ପ୍ରୟାସ ସମ୍ପର୍କରେ ପ୍ରକାଶକରି ପଙ୍କଜ ଗୁପ୍ତା କହିଥିଲେ, କୃଷକମାନେ ହେଉଛନ୍ତି ଆମ ରାଷ୍ଟ୍ରର ମେରୁଦଣ୍ଡ । ଗ୍ରାମ ପରିବର୍ତ୍ତନ ପ୍ରକଳ୍ପ ଜରିଆରେ ଆମେ ସେମାନଙ୍କୁ ସମ୍ବଳ ଏବଂ ସୁଯୋଗ ସହ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ।

# ବଢ଼ିଲା ସୁନା, ରୁପା ଦର

**ଭୁବନେଶ୍ୱର,୨।୯(ଅନୁରାଧା ମହାରଣା)**

ବଢ଼ୁଥିବା ସୁନା ଦରକୁ ନେଇ ଗ୍ରାହକ ଚିନ୍ତାରେ ଥିବାବେଳେ ମଙ୍ଗଳବାର ପୁଣି ଏଥିରେ ବୃଦ୍ଧି ଘଟିଛି। ୨୪ କ୍ୟାରେଟ ୧୦ ଗ୍ରାମ ସୁନା ଦାମ ସୋମବାର ୧,୦୫,୮୮୦ ଟଙ୍କା ଥିଲା, ଯାହାକି ୧,୦୬,୦୯୦ ଟଙ୍କାରେ ପହଞ୍ଚିଛି। ଏଥିରେ ୨୧୦ ଟଙ୍କା ବୃଦ୍ଧି ହୋଇଛି। ସେହିପରି ୨୨ କ୍ୟାରେଟ ୧୦ ଗ୍ରାମ ସୁନା ଦାମ ୯୭,୨୫୦ ଟଙ୍କା ରହିଛି। ସୋମବାର ସୁନାଦର ୯୭,୦୫୦ ଟଙ୍କା ଥିବାବେଳେ ଏଥିରେ ୨୦୦ ଟଙ୍କା ବୃଦ୍ଧି ହୋଇଛି। ୧୮ କ୍ୟାରେଟ ୧୦ ଗ୍ରାମ ସୁନା ଦାମ ୭୯,୪୧୦ ଟଙ୍କାରୁ ୧୬୦ ଟଙ୍କା ବୃଦ୍ଧି ହୋଇ ୭୯,୫୭୦ ଟଙ୍କା ହୋଇଛି। ମଙ୍ଗଳବାର ରୁପା ଦାମ ମଧ୍ୟ ବୃଦ୍ଧି ପାଇଛି। ସୋମବାର ୧୦୦ ଗ୍ରାମ ରୁପା ଦାମ ୧୩,୬୦୦ ଟଙ୍କା ଥିଲା, ଯାହାକି ୧୦ଟଙ୍କା ବଢ଼ି ୧୩,୬୧୦ ଟଙ୍କା ହୋଇଛି।


# Classified Everyday

**0674-2580101, 9692975378**



MATRIMONIAL

**BRIDE WANTED**


Wanted Brahmin bride for Brahmin groom, Age-39, Height - 5'8", Costing Inter, Accountant in Tata Power, Contact No-7077237234. D-1809

Handsome Brahmin boy 1993, 5'8", B.Tech, MBA (IIM) Serving Delloitte Bangalore "SUNASANSAR". 9937512659. D-1812

**GROOM WANTED**

ବୟସ 28, Hospitalରେ Nurse ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-1806

Beautiful Brahmin girl 1996, 5'3", MBA, Serving Hyderabad. "SUNASANSAR". 9937512659. D-1811



REAL ESTATE

**SALE**


ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 9692276835, 7077632085.** D-1698

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, **2BHK/3BHK Flat/ Duplex ଅଛି। 8327785834.** D-1781

**3BHK Ready to move flat for sale at Sundarpada. Price-60 Lakhs. Contact: 7606024182.** D-1842




Newly open health benefits SPA by expert therapist. Contact-8280961126. D-76935




Shop space of 200sqft. available for rent near Rupali Square .Contact: 8260818805, 7008252926. D-40529

**AFFIDAVIT**

ମୁଁ, ଆଲୋକ ସୋନି, ପିତାଙ୍କ ନାମ: ସ୍ୱ. ଦାମୋଦର ପ୍ରସାଦ ସୋନି, ବସ୍ତି: ୱାର୍ଡ ନମ୍ବର- ୪୫, ଏମ୍-୨୮୫, ପଦ୍ମନାଭପୁର, ଜିଲ୍ଲା ଦୁର୍ଗ, ଛତିଶଗଡ଼, ପିନ୍- ୪୯୧୦୦୧, ଏହାଦ୍ୱାରା ଘୋଷଣା କରୁଛି ଯେ ମୋର ସଠିକ୍ ଏବଂ ପୂର୍ଣ୍ଣ ନାମ ଆଲୋକ କୁମାର ସୋନି । ଏଥିପରେ, ସମସ୍ତ କାର୍ଯ୍ୟରେ ମୋର ନାମ ଆଲୋକ କୁମାର ସୋନି ଭାବରେ ପରିଚିତ ହେବ।
ଆଲୋକ କୁମାର ସୋନି
ଧ-1835

I, Rijwana Begum, W/o- Sk Siraj Uddin, resident of At- Plot No.- 610, Pallaspalli, Lane No.11, Bhimpur, Aerodrome Area, Bhubaneswar, Dist.- Khordha, PIN- 751020, Odisha declared by this affidavit CF No.- 73/ dt- 20.08.2025 that Rizwana Bibi and Rijwana Begum are the same person and my son Shakh Sohel Raza and Shaikh Sohel Raza are also same persons for all purposes. D-1840

By virtue of an affidavit sworn before the Executive Magistrate, Boudh, No.1202 date- 01.09.25, I, Sunita Maharana, W/o. Sagar Kumar Maharana, R/o. Village/P.O.- Butupali, Ward No.12, P.S./ Dist. -Boudh, Odisha, PIN- 762014 declare that I have changed my daughter's name from Adyasresta Maharana to Aryashrasta Maharana. Henceforth she shall be known as Aryashrasta Maharana for all purposes.
Sunita Maharana
D-1841

By virtue of an affidavit sworn before the Notary Public, Borigumma, dated- 02.09.2025, I, Tulasiram Bisoi, Address: At: Singaguda, Taragan, P.O.- Malda, P.S.- Borigumma, Dist.- Koraput- 764056, Odisha declare that I have changed the name of my son from Ramesh Bhumia(Old name) to Ramesh Bisoi (New name). Henceforth, she shall be known as Ramesh Bisoi(New name) for all purposes. D-1839

By virtue of an affidavit sworn before the Executive Magistrate, Bhubaneswar Vide C.F. No.- 51, dated- 01.09.2025, I, Rashmi Ranjan Digal, S/o- Madhab Digal, permanent resident of At/P.O.- Balandapada, P.S.- Gochhapada, Dist.- Kandhamal, Odisha, PIN- 762002, declare that I have changed my daughter's name from Simaran Digal to Nivyanshi Digal(New name). Henceforth, she shall be known as Nivyanshi Digal for all purposes.
Rashmi Ranjan Digal
D-1838

I, Suman Tiwari, W/o Amar Nath Pandey, present r/o Tetuldanga, P.O.- Rakha Copper Project, P.S.-Jaduguda, East Singhbhum. Permanent r/o Rampur, Telari, P.O.- Kirhindi, Sheosagar, Bihar 821111, do hereby solemnly affirm and declare by this affidavit No. 06AA 274010 dated- 09/10/2019, that I shall be known as Suman Pandey for all future purposes. D-1845

By virtue of an affidavit sworn before Executive Magistrate, Bhubaneswar No.- 104, dated- 25.08.2025, I, Billi Munda, At- Jamuleibeda, P.O.- Palanghati, P.S.- Ghatagaon, Dist.- Keonjhar, Odisha, PIN- 758029 declare that I have changed my name from Billi Sidu to Billi Munda. Henceforth, I shall be known as Billi Munda for all purposes. D-1844

By virtue of an affidavit sworn before Executive Magistrate, Bhubaneswar No.- 105, dated- 25.08.2025, I, Arttatran Munda, At- Jamuleibeda, P.O.- Palanghati, P.S.- Ghatagaon, Dist.- Keonjhar, Odisha, PIN- 758029 declare that I have changed my name from Badal Sidu to Arttatran Munda. Henceforth, I shall be known as Arttatran Munda for all purposes. D-1843

I, Subal Biswas, S/o Late Suklal @Muklal Biswas, village M.V. 11, P.O.- Panchabati, P.S./Dist.- Malkangiri do hereby solemnly affirm and state on oath as follows. That my actual name is Subal Biswas and nick name is Sunil. That, in Aadhaar Card, Voter ID Card my name is mentioned as Subal Biswas and ROR my name is mentioned as Sunil Biswas and family Migrant Card my name is mentioned as Subal (Sunil) Biswas. That, Subal Biswas and Sunil Biswas is one and same i.e. myself. That, I swear this affidavit in order to produce before the concerned authority to ascertain my both name as Subal Biswas and Sunil Biswas. D-1831

I, Sonal Akash Yadu, resident of F-2/6, Highway Residency, Sailshree Vihar, Bhubaneswar- 751021 have changed my name to Sonal Yadu vide affidavit dt.12 Aug. 2025. D-1837

I, Akash Shri Shyam Lal Yadu, resident of F-2/6, Highway Residency, Sailashree Vihar, Bhubaneswar - 751021, have changed my name to Akash Yadu vide affidavit dt.12 Aug. 2025. D-1836

By virtue of an affidavit sworn before Executive Magistrate, Athagarh, dated- 30.08.2025, I, Jatiram Behera S/o.- Hrusikesh Behera, Vill.- Mahalaxmipur, P.O.- Kandarei, P.S.- Khuntuni, Dist.- Cuttack, Odisha, PIN- 754029 declare that I have changed the name of my son from Pradyamna to Pradyumna. Henceforth, he shall be known as Pradyumna for all purposes.
Jatiram Behera.
D-1829




I, Prabhati Nalini Kar, W/o. Nagen Kumar Kar, At-Jubuli Town, Deulasahi, P.O./P.S.- Dhenkanal Town, Dist.- Dhenkanal-759001, Odisha hereby declare that I have changed my name from PRAVAT NALINI KAR to PRABHATI NALINI KAR on date 01.09.2025 before Executive Magistrate, Dhenkanal. Henceforth I shall be known and recognized as PRABHATI NALINI KAR for all official, legal and other purposes.D-1832

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଫୁଲ ଚାଷ



ସେରାକଲ କିସମର ଗେଣ୍ଡୁଫୁଲ ଚାଷ କରୁଥିଲେ ହେକ୍ଟର ପ୍ରତି ୨୦ ଗାଡ଼ି ଭଲ ଶଢ଼ା ଗୋବରଖତ ସହ ୧୫୦ କି.ଗ୍ରା. ଯବକ୍ଷାରଜାନ, ୧୫୦ କି.ଗ୍ରା. ଫସ୍‌ଫରସ୍ ଏବଂ ୧୫୦ କି.ଗ୍ରା. ପଟାସ୍ ଆବଶ୍ୟକ। ଲଗାଇବା ସମୟରେ ମୂଳସାର ହିସାବରେ ଅର୍ଦ୍ଧେକ ଯବକ୍ଷାରଜାନ ଏବଂ ସମସ୍ତ ପଟାସ୍ ଓ ଫସ୍‌ଫରସ୍ ଖତ ସହ ମାଟିରେ ପ୍ରୟୋଗ କରନ୍ତୁ । ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । ଗୋଡ଼ିଫୁଲ, ସୂର୍ଯ୍ୟମୁଖୀ ଏବଂ ଜିନିଆ ଚାଷ କରିପାରିବେ । ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ସେଟିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।

## ଚାଷୀଙ୍କ ପାଇଁ..



ଲଙ୍କାଚାଷରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ଗ୍ରାମ୍ ହିସାବରେ ଥାଓଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ। ମେଘୁଆ ପାଗର ଆଶଙ୍କା ଥିଲେ ଛୁଇଁଜାତୀୟ ପନିପରିବାରେ ଜଉପୋକ ଲାଗିଥାଏ। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି . ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ଔଷଧ ପକାଇବାର ୧ସପ୍ତାହ ପରେ ଏହା ଖାଇବା ପାଇଁ ଉପଯୁକ୍ତ ହୋଇଥାଏ। କୋବିଜାତୀୟ ଫସଲରେ ଜଉପୋକ,ଠିକିରି ପିଠିଆ ପୋକ ଓ କାଳିମୁଣ୍ଡି ପୋକ ଆଦି ଲାଗିବା ଆଶଙ୍କା ଅଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ। ନଚେତ୍ ଏକର ପ୍ରତି ୪୦୦ମି.ଲି. ଏଣ୍ଡୋସଲ୍‌ଫାନ୍ କିମ୍ବା ୫୦୦ ମି.ଲି. ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କୋବିଜାତୀୟ ଫସଲରେ ଅଲଟର୍‌ନାରିଆଜନିତ ପତ୍ରପୋଡ଼ା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ।

# ଢିପ ଜମିରେ ଧାନ ଅମଳ

ଢିପ ଜମିରେ ଧାନକେଣ୍ଡା ଶତକଡ଼ା ୮୫ ଭାଗ ପାଚିଯାଇଥିଲେ ତାକୁ କାଟି ଖରାରେ ଶୁଖାଇ ଅମଳ କରନ୍ତୁ । ଡେରିରେ ରୁଆଯାଇଥିବା ଧାନ ୨-୩ ସପ୍ତାହର ହୋଇଥିଲେ ଘାସ ବାଛି ହେକ୍ଟର ପ୍ରତି ୩୦ରୁ ୪୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ପିଲ ଅବସ୍ଥାରେ ପ୍ରୟୋଗ କରନ୍ତୁ । ବିଳମ୍ବରେ ପକାଯାଇଥିବା ସଅଳ କିସମ ଧାନ ତଳି ୧୭ରୁ ୨୦ଦିନ ହୋଇଯାଇଥିଲେ ତାକୁ ଶୀଘ୍ର ରୋଇ ଦିଅନ୍ତୁ । ଧାଡ଼ିକି ଧାଡ଼ି ୧୫ରୁ୨୦ ସେ.ମି. ଓ ବୁଦାକୁ ବୁଦା ୧୦ ସେ.ମି. ବ୍ୟବଧାନ ରଖନ୍ତୁ । ଶେଷ ସପ୍ତାହ ବେଳକୁ ମଧ୍ୟମ କିସମ ଓ ବିଳମ୍ବ କିସମ ଧାନ ଲିଙ୍ଗ ସଞ୍ଚାର ଅବସ୍ଥାକୁ ଆସିଥିଲେ ହେକ୍ଟର ପ୍ରତି ୧୫ରୁ ୨୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ଥୋଡ଼ସାର ଭାବେ ପ୍ରୟୋଗ କରନ୍ତୁ। ଧାନଗଛ ଲିଙ୍ଗ ସଞ୍ଚାର ଅବସ୍ଥାରେ ଫୁଲ ଉଡ଼ାଇବା ପର୍ଯ୍ୟନ୍ତ ଜମିରେ ୫ x ୨ ସେ.ମି. ଠିଆ ପାଣି ରଖିବାକୁ ଚେଷ୍ଟାକରନ୍ତୁ। ଧାନ ବିଲରେ ଗନ୍ଧିପୋକ ଦେଖାଦେଲେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋର୍‌ପାଇରିଫସ୍ ଗୁଣ୍ଡ ସୂର୍ଯ୍ୟୋଦୟ



ସମୟରେ ପ୍ରୟୋଗ କରନ୍ତୁ । କାଣ୍ଡବିନ୍ଧା ପୋକ ଦମନ ପାଇଁ ଫିପ୍ରୋନିଲ୍ ୦.୩ % ଦାନାଦାର/ହେକ୍ଟର ପ୍ରତି ୨୦ କି.ଗ୍ରା. ପ୍ରୟୋଗ କରନ୍ତୁ । ଏହାବ୍ୟତୀତ କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ବା ଫ୍ଲୁବେଣ୍ଡିଆମାଇଡ୍ ଏକର ପ୍ରତି ୨୦୦ ଗ୍ରାମ୍ ହିସାବରେ

## ଏ ମାସର କୃଷି ସୂଚନା

ଗୋଳାଇ ପତ୍ର ସିଞ୍ଚନ କରାଯାଇପାରେ। କାହାଳିଆ ପୋକ ଦମନ ପାଇଁ ଫିପ୍ରୋନିଲ୍ ୫ ଏସ୍‌ସି କିମ୍ବା କ୍ଲୋରୋପାଇରିଫସ୍ (କ୍ଲାସିକ୍) ୨୦ ଇସି ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ସିଞ୍ଚନ କରନ୍ତୁ । ଲେଡ଼ାପୋକ ଦମନ ପାଇଁ ଲାମ୍‌ଡ଼ା-ସାଇହାଲୋଥ୍ରୀନ୍ କିମ୍ବା ପ୍ରୋଫେନୋଫସ୍ ୫୦ ଇସି କିମ୍ବା କୁଇନାଲ୍‌ଫସ୍ ୨୫ ଇସି ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ଦ୍ରବଣ ସନ୍ଧ୍ୟାବେଳେ ସିଞ୍ଚନ କରନ୍ତୁ । ଏହାଛଡ଼ା ଆକ୍ରାନ୍ତ ବିଲ ଚାରିପଟେ ଗୁଣ୍ଡ ଔଷଧ ପକାଇ ବିଷ ବଳୟ ତିଆରି କରନ୍ତୁ। ମହିଷା ରୋଗ ଦେଖାଦେଲେ ଟ୍ରାଇସାଇକ୍ଲାଜୋଲ୍ ୨୫% ଡବ୍ଲ୍ୟୁପି ପ୍ରତି ଲିଟର ପାଣିରେ ୦.୬ ଗ୍ରାମ୍ ହିସାବରେ କିମ୍ବା ଆଇସୋପ୍ରୋଥିଓଲେନ୍ (୧.୫ ମି.ଲି.)କୁ ଗୋଳାଇ ସିଞ୍ଚନ କରନ୍ତୁ। ଜଳସେଚନ ସୁବିଧା ଥିବା ଜମିରେ ନଳିତା କଟାହେବା ପରେ ଧାନ ଯଥା - ଖଣ୍ଡଗିରି, ପାରିଜାତ, କଳିଙ୍ଗ-୩, ପଦ୍ମିନୀ, ସହଭାଗୀ ଧାନ ରୁଅନ୍ତୁ ।

**ମକା :** ମକା କିଆରିରେ ଠିଆପାଣି ରଖନ୍ତୁ ନାହିଁ । କିଆରିରେ ଠିଆପାଣି ଜମି ରହିଲେ କାଣ୍ଡଶଢ଼ା ରୋଗ ଦେଖାଯାଏ । ଏହି ରୋଗ ହେଲେ ପ୍ରତି ଲିଟର ପାଣିରେ ଭାଲିଡାମାଇସିନ୍ ୨ ମି.ଲି. ମିଶାଇ ପତ୍ର ସିଞ୍ଚନ କରନ୍ତୁ । ଫଲ୍ ଆର୍ମିୱାର୍ମ ଦମନ ପାଇଁ ସ୍ପାଇନୋଟୋରାମ ୧୧.୭% ଏସ୍‌ସି ୦.୫ ମି.ଲି./ଲିଟର ପାଣିରେ ଗୋଳାଇ ପ୍ରୟୋଗ କରନ୍ତୁ।

**ମାଣ୍ଡିଆ :** ମାଣ୍ଡିଆ କିଆରିରେ ଠିଆପାଣି ରଖନ୍ତୁ ନାହିଁ । ଫସଲରେ ମହିଷା ରୋଗ ଦେଖାଦେଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୬ ଗ୍ରାମ୍ ହିସାବରେ ଟ୍ରାଇସାଇକ୍ଲାଜୋଲ୍ ମିଶାଇ ସିଞ୍ଚନ କରନ୍ତୁ ।

**ପ୍ରାଣୀଙ୍କୁ ପ୍ରତିଷେଧକ ଟିକା**

ସାହାଣ, ଫାଟୁଆ ଓ ବଜବଜିଆ ରୋଗ ନ ହେବାପାଇଁ ଗୋରୁଙ୍କୁ ପ୍ରତିଷେଧକ ଟିକା ଦିଅନ୍ତୁ । ଟିକା ଦେବାର ୧୫-୨୦ ଦିନ ଆଗରୁ ଗୋରୁଙ୍କୁ କୃମିନାଶକ ଖାଇବାକୁ ଦିଅନ୍ତୁ । ବର୍ଷାଦିନେ ଗୋରୁଙ୍କୁ ଅଢ଼େଇଆ ଜ୍ୱର ମଶା ଓ ଡାଆଁଶର ଉପଦ୍ରବ ଯୋଗୁ ହୋଇଥାଏ । ଏହାଦ୍ୱାରା ଶରୀର ଉତ୍ତାପ ୧୦୩ରୁ ୧୦୭ ଡିଗ୍ରୀ ଫାରେନ୍‌ହାଇଟ୍ ହୋଇଥାଏ । ନାକ, ଆଖି ଓ ପାଟିରୁ ପାଣି ବାହାରେ । ପ୍ରଥମେ କଠିନ ଓ ପରେ ତରଳ ଝାଡ଼ା ହୋଇଥାଏ । ଏହାର ପ୍ରତିକାର ପାଇଁ ଗୁହାଳରେ ଝୁଣା କିମ୍ବା ଲିମ୍ବପତ୍ର ଧୂଆଁ ସନ୍ଧ୍ୟା ସମୟରେ ଦିଅନ୍ତୁ । ଗୁହାଳର ଚାରିପଟ ପରିଷ୍କାର ରଖନ୍ତୁ । ଖତଗଦା ଗୁହାଳଠାରୁ ଦୂରରେ କରନ୍ତୁ । ପ୍ରତିକାର ପାଇଁ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।

**ସୋରିଷ ଚାଷ**

ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ତୋରିଆ ଜାତୀୟ ସୋରିଷ ଚାଷ ପାଇଁ ମାସର ପ୍ରଥମ ଭାଗରେ ଉପଯୁକ୍ତ ଜମି ଚିହ୍ନଟ କରନ୍ତୁ । ତୋରିଆ କିସମ ଯଥା- ଅନୁରାଧା, ପାର୍ବତୀ, ସୁଶ୍ରୀ ସଂଗ୍ରହ କରନ୍ତୁ ଓ ସେପ୍ଟେମ୍ବର ଦ୍ୱିତୀୟାର୍ଦ୍ଧରେ ବୁଣନ୍ତୁ। ଅଣ ଜଳସେଚିତ ତୋରିଆ ପାଇଁ ହେକ୍ଟର ପ୍ରତି ମୂଳସାର ୩୦ କି.ଗ୍ରା. ଯବକ୍ଷାରଜାନ, ୧୫ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ଏବଂ ଉତ୍କୃଷ୍ଟ ମଞ୍ଜି ୧୦ କି.ଗ୍ରା. ବ୍ୟବହାର କରନ୍ତୁ । ୦.୫% ବୋର୍ଡୋକ୍ସ ମିକ୍ସଚରକୁ ୧୫ ଦିନ ଅନ୍ତରରେ ସିଞ୍ଚନ କରାଯାଇପାରିବ । ପିଜୁଳି ଓ ଲେମ୍ବୁର ପାଣି କୁଆଁ ସବୁ କାଟି ଦିଅନ୍ତୁ।

**ଫୁଲଚାଷ**

ବର୍ତ୍ତମାନ ସେବତୀ ଫୁଲଚାରା ଲଗାନ୍ତୁ। ଧଳାରଙ୍ଗର ବିଡଟି, ସ୍ନୋବଲ୍, ଇନୋସେନ୍ସ ଓ ପ୍ରିମିଅର ହଳଦିଆ ରଙ୍ଗର ଚନ୍ଦ୍ରମା, ଇଭିନିଂ ଷ୍ଟାର୍, ସୁପର ଜ୍ୟାଣ୍ଟ ଏବଂ ଲାଲ୍ ରଙ୍ଗର ବ୍ରାଭେ, ଉଇଲ୍‌ସନ୍, ରଷ୍ଟିକ୍ ଓ ଆଲ୍‌ଫ୍ରେଡ୍ ଇତ୍ୟାଦି କିସମ ଲଗାନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ଗଛ ଲଗାଇବା ପୂର୍ବରୁ ହେକ୍ଟର ପ୍ରତି ୨୫ ରୁ ୩୦ ଟନ୍ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୬୦ କେ.ଜି. ଯବକ୍ଷାରଜାନ, ୬୦ କେ.ଜି. ଫସ୍‌ଫରସ୍ ଓ ୪୦ କେ.ଜି. ପଟାସ୍ ସାର ପ୍ରୟୋଗ କରନ୍ତୁ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର

## ଫଳଚାଷରେ ରୋଗପୋକ ଦମନ

ଅମୃତଭଣ୍ଡା ଗଛର ମୂଳଶଢ଼ା ରୋଗର ପ୍ରତିକାର ପାଇଁ ଗଛମୂଳକୁ ମାଟି ଟେକନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ । ରୋଗଣା ଗଛକୁ ବାହାର କରିଦିଅନ୍ତୁ । ମେଟାଲାକ୍ସିଲ୍ x ମାଙ୍କୋଜେବ୍ (ରିଡୋମିଲ୍ ଏମ୍.ଜେଡ୍) ୧ ଲିଟର ପାଣିରେ ୨ ଗ୍ରାମ୍ ମିଶାଇ ଗଛ ମୂଳରେ ମାଟି ଭିଜା କରନ୍ତୁ। ବର୍ଷାଦିନେ ଲେମ୍ବୁରେ ଫାଇଟୋଫ୍‌ଥୋରା ଶଢ଼ା ରୋଗ ପ୍ରାଦୁର୍ଭାବ ବେଶି ହୁଏ । ଗଛ ଗଣ୍ଡିର ନିମ୍ନ ଭାଗରୁ ଅଠା ବାହାରେ। ଏହାର ଦମନ ପାଇଁ ଆକ୍ରାନ୍ତ ହୋଇଥିବା ଡାଳପତ୍ରକୁ ଗଛରୁ କାଟି ଦିଅନ୍ତୁ । ବୋର୍ଡୋ ମିକ୍ସଚର ବା ଦ୍ରବଣ



ସିଞ୍ଚନ କରନ୍ତୁ ଓ କଟା ଜାଗାରେ ପ୍ରଲେପ ଦିଅନ୍ତୁ । ୧ ମାସ ଅନ୍ତରରେ କପର ଅକ୍ସିକ୍ଲୋରାଇଡ୍ ୧ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ।

## ରାଶି ବୁଣୁଥିଲେ...



ଢିପ ଜମିରେ ରାଶି ବୁଣିବା ପାଇଁ ଏହା ଉପଯୁକ୍ତ ସମୟ। ଏକର ପ୍ରତି ୪ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ। ପ୍ରତି କି.ଗ୍ରା. ବିହନରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ମୂଳସାର ଭାବେ ଏକର ପ୍ରତି ୨ଟନ୍ ଶଢ଼ା ଗୋବର ଖତ ସହ ୬ କି.ଗ୍ରା. ଯବକ୍ଷାରଜାନ,୬ କି.ଗ୍ରା. ଫସ୍‌ଫରସ୍ ଓ ୬ କି.ଗ୍ରା. ପଟାସ ଖାଦ୍ୟସାର ବିହନ ବୁଣାବେଳେ ମାଟିରେ ପ୍ରୟୋଗ କରନ୍ତୁ। ଅଧିକ ଅମଳକ୍ଷମ କିସମ ଯଥା-ପ୍ରାଚୀ,ନିର୍ମଳା,କନକ,କାଳିକା,ବିନାୟକ ଆଦି କିସମ ବ୍ୟବହାର କରନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ ଗଛକୁ ଗଛ ୧୦ସେ.ମି. ବ୍ୟବଧାନ ରଖନ୍ତୁ। ବିହନ ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନରେ ୩ଗ୍ରାମ୍ ହିସାବରେ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଶେଷଓଡ଼ ଚାଷବେଳେ ବିହନ ବୁଣିବା ପୂର୍ବରୁ ୬କି.ଗ୍ରା. ଯବକ୍ଷାରଜାନ, ୮କି.ଗ୍ରା. ଫସ୍‌ଫରସ୍ ଓ ୮କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ।

## ଡାଲିଜାତୀୟ ଫସଲରେ ପତ୍ରକଟା ପୋକ ଲାଗିଥିଲେ...

ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କୁଇନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଛୁଇଁ ପାକଳ ହେବା ମାତ୍ରେ ତୋଳି ଦିଅନ୍ତୁ। ଧାନ ବିଲ ହିଡ଼ମାନଙ୍କରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ । ମୁଗ, ବିରି, ହରଡ଼ ବୁଣାହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମିଲି ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନକରି ଘାସ ଦମନ କରନ୍ତୁ । ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ x କାର୍ବେଣ୍ଡାଜିମ୍ (୧.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ । ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।



## ବାଇଗଣରେ ସମନ୍ୱିତ ପୋକ ପରିଚାଳନା

ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ଲାଗି ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦,୦୦୦ଟ୍ରାଇକୋଗାମା ପରାଶ୍ରୟୀ କୀଟ ଛାଡ଼ନ୍ତୁ କିମ୍ବା ୩୦୦ପିପିଏମ୍ ନିମ୍ବଜାତ କୀଟନାଶକକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ ମିଶାଇ ସିଞ୍ଚନ କରନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ ଓ କଳା କଖାରୁ ଭୃଙ୍ଗ ଦମନ ପାଇଁ ଏକର ପ୍ରତି ୮୦୦ଗ୍ରାମ୍ ହିସାବରେ କାର୍ବାରିଲ ପ୍ରୟୋଗ କରନ୍ତୁ। ଲଙ୍କାମରିଚ ଫସଲରେ ପତ୍ରମୋଡା ଦେଖାଗଲେ ଏହାର ଦମନ ସକାଶେ ପ୍ରତି ଲିଟର ପାଣିରେ ୨ ମିଲି ଆବାମେକ୍ଟିନ୍(୧.୯%) କିମ୍ବା ୧.୫ରୁ ୨ ମିଲି ଇଥିଅନ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଝୁଡ଼ଙ୍ଗ ଫସଲରେ ଜଉପୋକର ଆକ୍ରମଣ ଦେଖାଗଲେ ଏକର ପ୍ରତି ୫୦ମି.ଲି. ଇମିଡାକ୍ଲୋପ୍ରିଡ୍ ୨୦୦ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ଏବଂ ଏହାର ୭ଦିନ ପରେ ଫସଲ ଅମଳ କରନ୍ତୁ।

## ଆଖୁକିଆରିର ଯତ୍ନ



**ଆଖୁ** କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ଅଗବିନ୍ଧା ପୋକ ଦମନ ପାଇଁ ଟ୍ରାଇକୋଗାମା ଚିଲୋନିସ୍ ନାମକ ପରାଶ୍ରୟୀ କୀଟକୁ ହେକ୍ଟର ପ୍ରତି ୧,୨୫,୦୦୦ ହିସାବରେ ଛାଡ଼ନ୍ତୁ । ଏହାଛଡ଼ା ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରିଦିଅନ୍ତୁ ଅଥବା ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧ ଲିଟର ପ୍ରୋଫେନୋଫସ୍ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ୧୫ କି.ଗ୍ରା. ହେକ୍ଟର ପ୍ରତି ଦାନାଦାର ବିଷ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫ ଏସ୍.ସି. ୩୭୫ ମି.ଲି. ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ। ଦହିଆ ପୋକ ଲାଗିବା ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ପ୍ରୋଫେନୋଫସ୍ କିମ୍ବା ୩ ଲିଟର ପାଣିରେ ୧ ଗ୍ରାମ୍ ଥାୟାମେଥୋକ୍‌ଜାମ୍ ମିଶାଇ ସିଞ୍ଚନ କରନ୍ତୁ । ଥାୟାମେଥୋକ୍‌ଜାମ୍ ବଦଳରେ ଆସିଟାମ୍ପ୍ରିପିଡ୍ ୧ ଗ୍ରାମ୍ ପ୍ରତି ୪ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରିବ। ନାଳିଶଢ଼ା ରୋଗରେ ଆକ୍ରାନ୍ତ ବୁଦାକୁ ଉପାଡ଼ି କିଆରି ବାହାରେ ନଷ୍ଟକରନ୍ତୁ। ଆକ୍ରାନ୍ତ ସ୍ଥାନରେ ମେଟାଲାକ୍ସିଲ୍ ଏମ୍. ୮% X ମାନ୍‌କୋଜେବ୍ ୬୪% ଡବ୍ଲ୍ୟୁପି ୨ ଗ୍ରାମ୍ ଲିଟର ପିଛା ୫୦୦ ରୁ ୬୦୦ ମି.ଲି. ମାଟି ଭିଜା କରନ୍ତୁ। ଆକ୍ରାନ୍ତ ବୁଦାକୁ ଉପାଡ଼ି ନଷ୍ଟ କରିଦିଅନ୍ତୁ ।

# ମାଛ ଯାଆଁଳ ଛାଡ଼ିବା ପରେ...

ବର୍ଷାଦିନରେ ପ୍ରାୟ ସବୁ ପୋଖରୀରେ ଯାଆଁଳ ଛଡ଼ାଯାଏ। ଜାତିଆ ମାଛ ଯାଆଁଳ ଉପଯୁକ୍ତ ସ୍ଥାନ ବା ଅନୁଷ୍ଠାନରୁ କିଣି ପୋଖରୀରେ ଛାଡ଼ନ୍ତୁ । ଯାଆଁଳ ଛାଡ଼ିବା ପରଠାରୁ ପୋଖରୀରେ ମାସିକ ହେକ୍ଟର ପିଛା ୨୫ କି.ଗ୍ରା. ଚୂନପାଣିରେ ଗୋଳାଇ ଥଣ୍ଡାକରି ପୋଖରୀରେ ପକାନ୍ତୁ। ଏହାଦ୍ୱାରା ପାଣିର ଗୁଣ ବଜାୟ ରହିବ। ଅତ୍ୟଧିକ ବର୍ଷା ଯୋଗୁ ପାଣି ଗୋଳିଆ ହେଲେ ଚୂନ ପକାଇବା ଦ୍ୱାରା ପାଣି ପରିଷ୍କାର ହୋଇଯାଏ। ଖାଦ୍ୟ ପାଇଁ ହେକ୍ଟର ପ୍ରତି ଦୈନିକ ୧ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆକୁଣ୍ଡା ଓ ୧.୭୫୦ ଗ୍ରାମ୍ ଚିନାବାଦମ ପିଡ଼ିଆର ମିଶ୍ରଣ ପୋଖରୀରେ ପକାନ୍ତୁ । ସଘନ ମାଛଚାଷ ପାଇଁ ୧ ହେକ୍ଟର ବିଶିଷ୍ଟ ପୋଖରୀରେ ପ୍ରାୟ ୧୦,୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୫୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୬୦ ମି.ମି.) ଛାଡନ୍ତୁ। କେବଳ ତିନୋଟି ପ୍ରଜାତିର ମାଛ ଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି



୩୦ ଭାଗ ହିସାବରେ ହେକ୍ଟର ପିଛା ୩୦୦୦ଟି ଭାକୁର, ୪୦୦୦ଟି ରୋହି ଏବଂ ୩୦୦୦ଟି ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ । ଚାରୋଟି ପ୍ରଜାତିର ମାଛ ଚାଷ କରିବା ପାଇଁ ହେଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ, ମିରିକାଳି ୨୦ ଭାଗ ଏବଂ ବିଲାତି ରୋହି ୧୦ ଭାଗ ହିସାବରେ ହେକ୍ଟର ପିଛା ଭାକୁର ୩୦୦୦ଟି, ରୋହି ୪୦୦୦ଟି, ମିରିକାଳି ୨୦୦୦ଟି ଏବଂ ବିଲାତି ରୋହି ୧୦୦୦ଟି (୨୧-୪୦ ମି.ମି.) ଛାଡ଼ିବାକୁ ହେବ। ୬ ପ୍ରକାର ମାଛ ଚାଷ ପାଇଁ ସାଧାରଣତଃ ଭାକୁର ୩୦%, ରୋହି ୨୦%, ମିରିକାଳି ୧୦%, ସିଲ୍‌ଭର କାର୍ପ ୨୦%, ଗ୍ରାସ୍‌କାର୍ପ ୧୫% ଓ ବିଲାତି ରୋହି ୫% ହିସାବରେ ଯାଆଁଳ ଛାଡ଼ିବାକୁ ହୋଇଥାଏ ।

ଧରିତ୍ରୀ DHARITRI 51 Years

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୩/୨୦୨୫ Bhubaneswar, Wednesday, September 3/ 2025

# କ୍ୱାର୍ଟରରେ ସିନର, ଓସାକା

ନ୍ୟୁୟର୍କ,୨।୯

ୱାର୍ଲ୍ଡ ନଂ-୧ ଜାନିକ ସିନର ଓ ମହିଳା ସିଙ୍ଗଲ୍ସରେ ଦୁଇ ଥରର ଚାମ୍ପିୟନ ନାଓମି ଓସାକା ଚଳିତ ୟୁଏସ୍ ଓପନ ଟେନିସ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ତୃତୀୟ ସିଡ୍ କୋକୋ ଗଫ ବିଦାୟ ନେଇଛନ୍ତି।


ମଙ୍ଗଳବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ସିନର ୬-୧,

## ୟୁଏସ୍ ଓପନ

୬-୧, ୬-୧ ସେଟ୍‌ରେ ଆଲେକଜାଣ୍ଡର ବବଲିକଙ୍କୁ ପରାସ୍ତ କରିଛନ୍ତି। ଏହି ବିଜୟ ଲାଗି ତାଙ୍କୁ ମାତ୍ର ୮୧ ମିନିଟ୍ ଲାଗିଥିବା ବେଳେ ହାର୍ଡକୋର୍ଟ ଗ୍ରାଣ୍ଡସ୍ଲାମରେ ଏହା ତାଙ୍କର କ୍ରମାଗତ ୨୫ତମ ବିଜୟ। ସେ କ୍ୱାର୍ଟର ଫାଇନାଲରେ ନିଜ ଦେଶର ଲୋରେଞ୍ଜୋ ମୁସେଟ୍ଟିଙ୍କୁ ଭେଟିବେ। ମୁସେଟି ତାଙ୍କ ପ୍ରି-କ୍ୱାର୍ଟର ମ୍ୟାଚ୍‌ରେ ୬-୩, ୬-୦, ୬-୧ ସେଟ୍‌ରେ ଜଉମେ ମୁନାରଙ୍କୁ ପରାସ୍ତ କରିଛନ୍ତି।

ମହିଳା ସିଙ୍ଗଲ୍ସରେ ୨୦୧୮ ଓ ୨୦୨୦ ସଂସ୍କରଣର ଚାମ୍ପିୟନ ଓସାକା ୬-୩, ୬-୨ ସିଧାସଳଖ ସେଟ୍‌ରେ ତୃତୀୟ ସିଡ୍ ଗଫଙ୍କୁ ହରାଇଛନ୍ତି। ଏହି ବିଜୟ ସହ ୨୭ ବର୍ଷୀୟା ଓସାକା ୨୦୨୧ ପରେ ପ୍ରଥମ ଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟ ପ୍ରି-କ୍ୱାର୍ଟର ମ୍ୟାଚ୍‌ରେ ୧୧ତମ ସିଡ୍ କାରୋଲିନା ମୁଚୋଭା ୬-୩, ୬-୭(୦/୭), ୬-୩ ସେଟ୍‌ରେ ମାର୍ଟା କୋଷ୍ଟ୍ୟୁକଙ୍କୁ ଓ ଅଷ୍ଟମ ସିଡ୍ ଆମାଣ୍ଡା ଆନିସିମୋଭା ୬-୦, ୬-୩ ସେଟ୍‌ରେ ୧୮ତମ ସିଡ୍ ବିଆଟ୍ରିଜ ହାଦାଦ ମାଇଆଙ୍କୁ ହରାଇଛନ୍ତି।

## ମହିଳା ଡବଲ୍ସ: କ୍ୱାର୍ଟରରେ ଭେନସ




ଏକ ସେଟ୍ ଜିତିବାପରେ ଖୁସି ମନାଉଛନ୍ତି ଭେନସ ୱିଲିୟମ୍ସ ଓ ତାଙ୍କ ପାର୍ଟନର ଲୈଲା ଫର୍ନାଣ୍ଡେଜ।

୪୫ ବର୍ଷୀୟା ଭେଟେରାନ ଟେନିସ ଖେଳାଳି ଭେନସ ୱିଲିୟମ୍ସ ୟୁଏସ୍ ଓପନ ମହିଳା ଡବଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଲୈଲା ଫର୍ନାଣ୍ଡେଜଙ୍କ ସହ ଯୋଡ଼ି କରି ଖେଳୁଥିବା ଭେନସ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ୬-୩, ୬-୪ ସେଟ୍‌ରେ ୧୨ତମ ସିଡ୍ ଏକାଟେରିନା ଆଲେକଜାଣ୍ଡ୍ରୋଭା ଓ ଝାଙ୍ଗ ଶୁଆଇଙ୍କୁ ପରାସ୍ତ କରିଛନ୍ତି। ଲେଲା ଓ ଭେନସ କ୍ୱାର୍ଟର ଫାଇନାଲରେ ଟପ୍ ସିଡ୍ ଟେଲର ଟାଉନସେଣ୍ଡ ଓ କାଟେରିନା ସିନିଆକୋଭାଙ୍କୁ ଭେଟିବେ।

# ଟି୨୦ରୁ ମିଚେଲ ଷ୍ଟାର୍କଙ୍କ ଅବସର

ବ୍ରିସ୍‌ବେନ୍, ୨।୯ (ପି.ଟି.)




ଅଷ୍ଟ୍ରେଲିଆର ଦୁର୍ଦ୍ଧର୍ଷ ଫାଷ୍ଟ ବୋଲର ମିଚେଲ ଷ୍ଟାର୍କ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ୍‌ରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ଆଗକୁ ଆସେସ୍, ଆଇପିଏଲ୍, ଭାରତରେ ଟେଷ୍ଟ ସିରିଜ୍ ଏବଂ ୨ ବର୍ଷ ମଧ୍ୟରେ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ହେବାକୁ ଥିବାରୁ ରଣନୀତିକ ପଦକ୍ଷେପସ୍ୱରୂପ ସେ ଏହି ନିଷ୍ପତ୍ତି ନେଇଥିବା କୁହାଯାଉଛି। ଷ୍ଟାର୍କ ତାଙ୍କ ବିସ୍ଫୋରକ ଗତି, ଚମତ୍କାର ସୁଇଙ୍ଗ୍, ଘାତକ ୟର୍କର ଏବଂ ବାଉନ୍‌ସର ପାଇଁ ଜଣାଶୁଣା। ଅଷ୍ଟ୍ରେଲୀୟ ପେସ୍ ବୋଲର ଅନ୍ତର୍ଜାତୀୟ ଟି୨୦ ଫର୍ମାଟ୍‌ରେ ୬୫ ମ୍ୟାଚ୍ ଖେଳି ୭୯ ଉଇକେଟ ଅକ୍ତିଆର କରିଛନ୍ତି। ଆଡାମ ଜାମ୍ପା(୧୦୩ ଗେମ୍, ୧୩୦ ଉଇକେଟ)ଙ୍କ ପରେ ଏହି ଫର୍ମାଟ୍‌ରେ ସେ ଅଷ୍ଟ୍ରେଲିଆର ଦ୍ୱିତୀୟ ଶ୍ରେଷ୍ଠ ବୋଲର। ୩୫ ବର୍ଷୀୟ ଏହି ବୋଲର ଟେଷ୍ଟ ଓ ଅନ୍ତର୍ଜାତୀୟ ଦିନିକିଆରେ ଅଧିକ ଦିନ ତିଷ୍ଠି ରହିବାକୁ ଚାହୁଁଛନ୍ତି। ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ, କୋଲ୍‌କାତା ନାଇଟ୍ ରାଇଡର୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ଦଳ ତରଫରୁ ଖେଳୁଥିବାବେଳେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଷ୍ଟାର୍କ ସମସ୍ତ ବଡ଼ ଇଭେଣ୍ଟ ଲାଗି ନିଜକୁ ସମ୍ପୂର୍ଣ୍ଣ ଶାରୀରିକ ଫିଟ୍ ରଖିବାକୁ ଚାହୁଁଛନ୍ତି। ଏଥିପାଇଁ ତାଙ୍କୁ ଅନ୍ତର୍ଜାତୀୟ ଟି୨୦ ଛାଡ଼ିବାକୁ ପଡ଼ିଛି। ଆଇପିଏଲ୍‌ରେ କିନ୍ତୁ ଷ୍ଟାର୍କଙ୍କର ବହୁତ ଚାହିଦା ରହିଛି। ଆଇପିଏଲ୍ ୨୦୨୪ରେ କୋଲ୍‌କାତା ନାଇଟ୍ ରାଇଡର୍ସ(କେକେଆର) ତାଙ୍କୁ ରେକର୍ଡ ୨୪.୭୫ କୋଟି ଟଙ୍କାରେ କ୍ରୟ କରିଥିଲା। ଦଳ ପକ୍ଷରୁ ଖେଳିବା ବେଳେ କେତୋଟିରେ ତାଙ୍କଠାରୁ ମ୍ୟାଚ୍‌ବିଜୟୀ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ୨୦୨୫ ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଷ୍ଟାର୍କଙ୍କୁ ୧୧.୭୫ କୋଟି ଟଙ୍କାରେ କ୍ରୟ କରିଥିଲା। ଭାରତ-ପାକିସ୍ତାନ ସୀମା ବିବାଦ ଯୋଗୁ ଆୟୋଜକ ଆଇପିଏଲ୍‌କୁ ଗୋଟିଏ ସପ୍ତାହ ପାଇଁ ସସ୍‌ପେଣ୍ଡ କରିଥିଲେ। କେତେଜଣ ବିଦେଶୀ ଖେଳାଳି ନିଜ ଦେଶକୁ ଫେରିଯାଇଥିଲେ। ଷ୍ଟାର୍କଙ୍କ ସମେତ କେତେଜଣ ନ ଫେରିବାକୁ ସ୍ଥିର କରିଥିଲେ। ଷ୍ଟାର୍କ ତାଙ୍କର ଅନ୍ତର୍ଜାତୀୟ ଟି୨୦ରୁ ଅବସର ଘୋଷଣା ମଙ୍ଗଳବାର ସକାଳେ କରିଥିଲେ। ସେତେବେଳେ ଟି୨୦ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ୍ ପାଇଁ ଅଷ୍ଟ୍ରେଲିଆ ଏହାର ଦଳ ଘୋଷଣା କରିଥିଲା।

# ଅସିଫ୍ ଅଲ୍ଲୀଙ୍କ ଅବସର ଘୋଷଣା

ଲାହୋର,୨।୯(ପି.ଟି.)

ପାକିସ୍ତାନର ମିଡଲ-ଅର୍ଡର ବ୍ୟାଟର ଅସିଫ୍ ଅଲ୍ଲୀ ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ତାଙ୍କ ଅବସର ଘୋଷଣା କରିଛନ୍ତି। ୩୩ ବର୍ଷୀୟ ବ୍ୟାଟର ପାକିସ୍ତାନ ପାଇଁ ୨୦୨୧ ଓ ୨୦୨୨ ଟି୨୦ ବିଶ୍ୱକପ୍ ଖେଳିବା ସହ ୨୦୧୯ରେ ଦିନିକିଆ ବିଶ୍ୱକପ୍ ଖେଳିଥିଲେ। ତେବେ ସେ ଘରୋଇ କ୍ରିକେଟ୍ ଓ ବିଭିନ୍ନ ଦେଶରେ ଫ୍ରାଞ୍ଚାଇଜ୍ ଲିଗ୍ କ୍ରିକେଟ ଖେଳିବେ। ଏହି ଡାହାଣହାତୀ ବ୍ୟାଟର ପାକିସ୍ତାନ ପାଇଁ ୨୧ ଦିନିକିଆ ଓ ୫୮ ଟି୨୦ ମ୍ୟାଚ୍ ଖେଳି ୩ ଅର୍ଦ୍ଧଶତକ ସହ ୯୫୯ ରନ୍ କରିଥିଲେ। ୨୦୨୧ ଟି୨୦ ବିଶ୍ୱକପ୍‌ରେ ଆଫଗାନିସ୍ତାନ ବିପକ୍ଷ ସୁପର ୧୨ ମୁକାବିଲାରେ ସେ ତାଙ୍କ କ୍ୟାରିୟରର ସ୍ମରଣୀୟ ଇନିଂସ ଖେଳିଥିଲେ। ଦଳକୁ ଜିତାଇବା ପାଇଁ ଅନ୍ତିମ ଦୁଇ ଓଭରରେ ୨୪ ରନ୍ ଦରକାର ଥିବା ବେଳେ ସେ ୭ ବଲ୍‌ରେ ୨୫ ରନ୍ କରିଥିଲେ।



ବେଙ୍ଗାଲୁରୁସ୍ଥିତ କର୍ନାଟକ ରାଜ୍ୟ ହକି ଆସୋସିଏଶନ ଆରେନା ପରିଦର୍ଶନ ଅବସରରେ ଜଣେ ଶିଶୁ ସହ ବାର୍ତ୍ତାଳାପ କରୁଛନ୍ତି ଜର୍ମାନୀର ପୂର୍ବତନ ଫିଲ୍ଡ ହକି ଖେଳାଳି ମୋରିଜ୍ ଫର୍ଷ୍ଟ।

# ୧୩ ବର୍ଷ ପରେ ନ୍ୟାଶନାଲ ର୍‌ୟାଙ୍କିଙ୍ଗ ଟେବୁଲ ଟେନିସ

**ନୂଆଦିଲ୍ଲୀ, ୨।୯ (ପି.ଟି.):** ୟୁଟିଟି ନ୍ୟାଶନାଲ ର୍‌ୟାଙ୍କିଙ୍ଗ ଟେବୁଲ ଟେନିସ ଟୁର୍ନାମେଣ୍ଟ ଏଠାରେ ସେପ୍ଟେମ୍ବର ୭ରୁ ଖେଳାଯିବ। ୧୩ ବର୍ଷ ପରେ ଖେଳାଯିବାକୁଥିବା ଏହି ଇଭେଣ୍ଟରେ ଜାତୀୟ ଚାମ୍ପିୟନ ଦିୟା ଚିଟାଲେ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ଜି. ସାଥିୟାଁ ହେଉଛନ୍ତି ଟୁର୍ନାମେଣ୍ଟର ମୁଖ୍ୟ ଆକର୍ଷଣ। ଟୁର୍ନାମେଣ୍ଟରେ ୨୯୫୮ଜଣ ଖେଳାଳ ଭାଗ ନେଉଛନ୍ତି। ଦିଲ୍ଲୀ ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ୨୦୦୮ ପରେ ପ୍ରଥମ ଥର ଏକ ଜାତୀୟ ର୍‌ୟାଙ୍କିଙ୍ଗ ଟୁର୍ନାମେଣ୍ଟ ଆୟୋଜନ କରିବାକୁ ଯାଉଛି, ଯଦିଓ ଭାରତର ଟେବୁଲ ଟେନିସ ମହାସଂଘ ୨୦୧୨ ମସିହାରେ ହରିୟାଣାର ସହଯୋଗରେ ଏକ ଟେନିସ ଟୁର୍ନାମେଣ୍ଟ ଆୟୋଜନ କରିଥିଲା। ଟୁର୍ନାମେଣ୍ଟ ସେପ୍ଟେମ୍ବର ୭ରୁ ୧୪ ପର୍ଯ୍ୟନ୍ତ ଥ୍ୟାଗରାଜ୍ ଷ୍ଟାଡିୟମରେ ଖେଳାଯିବ। ଏଥିରେ ବିଭିନ୍ନ କାଟେଗୋରୀରେ ଯଥା ସିନିୟର, ୧୯ ବର୍ଷରୁ କମ୍ ୧୭ ବର୍ଷରୁ କମ୍, ୧୫ ବର୍ଷରୁ କମ୍, ୧୩ ବର୍ଷରୁ କମ୍ ଏବଂ ୧୧ ବର୍ଷରୁ କମ୍ କାଟେଗୋରୀ ସମେତ ମୋଟ ୧୨ଟି କାଟେଗୋରୀରେ ଇଭେଣ୍ଟମାନ ହେବ। ପୁରୁଷ ବିଭାଗରେ ଜାତୀୟ ଚାମ୍ପିୟନ ସାଥିୟାଁ ହରମିତ୍, ଆଣ୍ଟୋନୀ ଅମଲରାଜ ଓ ସୌମ୍ୟଜିତ୍ ଘୋଷ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଭାଗ ନେବା ପରଠାରୁ ଜାତୀୟ ଦୃଶ୍ୟପଟ୍ଟରୁ ଦୂରେଇ ଯାଇଛନ୍ତି। ଭେଟେରାନ ମୌମା ଦାସ, ମାଧୁରିକା ପାଟ୍‌କର, ରିଥ୍ ରିଶ୍ୟା ଓ ଦିବ୍ୟା ଦେଶପାଣ୍ଡେ ପ୍ରମୁଖ ମହିଳା ବିଭାଗରେ ଫେଭରିଟ ରହିବେ। ଦିଲ୍ଲୀ ଭିତ୍ତିକ ଭାରତ ଷ୍ଟାର ମନିକା ବାତ୍ରା ଟୁର୍ନାମେଣ୍ଟ ପାଇଁ ଉପଲବ୍ଧ ହେଉ ନାହାନ୍ତି। ତାଙ୍କର ବର୍ତ୍ତମାନ ଇଣ୍ଟରନ୍ୟାଶନାଲ ଇଭେଣ୍ଟଗୁଡ଼ିକ ଉପରେ ନଜର ରହିଛି। ର୍‌ୟାଙ୍କିଙ୍ଗ ତାଲିକାରେ ସେ ବର୍ତ୍ତମାନ ୫୫ସ୍ଥାନକୁ ଖସିଆସିଛନ୍ତି। ଡିଏସ୍‌ଟିଟିଏ ସଭାପତି ଗୁରପ୍ରୀତ ସିଂ କହିଛନ୍ତି, ଗତ ଥର ଏହି ଜାତୀୟ ର୍‌ୟାଙ୍କିଙ୍ଗ ଟୁର୍ନାମେଣ୍ଟରେ କେତେଜଣ ଖେଳାଳି ଭାଗ ନେଇଥିଲେ ଯଦିଓ ତାଙ୍କର ମନେ ପଡୁନି, ଏଥର କିନ୍ତୁ ଅନେକ ଖେଳାଳି ଏଥରେ ଭାଗ ନେଉଛନ୍ତି।



କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶାର ସଭାପତି ତଥା ବିଧାୟକ ଟଙ୍କଧର ତ୍ରିପାଠୀ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ୍ସ ଆସୋସିଏଶନ (ଓସ୍‌ଜା)ର ବାର୍ଷିକ ସ୍ମରଣିକାକୁ ଉନ୍ମୋଚନ କରୁଛନ୍ତି।

# ରାଜସ୍ଥାନ ରୟାଲ୍ସକୁ ସୁପ୍ରିମକୋର୍ଟକୁ ଟାଣିଲେ

ନୂଆଦିଲ୍ଲୀ,୨।୯

ପୂର୍ବତନ ଭାରତୀୟ ପେସର ଏସ୍ ଶ୍ରୀସନ୍ଥ ଓ ଆଇପିଏଲ୍ ଫ୍ରାଞ୍ଚାଇଜ ରାଜସ୍ଥାନ ରୟାଲ୍ସ(ଆର୍‌ଆର୍) ସହ ଜଡ଼ିତ ଥିବା ଏକ ଦଶନ୍ଧି ପୁରୁଣା ୨୦୧୨ର ଇନସୁରାନ୍ସ ଦାବି ମାମଲା ପୁଣି ଥରେ ସୁପ୍ରିମକୋର୍ଟରେ ପହଞ୍ଚିଛି। ୨୦୧୨ରେ ଏକ ପ୍ରାକ୍ଟିସ ମ୍ୟାଚ୍ ବେଳେ ଶ୍ରୀସନ୍ଥଙ୍କ ଆଣ୍ଠୁରେ ଆଘାତ ଲାଗିଥିଲା ଏବଂ ସେ ଆଇପିଏଲ୍ ସିଜନରୁ ବାଦ୍ ପଡ଼ିଥିଲେ।

## ଶ୍ରୀସନ୍ଥଙ୍କ ଇନସୁରାନ୍ସ ଦାବି ବିବାଦ

ରୟାଲ୍ସ ପକ୍ଷରୁ ଏକ ସ୍ପେଶାଲ କଣ୍ଟିଜେନ୍ସି ପଲିସି ଅଧୀନରେ ଖେଳାଳିଙ୍କୁ ଇନସୁରାନ୍ସ ପ୍ରଦାନ କରାଯାଇଥିଲା, ଯାହାର ମୂଲ୍ୟ ଥିଲା ୮.୭ କୋଟି ଟଙ୍କା। ସେହି ଆଘାତ କାରଣରୁ ସେ ସେହି ବର୍ଷ ଆଇପିଏଲ୍‌ରେ ଖେଳିପାରିନଥିଲେ। ଏଥିଯୋଗୁ ରୟାଲ୍ସ ପକ୍ଷରୁ ପାଖାପାଖି ୮୨ ଲକ୍ଷ ଟଙ୍କା ଦାବି କରିଥିଲେ। ହେଲେ ଇନସୁରାନ୍ସ କମ୍ପାନୀ ୟୁନାଇଟେଡ୍ ଇଣ୍ଡିଆ ଇନସୁରାନ୍ସ ତାଙ୍କ ଦାବିକୁ ଖାରଜ କରି ଦେଇଥିଲା। କମ୍ପାନୀ ପକ୍ଷରୁ କୁହାଯାଇଥିଲା ଯେ, ୨୦୧୧ରୁ ଶ୍ରୀସନ୍ଥଙ୍କ ଟୋରେ ଆହତ ସମସ୍ୟା ଥିଲା, ଯାହାକୁ ପଲିସୀ ନିଆଗଲା ବେଳେ ପ୍ରକାଶ କରାଯାଇନଥିଲା। ଏଣୁ ପୂର୍ବ ଇଞ୍ଜୁରି କାରଣରୁ ସେ ୨୦୧୨ ଆଇପିଏଲ୍‌ରେ ଖେଳିପାରିନଥିଲେ, ଯାହା ଫଳରେ ରୟାଲ୍ସ ପକ୍ଷରୁ କରାଯାଇଥିବା ଦାବି ଅବୈଧ। ଏହି ବିବାଦ ପ୍ରଥମେ ନ୍ୟାଶନାଲ କନଜ୍ୟୁମର ଡିସପ୍ୟୁଟ୍ସ ରିଡ୍ରେସାଲ କମିଶନ (ଏନ୍‌ସିଡିଆର୍‌ସି)ରେ ପହଞ୍ଚିଥିଲା। ଏନ୍‌ସିଡିଆର୍‌ସି ଫ୍ରାଞ୍ଚାଇଜର ପକ୍ଷ ନେବା ସହ ଇନସୁରାନ୍ସ କମ୍ପାନୀକୁ ଟଙ୍କା ଦେବାକୁ କହିଥିଲେ। ହେଲେ ସେବେଠାରୁ କମ୍ପାନୀ ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା। କୋର୍ଟରେ ଏବେ ମାମଲାର ଆରମ୍ଭରୁ ଶୁଣାଣି କରାଯାଉଛି। ଜଷ୍ଟିସ ବିକ୍ରମ ନାଥ ଓ ସନ୍ଦୀପ ମେହତାଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରଶ୍ନ କରିଥିଲେ ଯେ, ଟୋ ଇଞ୍ଜୁରି ସମ୍ପର୍କରେ ଆନୁଷ୍ଠାନିକ ଭାବେ ପ୍ରକାଶ କରାଯାଇଥିଲା କି ନାହିଁ। ଯଦି କମ୍ପାନୀକୁ ଇଞ୍ଜୁରି ସମ୍ପର୍କରେ ଜଣାଥିଲା, ତେବେ ସେମାନେ କଭରେଜ ଦେବାକୁ ମନା କରିଥାନ୍ତେ କିମ୍ବା ଅଧିକ ପ୍ରିମିୟମ ଚାର୍ଜ କରିଥାନ୍ତେ। ବର୍ତ୍ତମାନ ମାମଲାର କୌଣସି ସମାଧାନ ହୋଇନାହିଁ। ଇନସୁରାନ୍ସ କମ୍ପାନୀକୁ ଶ୍ରୀସନ୍ଥଙ୍କ ଫିଟ୍‌ନେସ ପ୍ରମାଣପତ୍ର ଓ ପିଲିସୀର ଅସଲ କପି ସହି ଅଧିକ ତଥ୍ୟ ଦାଖଲ କରିବାକୁ କୁହାଯାଇଛି।

## ଏସିଆ କପ୍ ହକି ସୁପର-୪

# ଭାରତ-କୋରିଆ ମୁକାବିଲା ଆଜି

**ରାଜଗିରି (ବିହାର), ୨।୯ (ପି.ଟି.):** ଏସିଆ କପ୍ ପୁରୁଷ ହକି ସୁପର-୪ ପର୍ଯ୍ୟାୟରେ ଭାରତ ବୁଧବାର ଏହାର ପ୍ରଥମ ମ୍ୟାଚ ଗତଥରର ଟାଇଟଲ ବିଜେତା ତଥା ୫ଥର ଚାମ୍ପିୟନ କୋରିଆ ସହ ମୁକାବିଲା କରିବ। ପୁଲ୍ ପର୍ଯ୍ୟାୟରେ ଅପରାଜେୟ ରହିଥିବା ଭାରତ ବେଶ୍ ଉତ୍ସାହିତ ଅଛି। ଦଳ ବୁଧବାର ଦୃଢ଼ ଆତ୍ମବିଶ୍ୱାସର ସହିତ ପଡ଼ିଆକୁ ଓହ୍ଲାଇବ। ପୁଲ୍ 'ଏ'ରେ ଭାରତ ଏହାର ସମସ୍ତ ମ୍ୟାଚରେ ବିଜୟ ଲାଭ କରିଥିଲା। ଦଳ ପ୍ରଥମେ ଚାଇନାକୁ ୪-୩, ଜାପାନକୁ ୩-୨ ଏବଂ ସୋମବାର କାଜାଖସ୍ତାନକୁ ୧୫-୦ ଗୋଲ୍‌ରେ ହରାଇ ଦେଇଥିଲା। ଟୁର୍ନାମେଣ୍ଟରେ ସବୁଠାରୁ ସଫଳ ଦଳ ଭାବେ ବିବେଚନା କରାଯାଉଥିବା କୋରିଆର ଦଳର ପ୍ରଦର୍ଶନ ସେତେଟା ପ୍ରଭାବୀ ମନେ ହେଉ ନାହିଁ। ପୁଲ୍ 'ବି'ରେ ଦଳ ମାଲେସିଆ ପଛକୁ ଦ୍ୱିତିୟ ସ୍ଥାନରେ ରହିଛି। କୋରିଆ ପୁଲ୍‌ରେ ଶୀର୍ଷ ସ୍ଥାନ ଅଧିକାର କରିବ ବୋଲି ଆଶା କରୁଥିଲେ ମାତ୍ର ମାଲେସିଆ ଏହି ଦଳକୁ ୪-୧ ଗୋଲ୍‌ରେ ହରାଇ ଦେଇଥିଲା। ଭାରତୀୟ ଦଳ ଫରୱାର୍ଡ ଲାଇନ୍‌ରେ ଦିଲପ୍ରୀତ ସିଂଙ୍କ ପ୍ରଦର୍ଶନକୁ ନେଇ ଚିନ୍ତିତ ଅଛି।

# ରିୟଲ ମନି ଗେମିଂ, କ୍ରିପ୍ଟୋ କମ୍ପାନୀକୁ ମନା

## ଟିମ୍ ଇଣ୍ଡିଆର ଟାଇଟଲ ସ୍ପନସରଶିପ

## ବିସିସିଆଇ ବିଡ୍ସ ଆମନ୍ତ୍ରଣ କଲା

ନୂଆଦିଲ୍ଲୀ, ୨।୯(ପି.ଟି.)

ଫାଣ୍ଟାସି ସ୍ପୋର୍ଟ୍ସ କମ୍ପାନୀ ଡ୍ରିମ୍ ୧୧ ଓହରିବା ପରେ ଭାରତୀୟ କ୍ରିକେଟ୍ ଦଳର ଟାଇଟଲ ସ୍ପନସରଶିପ୍ ଅଧିକାର ଲାଗି ବିସିସିଆଇ ମଙ୍ଗଳବାର ବିଡ୍ସ ଆମନ୍ତ୍ରଣ ଦେଇଛି। ସରକାରଙ୍କ ପକ୍ଷରୁ ବ୍ୟାନ୍ କରାଯିବା ପରେ ଏହି ବିଡ୍ସ ପ୍ରକ୍ରିୟାରୁ ରିୟଲ ମନି ଗେମିଂ ଓ କ୍ରିପ୍ଟୋ କରେନ୍ସି କମ୍ପାନୀକୁ ବ୍ୟାନ୍ କରାଯାଇଛି। ଆସନ୍ତା ୯ ତାରିଖରୁ ୟୁଏଇରେ ଆରମ୍ଭ ହେବାକୁଥିବା ଏସିଆ କପ୍‌ରେ ଭାରତୀୟ ଦଳ ବିନା ଟାଇଟଲ ସ୍ପନସର୍‌ରେ ଖେଳିବ। ବୋର୍ଡ ପକ୍ଷରୁ ଆସନ୍ତା ୧୬ ତାରିଖକୁ ବିଡ୍ସ ଦାଖଲର ଅନ୍ତିମ ଦିନ ଧାର୍ଯ୍ୟ କରାଯାଇଛି।




ବିସିସିଆଇ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ଇନ୍‌ଭାଟେଶନ ଫର ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ (ଆଇଇଓଆଇ) କିଣିବା ପାଇଁ ଆସନ୍ତା ୧୨ ତାରିଖକୁ ଅନ୍ତିମ ଦିନ ଭାବେ ଧାର୍ଯ୍ୟ କରାଯାଇଛି। ଏହାର ମୂଲ୍ୟ ୫ ଲକ୍ଷ ଟଙ୍କା ରଖାଯାଇଛି। ଗୁଟ୍‌ଖା, ଆଲ୍‌କହଲ ଓ ସାର୍ବଜନୀନ ନୈତିକତାକୁ ଆଘାତ ଦେଉଥିବା ଭଳି କମ୍ପାନୀକୁ ମଧ୍ୟ ଏହି ପ୍ରକ୍ରିୟାରୁ ବାଦ୍ କରାଯାଇଛି। ଏଥିସହିତ ସ୍ପୋର୍ଟ୍ସୱେର

ପ୍ରମୋଶନ ଓ ରେଗୁଲେଶନ ଅଫ୍ ଅନ୍‌ଲାଇନ୍ ଗେମିଂ ୨୦୨୫ ଆଇନ କାରଣରୁ ଡ୍ରିମ୍ ୧୧ ଭଳି ରିୟଲ ମନି ଗେମିଂ ଦେଶରେ ବ୍ୟାନ୍ ହୋଇଯାଇଛି। ଡ୍ରିମ୍ ୧୧ ଓ ମାଇଁ ୧୧ ସର୍କଲ ଭଳି କମ୍ପାନୀଠାରୁ ବିସିସିଆଇକୁ ପ୍ରାୟ ୧୦୦୦ କୋଟି ଟଙ୍କା ମିଳୁଥିଲା। ଦୁହେଁ ଯଥାକ୍ରମେ ଭାରତୀୟ କ୍ରିକେଟ୍ ଦଳ ଓ ଇଣ୍ଡିଆନ୍ ପ୍ରିମିୟର ଲିଗ୍(ଆଇପିଏଲ)ର ଟାଇଟଲ ସ୍ପନସର ଥିଲେ।

ଅନ୍‌ଲାଇନ୍ ମନି ଗେମିଂ, ବେଟିଂ କିମ୍ବା ଗ୍ୟାମ୍ବଲିଂ ଭଳି ସେବା କିମ୍ବା ଭାରତ କି ବିଦେଶରେ ସମାନ ପ୍ରକାର ପ୍ଲାଟଫର୍ମ ସହ ଜଡ଼ିତ ଥିବା ବିଡର ଆବେଦନ କରିପାରିବେ ନାହିଁ। ପ୍ରମୋଶନ ଆଣ୍ଡ ରେଗୁଲେଶନ ଅଫ୍ ଅନ୍‌ଲାଇନ୍ ଗେମିଂ ୨୦୨୫ ଆଇନ ଅଧୀନରେ ବାରଣ କରାଯାଇଥିବା କାର୍ଯ୍ୟ କିମ୍ବା ବ୍ୟବସାୟରେ ଜଡ଼ିତ ଥିବା ବିଡରଙ୍କୁ ବିଡ୍ସ ଦାଖଲ କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ନିର୍ମାତା, ବ୍ୟାଙ୍କ, ବ୍ୟାଙ୍କିଙ୍ଗ ଆଣ୍ଡ ଫାଇନାନ୍‌ସିଆଲ ସର୍ଭିସେସ୍, ନନ୍-ବ୍ୟାଙ୍କିଙ୍ଗ ଫାଇନାନ୍‌ସିଆଲ କମ୍ପାନୀ, ନନ୍-ଆଲ୍‌କହଲିକ୍ କୋଲ୍ଡ ବେଭରେଜ୍ସ, ଫ୍ୟାନ୍ସ ଓ ମିକ୍ସର ଗ୍ରାଇଣ୍ଡର, ସେଫ୍ଟି ଲକ୍ସ ଓ ଇନ୍‌ସୁରାନ୍ସ କମ୍ପାନୀକୁ ମଧ୍ୟ ବାରଣ କରାଯାଇଛି। ଏହିସମସ୍ତ କାଟେଗୋରିରେ ଆଡିଡାସ୍, କାମ୍ପାକୋଲା, ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଓ ଏସ୍‌ବିଆଇ ଲାଇଫ୍ ଆଦି ବିସିସିଆଇ ସହ ଜଡ଼ିତ ରହିଛନ୍ତି।




ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲରେ ମଙ୍ଗଳବାର ଅନୁଷ୍ଠିତ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର ଓ ବ୍ଲାକ୍ ବେଲ୍ଟ ଟେଷ୍ଟରେ ଭାଗ ନେଇଥିବା କରାଟେକା ଓ ଅନ୍ୟମାନେ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ